78th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org
୭୮ବର୍ଷ ■ ସଂଖ୍ୟା-୧୯୦● କଟକ ● ଗୁରୁବାର ● ୧୩ ଫେବୃଆରୀ-୨୦୨୫● ଧନୁ-୪ ● ସାଲ୍ ୧୪୩୧
CUTTACK● Thursday ● 13 Fbruary-2025 ● RNI Regd.No.4001/57
ମୂଲ୍ୟ: ₹ ୫ ଟଙ୍କା

## ମାର୍ସିଲେରେ ଭାରତର ମହାବାଣିଜ୍ୟ ଦୂତାବାସ ଉଦ୍‌ଘାଟିତ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫ୍ରାନ୍ସ ଗସ୍ତର ୩ୟ ଦିବସ ବୁଧବାର ମାର୍ସିଲେ ସହରରେ ଭାରତର ନୂତନ ମହାବାଣିଜ୍ୟ ଦୂତାବାସ ଉଦଘାଟିତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକ୍ରନ ମିଳିତ ଭାବେ ଏହାକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ସେଠାରେ ଉପସ୍ଥିତ ଅନ୍ୟ ପ୍ରବାସୀ ଭାରତୀୟମାନେ କରତାଳି ଦେଇ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଫ୍ରାନ୍ସ ସେନାକୁ ଭାରତରେ ନିର୍ମିତ ପିନାକା ମଲ୍ଟି ବ୍ୟାରେଲ ଲଞ୍ଚର ଦେଖିବାକୁ ଆମନ୍ତ୍ରିତ କରିଥିଲେ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମାର୍ସିଲେ ସହରର ଐତିହାସିକ ମଜାରଗ ଯୁଦ୍ଧ ସମାଧିସ୍ଥଳ ପରିଦର୍ଶନ କରିବା ସହିତ ପ୍ରଥମ ବିଶ୍ୱଯୁଦ୍ଧରେ ସହିଦ ହୋଇଥିବା ଭାରତୀୟ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଯୁଦ୍ଧ ସ୍ମାରକକୁ ରାଜ୍ୟଗୋଷ୍ଠୀ ଯୁଦ୍ଧ ସମାଧି ଆୟୋଗ ଦ୍ୱାରା ସଂରକ୍ଷିତ କରାଯାଇଛି।



*ବିଧାନସଭା ଅଧିବେଶନ ପୂର୍ବରୁ ସର୍ବଦଳୀୟ ବୈଠକରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳର ନେତୃବୃନ୍ଦ (ଫଟୋ-ପ୍ରଜାତନ୍ତ୍ର)*

## କନିଷ୍ଠ ଶିକ୍ଷକଙ୍କ ଦରମା ବଢ଼ିଲା



**ଭୁବନେଶ୍ୱର:** ରାଜ୍ୟ ସରକାରଙ୍କ ବଡ଼ ଘୋଷଣା। ବଢ଼ିଲା କନିଷ୍ଠ ଶିକ୍ଷକଙ୍କ ଦରମା। ମାସିକ ୧୬ ହଜାର ଟଙ୍କାକୁ ପାରିଶ୍ରମିକ ବୃଦ୍ଧି କଲେ ସରକାର। ପୂର୍ବରୁ ପାଉଥିଲେ ୧୧ ହଜାର। ସମଗ୍ର ଶିକ୍ଷା ଯୋଜନାରେ ବଢ଼ିଲା କନିଷ୍ଠ ଶିକ୍ଷକଙ୍କ ଦରମା। ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଲା ବିଜ୍ଞପ୍ତି। ସୂଚନା ଅନୁଯାୟୀ, ସମଗ୍ର ଶିକ୍ଷା କାର୍ଯ୍ୟକ୍ରମରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ କନିଷ୍ଠ ଶିକ୍ଷକମାନେ ନିୟୋଜିତ ହୋଇଛନ୍ତି। ସେମାନଙ୍କୁ ମାସିକ ୧୧ ହଜାର୧୦୦ ଟଙ୍କା ପାରିଶ୍ରମିକ ଦିଆଯାଉଥିଲା। ଦରମା ବୃଦ୍ଧି ପାଇଁ ସେମାନେ ବିଭିନ୍ନ ସମୟରେ ଦାବି କରିଆସୁଥିଲେ। ଶେଷରେ ରାଜ୍ୟ ସରକାର ସେମାନଙ୍କ ଦାବି ଶୁଣିଛନ୍ତି। ରାଜ୍ୟରେ ଥିବା ୫ ହଜାର କନିଷ୍ଠ ଶିକ୍ଷକଙ୍କ ଦରମା ବୃଦ୍ଧି ପାଇଁ ଘୋଷଣା କରାଯାଇଛି। ଏବେ ସେମାନେ ୧୬ ହଜାର ଟଙ୍କା ପାଇବେ। ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଆପାର୍ଟମେଣ୍ଟ ପଞ୍ଜୀକରଣ ବିଜ୍ଞପ୍ତି

## ହାଇକୋର୍ଟଙ୍କ ରହିତାଦେଶ



**କଟକ:** ଆପାର୍ଟମେଣ୍ଟ ପଞ୍ଜିକରଣ ସଂପର୍କିତ ବିଜ୍ଞପ୍ତି ଉପରେ ହାଇକୋର୍ଟଙ୍କ ସ୍ଥଗିତାଦେଶ । ଗୃହ ଓ ନଗର ନିର୍ମାଣ ବିଭାଗର ଆଣିଥିବା ବିଜ୍ଞପ୍ତି ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି ହାଇକୋର୍ଟ । ଗତ ଫେବୃଆରୀ ପହିଲାରେ ବିଭାଗ ପକ୍ଷରୁ ଜାରି ହୋଇଥିଲା ଏହି ବିଜ୍ଞପ୍ତି । ୨୦୧୭ ମସିହା ପୂର୍ବରୁ ନିର୍ମାଣ ସରିଥିବା ଆପାର୍ଟମେଣ୍ଟ ଗୁଡ଼ିକର ପଞ୍ଜିକରଣ ହେବ । ବିନା ଆପାର୍ଟମେଣ୍ଟ ଆଇନ୍ ଅନୁଯାୟୀ କରିହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ଥିଲା । କିନ୍ତୁ ରେରା ଆଇନ୍ ଆସିବା ପୂର୍ବରୁ ଶେଷ ହୋଇଥିବା ଆପାର୍ଟମେଣ୍ଟ ମଧ୍ୟ ରେରା ଆଇନ୍ ପରିସରଭୁକ୍ତ ହେବାର ଆବଶ୍ୟକତା ଅଛି ବୋଲି ଆବେଦନକାରୀ ବିମଳେନ୍ଦୁ ପ୍ରଧାନଙ୍କ ପକ୍ଷରୁ ଯୁକ୍ତି ରଖାଯାଇଥିଲା । ଯାହାକୁ କୋର୍ଟ ଗ୍ରହଣ କରିବା ସହିତ ସରକାରୀ ବିଜ୍ଞପ୍ତି ଉପରେ ଅଙ୍କୁଶ ଜାରି କରିଛନ୍ତି ଏବଂ ଆସନ୍ତା ବୁଧବାର ସୁଦ୍ଧା ଜବାବ ରଖିବା ଲାଗି ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ହୋଇଛି ।

## ନୋଡାଲ ସେଣ୍ଟରରେ ମାଟ୍ରିକ୍ ପ୍ରଶ୍ନପତ୍ର

**ଭୁବନେଶ୍ୱର:** ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ(ବିଏସଇ)ର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ମାଟ୍ରିକ ପରୀକ୍ଷା ଫେବ୍ରୁଆରି ୨୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ପରୀକ୍ଷା କର୍ତ୍ତୃପକ୍ଷ ଏବଂ ଛାତ୍ରଛାତ୍ରୀ ଉଭୟଙ୍କ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବୋର୍ଡ ମୁଖ୍ୟାଳୟରୁ ପ୍ରଶ୍ନପତ୍ର ନୋଡାଲ କେନ୍ଦ୍ରଗୁଡ଼ିକରେ ପହଞ୍ଚିଛି। ଓଡ଼ିଶାର ୩୦ଟି ଜିଲ୍ଲାର ୩୧୪ଟି ନୋଡାଲ୍ ସେଣ୍ଟର ସ୍ଥାପନ କରାଯାଇଛି। କଡ଼ା ସୁରକ୍ଷା ମଧ୍ୟରେ ୪୪ଟି ରୁଟ୍ ଦେଇ ପ୍ରଶ୍ନପତ୍ର ପଠାଯାଇଥିଲା। ଅନ୍ୟପକ୍ଷରେ, ପରୀକ୍ଷା କେନ୍ଦ୍ରଗୁଡ଼ିକର ଲିଙ୍କୁ ଯାଞ୍ଚ କରିବା ପାଇଁ ନୋଡାଲ୍ ସେଣ୍ଟରଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରାଯାଇଛି।

# ଆଜିଠୁ ସପ୍ତଦଶ ବିଧାନସଭାର ଦ୍ୱିତୀୟ ଅଧିବେଶନ



**ଭୁବନେଶ୍ୱର, (ପିପିଏସ୍):** ଆଜି ଅର୍ଥାତ୍ ୧୩ ଫେବ୍ରୁୟାରିଠାରୁ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବ। ବଜେଟ ଅଧିବେଶନରେ ୨୮ଟି କାର୍ଯ୍ୟଦିବସ ରହିଛି। ବଜେଟ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଚାଲିବ। ଫେବ୍ରୁଆରି ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଏବଂ ମାର୍ଚ୍ଚ ୭ରୁ ଏପ୍ରିଲ୍ ୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ହେବ। ଫେବ୍ରୁଆରି ୧୭ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ ହେବ। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦ୍ୱିତୀୟ ଥର ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ। ଫେବ୍ରୁଆରି ୧୩ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣ ସହ ଅଧିବେଶନ ଆରମ୍ଭ ହେବ। ଫେବ୍ରୁଆରି ୧୪ ଓ ୧୫ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆସିଥିବା ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ। ମାର୍ଚ୍ଚ ୭ ତାରିଖରେ ବିଭିନ୍ନ ବିଭାଗୀୟ ଷ୍ଟାଣ୍ଡିଂ କମିଟିର ରିପୋର୍ଟ ଉପସ୍ଥାପନ ହେବ। ମାର୍ଚ୍ଚ ୧୦ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ବଜେଟ୍ ଉପରେ ଆଲୋଚନା ହେବ। ମାର୍ଚ୍ଚ ୨୯ ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହେବ। ଅଧିବେଶନ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜଭବନରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତିଙ୍କୁ ଏକ ସୌଜନ୍ୟ ମୂଳକ ସାକ୍ଷତ କରିଛନ୍ତି। ବଜେଟ ଅଧିବେଶନ ପ୍ରଥମ ଦିନରେ ରାଜ୍ୟପାଳ ନିଜର ଅଭିଭାଷଣ ରଖିବେ। ସେ ରାଜ୍ୟର ବିକାଶ ଓ ଅଭିବୃଦ୍ଧିର ଚିତ୍ର ରଖିବେ। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ବିକଶିତ ଓଡିଶାର ନକ୍ସା ମଧ୍ୟ ଉପସ୍ଥାପନ କରିବେ। ଯେହେତୁ ଆଜିଠୁ ସପ୍ତଦଶ ବିଧାନସଭାର ଦ୍ୱିତୀୟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି, ଏଥିପାଇଁ କଡ଼ା ପୋଲିସ ଫୋର୍ସ ମୁତୟନ କରାଯିବ। ବିଧାନସଭା ବାହାରେ ଛାଉଣି ହୋଇ ରହିବେ ୩୦ ପ୍ଲାଟୁନ ପୋଲିସ ଫୋର୍ସ। ବିଧାନସଭାରେ ରହିବ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା। କେବଳ ୩୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ ତାହା ନୁହେଁ। ବରଂ ୧୦୦ ବରିଷ୍ଠ ପୋଲିସ ଅଧିକାରୀ ମଧ୍ୟ ଉପସ୍ଥିତ ରହିବେ। ଏହାସହ ସୁରକ୍ଷାରେ ରହିବେ ସ୍ପେଶାଲ ଟାକ୍ଟିକାଲ ଫୋର୍ସ। ଏନେଇ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି ନିଜେ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ।

### ବିଧାନସଭା ହେଲା ପେପରଲେସ୍

ଭୁବନେଶ୍ୱର : ସ୍ମାର୍ଟ ହେଲେ ବିଧାୟକ । ବିଧାନସଭା ହେଲା ପେପର ଲେସ୍ । ଏବେ ପେପର ନୁହେଁ ଟ୍ୟାବରେ ପଢିବେ ବିଧାୟକ । ବିଧାନସଭାରେ ୧୪୭ ବିଧାୟକଙ୍କ ଆସନରେ ଲାଗିଲା ଟ୍ୟାବ । ଆଉ ପ୍ରଶ୍ନୋତ୍ତର କିମ୍ବା କୌଣସି ପ୍ରସ୍ତାବ କାଗଜ ଜରିଆରେ କରିବେ ନାହିଁ ବିଧାୟକ । ନେଭା ତରଫରୁ ଏହି ବ୍ୟବସ୍ଥା କରାଯାଇଥିବା ବେଳେ ବୁଧବାର ଏହାକୁ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ।

## ମୋଦୀଙ୍କୁ ହରାଇବାକୁ ଚାହୁଁଥିଲା ଆମେରିକା



**ନୂଆଦିଲ୍ଲୀ:** ଆମେରିକାର ବୈଦେଶିକ ବିଭାଗର ପୂର୍ବତନ ଅଧିକାରୀ ମାଇକ ବେଞ୍ଜଙ୍କ ଏକ ଦାବି ଏବେ ହଇଚଇ ସୃଷ୍ଟି କରିଛି। ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ବେଞ୍ଜ ଦାବି କରିଛନ୍ତି ଯେ ମିଡିଆ ପ୍ରଭାବ ବ୍ୟବହାର କରି, ସୋସିଆଲ ମିଡିଆ ସେନ୍ସରସିପ୍ ପ୍ରୋତ୍ସାହିତ କରି ଏବଂ ବିରୋଧୀ ଆନ୍ଦୋଳନ ଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରି, ଆମେରିକା ଭାରତ ଏବଂ ବାଂଲାଦେଶ ସମେତ ଅନେକ ଦେଶର ରାଜନୀତିକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଛି। ସେ ଏହା ମଧ୍ୟ ଦାବି କରିଛନ୍ତି ଯେ ଆମେରିକା ମଧ୍ୟ ନିର୍ବାଚନକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲା ଏବଂ ସରକାର ଗୁଡ଼ିକୁ ଅସ୍ଥିର କରିବାକୁ ଚେଷ୍ଟା କରିଥିଲା।
USAIDକୁ ନେଇ ଜାରି ରହିଥିବା ବିବାଦ ମଧ୍ୟରେ ବେଞ୍ଜଙ୍କ ଦାବି ହଇଚଇ ସୃଷ୍ଟି କରିଛି। ତାଙ୍କ କହିବା କଥା ଯେ, ଏହି କାମରେ ଆମେରିକା ବହୁତ ଟଙ୍କା ଖର୍ଚ୍ଚ କରିଛି। ବେଞ୍ଜଙ୍କ ଦାବି ଅନୁଯାୟୀ, ଭାରତରେ ୨୦୧୯ ଲୋକସଭା ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ସମସ୍ତ ପ୍ରକାରର ପ୍ରୟାସ କରାଯାଇଥିଲା, ଯାହା ଦ୍ୱାରା ପ୍ରଧାନମନ୍ତ୍ରୀ ମୋଦିଙ୍କ ଦଳ ବିଜେପି ସଫଳ ହୋଇପାରିବ ନାହିଁ। ସେ ଅଭିଯୋଗ କରିଛନ୍ତି ଯେ ଫେସବୁକ୍, ୟୁଟ୍ୟୁବ୍, ହ୍ୱାଟ୍ସଆପ୍ ଏବଂ ଟ୍ୱିଟର ଭଳି ବିଭିନ୍ନ ସୋସିଆଲ ମିଡିଆ କମ୍ପାନୀ ଗୁଡ଼ିକ ଉପରେ ମୋଦି ସପକ୍ଷରେ କଣ୍ଟେଣ୍ଟ ବ୍ଲକ୍ କରିବା ପାଇଁ ଆମେରିକାର ବୈଦେଶିକ ବିଭାଗ ଚାପ ପକାଇଥିଲା। ଆପଣଙ୍କୁ ଜଣାଇ ଦେଉଛୁ ଯେ USAID ହେଉଛି ଆମେରିକୀୟ ସରକାରଙ୍କ ଏକ ସ୍ୱାଧୀନ ସଂଗଠନ, ଯାହା ବିକାଶଶୀଳ ଦେଶଗୁଡ଼ିକୁ ଆର୍ଥିକ ଏବଂ ମାନବିକ ସହାୟତା ପ୍ରଦାନ କରେ।
ସୂଚନାଥାଉକି, ଗତ କିଛି ବର୍ଷ ମଧ୍ୟରେ ଭାରତର ପ୍ରାୟ ସମସ୍ତ ପଡ଼ୋଶୀ ଦେଶରେ ରାଜନୈତିକ ଅସ୍ଥିରତାର ବାତାବରଣ ଦେଖାଦେଇଛି। ପାକିସ୍ତାନ, ଶ୍ରୀଲଙ୍କା ଏବଂ ବାଂଲାଦେଶରେ କ୍ଷମତାରେ ବହୁତ ନାଟକୀୟ ପରିବର୍ତ୍ତନ ହୋଇଛି। ୨୦୨୪ ଲୋକସଭା ନିର୍ବାଚନରେ ମଧ୍ୟ, ଗତ ୩ଟି ନିର୍ବାଚନ ମଧ୍ୟରେ ଭାରତୀୟ ଜନତା ପାର୍ଟି ପ୍ରଥମ ଥର ପାଇଁ ଏକାକୀ ବହୁମତରୁ ବଞ୍ଚିତ ହୋଇଥିଲା। ନିକଟରେ, ବିଜେପି ସାଂସଦ ନିଶିକାନ୍ତ ଦୁବେ ଅଭିଯୋଗ କରିଥିଲେ ଯେ ଭାରତକୁ ବିଭାଜିତ କରିବା ପାଇଁ USAID ଅନେକ ସଂଗଠନକୁ ପାଣ୍ଠି ଯୋଗାଇଛି।

## କଟକରେ ଘରୋଇ ହସ୍ପିଟାଲ ସିଲ୍

**କଟକ,(ପିପିଏସ୍):** କଟକ ମଙ୍ଗଳାବାଗ ରିଙ୍ଗରୋଡ ରେ ଥିବା ଏକ ପ୍ରତିଷ୍ଠିତ ଘରୋଇ ହସ୍ପିଟାଲ୍ କୁ ସିଲ୍ କଲା ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଟିମ୍।ହସ୍ପିଟାଲ୍ ପାଇଁ ଅନୁମତି ଓ ସ୍ୱାସ୍ଥ୍ୟ ବିଭାଗ ର ଆବଶ୍ୟକୀୟ କାଗଜ ପତ୍ର ନଥିବା ରୁ ସିଲ୍ କଲା ଜିଲ୍ଲାପ୍ରଶାସନ। ହସ୍ପିଟାଲ୍ ରେ ଯଦିଓ କେହି ରୋଗୀ ନଥିଲେ ହେଲେ ହସ୍ପିଟାଲ୍ ର ଆବଶ୍ୟକୀୟ ସାମଗ୍ରୀ କୁ କାଢି ବିଦ୍ୟୁତ୍ ସଂଯୋଗ ବନ୍ଦ କରି ହସ୍ପିଟାଲ୍ କୁ ସିଲ୍ କରାଯାଇଛି। ଗତ ୨୦୧୫ ମସିହା ରୁ ହସ୍ପିଟାଲ୍ ଅଗ୍ନି ନିରାପତ୍ତା ପ୍ରମାଣ ପତ୍ର ନଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ର ପ୍ରମାଣ ପତ୍ର ମଧ୍ୟ ନଥିବା ଜିଲ୍ଲାପ୍ରଶାସନ ପକ୍ଷରୁ କୁହାଯାଇଛି।ଏହି ହସ୍ପିଟାଲ୍ ଦୀର୍ଘ ୪୫ ବର୍ଷ ଧରି ଚାଲିଥିବା ବେଳେ ୨୦୧୫ ମସିହା ରୁ ହସ୍ପିଟାଲ୍ ର ଆବଶ୍ୟକୀୟ କାଗଜ ପତ୍ର ନାହିଁ। ଯେଉଁଥି ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାରମ୍ବାର ନୋଟିସ ଜାରି କରାଯାଇଥିଲେ ସୁଦ୍ଧା ହସ୍ପିଟାଲ୍ କର୍ତ୍ତୃପକ୍ଷ କୌଣସି କାଗଜ ପତ୍ର କରି ନଥିଲେ । ଯାହା ଫଳ ରେ ସ୍ୱାସ୍ଥ୍ୟ ବିଭାଗ ଜିଲ୍ଲାପାଳ ଙ୍କ ଅନୁମତି ଆଣି ସିଲ୍ କରାଯାଇଥିବା କହିଛନ୍ତି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ।ସେପଟେ ହସ୍ପିଟାଲ୍ ପୁରୁଣା ହୋଇଥିବା ରୁ ଅଗ୍ନି ନିରାପତ୍ତା ପ୍ରମାଣ ପତ୍ର ମିଳୁନଥିଲା । ଯାହା ଫଳ ରେ ଆବଶ୍ୟକୀୟ କାଗଜ ପତ୍ର କରି ହେଉନଥିବା ହସ୍ପିଟାଲର ଡାକ୍ତର କହିଛନ୍ତି।

### ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

## ରାସ୍ତା ପାର୍ଶ୍ୱ ପିଣ୍ଡିକୁ ପିଟିଲା ବାଇକ୍, ୩ ମୃତ



କୋଣାର୍କ(ପିପିଏସ): କୋଣାର୍କ- କାକଟପୁର ମୁଖ୍ୟ ରାସ୍ତା ବଢେଇଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ମଟର ସାଇକେଲ ଦୁର୍ଘଟଣାରେ ୩ ଜଣ ଯୁବକ ମୃତ୍ୟୁବରଣ କରିଥିବା ଜଣାପଡିଛି। ମୃତ ଯୁବକମାନେ ଚାରିଛକ ଥାନା ଅଧିନ ତୁଳସୀପୁର ଅଞ୍ଚଳର। ପ୍ରାପ୍ତ ସୂଚନା ମୁତାବକ ମଙ୍ଗଳବାର ବିଳମ୍ବିତ ରାତିରେ ଚାରିଛକ ଥାନା ଅଧୀନ ଦଣ୍ଡିକେରା ଗ୍ରାମର ସାଗର ମଲ୍ଲିକ (୧୯ବର୍ଷ), ଦିପୁ ମଲ୍ଲିକ (୨୦ବର୍ଷ) ନିଆଳି ଥାନା ଅଧୀନ ମଠୁରୀଡିହ ଗ୍ରାମର ଜୟପ୍ରକାଶ ସାହୁ (୧୯ବର୍ଷ) ଏକ ମଟର ସାଇକେଲ ନଂ ଓ ଡି-୦୨ -ଏଟି -୫୧୯୦ରେ କୋଣାର୍କ ବୁଲି ଆସି ନିଜ ଘରକୁ ଫେରୁଥିବା ବେଳେ କୋଣାର୍କ- କାକଟପୁର୍ ମୁଖ୍ୟ ରାସ୍ତାର ବଢେଇ ଛକ ରାସ୍ତାପାର୍ଶ୍ୱରେ ଥିବା ଏକ ସିମେଣ୍ଟ ପିଣ୍ଡିରେ ଭାରସ୍ୟାମ ହରାଇ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ତିନି ଯୁବକ ମୂର୍ଚ୍ଛିତ ଅବସ୍ଥାରେ ପଡ଼ିରହିଥିବାବେଳେ ଖବର ପାଇ ଚମ୍ପାହର ଅଗ୍ନିଶମ ବାହିନୀ ଯୁବକମାନଙ୍କୁ ଉଦ୍ଧାର କରି ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ୨ଜଣକୁ ମୃତ ଘୋଷଣା କରିବାବେଳେ ଆଉଜଣେ ଗୁରୁତରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରିଥିଲେ। ହଲେ ସେ ଭୁବନେଶ୍ୱର ଯିବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଥିଲା। ଘଟଣା ସ୍ଥଳରେ କୋଣାର୍କ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତଶରୀରକୁ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ପଠାଇ ଥିବାବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାପଡିଛି।

### ସମ୍ପାଦକୀୟ

ମଣିପୁରରେ ଶାନ୍ତି

### ବାଟେଘାଟେ



ଓଡିଶା କଂଗ୍ରେସ ସଭାପତି ପଦ
ପରୀକ୍ଷା ନିରୀକ୍ଷା ଶେଷ
ଘଣ୍ଟା ଘଣ୍ଟି ପରେ ଶେଷକୁ ରହିଲେ
ଭକ୍ତ ଚରଣ ଦାସ
ମୁହଁରୁ ଉକୁଟେ ହସ
କଂଗ୍ରେସ ଜମି ଚାଷ ହୋଇ ନାହିଁ
ଭର୍ତ୍ତି ବାଲୁଙ୍ଗା ଘାସ
ବାଲୁଙ୍ଗା ଘାସକୁ ସଫା କରିବାକୁ
ଲାଗିବ କେତେ ବରଷ
ସମସ୍ତଙ୍କୁ ନେଇ ଏକାଠି କରିଣ
ମଇଦାନ ପରେ ଆସ
ତେବେ ଉଠିବ କଂଗ୍ରେସ
-ରାହୀ

### ସ୍ୱାସ୍ଥ୍ୟ ବିଭାଗର ବେପରୁଆ ବ୍ୟବସ୍ଥା

# ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି ୩୦୦ ଅକ୍ସିଜେନ୍ ସିଲିଣ୍ଡର



**ସମ୍ବଲପୁର, (ପିପିଏସ୍):** କୋଭିଡ ସମୟରେ ଅମ୍ଳଜାନ ଅଭାବରୁ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ହାନି ଘଟିଥିଲା। ମାତ୍ର ସମ୍ବଲପୁର ସଦର ହସପିଟାଲରେ ଏଭଳି କିଛି ଘଟଣା ଘଟିଛି ଯାହାକୁ ବିଶ୍ୱାସ କରିବା କଷ୍ଟ। ଏଠାରେ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି ୩ଶହରୁ ଉର୍ଦ୍ଧ୍ୱ ଅବ୍ୟବହୃତ ଅମ୍ଳଜାନ ସିଲିଣ୍ଡର। କୋଭିଡ ମହାମାରୀ ସମୟରେ ଏହି ସବୁ ସିଲିଣ୍ଡର ଗୁଡିକ ଆସିଥିଲା। ବିଭିନ୍ନ ଦାତବ୍ୟ ଅନୁଷ୍ଠାନ ଓ ଅନ୍ୟ ସଂସ୍ଥା ପକ୍ଷରୁ ଯୋଗା ଯାଇଥିଲା ଏହି ସିଲିଣ୍ଡର ଗୁଡିକ। ହେଲେ ତାପରେ ଅଦରକାରୀ ହୋଇ ପଡିରହିଛି। ନା ଉପଯୋଗ ହୋଇପାରିଲା, ନା ଫେରାଇ ଦିଆଗଲା। ଏହି ଅକ୍ସିଜେନ୍ ସିଲିଣ୍ଡର ଗୁଡିକ ଆଉ ବ୍ୟବହାର ଉପଯୋଗୀ ନଥିବା କହିଛନ୍ତି ସିଡିଏମଓ। ଅନ୍ଧାରିଆ ଜାଗା, ପରିତ୍ୟକ୍ତ ଅବସ୍ଥାରେ ତଳେ ଗଡୁଛି ଅମ୍ଳଜାନ ସିଲିଣ୍ଡର। କୋଭିଡ ବେଳେ ଜୀବନ ରକ୍ଷାକାରୀ ପାଲଟିଥିବା ଅମ୍ଳଜାନ, ଆଜି ଧୂଳି ଧୂସରିତ ହୋଇ ମାଟିରେ ଲୋଟିଛି। ସମ୍ବଲପୁର ସଦର ହସପିଟାଲ ପରିସରରେ ବିଭିନ୍ନ ସାଇଜର ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଅକ୍ସିଜେନ ସିଲିଣ୍ଡର ଅବ୍ୟବହୃତ ହୋଇ ପଡିରହିଛି।
କୋଭିଡ ସମୟରେ ବିଭିନ୍ନ ଦାତବ୍ୟ ଅନୁଷ୍ଠାନ, କର୍ପୋରେଟ ସଂସ୍ଥା ପକ୍ଷରୁ ମେଡିକାଲକୁ ଯୋଗାଇ ଦିଆଯାଇଥିଲା ଏହି ସଂଜିବନୀ ଅକ୍ସିଜେନ୍ ସିଲିଣ୍ଡର। କିନ୍ତୁ କୋଭିଡ ଗଲାପରେ ନା ଏଗୁଡିକ କାମରେ ଆସିଲା, ନା ଅନ୍ୟ ବ୍ୟବସ୍ଥା କରାଗଲା। ଯାହାଫଳରେ ଆଜି ଏଭଳି ଅବ୍ୟବସ୍ଥା ହୋଇଥିବା ଅଭିଯୋଗ ହୋଇଛି। ତେଣେ ମେଡିକାଲ ପରିସରରେ ଥିବା ଏହି ୩୦୦ରୁ ଉର୍ଦ୍ଧ୍ୱ ଅକ୍ସିଜେନ ସିଲିଣ୍ଡର ଇତିମଧ୍ୟରେ ନଷ୍ଟ ହୋଇସାରିଥିବା ସ୍ୱୀକାର କରିଛନ୍ତି ସିଡିଏମଓ। ଏହାସହ ସେଗୁଡିକର କଣ ବ୍ୟବସ୍ଥା କରାଯିବ, ସେନେଇ ବିଭାଗକୁ ଚିଠି ଲେଖାଯାଇଥିବା କହିଛନ୍ତି ସିଡିଏମଓ। କୋଭିଡ ପରିଚାଳନା କ୍ଷେତ୍ରରେ ବାହାବା ଅଣ୍ଡାଳୁଥିବା ୨୪ ବର୍ଷର ନବୀନ ସରକାରଙ୍କ ଆଉ ଏକ ଅପାରଗତା ସାମ୍ନାକୁ ଆସିଛି। କୋଭିଡ ଅତିକ୍ରାନ୍ତ ହେବାକୁ ଇତି ମଧ୍ୟରେ ଅନେକ ବର୍ଷ ବିତି ଗଲାଣି। ଏପରି ପରସ୍ଥିତିରେ କାହା ନିର୍ଦ୍ଦେଶରେ ଏହି ଅମ୍ଳଜାନ ସିଲିଣ୍ଡର ଗୁଡିକୁ ଏଭଳି ରଖାଯାଇଛି ତାକୁ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# 'ବିଶ୍ୱ ରେଡିଓ ଦିବସ'




ଆଜି ସ୍ମୃତି ହୋଇ ଆସିଲାଣି ରେଡିଓ। ଦେଶ ଦୁନିଆର ସମ୍ବାଦ ଦେଉଥିବା ଏହି ଲୋକପ୍ରିୟ ଯନ୍ତ୍ରଟି ଆଉ ପ୍ରାୟ କାହା ଘରେ ଦେଖାଯାଉନି। ହେଲେ ରେଡିଓର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ୧୩ ଫେବୃଆରୀରେ 'ବିଶ୍ୱ ରେଡିଓ ଦିବସ' ପାଳନ କରାଯାଏ। ମିଳିତ ଜାତିସଂଘ ଅନୁଯାୟୀ, ରେଡିଓର ମହତ୍ତ୍ୱ ବିଷୟରେ ଜନସାଧାରଣ ତଥା ଗଣମାଧ୍ୟମ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରିବା ହେଉଛି 'ବିଶ୍ୱ ରେଡିଓ ଦିବସ'ର ଉଦ୍ଦେଶ୍ୟ। ଏହି ଦିନଟି ମଧ୍ୟ ରେଡିଓ ଷ୍ଟେସନ୍କୁ ନିଜ ମାଧ୍ୟମରେ ସୂଚନା ପ୍ରଦାନ କରିବା ତଥା ପ୍ରସାରଣକାରୀଙ୍କ ମଧ୍ୟରେ ନେଟୱାର୍କିଂ ଏବଂ ଆନ୍ତର୍ଜାତୀୟ ସହଯୋଗ ବୃଦ୍ଧି କରିବାକୁ ଉତ୍ସାହିତ କରିବାକୁ ଲକ୍ଷ୍ୟ ରଖେ।ସାଧାରଣତଃ ବିଶ୍ୱାସ କରାଯାଏ ଯେ ପ୍ରଥମ ରେଡିଓ ପ୍ରସାରଣ ୧୮୯୫ ମସିହାରେ ଗୁଗ୍ଲିଏଲ୍ମୋ ମାର୍କୋନୀଙ୍କ ଦ୍ୱାରା କରାଯାଇଥିଲା। କିନ୍ତୁ ଏହା ପରୀକ୍ଷାମୂଳକ ଭାବେ ପ୍ରାୟ ୧୯୦୫–୧୯୦୬ ମସିହାରେ ଅସ୍ତିତ୍ୱକୁ ଆସିଥିଲା।୧୯୨୦ ଦଶକ ପୂର୍ବରୁ ରେଡିଓ ବ୍ୟବସାୟିକ ରୂପରେ ଅସ୍ତିତ୍ୱକୁ ଆସିଥିଲା। ପ୍ରାୟ ତିନି ଦଶନ୍ଧି ପରେ ରେଡିଓ ଷ୍ଟେସନ୍ଗୁଡ଼ିକ ସୃଷ୍ଟି ହେଲା ଏବଂ ୧୯୫୦ ଦଶକ ସୁଦ୍ଧା ରେଡିଓ ଏବଂ ପ୍ରସାରଣ ପ୍ରଣାଳୀ ସମଗ୍ର ବିଶ୍ୱରେ ଏକ ସାଧାରଣ ଜିନିଷ ହୋଇଗଲା। ପ୍ରାୟ ୬୦ବର୍ଷ ପରେ, ୨୦୧୧ରେ, ୟୁନେସ୍କୋ ସଦସ୍ୟ ରାଷ୍ଟ୍ରମାନେ ୧୩ ଫେବୃଆରୀକୁ 'ବିଶ୍ୱ ରେଡିଓ ଦିବସ' ଭାବରେ ଘୋଷଣା କରିଥିଲେ। ୨୦୧୩ରେ ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ଏହା ଏକ ଆନ୍ତର୍ଜାତୀୟ କାର୍ଯ୍ୟକ୍ରମ ଭାବରେ ଗ୍ରହଣ କରାଯାଇଥିଲା।
୧୩ ଫେବୃଆରୀ ୧୯୪୬ରେ ଏବଂ ପରବର୍ତ୍ତୀ ସମୟରେ ଏହାର ୩୬ ତମ ଅଧିବେଶନରେ ୟୁନେସ୍କୋ ୧୩ ଫେବୃଆରୀ ୧୩କୁ 'ବିଶ୍ୱ ରେଡିଓ ଦିବସ' ଭାବରେ ଘୋଷଣା କଲା। ମିଳିତ ଜାତିସଂଘର ସାଧାରଣ ସଭା ୧୪ ଜାନୁଆରୀ ୨୦୨୩ ରେ ୟୁନେସ୍କୋର 'ବିଶ୍ୱ ରେଡିଓ ଦିବସ' ଘୋଷଣାକୁ ଆନୁଷ୍ଠାନିକ ଭାବେ ସମର୍ଥନ କଲା। ଏହାର ୬୭ ତମ ଅଧିବେଶନରେ ମିଳିତ ଜାତିସଂଘ ୧୩ ଫେବୃଆରୀକୁ 'ବିଶ୍ୱ ରେଡିଓ ଦିବସ' ଭାବରେ ଘୋଷଣା କରି ଏକ ପ୍ରସ୍ତାବ ଗ୍ରହଣ କଲା।

# ଶୀତ ଦିନେ କଦଳୀ ଖାଉଛନ୍ତି କି ?



ଶୀତ ଋତୁରେ ଖାଦ୍ୟକୁ ନେଇ, ବିଶେଷତଃ ଫଳ ବିଷୟରେ ଅନେକ ସମୟରେ ପ୍ରଶ୍ନ ଉଠିଥାଏ। କଦଳୀ ହେଉଛି ଏମିତି ଏକ ଫଳ ଯାହା ବର୍ଷସାରା ସହଜରେ ମିଳିଥାଏ ଏବଂ ପୋଷକରେ ସମୃଦ୍ଧ ବୋଲି ଧରାଯାଏ। କିନ୍ତୁ ଶୀତଦିନେ ଏହାକୁ ଖାଇବାକୁ ନେଇ ମତଭେଦ ଅଛି।
କଦଳି ହେଉଛି ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ଭିଟାମିନ୍ ଈ୬ ର ଏକ ଉତ୍ତମ ଉତ୍ସ। ଏଜା ଯାହା ଶରୀରର ମେଟାବୋଲିଜିମ୍କୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।
ଶୀତ ଋତୁରେ ଯେତେବେଳେ ଶରୀର ଶକ୍ତିର ଆଧିକ ଆବଶ୍ୟକ କରେ, କଦଳୀ ଏକ ଉତ୍ତମ ଶକ୍ତି ଉତ୍ସ ହୋଇପାରେ। ଏଥିସହ ଏଥିରେ ଥିବା ଫାଇବର ହଜମ ପ୍ରକ୍ରିୟାକୁ ମଜବୁତ କରିଥାଏ, ଯାହା ସାଧାରଣତଃ ଶୀତଦିନେ ମନ୍ଥର ହୋଇଯାଏ।
ଚିକିତ୍ସା ଦୃଷ୍ଟିକୋଣରୁ, କଦଳୀକୁ ଏକ ଥଣ୍ଡାଜାତୀୟ ଫଳ ଭାବରେ ବିବେଚନା କରାଯାଏ। ତେଣୁ ଏହାକୁ ଅଧିକ ବ୍ୟବହାର କଲେ କିଛି ଲୋକଙ୍କ ଗଳା ଯନ୍ତ୍ରଣା କିମ୍ବା ଥଣ୍ଡା ହୋଇପାରେ। ଯଦି କୌଣସି ବ୍ୟକ୍ତିର ଥଣ୍ଡା ସମ୍ବନ୍ଧୀୟ ଆଲର୍ଜି ଥାଏ, ତେବେ ସେମାନେ କଦଳୀ ଖାଇବା ଠାରୁ ଦୂରେଇ ରହିବା ଉଚିତ।
ଯଦି ଆପଣ ଶାରୀରିକ ଭାବରେ ସକ୍ରିୟ ଅଟନ୍ତି ଏବଂ ଥଣ୍ଡା ସମୟରେ ମଧ୍ୟ ବ୍ୟାୟାମ କରନ୍ତି, ତେବେ କଦଳୀ ଆପଣଙ୍କ ପାଇଁ ଲାଭଦାୟକ ହୋଇପାରେ, କାରଣ ଏହା ତତକ୍ଷଣାତ୍ ଶକ୍ତି ଯୋଗାଇଥାଏ। କଦଳୀ ଖାଇବା ପାଇଁ ଉପଯୁକ୍ତ ସମୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ।
ସକାଳେ କଦଳୀ ଖାଇବା ହଜମ କରିବାରେ ସାହାଯ୍ୟ କରିଥାଏ, କିନ୍ତୁ ରାତିରେ ଏହାକୁ ଖାଇବା ଠାରୁ ଦୂରେଇ ରହିବା ଉଚିତ। କାରଣ ଏହା ଶ୍ୱାସକୁ ବଢାଇପାରେ, ଯାହା ଦ୍ୱାରା ଥଣ୍ଡା ଏବଂ କାଶ ହେବାର ସମ୍ଭାବନା ବଢିଯାଏ।

# ଜନ୍ମ ତିଥି
# ଭାରତର ନାଇଟିଙ୍ଗେଲ୍ ସରୋଜିନୀ ନାଇଡୁ



ଭାରତର ନାଇଟିଙ୍ଗେଲ ଭାବରେ ଜଣାଶୁଣା ସରୋଜିନୀ ନାଇଡୁ ୧୩ ଫେବୃଆରୀ ୧୮୭୯ ରେ ହାଇଦ୍ରାବାଦରେ ଜନ୍ମଗ୍ରହଣ କରିଥିଲେ। ସରୋଜିନୀ ନାଇଡୁ ଜଣେ ସ୍ୱାଧୀନତା ସଂଗ୍ରାମୀ, କବି ତଥା ଦେଶର ପ୍ରଥମ ମହିଳା ରାଜ୍ୟପାଳ ଥିଲେ। ଆଜି ତାଙ୍କର ଜନ୍ମ ବାର୍ଷିକୀ।
ସରୋଜିନୀ ନାଇଡୁ ପିଲାଦିନରୁ ପାଠ ପଢିବାକୁ ଭଲ ପାଉଥିଲେ। ସେ ୧୨ ବର୍ଷ ବୟସରେ ଦଶମ ଶ୍ରେଣୀ ପରୀକ୍ଷାରେ ଶୀର୍ଷରେ ରହିଥିଲେ ଏବଂ ୧୬ ବର୍ଷ ବୟସରେ ଉଚ୍ଚଶିକ୍ଷା ପାଇଁ ଲଣ୍ଡନ ଯାଇଥିଲେ। ସେ ପ୍ରଥମେ ଲଣ୍ଡନର କିଙ୍ଗ୍ସ କଲେଜ୍ରେ ଏବଂ ପରେ କେମ୍ବ୍ରିଜର୍ ଗିର୍ଟନ୍ କଲେଜରେ ଅଧ୍ୟୟନ କରିବାର ସୁଯୋଗ ପାଇଲେ। ଅଧ୍ୟୟନ ସହିତ ସରୋଜିନୀ ନାଇଡୁ କବିତା ଲେଖିବାକୁ ମଧ୍ୟ ଭଲ ପାଉଥିଲେ। ସରୋଜିନୀ ନାଇଡୁଙ୍କ ପିତା ଅଘୋରନାଥ ଚଟ୍ଟୋପାଧ୍ୟାୟ ଜଣେ ବୈଜ୍ଞାନିକ ତଥା ଶିକ୍ଷାବିତ୍ ଥିଲେ। ତାଙ୍କ ମା' ବରଦା ସୁନ୍ଦରୀ ଜଣେ କବି ଥିଲେ ଏବଂ ବଙ୍ଗଳା ଭାଷାରେ କବିତା ଲେଖୁଥିଲେ। ସରୋଜିନୀ ନାଇଡୁ ୧୯ ବର୍ଷ ବୟସରେ ଗୋବିନ୍ଦାରାଜୁଲୁ ନାଇଡୁଙ୍କୁ ବିବାହ କରିଥିଲେ। ସରୋଜିନୀ ନାଇଡୁଙ୍କ ସାହିତ୍ୟ କ୍ଷେତ୍ରକୁ ବିଶେଷ ଅବଦାନ ଥିଲା। ସେ ପିଲାଦିନରୁ କବିତା ଲେଖୁଥିଲେ। ତାଙ୍କର ପ୍ରଥମ କବିତା ସଂକଳନ 'ଦ ଗୋଲଡ୍ଡେନ୍ ଥ୍ରେସ୍‌ହୋଲ୍ଡ' ୧୯୦୫ରେ ପ୍ରକାଶିତ ହୋଇଥିଲା।
୧୯୧୪ ରେ, ସେ ଇଂଲଣ୍ଡରେ ପ୍ରଥମ ଥର ପାଇଁ ଗାନ୍ଧିଜୀଙ୍କୁ ଭେଟିଥିଲେ ଏବଂ ତାଙ୍କ ବିଚାରରେ ପ୍ରଭାବିତ ହୋଇ ନିଜ ଜୀବନକୁ ଦେଶର ସେବାରେ ଉତ୍ସର୍ଗ କରିଦେଲେ। ସରୋଜିନୀ ନାଇଡୁ ଗାନ୍ଧିଜୀଙ୍କ ଅନେକ ସତ୍ୟାଗ୍ରହରେ ଅଂଶଗ୍ରହଣ କରିଥିଲେ ଏବଂ 'ଭାରତ ଛାଡ' ଆନ୍ଦୋଳନରେ ମଧ୍ୟ ଜେଲ୍ ଯାଇଥିଲେ। ତେବେ ଦେଶର ସ୍ୱାଧୀନତା ପରେ ସେ ରାଜ୍ୟପାଳ ହେବାରେ ପ୍ରଥମ ମହିଳା ଥିଲେ। ସେ ଉତ୍ତରପ୍ରଦେଶର ରାଜ୍ୟପାଳ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ସରୋଜିନୀ ନାଇଡୁଙ୍କର ୨ ମାର୍ଚ୍ଚ ୧୯୪୯ରେ ମୃତ୍ୟୁ ହୋଇଥିଲା।

# ଆଜିର ରାଶିଫଳ

ମେଷ: ଉତ୍ସାହିତ ହେବେ। ପ୍ରତ୍ୟେକ କାର୍ଯ୍ୟରେ ଆଗ୍ରହୀ ଓ ଅଗ୍ରଣୀ ହେବେ। ପରିବାରର ପଥ ପ୍ରଦର୍ଶକ ହୋଇପାରନ୍ତି। ଧନ ଅର୍ଜନ ପାଇଁ କଠିନ ପରିଶ୍ରମ କରିବେ। ପତ୍ନୀ, ପୁତ୍ର ସୁଖ ଓ ମହାନ୍ ହେବେ।

ବୃଷ: ସୁସ୍ଥ ଓ ନିରାମୟ ରହିବେ। ଗୁରୁଭକ୍ତ ହୋଇପାରନ୍ତି। ଗୁପ୍ତରେ ଧନ ଅର୍ଜନ କରିବେ। ଜ୍ୟୋତିଷ ଓ କର୍ମକାଣ୍ଡ ଦର୍ଶନ ଶାସ୍ତ୍ରରେ ରୁଚି ରହିବ। ଧନବାନ୍ ହେବେ। ପାରିବାରିକ ସୁଖ, ଶାନ୍ତି ମିଳିପାରେ।

ମିଥୁନ: ପରିବାରର ଏକମାତ୍ର ଅଧିକ ଆୟକାରୀ ବ୍ୟକ୍ତି ହୋଇପାରନ୍ତି। ନିଜ ଆୟରେ ଭୂସମ୍ପତ୍ତି କ୍ରୟ କରିବେ। ଜନ୍ମ ଭୂମିଠାରୁ ଦୂରରେ ରହିବେ। ସଦାସର୍ବଦା ବ୍ୟସ୍ତ ମନା ଓ ଦୁଶ୍ଚିନ୍ତାଯୁକ୍ତ ହେବେ। ସୁସ୍ଥ ରହିବେ।

କର୍କଟ:ଦୟାଳୁ ଓ ପରୋପକାରୀ ହୋଇପାରନ୍ତି। ଧାର୍ମିକ ଓ ବିଚାରବନ୍ତ ହୋଇପାରନ୍ତି। ଭାଇ, ଭଉଣୀ ଓ ବନ୍ଧୁଙ୍କର ଶୁଭଧ୍ୟାୟୀ ହେବେ। କୃଷି କର୍ମରୁ ଲାଭବାନ୍ ହେବେ। କର୍ମଠ ଓ ଶିକ୍ଷାବିତ୍ ହେବେ।

ସିଂହ: ଭାଗ୍ୟବାନ୍ ଓ ଧନବାନ୍ ହେବେ। ରାଜ ଦରବାରରେ ବାରମ୍ବାର ପୁରସ୍କୃତ ହେବେ। ପରାକ୍ରମୀ ହେବେ। ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ କରିବାରେ ସିଦ୍ଧହସ୍ତ ହେବେ। ଅନ୍ଧ ବିଶ୍ୱାସରେ କ୍ଷତି ସହି ପାରନ୍ତି।

କନ୍ୟା:ସୁସ୍ଥ ଓ ନିରାମୟ ରହିବେ। ଧନବାନ୍ ହେବେ। ସାମାଜିକ ସ୍ତରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଭାବେ ପରିଗଣିତ ହେବେ। ବାହାର ଲୋକଙ୍କ ସହିତ ସୁସମ୍ପର୍କ ରଖି ଭଲ ଆୟର ପନ୍ଥା ସ୍ଥିର କରିପାରନ୍ତି।

ତୁଳା: ଦୁଃଖ ବା ସମସ୍ୟା ଉପୁଜିଲେ ଧୈର୍ଯ୍ୟବାନ୍ ହେବେ। ମନୋବଳ ଦୃଢ଼ ରହିବ। ଭୂସମ୍ପତ୍ତିଯୁକ୍ତ ହୋଇପାରନ୍ତି। ଗୃହସ୍ଥ ଜୀବନ ସୁଖପ୍ରଦ ହେବ। ପତ୍ନୀ ସହସା ଓ କର୍ମ ନିପୁଣା ହେବେ। ଚକ୍ଷୁପୀଡ଼ା ଉପୁଜିପାରେ।

ବିଛା:ବହୁ ପରିଶ୍ରମ କରି ଉନ୍ନତ ମାର୍ଗରେ ଆଗକୁ ବଢ଼ିବେ। ଅକସ୍ମାତ୍ ଦୈବୀଶକ୍ତି ଦ୍ୱାରା ଧନ ପ୍ରାପ୍ତ ହେବେ। ଯେକୌଣସି ବ୍ୟବସାୟ କଲେ ଲାଭବାନ୍ ହେବେ। ଜନ୍ମଭୂମିରୁ ଅନ୍ୟତ୍ର ବାସକଲେ ଶୀଘ୍ର ଉନ୍ନତି ହେବ।

ଧନୁ: ଖେଳରେ ସୁନାମ ଅର୍ଜନ କରିପାରନ୍ତି। ଉଚ୍ଚ ପଦବୀ ପ୍ରାପ୍ତିର ସୂଚନା ମିଳୁଛି। ସଫଳ କୂଟନୀତିଜ୍ଞ ହେବେ। ସନ୍ତାନ ସୁଖରେ ସୁଖୀ ହେବେ। ମିଷ୍ଟଭାଷୀ ଓ ସର୍ବପ୍ରିୟ ହୋଇପାରନ୍ତି। ସଦାଚାରୀ ହେବେ।

ମକର:ଦୟାଳୁ ଓ ମଧୁର ଭାଷୀ ହେବେ। ନିଜ ପ୍ରଶଂସା ଶୁଣିବାକୁ ଇଚ୍ଛୁକ ହେବେ। ପିତୃ ଆଜ୍ଞାକାରୀ ହୋଇପାରନ୍ତି। ପରୋପକାରୀ ହେବେ। ରାଜୀନତିରେ ସଫଳ ହେବେ। ପୈତୃକ ସମ୍ପତ୍ତି ସ୍ୱତଃ ପ୍ରାପ୍ତି ହେବ।

କୁମ୍ଭ:ଧୈର୍ଯ୍ୟବାନ୍ ହେବେ। ବିଦ୍ୟାଭ୍ୟାସୀ ହୋଇପାରନ୍ତି। କର୍ତ୍ତବ୍ୟନିଷ୍ଠା ଓ ତ୍ୟାଗପୂତ ମନୋବୃତ୍ତି ଯୋଗୁଁ କେବେ ନତମସ୍ତକ ହେବେ ନାହିଁ। କାହାରି ପାଇଁ ପ୍ରାର୍ଥନା ପରିବର୍ତ୍ତେ ସେବା ପରାୟଣ ହୋଇପାରନ୍ତି।

ମୀନ : ବିଭିନ୍ନ ପ୍ରକାର ଯୋଜନା କରି ଧନ ସଂଗ୍ରହ କରିପାରନ୍ତି। ପତ୍ନୀ ସହାୟିକା ଓ ସୁଖଦା ଅଟନ୍ତି। ନିଜ ପ୍ରଚେଷ୍ଟାରେ ସଫଳତା ପାଇବେ। କର୍ମଚଞ୍ଚଳ ରହିବେ। କୌଶଳରେ ଧନ ସଂଗ୍ରହ କରିପାରନ୍ତି।

# ଭଲ ପାଇବା ପୂର୍ବରୁ ପୁଅଙ୍କ ଏହିସବୁ ଜିନିଷ ଖୋଜନ୍ତି ଝିଅ



ଫେବୃଆରୀ ମାସକୁ ପ୍ରେମର ମାସ କୁହାଯାଏ। ମାସରେ ୭ରୁ ୧୪ ପର୍ଯ୍ୟନ୍ତ ୭ଦିନ ଭାଲେଣ୍ଟାଇନ୍ ସପ୍ତାହ ପାଳନ ହୁଏ। ଏହି ସମୟରେ ପୁଅ ବା ଝିଅ ପରସ୍ପରଙ୍କୁ ପସନ୍ଦ କରନ୍ତି, ପ୍ରସ୍ତାବ ଦିଅନ୍ତି ଏବଂ ସେମାନଙ୍କୁ କିଛି ଉପହାର ମଧ୍ୟ ଦିଅନ୍ତି। ବର୍ତ୍ତମାନ ନୂଆ ନୂଆ ପ୍ରେମରେ ପଡିଥିବା ଯୁବକ ଯୁବତୀଙ୍କ ପାଇଁ ଏହି ସମୟ ନିହାତି ଏକ ଉତ୍ସାହର ଦିନ। ତେବେ ସବୁଠାରୁ ବଡ କଥା ହେଲା ଏମିତି କିଛି ଜିନିଷ ଅଛି ଯାହାକୁ ପୁଅମାନେ ମନେ ରଖିବା ଉଚିତ। ତାହା ଏମିତି କ'ଣ ଯାହାକୁ ଦେଖି ଝିଅମାନେ ପୁଅମାନଙ୍କୁ ଖୁବ୍ ପସନ୍ଦ କରନ୍ତି। ଆସନ୍ତୁ ସେସବୁ ବିଷୟରେ ଜାଣିନେବା ଯାହାକୁ ପ୍ରାୟ ଝିଅମାନେ କୁହନ୍ତି।
ପ୍ରଥମ ଦେଖା: କୌଣସି ବି ଝିଅ ପ୍ରଥମ ଦେଖାରେ କୌଣସି ପୁଅକୁ ଭଲ ପାଆନ୍ତି ନାହିଁ। ପ୍ରଥମ ଦେଖାରେ ଝିଅମାନେ ପୁଅମାନଙ୍କ ପାଖରେ ଅନେକ କିଛି ଜିନିଷ ଖୋଜନ୍ତି। ସେସବୁକୁ ଦେଖିବାକୁ ଚେଷ୍ଟା କରନ୍ତି। ଏହା ନିଶ୍ଚିତ ଟଙ୍କା ଆଉ ଜୀବନଶୈଳୀ ଠାରୁ ଅଲଗା ହୋଇଥାଏ। ସେଥିପାଇଁ କୁହାଯାଏ ଯେ କାହା ସହିତ ପ୍ରଥମ ଦେଖାରେ ଯେଉଁ ପ୍ରଭାବ ପଡେ ତାହା ଶେଷ ପର୍ଯ୍ୟନ୍ତ ରୁହେ।
ଆତ୍ମବିଶ୍ୱାସ: ଝିଅମାନେ ମଧ୍ୟ ପୁଅମାନଙ୍କ ଉପରେ ଆତ୍ମବିଶ୍ୱାସକୁ ଖୋଜନ୍ତି। ଆପଣ କୋଉ ବ୍ରାଣ୍ଡେଡ୍ ଜୋତା କିମ୍ବା ବ୍ରାଣ୍ଡେଡ୍ ପୋଷାକ ପିନ୍ଧୁଛନ୍ତି କି ନାହିଁ ତାହା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ସେ ଦେଖନ୍ତି ଯେ ପୁଅ ପାଖରେ ଆତ୍ମବିଶ୍ୱାସ ଅଛି କି ନାହିଁ। ତୁମେ ଯେତେ ମଜାଳିଆ ପ୍ରେମ କରନ୍ତୁ ନା କାହିଁକି, ଯଦି ତୁମ ପାଖରେ ଆତ୍ମବିଶ୍ୱାସର ଅଭାବ ଥାଏ ତେବେ ବୁଝାପଡିବ ଯେ ଝିଅମାନେ ରିଜେକ୍ଟ କରିପାରନ୍ତି।
କ'ଣ ଚାହାଁନ୍ତି: ଝିଅମାନେ ଚାହାଁନ୍ତି ଯେ ପୁଅର ହୃଦୟ ବିଶାଳ ହେଉ ଏବଂ ଅନେକ କିଛି ଗ୍ରହଣ କରିବାକୁ ସକ୍ଷମ ହେଉ। କାରଣ ଆଜିର ଯୁଗରେ ଝିଅମାନେ ମଧ୍ୟ ଆଗକୁ ବଢୁଛନ୍ତି। ଅନେକ ପୁଅ ଅଛନ୍ତି ଝିଅମାନଙ୍କର ବିକାଶକୁ ପସନ୍ଦ କରନ୍ତି ନାହିଁ, ଏହା ସେମାନଙ୍କର ଚାକିରି କ୍ଷେତ୍ର ହେଉ କି ସାଙ୍ଗମାନଙ୍କ ସହିତ ମିଳାମିଶା ହେବ। ଏମିତି ଅନେକ କିଛି ଅଛି ଯାହାକୁ ଅନେକ ପୁଅ ପସନ୍ଦ କରନ୍ତି ନାହିଁ।
ତେବେ ପୁଅ ଏପରି ହେବା ଉଚିତ୍ ଯେ ସେ ଝିଅଟିକୁ ବୁଝୁଥିବ ଏବଂ ତାଙ୍କୁ ଅନେକ ଜିନିଷରେ ଆଗକୁ ଯିବାକୁ ସହଯୋଗ କରୁଥିବ। ସବୁ କଥାରେ ବାଧା ଦେଉଥିବା ପୁଅଙ୍କୁ ଝିଅମାନେ ପସନ୍ଦ କରନ୍ତି ନାହିଁ।
ପୁଅର ପରିବାର: ଝିଅମାନେ ଏହା ମଧ୍ୟ ଦେଖନ୍ତି ଯେ ପୁଅର ପରିବାର ଭଲ ହେବା ଉଚିତ। ଆହୁରି ପୁଅ ମଧ୍ୟ ଝିଅକୁ ସମ୍ମାନ ଦେବା ଉଚିତ। ଯଦି ଝିଅଟିଏ କୌଣସି ଏକ ନିଷ୍ପତ୍ତି ନିଏ ତେବେ ତା'ର ନିଷ୍ପତ୍ତିକୁ ମଧ୍ୟ ସମ୍ମାନ ଦେବା ଦରକାର। ତାଙ୍କୁ ବୁଝୁଥିବା ଦରକାର, ତାଙ୍କୁ ଧ୍ୟାନ ଦେଉଥିବା ଦରକାର ଏବଂ ଯଦି ସେ କୌଣସି ଅସୁବିଧାରେ ପଡନ୍ତି ତେବେ ତାଙ୍କୁ ସମର୍ଥନ କରୁଥିବା ଦରକାର। ସାଧାରଣତଃ ଝିଅମାନେ ଜଣେ ପୁଅକୁ ପସନ୍ଦ କରିବା ପୂର୍ବରୁ ଏହି ସବୁ ଛୋଟ ଛୋଟ ଜିନିଷ ପ୍ରଥମେ ସେମାନଙ୍କ ପାଖରେ ଥିବା ଖୋଜନ୍ତି। ସେମାନେ ଚାହାନ୍ତି ତାଙ୍କ ପାର୍ଟନର ଏମିତି ହିଁ ହୋଇଥାଉ।

# ଆଇଏଏସ୍ ଅଫିସର ହେବାକୁ ଚାହୁଁଥିଲେ ୟାମି



ଦମ୍‌ଦାର ଅଭିନୟ ଦ୍ୱାରା ଅଭିନେତ୍ରୀ ୟାମି ଗୌତମ ବଲିଉଡ୍ ଇଣ୍ଡଷ୍ଟ୍ରିରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ସମ୍ପ୍ରତି ସେ ତାଙ୍କର ଆଗାମୀ ଫିଲ୍ମ 'ଧୁମ୍ଧାମ୍'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏକ ବିବାହିତ ଦମ୍ପତିଙ୍କ କାହାଣୀକୁ ନେଇ ଆଧାରିତ ଏହି ଫିଲ୍ମରେ ୟାମି ଅଭିନେତା ପ୍ରତୀକ ଗାନ୍ଧୀଙ୍କ ସହ ନଜରକୁ ଆସିବେ।ଏହି ଫିଲ୍ମ ଆସନ୍ତା ୧୪ ତାରିଖରୁ ଓଟିଟି ପ୍ଲାଟ୍ଫର୍ମ ନେଟ୍ଫ୍ଲିକ୍ସରେ ଷ୍ଟ୍ରିମିଂ ହେବ। ୟାମି ଗତ କିଛି ଦିନ ଧରି 'ଧୁମ୍ଧାମ୍'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଏହି ଅବସରରେ ମଙ୍ଗଳବାର ସେ ଏକ ସାକ୍ଷାତ୍କାର ଦେଇଛନ୍ତି। ସେ ଛାତ୍ରୀ ଥିବା ସମୟରେ ଅଭିନେତ୍ରୀ ହେବାକୁ ନୁହେଁ ବରଂ ଆଇଏଏସ୍ ଅଧିକାରୀ ହେବାକୁ ଚାହୁଁଥିଲେ ବୋଲି ୟାମି ଏହି ସାକ୍ଷାତ୍କାରରେ କହିଛନ୍ତି।
ଛାତ୍ରୀ ଥିବା ସମୟରେ ସେ ଅଧ୍ୟୟନରେ ଉତ୍କୃଷ୍ଟ ଥିଲେ। ସେ ପଢ଼ିବାକୁ ଏବଂ ଲେଖିବାକୁ ଖୁବ୍ ଭଲ ପାଉଥିବା ୟାମି କହିଛନ୍ତି। ସେତେବେଳେ ସେ ଜଣେ ଆଇଏ-ଏସ୍ ଅଧିକାରୀ ହେବେ ବୋଲି ସ୍ୱପ୍ନ ଦେଖୁଥିଲେ। କିନ୍ତୁ ଭାଗ୍ୟର କିଛି ଅଲଗା ଇଚ୍ଛା ଥିଲା ବୋଲି ୟାମି କହିଛନ୍ତି। କଲେଜ ପଢ଼ା ପରେ ତାଙ୍କୁ ମଡେଲିଂ ଦୁନିଆରେ ପାଦ ଥାପିବାକୁ ସୁଯୋଗ ମିଳିଥିଲା।ମଡେଲିଂରେ ସଫଳତା ପାଇବା ପରେ ତାଙ୍କୁ ଛୋଟ ପରଦାରେ ସୁଯୋଗ ମିଳିଥିଲା। ସେ 'ଚାନ୍ଦ୍ କେ ପାର୍ ଚଲୋ' ଏବଂ 'ୟେ ପ୍ୟାର୍ ନା ହୋଗା କମ୍' ପରି ଧାରାବାହିକରେ ଅଭିନୟ କରି ଦର୍ଶକଙ୍କ ବହୁ ପ୍ରଶଂସା ସାଉଁଟିଥିଲେ। ୨୦୧୨ରେ ରିଲିଜ୍ ହୋଇଥିବା 'ଭିକି ଡୋନର' ଫିଲ୍ମ ସହ ୟାମି ବଲିଉଡ୍ରେ ଡେବ୍ୟୁ କରିଥିଲେ।

# ସନ୍ତୁଳିତ ସୁଗାର ଦୂର କରେ ଷ୍ଟ୍ରୋକ୍ ଆଶଙ୍କା



ଆଜିକାଲି ଡାଇବେଟିସ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟି ଗଲାଣି। ହେଲେ ଏହାଦ୍ୱାରା ଆକ୍ରାନ୍ତ ବ୍ୟକ୍ତି ନିଜର ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରିବା ସହ ରକ୍ତରେ ସୁଗାର ପରିମାଣ ଯେପରି ସନ୍ତୁଳିତ ରହେ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଡାଇବେଟିସ୍ ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ। ଏପରି କି ହାର୍ଟ ଆଟାକ, ଷ୍ଟ୍ରୋକ୍ ଆଦିର ଆଶଙ୍କା ମଧ୍ୟ ରହିଥାଏ। ତେବେ ଯଦି ଜଣେ ଡାଇବେଟିସ୍ ଆକ୍ରାନ୍ତ ବ୍ୟକ୍ତିଙ୍କର ସୁଗାର ପରିମାଣ ଅଧିକାଂଶ ସମୟ ସନ୍ତୁଳିତ ରହିଲା, ତେବେ ସେ ଷ୍ଟ୍ରୋକ୍ ପରି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା କେତେକାଂଶରେ କମ୍ ରହିଛି ବୋଲି ଜଣାପଡିଛି। 'ସନ୍ତୁଳିତ ସୁଗାର ପରିମାଣ ଓ ଷ୍ଟ୍ରୋକ୍ ଆଶଙ୍କା' ଶୀର୍ଷକ ବିଷୟକୁ ନେଇ କୋରିଆର ସିଓଲ୍ ନ୍ୟାଶନାଲ୍ ୟୁନିଭର୍ସିଟି କଲେଜ ଅଫ୍ ମେଡିସିନ୍ର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହି ସମୟରେ ଯେଉଁମାନଙ୍କର ସୁଗାର ସ୍ତର ଅଧିକାଂଶ ସମୟ ଅସନ୍ତୁଳିତ ରହୁଥିଲା, ସେମାନଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ଷ୍ଟ୍ରୋକ୍ର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି।

# 'କାଜୁ ପନିର'

**ଆବଶ୍ୟକ ସାମଗ୍ରୀ :** ପନିର , କାଜୁ ପେଷ୍ଟ, ପିଆଜ ରସୁଣ ପେଷ୍ଟ, ଏକ ଛୋଟ ଚାମଚ ଅଦା ଓ କଞ୍ଚାଲଙ୍କା ପେଷ୍ଟ,ଏକ ବଡ଼ ଚାମଚ ଟମାଟୋ ପ୍ୟୁରି, ହଳଦୀ, ଧନିଆ ପାଉଡର, କାଶ୍ମୀରୀ ମିର୍ଚ୍ଚ ପାଉଡର, ଏକ ବଡ଼ ଚାମଚ କ୍ରିମ୍, ଜିରା, ଗରମମସଲା, ଲୁଣ ସ୍ୱାଦ ଅନୁସାରେ, ଧନିଆପତ୍ର, ଭଜା ହୋଇଥିବା କାଜୁ ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ପନିରକୁ ଛୋଟ ଛୋଟ ଆକାରରେ କାଟିଦିଅନ୍ତୁ। କମ୍ ଆଞ୍ଚରେ ତେଲ ଗରମ କରନ୍ତୁ। ତେଲ ଗରମ ହେଲା ପରେ କଟା ପିଆଜକୁ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଯେତେବେଳେ ପିଆଜ ଭାଜି ହୋଇଯିବ ତାକୁ ଏକ ପ୍ଲେଟ୍କୁ କାଢ଼ି ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ପିଆଜ ଥଣ୍ଡା ହେଲା ପରେ ତାକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ।ବର୍ତ୍ତମାନ କଡେଇରେ ଜିରା, ପିଆଜ ପେଷ୍ଟ, ଅଦା କଞ୍ଚାଲଙ୍କା ପେଷ୍ଟ ଓ ରସୁଣ ପେଷ୍ଟ ପକାଇ କଷନ୍ତୁ। ମସଲା କଷି ହୋଇଗଲା ପରେ ଟମାଟୋ ପ୍ୟୁରି ପକାନ୍ତୁ। ଟମାଟୋ ପ୍ୟୁରି ଭଲଭାବେ କଷି ହେଲା ପରେ ହଳଦୀ, ଧନିଆ ପାଉଡର, କାଶ୍ମୀରୀ ମିର୍ଚ୍ଚ ଗୁଣ୍ଡ ପକାଇ ଭଲଭାବେ ମିଶାଇ ଦିଅନ୍ତୁ।–ମସଲା ଭଲଭାବେ କଷି ହୋଇଗଲା ପରେ ସେଥିରେ କ୍ରିମ୍, କାଜୁ ପେଷ୍ଟ, ଲୁଣ ପକାଇ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଘାଣ୍ଟନ୍ତୁ।ପରେ ପାଣି ଦେଇ ତାକୁ କିଛି ସମୟ ଫୁଟିବାକୁ ଦିଅନ୍ତୁ।ଗ୍ରେଭି ଫୁଟିବା ମାତ୍ରେ କଟା ପନିରକୁ ପକାଇ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଫୁଟାଇ ଚୁଲା ବନ୍ଦ କରିଦିଅନ୍ତୁ।ଆଞ୍ଚ ବନ୍ଦ କରିବା ମାତ୍ରେ ଗରମମସଲା ମିଶାନ୍ତୁ।ଏବେ ପ୍ରସ୍ତୁତ ହୋଇଗଲା 'କାଜୁ ପନିର' । ଏହା ପରେ ସେଥିରେ କଟା ଧନିଆପତ୍ର ପକାଇ ତାକୁ ଗାର୍ନିସ କରିସାରିବା ପରେ ପରଷନ୍ତୁ।





ରାଜ୍ୟ ପ୍ରଜାତନ୍ତ୍ର
କଟକ
୧୩-୨-୨୦୨୫
ପୃଷ୍ଠା:୩


# ନବ ଦାସ ହତ୍ୟା ମାମଲାକୁ ଗ୍ରହଣ କଲେ ହାଇକୋର୍ଟ

**କଟକ, (ପିପିଏସ୍):**

ପୂର୍ବତନ ମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ମାମଲାର ସିବିଆଇ ତଦନ୍ତ ପ୍ରସଙ୍ଗ ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ନବ ଦାସଙ୍କୁ ଗୁଳି ମାରି ହତ୍ୟା କରାଯିବା ଘଟଣା ସଂପର୍କିତ ଫୌଜଦାରୀ ମାମଲା ଓ ତଦନ୍ତର ସ୍ଥିତି ନେଇ ଅବଗତ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂପର୍କିତ ତଥ୍ୟ ଲିଖିତ ଆକାରରେ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଫେବୃଆରି ୧୯କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ସାମାଜିକ କର୍ମୀ ପିନାକପାଣି ମହାନ୍ତିଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଫେବୃଆରୀ ୧୯କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ଆବେଦନକାରୀଙ୍କ ତରଫରୁ ଦାୟର ମାମଲରେ ଦର୍ଶାଯାଇଛି ଯେ ଓଡ଼ିଶାରେ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ଦିନ ଦୁଇ ପ୍ରହରରେ ହତ୍ୟା କରାଗଲା। ନବ ଦାସଙ୍କୁ କଣ ପାଇଁ ଓ କେଉଁ ପରିସ୍ଥିତିରେ ହତ୍ୟା କରାଯାଇଥିଲା ତାହାର ଉତ୍ତର କ୍ରାଇମବ୍ରାଞ୍ଚ ତଦନ୍ତରୁ ମିଳି ନାହିଁ। ନବ ଦାସଙ୍କ ହତ୍ୟା ଘଟଣାର ସିବିଆଇ ଦ୍ୱାରା ତଦନ୍ତ କରାଗଲେ ସତ ପଦାକୁ ଆସିବ। ତେଣୁ ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଉ। ଏଥି ସହିତ ୨୦୧୪ ନିର୍ବାଚନ ବେଳେ ବିଜେଡି ବ୍ୟାଙ୍କ ଖାତାକୁ କୋଟି କୋଟି ଟଙ୍କା ସନ୍ଦିଗ୍ଧ ପାଣ୍ଠିରୁ ଆସିଥିଲା। ବିଭିନ୍ନ ଚିଟଫଣ୍ଡ ସ୍କାମରେ ବିଜେଡି ସଭାପତି ଓ ଅନ୍ୟ ନେତାଙ୍କ ଭୂମିକା ମଧ୍ୟ ଯାଞ୍ଚ କରାଯିବା ଉଚିତ।

ଏହି ଦୁଇ ଘଟଣାର ସିବିଆଇ ତଦନ୍ତ ପାଇଁ ଆବେଦନରେ ପ୍ରାର୍ଥନା କରାଯାଇଛି। ଏଥି ସହିତ ପରୀ ଦୁଷ୍କର୍ମ ଓ ହତ୍ୟା, ମମିତା ମେହେର ଓ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାରେ କ୍ରାଇମବ୍ରାଞ୍ଚର ପୂର୍ବତନ ଜଣେ ଆଇପିଏସ ଅଧିକାରୀ



ଦାଖଲ କରିଥିବା ରିପୋର୍ଟର ସିବିଆଇ ଯାଞ୍ଚ କରିବା ଆବଶ୍ୟକ। ଏହି ସବୁ ରିପୋର୍ଟକୁ ନେଇ ସନ୍ଦେହ ରହିଛି ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଛି। ମାମଲାରେ କେନ୍ଦ୍ର, ରାଜ୍ୟ ସରକାର, ପୁଲିସ ଡିଜି, ସିବିଆଇ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ସିବିଆଇ ଓ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସତ୍ୟଜିତ ମୁଖାର୍ଜୀ ମାମଲା ପରିଚାଳନା କରୁଛନ୍ତି।

# ବ୍ରିଜ୍‌ତଳୁ ଯୁବତୀଙ୍କ ଦରପୋଡ଼ା ଶବ ହତ୍ୟା ପରେ ଜାଳିଦେଇଥିବା ସନ୍ଦେହ

ବଣାଇଁ, (ପିପିଏସ୍): ଚାନ୍ଦିପୋଷ ଥାନା କୁମ୍ଭାକେଲା ବ୍ରିଜ୍ ତଳୁ ଯୁବତୀଙ୍କ ଦରପୋଡ଼ ମୃତଦେହ ଉଦ୍ଧାର କରାଯାଇଛି। ଯୁବତୀଙ୍କ ପରିଚୟ ମିଳିପାରି ନ ଥିଲା ବେଳେ ତଣ୍ଟି କାଟି କେହି ହତ୍ୟା କରିବା ପରେ ପେଟ୍ରୋଲ ଢାଳି ପୋଡିଦେଇଥିବା ନେଇ ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି।

ଖବର ପାଇ ଚାନ୍ଦିପୋଷ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ଥାନାରେ ଏକ ହତ୍ୟା ମାମଲା ନମ୍ବର ୧୭/୨୦୨୫ ରୁଜୁ କରି ତଦନ୍ତ ଜାରି ରଖିଛି। ହତ୍ୟା ଓ ପ୍ରମାଣ ନଷ୍ଟ ନେଇ ଦଫା ଲଗାଇ ପୋଲିସ ଆଜି ଶବକୁ ସୁନ୍ଦରଗଡ଼ ଜିଲା ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଯେହେତୁ ଯୁବତୀଙ୍କ ପରିଚୟ ଅସ୍ପଷ୍ଟ ରହିଛି ତେଣୁ ୭୨ ଘଣ୍ଟା ଶବକୁ ରଖାଯିବ ଓ ତା ପରେ କେହି ଦାବିଦାର ନ ବାହାରିଲେ ସତ୍କାର କରାଯିବ ବୋଲି ପୋଲିସ ସୂଚନା ଦେଇଛି। ବଣାଇଁ ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ଏହିଭଳି ଅପରାଧ, ଅପରାଧି ସୁଚିନ୍ତିତ ହତ୍ୟାକାଣ୍ଡ ଭିଆଇ ପ୍ରମାଣ ନଷ୍ଟ ପ୍ରତି ଅଧିକ ଧ୍ୟାନ ଦେଇ ପରୋକ୍ଷରେ ପୋଲିସ ପାଇଁ ଚ୍ୟାଲେଞ୍ଜ ଦେଉଥିବା ନେଇ ଆଲୋଚନା ହେଉଛି।




ସଂସଦ ପରିସରରେ ମହାରାଷ୍ଟ୍ର ବିଧାନସଭା ଓ ବିଧାନପରିଷଦର ନବନିର୍ବାଚିତ ସଦସ୍ୟମାନଙ୍କୁ ସମ୍ବୋଧିତ କରିବା ପରେ ସଂସଦ ଅର୍ଥ ଷ୍ଟାଣ୍ଡିଂକମିଟି ଅଧ୍ୟକ୍ଷ ଭର୍ତ୍ତୃହରି ମହତାବ ଓ ଅନ୍ୟମାନେ

# ମହାପ୍ରସାଦରେ ବ୍ୟବହାର ହେବ ଜୈବିକ ଚାଉଳ

**ଭୁବନେଶ୍ୱର, (ପିପିଏସନ୍):**

ଶ୍ରୀମହାପ୍ରସାଦ ପ୍ରସ୍ତୁତିରେ ଜୈବିକ ଚାଉଳର ବ୍ୟବହାର ନେଇ ଏକ ପରାମର୍ଶ ବୈଠକ କୃଷି ଭବନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀମନ୍ଦିର ମହାପ୍ରସାଦରେ ଜୈବିକ ଚାଉଳର ବ୍ୟବହାର ନେଇ ଆଲୋଚନା ହୋଇଥିଲା।

ମହାପ୍ରସାଦକୁ ରସାୟନମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଶ୍ରୀମନ୍ଦିରର ମହାପ୍ରସାଦରେ ଜୈବିକ ଚାଉଳ ଏବଂ ପନିପରିବାର ବ୍ୟବହାର ନିଷ୍ପତ୍ତିକୁ ସୁଆର- ମହାସୁଆର ନିଯୋଗ ତଥା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ସର୍ବଦା ଜୈବିକ କୃଷିକୁ ସମର୍ଥନ ଦେଇ ଆସିଛନ୍ତି ।

ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦୦ରୁ ୨୦୦ ଏକର ଜମିରେ ଜୈବିକ ଚାଉଳ ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି । ବିହନ ସଂରକ୍ଷଣ କରାଯାଇ ପରବର୍ତ୍ତୀ ସମୟରେ ଅଧିକ ଜୈବିକ ଧାନ ଉତ୍ପାଦନକୁ ପ୍ରୋତ୍ସାହନ ଦିଆଯିବ ଏବଂ ସଂପୂର୍ଣ୍ଣ 'ଅମୃତ ଅନ୍ନ' ମହାପ୍ରସାଦରେ ଜୈବିକ ଶସ୍ୟ ବ୍ୟବହାର କରାଯିବ।

ଏହିବୈଠକରେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଓୟୁଏଟିର ଡିନ୍ ପ୍ରଫେସର ପ୍ରସନ୍ନଜିତ ମିଶ୍ର, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, କମାଣ୍ଡର ସୁଧାକର ପଟ୍ଟନାୟକ, ସୁଆର, ମହାସୁଆର ନିଯୋଗ ସଭାପତି ପଦ୍ମନାଭ ମହାସୁଆର ଓ ସଂପାଦକ ନାରାୟଣ ମହାସୁଆର, ବରିଷ୍ଠ ସେବାୟତ ବୈଦ୍ୟନାଥ ମହାସୁଆର ପ୍ରମୁଖ ଉପସ୍ଥିତ ରହି ମତ ଉପସ୍ଥାପନ କରିଥିଲେ ।

# 'ପରୀକ୍ଷା ପେ ଚର୍ଚ୍ଚା' ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରିଛି: ଧର୍ମେନ୍ଦ୍ର

**ଝାରସୁଗୁଡ଼ା:**



ଚଳିତଥର 'ପରୀକ୍ଷା ପେ ଚର୍ଚ୍ଚା'ର ଅଷ୍ଟମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ୍ କରିଥିବା ଝାରସୁଗୁଡ଼ା ଜିଲ୍ଲା ଲଖନପୁରର ପ୍ରୀତି ବିଶ୍ୱାଳ ଏବଂ ତାଙ୍କ ବାପା ତେଜରାମ ବିଶ୍ୱାଳଙ୍କୁ ଭେଟିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପଢୁଥିବା ପ୍ରୀତି 'ପରୀକ୍ଷା ପେ ଚର୍ଚ୍ଚା।' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କୁ ପଚାରିଥିବା ପ୍ରଶ୍ନ ବିଷୟ କେନ୍ଦ୍ରିକ ଥିଲା। ପ୍ରୀତିର ଚିନ୍ତାଧାରା ଓ ଆତ୍ମବିଶ୍ୱାସ ସମସ୍ତଙ୍କୁ ପ୍ରଭାବିତ କରିଛି। ଛାତ୍ରଛାତ୍ରୀ ଏବଂ ପରୀକ୍ଷା ଯୋଦ୍ଧାମାନେ ପରୀକ୍ଷା ପାଇଁ ଚିନ୍ତିତ ହେବା କଥା ନୁହେଁ। ଆତ୍ମବିଶ୍ୱାସର ସହ ଚାପ ମୁକ୍ତ ହୋଇ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବା ଦରକାର। ପ୍ରଧାନମନ୍ତ୍ରୀଙ୍କ ପ୍ରେରଣାଦାୟୀ ବାର୍ତ୍ତା ବିଦ୍ୟାର୍ଥୀଙ୍କ ମନୋବଳକୁ ଦୃଢ଼ କରିଛି। କେନ୍ଦ୍ରଶିକ୍ଷା ମନ୍ତ୍ରୀ ପ୍ରୀତିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ସୋମବାର ଦିନ ୨୦୨୫ ମସିହାର 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତ ଯୋଜନା ସଂପର୍କିତ ପରାମର୍ଶ ଦେଇଥିଲେ। ସେହପରି ଅଭିଭାବକ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଥିଲେ। ଜଣେ କେରଳୀ ଛାତ୍ରୀଙ୍କ ହିନ୍ଦୀ ଶୁଣିବା ପରେ ଆଶ୍ଚର୍ଯ୍ୟ ହୋଇ ଯାଇଛନ୍ତି। ଯେତେବେଳେ କେରଳର ଜଣେ ଛାତ୍ରୀ ମୋଦୀଙ୍କୁ ଅଭିବାଦନ ଜଣାଇବା ବେଳେ ସୁଦ୍ଧ ହିନ୍ଦୀ ଭାଷାରେ କଥା ହୋଇଥିଲେ ତ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ପ୍ରଧାନମନ୍ତ୍ରୀ। ଛାତ୍ରୀ ଜଣଙ୍କ ନାମ ଆକାଂକ୍ଷା। ମୋଦୀ ଯେତେବେଳେ ତାଙ୍କୁ ପଚାରିଲେ କି ତୁମେ ଏତେ ସୁନ୍ଦର ହିନ୍ଦୀ କିପରି କହିପାରୁଛ ତ ସେ ଉତ୍ତର ଦେଲେ 'ମୁଁ ହିନ୍ଦୀକୁ ବହୁତ ପସନ୍ଦ କରେ'। ଏହା ଛଡ଼ା ସେ ହିନ୍ଦୀ କବିତା ବି ଲେଖିଛନ୍ତି ବୋଲି ମୋଦୀଙ୍କୁ କହିଛନ୍ତି।

ତା'ପରେ ଆକାଂକ୍ଷା ଲେଖିଥିବା କବିତାର କିଛି ପଂକ୍ତିଗୁଡ଼ିକ ମୋଦୀଙ୍କୁ ଶୁଣାଇଲେ। ଯାହାକୁ ଶୁଣିବା ପରେ ପ୍ରଧାନମନ୍ତ୍ରୀ ଖୁବ୍ ଖୁସି ହୋଇଗଲେ। ଆପଣ ଜାଣନ୍ତି ନିଶ୍ଚୟ ଯେ ଉତ୍ତର ଭାରତରେ ହିନ୍ଦୀ ହେଉଛି କଥିତ ଭାଷା। 'ପରୀକ୍ଷା ପେ ଚର୍ଚ୍ଚା'ର ଅଷ୍ଟମ ସଂସ୍କରଣ। ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିବା ଏବଂ ସେମାନଙ୍କୁ ପରୀକ୍ଷା ଚାପରୁ ମୁକ୍ତ କରିବାରେ ସାହାଯ୍ୟ କରିବା ଏବଂ ସେମାନଙ୍କର ପ୍ରସ୍ତୁତିକୁ ପ୍ରୋତ୍ସାହନା ଦେବା ଉଦ୍ଦେଶ୍ୟରେ ମୋଦୀ ଏପରି କରି ଆସୁଛନ୍ତି।

# ଦୈତ୍ୟାରି ମହାପାତ୍ରଙ୍କୁ ଭୀମଭୋଇ ସ୍ମୃତି ସମ୍ମାନ

**ଭଦ୍ରକ, (ପିପିଏସ୍):**



ପ୍ରତ୍ୟେକବର୍ଷ ଭଳି ଚଳିତବର୍ଷ ସନ୍ଥକବି ଭୀମଭୋଇଙ୍କ ସାଧାନା, ସିଦ୍ଧି ଓ ସମାଧିପୀଠ ଖଲିଆପାଲି ଠାରେ ପବିତ୍ର ମାଘ ମେଳା ଫେବୃଆରୀ ୦୯ ତାରିଖ ଠାରୁ ଅନୁଷ୍ଠିତ ହେଉଛି। ଭୀମଭୋଇ ସମାଧିପୀଠ ଟ୍ରଷ୍ଟ ଓ ମାଘମେଳା କମିଟିର ମିଳିତ ଆନୁକୂଲ୍ୟରେ ହେଉଥିବା ଏହି ସାରସ୍ୱତ କାର୍ଯ୍ୟକ୍ରମର ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାମ ପ୍ରସାଦ ସାହୁ କହିଲେ ଓଡ଼ିଆ ଭାଷା ସାହିତ୍ୟ ଜଗତର ଜଣେ ସିଦ୍ଧ ପୁରୁଷ ହେଉଛନ୍ତି ସନ୍ଥକବି ଭୀମ ଭୋଇ। ତାଙ୍କ ସିଦ୍ଧି ସାଧନାର ପୀଠ ପାଇଁ ଖଲିଆପାଲି ଆଜି ସାରା ପୃଥିବୀରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ସୋନପୁରର ଉପ ଜିଲ୍ଲାପାଳ ତଥା ଭୀମ ଭୋଇ ସମାଧୀ ଟ୍ରଷ୍ଟର ଉପାଧ୍ୟକ୍ଷା ଡକ୍ଟର ସୌମ୍ୟା ରୂପା ରଥଙ୍କ ସଭାପତିତ୍ୱରେ ଜିଏମୟୁର ଭୀମଭୋଇ ଗବେଷଣା କେନ୍ଦ୍ରର ମୁଖ୍ୟ ଡ.ପ୍ରଦୀପ କୁମାର ପଣ୍ଡା ମୁଖ୍ୟବକ୍ତା ଏବଂ ସୋନପୁର ବ୍ଲକର ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆମ ସମାଜକୁ ଭୀମ ଭୋଇଙ୍କ ଅବଦାନ ବିଷୟରେ ସାରଗର୍ଭକ ମତ ରଖିଥିଲେ। ସଂସ୍କୃତି ସଂସ୍କାରକ ପଣ୍ଡିତ ଦୈତ୍ୟାରି ମହାପାତ୍ର ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସନ୍ଥକବି ଭୀମଭୋଇଙ୍କ ଜୀବନଦର୍ଶ, ସାହିତ୍ୟ ସାଧନା, ବ୍ରହ୍ମ ଦର୍ଶନ ସମ୍ପର୍କରେ ସାର ଗର୍ଭକ ବକ୍ତବ୍ୟ ରଖିଥିଲେ। ଅତିଥିମାନଙ୍କ ଦ୍ୱାରା ଟ୍ରଷ୍ଟର ମୁଖପତ୍ର 'ମହିମା' ଉନ୍ମୋଚନ ହୋଇଥିବାବେଳେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟ ଗବେଷକ, ପ୍ରବଚକ ଶିକ୍ଷାବିତ୍ ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କୁ 'ଭୀମଭଇ ସ୍ମୃତି ସମ୍ମାନ', ସାଧୁ ପ୍ରଭାକର ଦାସଙ୍କୁ ଭୀମଭୋଇ ମହିମା ସମ୍ମାନ, ମୀନା ମହାରଣାଙ୍କୁ ଭୀମଭୋଇ ସାହିତ୍ୟ ସମ୍ମାନ, ସୁଶ୍ରୀ ତିଲୋତମା ସାହୁଙ୍କୁ ଭୀମଭୋଇ କଳାସମ୍ମାନ, ସିଦ୍ଧାର୍ଥ ଅଗ୍ରୱାଲଙ୍କୁ ଭୀମଭୋଇ ଯୁବପ୍ରତିଭା ସମ୍ମାନ ଓ ସୁଶ୍ରୀ ପ୍ରିତୀ ମହାକୁରଙ୍କୁ ଭୀମଭୋଇ କ୍ରୀଡାସମ୍ମାନ ପ୍ରଦାନ କରାଯାଇଥିଲା। ଟ୍ରଷ୍ଟର ମେନେଜିଂ ଟ୍ରଷ୍ଟି ଛତ୍ରଧାରୀ ଅଗ୍ରୱାଲ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଟ୍ରଷ୍ଟର ସଂପାଦକ ଜନ୍ମେଜୟ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରଷ୍ଟ ବୋର୍ଡର କର୍ମକର୍ତାମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।ଗାଁ ବଂଚାଓ ଆନ୍ଦୋଳନର ରାଷ୍ଟ୍ରୀୟ ଅଧ୍ୟକ୍ଷ ତୁଳସୀ ରାମ ଜଗତ , ସମାଜସେବୀ ଗଦାଧର ବରାଳଙ୍କ ସମେତ ବହୁ ବୁଦ୍ଧିଜୀବୀ, ହଜାର ହଜାର ସାଧୁ ସନ୍ୟାସୀ, ମହିମାଧର୍ମିଙ୍କ ସହ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି ମହିମା ଧର୍ମର ଗୁଣଗାନ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବଲିଉଡ୍ ଅଭିନେତା ବୋନି କପୁର ଓ ଅର୍ଜୁନ କପୁର



ଭୁବନେଶ୍ୱର, (ପିପିଏସ୍): ସେଲିବ୍ରିଟି କ୍ରିକେଟ୍ ଲିଗ (ସିସିଏଲ୍)ର ୧୧ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଓଡ଼ିଶାର ବାରବାଟୀ ଷ୍ଟାଡିୟମରେ ଲିଗ ପର୍ଯ୍ୟାୟ ମ୍ୟାଚ୍ ଆୟୋଜନ ହେବାକୁ ଥିବା ବେଳେ ଏହା ପୂର୍ବରୁ ବଲିଉଡ ପ୍ରଯୋଜକ ବୋନି କପୁର ଏବଂ ବଲିଉଡ ଅଭିନେତା ଅର୍ଜୁନ କପୁର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭେଟିଛନ୍ତି। ସୌଜନ୍ୟମୂଳକ ସାକ୍ଷାତ ସହ ମୁଖ୍ୟମନ୍ତ୍ରୀଙ୍କୁ ମ୍ୟାଚ୍ ପାଇଁ ଦେଲେ ନିମନ୍ତ୍ରଣ ଦେଇଛନ୍ତି। ଚଳିତବର୍ଷ ସାତଟି ଦଳକୁ ନେଇ ଟୁର୍ନାମେଣ୍ଟ ଆୟୋଜନ ହେଉଛି। ଏହି ଟୁର୍ଣ୍ଣାମେଣ୍ଟ ଫେବୃଆରୀ ୮ (ଶୁକ୍ରବାର) ରେ ବେଙ୍ଗାଲୁରୁରେ ଆରମ୍ଭ ହେଇଛି। ୨ ମାର୍ଚ୍ଚରେ ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହେବ। ବେଙ୍ଗଲ ଟାଇଗର୍ସ ଡିଫେଣ୍ଡିଂ ଚାମ୍ପିଅନ୍ ହୋଇଥିବା ବେଳେ ତେଲୁଗୁ ୱାରିୟର୍ସ ସବୁଠାରୁ ସଫଳ ଦଳ ରହିଛି।

# ପୌରାଧ୍ୟକ୍ଷାଙ୍କ ମନମାନି ବ୍ୟାସ ସରୋବର ୫ ଦିନ ପରେ ସରୁନି ସାଜସଜ୍ଜା



ଯାଜପୁର (ପିପିଏସ): ପ୍ରତେକ ବର୍ଷ ପବିତ୍ର ଭୌମ ଏକାଦଶୀ ତିଥିରେ ଯାଜପୁର ଜିଲାର ବ୍ୟାସନଗର ରେ ପାଳିତ ହୋଇ ଆସୁଥିବା ବ୍ୟାସ ସରୋବର ମହୋତ୍ସବ ଚଳିତ ବର୍ଷ ଫିକା ପଡିଛି। ୧୧ ଦିନ ମେଳା ମଧ୍ୟରୁ ୫ ଦିନ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ପୂର୍ବ ପରି ମେଳା ଅନୁଷ୍ଠିତ ହୋଇପାରୁନାହିଁ। ବିଶେଷକରି ପୌରାଧ୍ୟକ୍ଷା ନିଜର ମନ ମାନି କରି କୌଣସି ପାରିଷଦମାନଙ୍କ କଥାକୁ ଗୁରୁତ୍ୱ ନ ଦେବା ଓ ଉଭୟଙ୍କ ମଧ୍ୟରେ ଚାଲିଥିବା ରାଜନୈତିକ ଛକାପଞ୍ଝାରେ ଏହି ମେଳା ମଳିନ ପଡ଼ି ଯାଇଛି। ପୌରପରିଷଦ ଆୟୋଜନରେ ଅୟୋଜିତ ହେଉଥିବା ମେଳା ଓ ମହୋତ୍ସବ ନିଜର ଗାରିମା ଓ ଆକର୍ଷଣ ହରାଇଛି। ବ୍ୟାସନଗର ପୌରାଞ୍ଚଳ ବାସୀ ସମେତ ଏହାର ଆଖ ପାଖ ପ୍ରାୟ ୫୦ ଗୋଟି ଗ୍ରାମ ବାସୀ ଅପେକ୍ଷା କରି ଥାଆନ୍ତି ବ୍ୟାସ ସରୋବର ମହୋତ୍ସବର ଶୁଭାରମ୍ଭକୁ ନେଇ।

ବହୁ ବାଦ ବିବାଦରେ ଶନିବାର ସନ୍ଧ୍ୟାରେ ବ୍ୟାସ ସରୋବର ମହୋତ୍ସବକୁ ଉଦଘାଟିତ ହୋଇଯାଇଛି। ଶନିବାର ସଂନ୍ଧ୍ୟାରେ ପୌରାଧ୍ୟକ୍ଷା ସଂଗୀତା ପିଙ୍ଗୁଆ ମହୋତ୍ସବ ମଞ୍ଚକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ୧୦ ନମ୍ବର ପାରିଷଦ ରଶ୍ମିତା ରାଉତ, ୧୮ ନମ୍ବର ପାରିଷଦ ଭରତ ଓଝା, ୧୭ ନମ୍ବର ପରିଷଦ ଅନ୍ନପୂର୍ଣ୍ଣା ତରେଇ ଏବଂ ୨୬ ନମ୍ବର ପାରିଷଦ ରବିନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ଅନ୍ୟ ପାରିଷଦମାନଙ୍କୁ ମହୋତ୍ସବ ମଞ୍ଚ ନିକଟରେ ଦେଖିବାକୁ ମିଳି ନ ଥିଲା। ପ୍ରଥମ ରାତିରେ କୁନି ପିଲା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଚଳିତ ବର୍ଷ ମେଳା ଆୟୋଜନରେ ଚରମ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ମହୋତ୍ସବ ମଞ୍ଚ ନିକଟରେ ମେଳା ପାଇଁ ଅଦ୍ୟାବଧି ଷ୍ଟଲ ନିର୍ମାଣ ଶେଷ ହୋଇ ନାହିଁ। ନିଜର ଦୋକାନ ଖୋଲିବା ପାଇଁ ଆସିଥିବା ବେପାରୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଏହିପରି ଅବ୍ୟବସ୍ଥା ହେଲେ ବାହାରୁ ଆସୁଥିବା ବେପାରୀ ଓ ଦୋଳି ସବୁ ଆଉ ବର୍ଷକୁ ଆସିବେ କି ନାହିଁ ସନ୍ଦେହରେ। ଏ ପୁରାଣ ପ୍ରସିଦ୍ଧ ବ୍ୟାସ ଭୂମିର ଏହି ମେଳା ରେ ଦେଖା ଦେଇଥିବା ଅବ୍ୟବସ୍ଥା ବିରୋଧରେ ଉପାଧ୍ୟକ୍ଷଙ୍କ ସମେତ ବିଜେଡ଼ିର କେତେକ ପାରିଷଦ କ୍ଷୋଭ ପ୍ରକାଶ କରିଛନ୍ତି। ପୌରାଧ୍ୟକ୍ଷାଙ୍କ ମନମାନି ପାଇଁ ଚଳିତ ବର୍ଷ ଅବ୍ୟବସ୍ଥା ଚରମ ସୀମାରେ ପହଞ୍ଚି ଥିବା ସେମାନେ କହିଛନ୍ତି। ଏହି ମେଳା ଓ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ଗତ ଜାନୁଆରୀ ୩ ତାରିଖରେ ପୌର କାର୍ଯ୍ୟାଳୟ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ସର୍ବସମ୍ମତି କ୍ରମେ ସମ୍ବର୍ଦ୍ଧନା ଓ ଅତିଥି ଚୟନ ପ୍ରସଙ୍ଗରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗୃହୀତ ହୋଇଥିଲା। ଯାହାକୁ ଆଧାର କରି ସମସ୍ତ କାର୍ଯ୍ୟ ହେବା କଥା। ମାତ୍ର ପୌରାଧ୍ୟକ୍ଷା ପରବର୍ତ୍ତୀ ସମୟରେ ଏହାକୁ ଏଡ଼ାଇ ଯାଇଥିଲେ। ନିର୍ବାହୀ ଅଧିକାରୀଙ୍କୁ ଧରି ଏକଚାଟିଆ କାରବାର ଚଳାଇବାରୁ ଅନ୍ୟ ପାରିଷଦଙ୍କ ମଧ୍ୟରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର, ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ କୋରେଇ ବିଧାୟିକା ସଞ୍ଚିତା ମହାନ୍ତିଙ୍କୁ ପୌରାଧ୍ୟକ୍ଷା ଡାକି ଥିଲେ ବି କେହି ଅତିଥି ଆସିନଥିଲେ। ଏ ସମ୍ପର୍କରେ ପୌରାଧ୍ୟକ୍ଷା ସଂଗୀତା ପିଙ୍ଗୁଆ ଙ୍କ ମତାମତ ନେବାକୁ ଚେଷ୍ଟା କରିଥିଲେ ବି ଫୋନ ଧରି ନଥିଲେ।

# ଜେଇଇ(ମେନ୍) ପ୍ରଥମ ପର୍ଯ୍ୟାୟ ପ୍ରବେଶିକା ପରୀକ୍ଷା–୨୦୨୫
# ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିରର ସଫଳତା



ବ୍ରହ୍ମପୁର(ପିପିଏସ୍): ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି ଦ୍ୱାରା ସଂଚାଳନା କରାଯାଇଥିବା ଜେଇଇ ମେନ୍ ପ୍ରଥମ ପର୍ଯ୍ୟାୟ ଯୁଗ୍ମ ପ୍ରବେଶିକା ପରୀକ୍ଷା ଫଳ ଚଳିତ ବର୍ଷ ପ୍ରକାଶ ପାଇଛି। ପ୍ରଥମ ପର୍ଯ୍ୟାୟ ଜେଇଇ(ମେନ)-୨୦୨୫ ଅନ୍‌ଲାଇନ୍ ପରୀକ୍ଷା ୨୨.୧.୨୦୨୫ ରିଖରୁ ଆରମ୍ଭ ହୋଇ ୩୦.୧.୨୦୨୫ ରିଖ ପର୍ଯ୍ୟନ୍ତ ହୋଇଥିଲା। ଏହି ପରୀକ୍ଷା ନିମନ୍ତେ ସାରା ଦେଶରେ ୧୩ଲକ୍ଷ ୧୧ହଜାର ୫୪୪ଜଣ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨ଲକ୍ଷ ୫୮ହଜାର ୧୩୬ଜଣ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷା ପାଇଁ ୩୦୪ଟି ସହରରେ ୬୧୮ଟି ପରୀକ୍ଷା କେନ୍ଦ୍ର ହୋଇଥିଲା। ସୂଚନାଯୋଗ୍ୟ ଯେ, ନୀଳକଣ୍ଠନଗରର ସରସ୍ୱତୀ ବିଦ୍ୟା ମନ୍ଦିରର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଜେଇଇ(ମେନ) ପରୀକ୍ଷାରେ ସର୍ବୋତ୍ତମ ପାରଦର୍ଶିତା ପ୍ରଦର୍ଶନ କରି ପୂର୍ବ ଗୌରବକୁ ବଜାୟ ରଖିଛନ୍ତି। ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୯୦ ପର୍ସେଂଟାଇଲରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ୬୩ଜଣ ଛାତ୍ରଛାତ୍ରୀମାନେ ହେଲେ ଅନିମେଶ ବିଶ୍ୱାଳ ୯୮.୯୨, ଜ୍ଞାନେସ୍ ସାହୁ ୯୮.୯୧, ସଂସ୍କାର ରଞ୍ଜନ ରଥ ୯୮.୭୩, କମଲ ଲୋଚନ ମହାପାତ୍ର ୯୮.୬୨, ଅଙ୍କିତା ପଣ୍ଡା ୯୮.୪୯, ନିର୍ଣ୍ଣୟ ଦାଶ ୯୮.୩୩, ଚିନ୍ମୟ ଶିଠ ୯୮.୧୨, ଅଂଶୁମାନ ମହାରଣା ୯୭.୮୦, ହର୍ଷିତ୍ ପଟ୍ଟନାୟକ ୯୭.୭୦, ଦୀପ୍ତିମୟୀ ପାଣିଗ୍ରାହୀ ୯୭.୬୮, ଗୌରାଙ୍ଗ ପାଢ଼ୀ ୯୭.୬୮, ଏସ୍.ସନ୍ଦୀପ କୁମାର ୯୭.୬୧, ଲୋପାମୁଦ୍ରା ମହାନ୍ତି ୯୭.୩୧, ସ୍ୱୟଂଶ୍ୱେଶର ମହାପାତ୍ର ୯୭.୨୭, ଆୟୁଷ ପାଣିଗ୍ରାହୀ ୯୭.୨୩, ସମର୍ପିତା ମହାନ୍ତି ୯୬.୮୮, ଦେବବ୍ରତ ସାହୁ ୯୬.୮୦, ଲୋପାମୁଦ୍ରା ପଣ୍ଡା ୯୬.୭୬, ଅଂଶୁମାନ ନାହାକ ୯୬.୭୪, ବିନୟ ହୋତା ୯୬.୬୭, ମଧୁସ୍ମିତା ସୁବୁଦ୍ଧି ୯୬.୩୫, କ୍ରିଷ୍ଣା ପଣ୍ଡା ୯୬.୨୪, ରୁଦ୍ରପ୍ରତାପ ସ୍ୱାଇଁ ୯୬.୨୧, ସାଗର କୁମାର ମହାପାତ୍ର ୯୬.୧୧, ଶୁଭସ୍ମିତା ସାହୁ ୯୫.୬୫, ଅନିକେତ ପ୍ରଧାନ ୯୫.୪୪, ଅଜୟ କୁମାର ରଏ ୯୪.୮୧, ବିନୁ କୁମାର ବେହେରା ୯୪.୭୦, ଶାଶ୍ୱତ ନାୟକ ୯୪.୭୦, ଶିବବ୍ରତ ଗିରି ୯୪.୪୬, ପାୟଲ ପଟ୍ଟନାୟକ ୯୩.୮୨, ନିଲେଶ କୁମାର ପ୍ରଧାନ ୯୩.୬୮, ଦ୍ୱିତିକୃଷ୍ଣ ପରିଡ଼ା ୯୩.୬୪, ସୋନମ ସୁନେନା ରାଉଳ ୯୩.୪୮, ବାଣିଶ୍ରୀ ତାଣ୍ଡି ୯୩.୨୮, ଅପୂର୍ବାଦିପ୍ତି ବିଶ୍ୱାଳ ୯୩.୨୦, ଆଶା ପ୍ରଧାନ ୯୩.୧୦, ଏ.ବିନିତ୍ ସୁବୁଦ୍ଧି ୯୨.୯୭, ସ୍ୱାଗତ ପ୍ରଧାନ ୯୨.୬୩, ବିଷ୍ଣୁପ୍ରିୟା ପ୍ରଧାନ ୯୨.୫୪, ଦିନେଶ କୁମାର ରନ୍ଧାରୀ ୯୨.୨୯, ହିମେଶ ସ୍ୱାଇଁ ୯୨.୨୯, ସୋମନ ସାହୁ ୯୨.୨୮, ଶଙ୍କର୍ଷଣ ନାୟକ ୯୨.୨୮, ବିନାୟକ କର ୯୨.୨୫, ରାକେଶ ସ୍ୱାଇଁ ୯୨.୨୨, କରିଷ୍ମା ସାହୁ ୯୧.୨୧, ପାୟଲ ପ୍ରହିରାଜ ୯୧.୨୧, ଅଦିତ୍ୟ ଭୂୟାଁ ୯୧.୨୮, ବିଷ୍ଣୁ ପ୍ରଧାନ ୯୧.୯, ଦେବଦତ୍ତ ମାଝୀ ୯୧.୦୦, ତୁଳସୀ ପ୍ରଧାନ ୯୧.୭୬, ପ୍ରିତମ ସ୍ୱରୂପ ବିଶୋୟୀ ୯୧.୬୦, କେ.ସନ୍ଦିପ କୁମାର ୯୧.୧୮, ମହାପ୍ରସାଦ ଦାଶ ୯୧.୦୦, ଦେବଦତ୍ତ ଦେହୁରି ୯୦.୮୮, ସୁବାସ ପଣ୍ଡା ୯୦.୭୯, ସ୍ମାଇଲ ମିଶ୍ର ୯୦.୮୬, କରନ୍ ପଟ୍ଟନାୟକ ୯୦.୮୫, ଅଭିଜିତ୍ ରାଉତ ୯୦.୫୫, ଧ୍ରୁବ କୁମାର ସିଂ ୯୦.୩୨, ଅଶ୍ୱିନୀ କୁମାର ପାତ୍ର ୯୦.୬୨, ନିର୍ମାଲ୍ୟ ମହାପାତ୍ର ୯୦.୧୩ ପର୍ସେଂଟାଇଲ୍ ରଖି ଭାରତର ସର୍ବୋତ୍କୃଷ୍ଟ ବୈଷୟିକ ଅନୁଷ୍ଠାନରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ସଫଳତା ପାଇଁ କୋଚିଂ ଡିଭିଜନର ଅଭିଜ୍ଞ ଶିକ୍ଷକମାନଙ୍କର ପ୍ରଚେଷ୍ଟାକୁ ଶ୍ରେୟ ଦିଆଯାଉଛି। ଛାତ୍ରଛାତ୍ରୀମାନଙ୍କର ଆତ୍ମବିଶ୍ୱାସ ଏବଂ କଠୋର ପରିଶ୍ରମ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଏହି ସଫଳତା ପାଇଁ ବହୁ ଅଭିଭାବକଙ୍କ ସମେତ ପରିଚାଳନା ସମିତିର ସମସ୍ତ ସଦସ୍ୟ, କୋଚିଂ ଡିଭିଜନ୍‌ର ସମସ୍ତ କର୍ମକର୍ତ୍ତା, ସଫଳତା ପ୍ରାପ୍ତ କରିଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଉତ୍ତମ ମହାନ୍ତିଙ୍କ ଆରୋଗ୍ୟ କାମନା କରି ମା'ଅମ୍ବିକା ମନ୍ଦିରରେ ଦୀପଦାନ

ବାରିପଦା, (ପିପିଏସ୍) : ଓଡ଼ିଆ ସିନେ ଜଗତର ମହାନାୟକ ତଥା ସୁପରଷ୍ଟାର ଉତ୍ତମ ମହାନ୍ତି ଏବେ ଗୁରୁତର ଅସୁସ୍ଥ ହୋଇ ଦିଲ୍ଲୀ ସ୍ଥିତ ମେଦାନ୍ତ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଉତ୍ତମ ମହାନ୍ତିଙ୍କ ଅସୁସ୍ଥ ଖବର ପ୍ରକାଶିତ ହେବା ପରେ ସାରା ଓଡ଼ିଶାରେ ଉତ୍ତମ ମହାନ୍ତିଙ୍କୁ ଭଲ ପାଉଥିବା ଉତ୍ତମ ପ୍ରେମୀମାନେ ଏବେ ବିଚଳିତ ହୋଇପଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ସାରା ଓଡ଼ିଶାରେ ଉତ୍ତମ ମହାନ୍ତିଙ୍କ ଆଶୁ ଆରୋଗ୍ୟ କାମନା କରି ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା ଚାଲିଛି। ମଙ୍ଗଳବାର ଉତ୍ତମ ମହାନ୍ତିଙ୍କ ଜନ୍ମମାଟି ବାରିପଦାର ମା'ଅମ୍ବିକା ମନ୍ଦିରରେ ଅଭିରାମ ଅଭିନୟ ଅନୁଷ୍ଠାନ ଓ ଉତ୍କଳ ସାମ୍ବାଦିକ ସଂଘ ମୟୂରଭଞ୍ଜ ଶାଖା ଆନୁକୂଲ୍ୟରେ ସନ୍ଧ୍ୟାରେ ୧୦୮ ପ୍ରଦୀପ ପ୍ରଜ୍ଜଳନ କରାଯାଇଥିଲା। ମନ୍ଦିର ପରିସରରେ ଉତ୍ତମ ପ୍ରେମୀମାନେ ଏକତ୍ରିତ ହୋଇ ମା'ଅମ୍ବିକାଙ୍କ ଆଶୀର୍ବାଦରେ ଉତ୍ତମ ସୁସ୍ଥ ହୋଇଯିବେ ବୋଲି ପ୍ରାର୍ଥନା କରିଥିଲେ। ଆଜିର ଏହି ପ୍ରଦୀପ ପ୍ରଜ୍ଜଳନ କାର୍ଯ୍ୟକ୍ରମ ଅଭିରାମ ଅଭିନୟ ଅନୁଷ୍ଠାନ ପ୍ରତିଷ୍ଠାତା ତଥା ସିନେ ଜଗତର ବିଶିଷ୍ଟ ସଂଗୀତ, ଲେଖକ, ନିର୍ଦ୍ଦେଶକ ତଥା ଅଭିନେତା ବିଜୟ ଦାସପଟ୍ଟନାୟକଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଉକ୍ତ କାର୍ଯ୍ୟକ୍ରମକୁ ଉତ୍କଳ ସାମ୍ବାଦିକ ମୟୂରଭଞ୍ଜ ସଭାପତ ସୌମ୍ୟ ରଞ୍ଜନ ପଟ୍ଟନାୟକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଭିରାମ ଅଭିନୟ ଅନୁଷ୍ଠାନ, ଉତ୍କଳ ସାମ୍ବାଦିକ ସଂଘର କର୍ମକର୍ତ୍ତା ଓ ସଦସ୍ୟ ମାନେ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଉତ୍ତମ ମହାନ୍ତି ଯେତେବେଳେ ବାରିପଦାକୁ ଆସିଥାନ୍ତି ଏବଂ ବାରିପଦାରୁ ପ୍ରସ୍ଥାନ କରିବା ବେଳେ ମା'ଅମ୍ବିକାଙ୍କୁ ଦର୍ଶନ କରିଥାନ୍ତି। ଏହି ଅବସରରେ ଉତ୍ତମ ପ୍ରେମୀମାନଙ୍କ ପକ୍ଷରୁ ଉତ୍ତମଙ୍କ ଆଶୁ ଆରୋଗ୍ୟ କାମନା କରି ସମସ୍ତେ ଘରେ ଦ୍ୱୀପଟିଏ ଜାଳିବା ପାଇଁ ନିବେଦନ କରାଯାଇଥିଲା।

# ମାର୍ଚ୍ଚ ଶେଷସୁଦ୍ଧା ଘଣ୍ଟପଡ଼ା ପଞ୍ଚାୟତବାସୀଙ୍କ ଦୂର ହେବ ଜଳକଷ୍ଟ

ତାଳଚେର, (ପିପିଏସ୍): ଆସୁଛି ଗ୍ରୀଷ୍ମ, ଖରାଦିନେ ପାଣି ଟିକେ ପାଇଁ ଆଉଟ୍ ପାଉଟ ହୁଅନ୍ତି ଖଣି ପ୍ରଭାବିତ ତାଳଚେର ବାସୀ। ପୌରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମ ପଞ୍ଚାୟତ ପର୍ଯ୍ୟନ୍ତ ସବୁଠି କୁଅ, ପୋଖରୀ ଶୁଖିଲା ପଡ଼େ। ଗାଁ ଗାଁରେ ଥିବା ନଳକୂପ ଅଚଳ ଅବସ୍ଥାରେ ସୋଇଥିବା ଦେଖିବାକୁ ମିଳୁଛି। ଏମ୍ ସି ଏଲ ଦ୍ୱାରା ଅଶୋଦ୍ଧିତ ଖାତ ପାଣି ଟ୍ୟାଙ୍କର ମାଧ୍ୟମରେ ବିତରଣ ହୁଏ ତାହା ପୁଣି ଠିକାଦାରଙ୍କ ଦୟାରେ, ପାଣି ନଦେଇ ଦସ୍ତଖତ ହୁଏ। ତେବେ ତାଳଚେର ବ୍ଲକ ଘଣ୍ଟପଡା ପଞ୍ଚାୟତ ଅଧିବାସୀଙ୍କ ଜୀବନ ବଞ୍ଚାଇବାକୁ ପାଇଁ ମାର୍ଚ୍ଚ ଶେଷ ସୁଦ୍ଧା ପାଣି ଟାଙ୍କି ବା ନିର୍ମାଣ ଧ୍ୱନ ସମ୍ପ ସମ୍ପୂର୍ଣ୍ଣ ହେବା ନିଶ୍ଚିତ ବୋଲି ଇଂଜିନିୟର ବିପ୍ଳବ କୁମାର୍ ହୋତା ପ୍ରକାଶ କରିଛନ୍ତି। ଏହି ନିର୍ମାଣ ଧ୍ୱନ୍ ସମ୍ପର ଜଳଧାରଣ କ୍ଷମତା ନଅ ଲକ୍ଷ ଲିଟର। ଉକ୍ତ ସମ୍ପ୍ କାର୍ଯ୍ୟକୁ ଏଲ ଆଣ୍ଡ ଟି କମ୍ପାନୀ ଟେଣ୍ଡର ହାତେଇ, ନିଜେ କାମ ନକରି ପେଟି ଠିକାଦାର ମାନଙ୍କୁ ଦେଉଛି। ୨୦୨୧ ମସିହାରେ ଆରମ୍ଭ ହୋଇଥିବା ପାଣି ଟାଙ୍କି କାର୍ଯ୍ୟ ଏଯାବତ୍ ଚାଲିଛି। ଏହି ସମୟ ମଧ୍ୟରେ ତିନିଜଣ ପେଟି ଠିକାଦାର କାମ ଛାଡି ଗଲେଣି ପ୍ରଥମେ ଜଣେ ଅଣ ଓଡ଼ିଆ ତାପରେ ଓଡ଼ିଆ ସରୋଜ ଦାସ। ଏବେ ଭେଣ୍ଡର କୋଡ ଦେଇ ନୀଳମଣି ଶତପଥୀ ଓ ବିଜୟ ମହାନ୍ତି କାମ ପର୍ସେଣ୍ଟ ନେଇ ପୁଣି ତାକୁ ଅନ୍ୟ କେତେକ କୁଜି ଠିକାଦାରଙ୍କୁ କାମ ବାଣ୍ଟି ଥିବା ଦେଖିବାକୁ ମିଳିଛି। ବ୍ରାହ୍ମଣି ନଦୀରୁ ସଂଗୃହିତ ଜଳ କାନ୍ଧାଳ କଣ୍ଡୋଳ ଗାଁ ଭିତର ଦେଇ ଲିଙ୍ଗରାଜ ବାଲୁଙ୍ଗା କୋଲ୍ କରିଡ଼ର ରାସ୍ତା ଦେଇ ଘଣ୍ଟପଡା ଗାଁକୁ ପାଇପ ଲାଇନ୍ କାର୍ଯ୍ୟ ଚାଲିଛି। କେବଳ କଣ୍ଡୋଳ ଗ୍ରାମ ମଧ୍ୟରେ ଅଧା କିମି ଦୂରତାକୁ ଅତିକ୍ରମ କଲେ ପାଣି ନୀରବ ଛିନ୍ନ ଭାବେ ଶପ୍ଲାଇ ହେବ ବୋଲି ବିଭାଗୀୟ ଜେଇ ଶ୍ରୀଯୁକ୍ତ ହୋତା ସୂଚନା ଦେଉଛନ୍ତି, କିନ୍ତୁ ଭାରତ ସରକାରଙ୍କ କୋଲ୍ ଇଣ୍ଡିଆ କମ୍ପାନୀ ପକ୍ଷରୁ ଗେଜେଟେ ବିଜ୍ଞପ୍ତି ପ୍ରକାଶ ନ ୧୮୫୬ ଇ ତାରିଖ ୩୦ - ୪-୨୪ , ୟୁସ - ୯- ୧ ସି ବି (ଏ ଏଣ୍ଡ ଡି) ଆକଟ ୨୯୫୭ ଭୁବନେଶ୍ୱରି ବିସ୍ତାରିତ ନିମିତ୍ତ ୯ ଗୋଟି ଗ୍ରାମକୁ ନୋଟିସ ହୋଇଛି। ସେଥିରେ କଣ୍ଡୋଳ ଗ୍ରାମ ଅଧିଗ୍ରହଣ ହେବ ତେବେ ଏଠାରେ ସ୍ୱତ ପ୍ରଶ୍ନ ଆସୁଛି କୋଇଲା ଖଣି ଖନନ ବେଳେ ଉକ୍ତ ପାଇପ ଲାଇନ୍ ଅବସ୍ଥା କ'ଣ ହେବ ? ତେଣୁ ଘଣ୍ଟା ପଡା ବାସୀଙ୍କ ଜଳ ଯୋଗାଣରେ ଏହା ବ୍ୟତିକ୍ରମ ଭବିଷ୍ୟତରେ ଘଟିପାରେ ବୋଲି ଆଶଙ୍କା ସୃଷ୍ଟି ହେଉଛି। ତେବେ ଗତକାଲି ରାଜ୍ୟ ସରକାରଙ୍କ ପଞ୍ଚାୟତ ଓ ଜଳଯୋଗାଣ ମନ୍ତ୍ରୀ ରବି ନାୟକ ଘୋଷଣା କରିଥିବା ପ୍ରତିଶ୍ରୁତି ମାର୍ଚ୍ଚ ସୁଦ୍ଧା ଦୂର ହେବ ଜଳକଷ୍ଟ ଆଧାରକୁ ନେଇ ଆଉ ଡବ୍ଲୁ ଏସ ଏସ ବିଭାଗୀୟ ଜେଇ ଶ୍ରୀଯୁକ୍ତ ହୋତା ସୂଚନା ଦେଉଛନ୍ତି କହିଲେ ସତ୍ୟର ଅବକାଶ ରହିବ ନାହିଁ। ତେଣୁ ଘଣ୍ଟପଡା ବାସୀଙ୍କ ଜଳକଷ୍ଟ ସହିତ ପାଣିଟାଙ୍କି କାର୍ଯ୍ୟ ସରିବ ବୋଲି ସାଧାରଣରେ ଲୋକମାନେ ଖୁସି ପ୍ରକଟ କରିଛନ୍ତି।

# ବାଇକ୍ ଦୁର୍ଘଟଣାରେ ଯୁବକ ମୃତ, ଜଣେ ଗୁରୁତର

ଚୌଦ୍ୱାର,( ପିପିଏସ୍) : ବ୍ୟସ୍ତବହୁଳ ଚୌଦ୍ୱାର ବ୍ୟାରେଜ ରୋଡ଼ର କାଳୀ ମନ୍ଦିର ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିବା ସହିତ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଜଣକ ହେଲେ ଚୌଦ୍ୱାର ବଉଳେଇ ସାହିର ତପ୍ତ ରଞ୍ଜନ ମହାରଣା (୩୪) ଏବଂ ଆହତ ଜଣକ ହେଲେ ପୌରପାଳିକା ୧୪ ନମ୍ବର ୱାର୍ଡ଼ ଦାସରଥୀପାଟଣାର ସମୟ ପରିଡ଼ା (୩୫)। ପ୍ରାପ୍ତ ସୂଚନା ଅନୁଯାୟୀ ତପ୍ତ ରଞ୍ଜନ ଓ ସମୟ ଓଡ଼ି ୦୫ ଏକ୍ସ ୫୦୮୨ ନମ୍ବରଯୁକ୍ତ ଏକ ବାଇକ୍‌ରେ ଗାନ୍ଧୀଛକପଟୁ ବିରୂପା ବ୍ୟାରେଜ ଅଭିମୁଖେ ଯାଉଥିବାବେଳେ କାଳୀ ମନ୍ଦିର ନିକଟରେ ହଠାତ୍ ବାଇକ୍‌ଟି ରାସ୍ତା ଉପରେ ସ୍ଲିପ୍ କରିଯିବାରୁ ଉଭୟ ଆରୋହୀ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ତପ୍ତଙ୍କ ମୁଣ୍ଡଟି କୌଣସି ଶକ୍ତ ପଦାର୍ଥରେ ପିଟିହୋଇ ଛେଚି ହୋଇ ଯିବା ଫଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ଦୁର୍ଘଟଣାରେ ସମୟ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସକୁ ଖବର ଦେଇଥିଲେ ହେଁ ତାହା ଆସିବାରେ ବିଳମ୍ବ ହେବାରୁ ସ୍ଥାନୀୟ ଟାଟା ପାୱାର ଗାଡ଼ିରେ ଉଭୟଙ୍କୁ କଟକ ବଡ଼ ମେଡ଼ିକାଲକୁ ପଠାଇଥିଲେ। ସେଠାରେ ତପ୍ତଙ୍କର ମୃତ୍ୟୁ ଘଟିଥିବା ଜଣା ପଡ଼ିଛି। ସମୟ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ରାସ୍ତା ପାର ହେଉଥିବା ଏକ ଗାଈକୁ ରକ୍ଷା କରିବାକୁଯାଇ ହଠାତ୍ ବ୍ରେକ୍ ମାରିଦେବାରୁ ବାଇକ୍‌ଟି ଖସଡ଼ିଯାଇ ରାସ୍ତାରେ ପଡ଼ି ଯାଇଥିଲା ବୋଲି ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀଙ୍କ ସୁତ୍ରରୁ ପ୍ରକାଶ।

# ଗଡ଼ଭିଙ୍ଗୁରା ଗ୍ରାମରେ ମା'ଜାଗୁଳାଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ଗୋପ (ପିପିଏସ୍): ଗୋପ ବ୍ଲକ୍ ଗଡ଼ଭିଙ୍ଗୁରା ଗ୍ରାମରେ ଗ୍ରାମ ଦେବତୀ ମା' ବାରାହୀ ଦେବୀଙ୍କ ପ୍ରାଙ୍ଗଣରେ ମା' ଜାଗୁଳାଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ହେବା ସହିତ ମା' ଜାଗୁଳାଇଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇ ଯାଇଅଛି। ତିନି ଦିନ ଧରି ଗୀତା ଯଜ୍ଞ ତା' ସହିତ ଅଷ୍ଟପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି। ୭ ତାରିଖ ଶୁକ୍ରବାର କଳସ ଯାତ୍ରା ୮ ତାରିଖ ଶନିବାର ନାମ ସଙ୍କୀର୍ତ୍ତନ ଏବଂ ୯ ତାରିଖ ରବିବାର ପ୍ରାଣ ପ୍ରତିଷ୍ଠା ନଗର ପରିକ୍ରମା ଏବଂ ପାଖା ପାଖି ୫ ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବେବସ୍ଥା କରାଯାଇଥିଲା। ଗଡ଼ ଭୀଙ୍ଗୁରା ଗ୍ରାମ ଏବଂ ଆଖ ପାଖ ଗ୍ରାମରେ ପୁରା ଭକ୍ତି ମୟ ପରିବେଶ ସୃଷ୍ଟି ହୋଇଥିଲା ମା ଜାଗୁଳାଇ ଙ୍କୁ ଦର୍ଶନ କରିବା ପାଇଁ ବୋହୁତ ଭକ୍ତଙ୍କ ସମାଗମ ହୋଇଥିଲା। ଗଡ ଭିଙ୍ଗୁରା ଗ୍ରାମର ପରିଚାଳନା କମିଟି ର ସଭାପତି ଶ୍ରୀଯୁକ୍ତ ଗନ୍ଧର୍ବ ନାୟକ, ଉପଦେଷ୍ଟା ଶ୍ରୀଯୁକ୍ତ କୁଳମଣି ପାଲଟା ସିଂ, ସମ୍ପାଦକ ପରମାନନ୍ଦ ପାତ୍ର, କୋଷାଧକ୍ଷ ବଟ କୃଷ୍ଣ ଜେନା, ଗ୍ରାମର ବ୍ୟୋଜ୍ୟେଷ୍ଟ ବେକ୍ତୀ ଶ୍ରୀଧର ରାଉତ ରାୟଙ୍କ ଅଧତାରେ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା।

# ମା' ବାରଭୁଜା ପୀଠକୁ ବାବା ମଧୁସୂଦନଙ୍କ ଶ୍ରୀ ବିଗ୍ରହ ଆଗମନ

ଭୁବନେଶ୍ୱର, (ପିପିଏସ୍): ଖଣ୍ଡଗିରି ପାହାଡରେ ହେଉଥିବା ସାଧୁସମ୍ମିଳନୀ ରେ ପୁରୀ ଜିଲ୍ଲା ନୟାହାଟସ୍ଥିତ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ର ର ପ୍ରତିଷ୍ଠାତା ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଶ୍ରୀବିଗ୍ରହ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସ ଙ୍କ ତତ୍ୱାବଧାନ ରେ ଶହ ଶହ ଭକ୍ତଙ୍କ ଗ୍ରହଣ ରେ ଏଠାରେ ପହଂଚିଥିଲା ,କିମ୍ବଦନ୍ତି କହେ,ଏହି ସାଧୁ ସମ୍ମିଳନୀ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନ ୧୯୬୦ମସିହା ରେ ପ୍ରଥମେ ସେହି ରାସ୍ତରେ ଯାଉ ଥିଲା ବେଳେ,କେତେ ଜଣ ଭକ୍ତ ଙ୍କ ଗ୍ରହଣରେ ତମ୍ବୁ ପକାଇ ଆରମ୍ଭ କରି ଥିଲେ ସାଧୁ ସମ୍ମୀଳନୀ.ସେହି ମହାପୁରୁଷଙ୍କ ସ୍ମୃତି ମନେ ପକାଇ ପବିତ୍ର ଚତୃର୍ଦ୍ଦର୍ଶି ତିଥି ରେ ଆରମ୍ଭ ହୋଇ ଥିଲା ସାଧୁ ସମ୍ମିଳନୀ. ବାବାଜୀ ଦାମୋଦର ଦାସଙ୍କ ସଭାପତି ରେ ଏହି ଧର୍ମ ସଭାରେ ବାବାଜୀ ପୀତାମ୍ବର ଦାସ, ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ, ବାବା ବାଳକାନନ୍ଦ ଦାସ, ବିଜେପି ରାଜ୍ୟ ଉପସଭାପତି ଶ୍ରୀ ଗୋଲେଖ ଚନ୍ଦ୍ର ମାହାପାତ୍ର ,ମା' ବାରଭୁଜା ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତାଗଣ ଯୋଗଦେଇ ,ପ୍ରେମାଚାର୍ଯ୍ୟ ମଧୁସୂଦନଙ୍କ ଲିଖିତ ବିଶ୍ୱ ଶାନ୍ତି ପ୍ରାଥ ନା କରିଥିଲେ.ସାଧୁ ସଂଘ ରେ ଆମେ ମାନେ ରସିଲେ ବହୁତ ଉପକାର ବୋଲି ବ୍ୟକ୍ତ କରିଥିଲେ. ପରେ ପରେ ଖଣ୍ଡଗିରି ବାରୀ ସ୍ଥିତ ଗୁରୁ କୃପା କୁଟୀରରେ ବାବା ମଧୁସୂଦନ ଙ୍କ ଷୋଡଶ ଉପଚାର ରେ ଗୁରୁପୂଜା ଆଶ୍ରାମ ରେ ବାବାଜୀ ଚିତ୍ତ ବିନୋଦ ଦାସ ଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ହୋଇଥିଲା . ଡାକ୍ତର ରତ୍ନାକର ମହାନ୍ତି,ବାବାଜୀ ବିବେକା ନନ୍ଦ ଦାସ ,ପୂର୍ଣ୍ଣା ନନ୍ଦ ଦାସ, ପ୍ରମୁଖ ଯୋଗ ଦେଇ ଗୁରୁବାଦ ଉପରେ ଆଲୋଚନା କରିଥିଲେ,ଏହି ଧାର୍ମିକ କାର୍ଯ୍ୟ କ୍ରମକୁ ପ୍ରୀତି ରଞ୍ଜନ ଦାସ,ର ମୟ ରାଉତ, ଚନ୍ଦନ ଭାଇ , କମଳା ମା, ପିଙ୍କୁ ଭାଇ ହାପି ଭାଇ ଓ ସୁକାନ୍ତ ଭାଇ ପ୍ରମୁଖ ପରିଚାଳନା କରିଥିଲେ।

# ଜମୁଛି ଧାମନଗର ଶୀତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଆସର

ଧାମନଗର (ପିପିଏସ୍): ଐତିହ୍ୟ, ପରମ୍ପରା, ଶିକ୍ଷା, କଳା, ସଂସ୍କୃତି ଏବଂ ଜୀବନଧାରାକୁ ଉଜ୍ଜୀବିତ କରିବା ଲକ୍ଷ୍ୟ ନେଇ ଧାମନଗର ଶୀତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ଆଜି ଚତୁର୍ଥ ସନ୍ଧ୍ୟା। ୧୦ରୁ ୧୪ ତାରିଖ ଯାଏ ଅନୁଷ୍ଠିତ ହେଉଥିବା ଏହି ଉତ୍ସବ ଓ ମେଳାକୁ ଏକ ବର୍ଣ୍ଣାଢ଼୍ୟ ଏବଂ ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଧାମନଗର ବିଧାୟକ ତଥା ମାନ୍ୟବର ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସ୍ଥିତପ୍ରଜ୍ଞ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଜୟନଗର ପଡ଼ିଆରେ ପାଞ୍ଚଦିନ ବ୍ୟାପି ଏହି ଉତ୍ସବ ଓ ମେଳା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଓଡ଼ିଶା ସରକାରଙ୍କ ସହଯୋଗ ସହିତ ଶୀତ ମହୋତ୍ସବ ପରିଷଦ ଧାମନଗରର ଆୟୋଜନରେ ଅନୁଷ୍ଠିତ ହେଉଛି। ଧାମନଗରର ଦିବଙ୍ଗତ ପୂର୍ବତନ ବିଧାୟକ ମୁରଲୀଧର ଜେନାଙ୍କ ନାମରେ ନାମିତ ଉଦଘାଟନୀ ମଞ୍ଚ,ବିଷ୍ଣୁସେଠୀଙ୍କ ନାମରେ ଦ୍ୱିତୀୟ ସନ୍ଧ୍ୟା ଓ ହୃଦାନନ୍ଦ ମଲ୍ଲିକଙ୍କ ନାମରେ ତୃତୀୟ ସନ୍ଧ୍ୟା ଏବଂ ଆଜି ଚତୁର୍ଥ ସନ୍ଧ୍ୟାର ମଞ୍ଚ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ରାଉତଙ୍କ ନାମରେ ନାମିତ। ପ୍ରଥମ ସନ୍ଧ୍ୟାରେ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଦ୍ୱିତୀୟ ସନ୍ଧ୍ୟାରେ ପ୍ରଜ୍ଞା, ଶଙ୍କର ତୃତୀୟ ସନ୍ଧ୍ୟାରେ କଣ୍ଠଶିଳ୍ପୀ ସୌରଭ ଭରଦ୍ୱାଜ ଯୋଗଦେଇ ଥିବା ବେଳେ ଆଜି ମଣ୍ଟୁ ଛୁରିଆ ନିଜର କଳାନୈପୁଣ୍ୟରେ ଦର୍ଶକଙ୍କୁ ବିଭୋର କରିବେ। ମହୋତ୍ସବ କମିଟିର ସମ୍ପାଦକ ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ସହ ସମ୍ପାଦକ ପୂର୍ବତନ ତହସିଲଦାର ଦୀପକ ଦାସଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଙ୍ଗୀତ ନାଟକ ଏକାଡେମୀ ସଚିବ ଭାଗ୍ୟଲିପି ମଲ୍ଲ, ଉତ୍ତରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଏସପି ମଡକର ସନ୍ଦୀପ ସମ୍ପଦ ଯୋଗଦେଇ ଥିବା ବେଳେ ଆଜି ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ନିର୍ଦ୍ଦେଶକ ବିଜୟ କେତନ ଅତିଥି ଭାବେ ଯୋଗଦେବେ। ଏହି ଅବସରରେ ସମାଜରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାମାନଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି। ପ୍ରତି ସନ୍ଧ୍ୟାରେ ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ଏବଂ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ବେଳେ ପଲ୍ଲୀଶ୍ରୀ ମେଳାରେ ବିଭିନ୍ନ ଜିଲ୍ଲାର ଆବଶ୍ୟକ ସାମଗ୍ରୀ ବିପଣନ ହେଉଥିବା ଦେଖିବାକୁ ମିଳିଛି।

# ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ କୃଷିରେ ନବସୃଜନକୁ ପ୍ରୋତ୍ସାହନ କରିବା ପାଇଁ କୃଷି ସମ୍ମିଳନୀ ଆୟୋଜିତ
## ଜ୍ଞାନ ବିନିମୟ କାର୍ଯ୍ୟକ୍ରମରେ ୩୦୦ରୁ ଅଧିକ ସ୍ଥାନୀୟ କୃଷକ ସାମିଲ




ବ୍ରହ୍ମପୁର(ପିପିଏସ୍): ଟାଟା ଷ୍ଟିଲ ଫାଉଣ୍ଡେସନ୍(ଟିଏସ୍ଏଫ୍) ଦ୍ୱାରା ଆୟୋଜିତ ୨ଦିନିଆ ସାମୂହିକ ଯୋଗଦାନ କାର୍ଯ୍ୟକ୍ରମ ଅରୁଣିମା-୨୦୨୫ର ଶେଷ ଦିବସରେ କୃଷକ ଓ ବୈଜ୍ଞାନିକମାନେ ଏକାଠି ହୋଇ ଜଳବାୟୁ ସହନଶୀଳ କୃଷିକ୍ଷେତ୍ରରେ ଉଦ୍‌ଭାବନ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସର ସମ୍ମାନନୀୟ ବକ୍ତାମାନଙ୍କ ମଧ୍ୟରେ ଥିଲେ ଓୟୁଏଟିର ଫଳ ବିଜ୍ଞାନ ଓ ଉଦ୍ୟାନ କୃଷି ବିଭାଗର ମୁଖ୍ୟ ଡକ୍ଟର ସୁବାଷ ଚନ୍ଦ୍ର ସ୍ୱାଇଁ ଉଦ୍ୟାନ କୃଷି ବୈଷୟିକ ଓୟୁଏଟି, ବରିଷ୍ଠ ବୈଜ୍ଞାନିକ ତଥା ଗଞ୍ଜାମ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡକ୍ଟର ସୁଜିତ ନାଥ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ମନୋଜ କୁମାର ସାହୁ, ଓଡିଶା ସରକାରଙ୍କ ଏସ୍‌ସି ଓ ଏସ୍‌ଟି ବିଭାଗର ପ୍ରୋଗ୍ରାମ ଅଫିସର ଇଂ.ରଶ୍ମି ରଞ୍ଜନ ବାରିକ, ଓଏମ୍‌ଫେଡର ପ୍ଲାଂଟ ପ୍ରବନ୍ଧକ ଡକ୍ଟର ହରପ୍ରିୟା ଦାସ, ଟାଟା ଷ୍ଟିଲର ଓଡିଶା ସିଏସ୍ଆର୍ ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ୩୦୦ରୁ ଅଧିକ କ୍ଷୁଦ୍ର ଚାଷୀ ଅଂଶଗ୍ରହଣ କରି ବିଭିନ୍ନ କୃଷି କ୍ଷେତ୍ରକୁ ପ୍ରତିନିଧିତ୍ୱ କରିଥିଲେ। ବୈଜ୍ଞାନିକ-କୃଷକ ସମ୍ମିଳନୀ "ଦି ଏଗ୍ରିକଲଚର ମିଟ୍''-କୃଷି ସମ୍ମିଳନୀ (ବିଏଆରଟିଏ) ଜ୍ଞାନ ବିନିମୟ ଏବଂ ସହଯୋଗ ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା ଯେଉଁଥିରେ ନୂତନ ଉଦ୍‌ଭାବନ, ସର୍ବୋତ୍ତମ ଅଭ୍ୟାସ ଏବଂ ସରକାରୀ ଯୋଜନା ଉପରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବାତ୍ୟା ପ୍ରବଣ ଗଞ୍ଜାମରେ କୃଷି ଯାନ୍ତ୍ରିକୀକରଣକୁ ପ୍ରୋତ୍ସାହିତ କରିବା, କୃଷକ ଅନୁଷ୍ଠାନକୁ ସୁଦୃଢ଼ କରିବା, ସରକାରୀ ଯୋଜନାର ଲାଭ ଉଠାଇବା ଏବଂ ଜଳବାୟୁ-କୁଶଳ କୃଷି ପଦ୍ଧତି ଗ୍ରହଣ କରିବା ଉପରେ ଆଲୋଚନା ହୋଇଥିଲା।

ଅରୁଣିମା-୨୦୨୫ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆର୍ଥିକ ଭାବରେ ଦୁର୍ବଳ ଅନୁସୂଚିତ ଜାତି/ଜନଜାତି ପରିବାରର ୭୪୫ ମେଧାବୀ ଛାତ୍ରଛାତ୍ରୀଙ୍କୁ ଜ୍ୟୋତି ଫେଲୋସିପ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ୩୦୦ଜଣ ଏସ୍ଏଚ୍‌ଜି ମହିଳା ସାମିଲ ହୋଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

E-Mail I.D.-eepwdcuttack@gmail.com
Tel./Fax No.(0671)-2304128

**OFFICE OF THE SUPERINTENDING ENGINEER
CUTTACK (R&B) DIVISION NO.I: CUTTACK
GOVERNMENT OF ODISHA
('e' PROCUREMENT NOTICE)
Bid Identification No. S.E. CTC(R&B)-59 of 2024-25
TENDER CALL NOTICE**

1. The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in Single cover system in ONLINE MODE from eligible contractor for Road works as mentioned below.
2. No. of Work : 04 Nos.
3. Nature of work : Road works
4. Class of Contractor : "D" & "C", "C" & "B" and "B" Class
5. Tender Paper Cost : Rs.6000/- (Online)
6. Available of bid documents in the website : From 13/02/2025 to 5PM of 24/02/2025
7. Date of Opening of Bid : 11AM of 25/02/2025
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Sd/-: (ErA.K.Nayak)
Superintending Engineer,
B-992 OIPR-34091/11/0047/2425 Cuttack (R&B) Division No.I

# ସରକାରୀ ଚାକିରିଆ ପରେ ଆୟକର ଦାତାଙ୍କୁ ରାସନ ଛାଟ
# ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆୟକର ଦାତାଙ୍କ ଲମ୍ବା ଦରଖାସ୍ତ
## ଆଗକୁ ଗାଡି, କୋଠାଘର ଓ ବିଜୁଳି ବିଲ୍‌ର ତଦନ୍ତ ୨ଦିନ ପରେ ସରିବ ଅବଧି

ଅସ୍ତରଙ୍ଗ (ପିପିଏସ୍): ରାସନ କାର୍ଡ କଟିଯିବା ତାତି ନିଆଁ ଧରିଛି। ବର୍ଷ ବର୍ଷ ଧରି କଣ୍ଟ୍ରୋଲ ସାମଗ୍ରୀ ଆଗଭଳି ଆଉ ମିଳିବ ନାହିଁ ଆଭାସ ପାଇ ଏବେ ଅସ୍ତରଙ୍ଗ ବ୍ଲକରେ ହିତାଧିକାରୀମାନଙ୍କ ଭୀଷଣ ଭିଡ଼ ପରିଲିକ୍ଷିତ ହୋଇଛି। ଏ ସଂକ୍ରାନ୍ତୀୟ ଦରଖାସ୍ତ ରଖି ରଖି ନାକେଦମ୍ ହୋଇ ପଡିଲେଣି ଯୋଗାଣ ନିରୀକ୍ଷକ। ଚାକିରିଆ ପରେ ଏବେ ଆୟକରଦାତାଙ୍କ ଉପରେ ଆରମ୍ଭ ହୋଇଛି ରାସନ କାର୍ଡ ପ୍ରହାର। ରାସନ କାର୍ଡ ହାତେଇଥିବା ଆୟକରଦାତାଙ୍କୁ ତାଲିକା ଏବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ପ୍ରତ୍ୟେକ ପଂଚାୟତକୁ ପଠାଇ ଦିଆଯାଇଛି। ଏହି କ୍ରମରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତରେ ୭ଶହ ୦୫ଜଣଙ୍କର ନାଁ ସାମ୍ନାକୁ ଆସିଛି ବୋଲି ଅସ୍ତରଙ୍ଗ ଯୋଗାଣ ନିରୀକ୍ଷକ ଶିବପ୍ରସାଦ ମହାନ୍ତି ସୂଚନା ଦେଇଛନ୍ତି। ଏହିସବୁ ହିତାଧିକାରୀଙ୍କ ତାଲିକା ତୁରନ୍ତ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯାଞ୍ଚ ପରେ ଏହି ଆୟକରଦାତାଙ୍କର ନାଁ ବି ରାସନ କାର୍ଡ ତାଲିକାରୁ କାଟ ହେବ ବୋଲି ଆଶା କରାଯାଉଛି। ସେଥିପାଇଁ ରାସନ କାର୍ଡ ହିତାଧିକାରୀଙ୍କ ଭିତରେ ଭୟ ଖେଳିଯାଇଛି।

ସୂଚନା ମୁତାବକ, କିଛି ଦିନ ତଳେ ସରକାର ରାସନ କାର୍ଡ ତାଲିକାରେ ଥିବା ସରକାରୀ କର୍ମଚାରୀଙ୍କୁ ଠାବ କରିଥିଲେ। ଶିକ୍ଷକଙ୍କ ଠାରୁ ଆରମ୍ଭ କରି କଲେଜ ଅଧ୍ୟାପକ, ବରିଷ୍ଠ ଅଧିକାରୀଙ୍କ ଯାଏ ବି ଏଚଆରଏମ୍ଏସ ପୋର୍ଟାଲରେ ପଞ୍ଜିକୃତ ହୋଇଥିଲେ ଏବଂ ସରକାରୀ ରାଜକୋଷରୁ ଦରମା ନେଉଥିଲେ, ସରକାର ସବୁ ସରକାରୀ ଚାକିରିଆଙ୍କର ନାଁ ଏବଂ ଠିକଣା ବାହାର କରି ଜାନୁୟାରୀ ୩୧ ତାରିଖ ସୁଦ୍ଧା କାର୍ଡ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଥ୍ୟ ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୬୨ଟି ଚାକିରିଆ ପରିବାର ଠାବ ହୋଇଥିବା ବେଳେ ଯାଞ୍ଚ ରେ ୩୨ଜଣଙ୍କର କାଟିସାରିଛି, ଆଉ କିଛି ଯାଞ୍ଚ ଚାଲିଛି। ସେହିପରି ଅସ୍ତରଙ୍ଗ ବ୍ଲକ ୧୫ଟି ପଂଚାୟତରେ ୭ଶହ ୦୫ଜଣ ଆୟକରଦାତାଙ୍କର ତାଲିକା ଆସିଛି, ସେଥିରୁ ୩ଜଣ ଏଯାବତ କାର୍ଡ ଫେରସ୍ତ କରିଛନ୍ତି। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତ ଆୟକର ଦାତା ଯଥା ଆଳଙ୍ଗପୁର ୫୬ଟି, ଆଳସାହି ୬୧ଟି, ଅସ୍ତରଙ୍ଗ ୬୫ଟି, ଛୁରିଆନା ୩୨ଟି, କେନ୍ଦ୍ରାପଟି ୫୭ଟି, କୋରଣା ୩୯ଟି, ମାଣ୍ଡୁକି ୨୯ଟି, ନଗର ୪୪ଟି, ନଈଗୁଆଁ ୮୫ଟି, ନୂଆଗଡ ୭୧ଟି, ପାଟଳଦା ୨୯ଟି, ସରିପୁର ୭୩ଟି, ଶିଶୁଅ ୪୧ଟି ଓ ତାଳଦା ୨୩ଟି ଆୟକର ଥିବାବେଳେ ମୋଟ ୭ଶହ ୦୫ଜଣ ଆୟକରଦାତା ତାଲିକା ଆସିଛି। ଉକ୍ତ କାର୍ଡରେ ପ୍ରତି ହାରାହାରି ପ୍ରାୟ ୪ଜଣ ଲେଖାଏଁ ସଦସ୍ୟ ରାସନ ହାତଉଥିଲେ। ମୋଟ ଉପରେ ପରିବାର ସଂଖ୍ୟା ୨୯ଶହ ୯୧ଜଣ ହିତାଧିକାରୀ ବହୁ ବର୍ଷ ହେଲା ରାସନ ସାମଗ୍ରୀ ହାତେଇଥିବା ବିଭାଗୀୟ ତଥ୍ୟରୁ ସ୍ପଷ୍ଟ ହୋଇଛି।

ବହୁ ସ୍ଥଳରେ କିନ୍ତୁ ଲୋକମାନେ ବ୍ୟବସାୟ ବା ଚାଷବାସ ନିମନ୍ତେ ଅଟୋ, କୃଷିଯନ୍ତ୍ରପାତି ଆଦି ବ୍ୟାଙ୍କରୁ ଋଣ ନେଇ କ୍ରୟ କରିଛନ୍ତି। ଋଣ ଆବେଦନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଆୟ ପ୍ରମାଣପତ୍ର ଆବେଦନକାରୀମାନଙ୍କ ଠାରୁ ନିୟମ ଦୃଷ୍ଟିରୁ ଗ୍ରହଣ କରିଥାନ୍ତି। ଏବେ ସେହି ଆୟ ପ୍ରମାଣପତ୍ରକୁ ଗଣ୍ଟି କରାଯାଇଛି। ଫଳରେ ଶତାଧିକ ରାସନକାର୍ଡ ହିତାଧିକାରୀ ଉକ୍ତ ନିୟମବଳରେ ସ୍କାନରକୁ ଚାଲି ଆସିଛନ୍ତି। କେତେକ ସ୍ଥାନରେ ଶାଶୁ, ଶଶୁରଙ୍କୁ ଢାଲକରି ଜ୍ୱାଇଁ ଟିକସ ଫାଙ୍କିବାକୁ ବ୍ୟବସାୟୀକ କାରବାର କରିଛନ୍ତି। ଏବେ ସେ ଦିଗଟି ବି ପଦାକୁ ବାହାରି ଆସିଥିବାରୁ ବହୁ ଲୋକ କୌଣସି ବ୍ୟବସାୟ ନ କରି ବା ଆୟ ନଥାଇ ରାସନକାର୍ଡ ରୁ ବଂଚିତ ରହିବା ଆଶଙ୍କା ପ୍ରକାଶ ପାଇଛି।ଏଣେ ସରକାରୀ ସ୍ତରରେ ତନାଘନା ରାସନ କାର୍ଡ ହିତାଧିକାରୀଙ୍କ ମହଲରେ ଛନକା ପଶିଯାଇଛି। ବିଭିନ୍ନ ପ୍ରକାରର ଅଭିଯୋଗ ଧରି ବହୁ ହିତାଧିକାରୀ ଅସ୍ତରଙ୍ଗ ବ୍ଲକ୍ ଯୋଗାଣ ନିରୀକ୍ଷକ ଦପ୍ତରରେ ସଫେଇ ଦେବାକୁ ଲାଗିଲେଣି।ତେବେ ସାମ୍ନାକୁ ଆସିଥିବା ତାଲିକାରେ ଏଭଳି କିଛି ଲୋକଙ୍କ ନାମ ନାହିଁ ଯେଉଁମାନେ କି ବ୍ୟବସାୟ କରୁଛନ୍ତି। ଏକାଧିକ ବାଇକି ଚଢୁଥିବା ବେଳେ ଦୁଇ ମହଲା କୋଠାରେ ଏସି ଲଗାଇ ରହୁଛନ୍ତି। ଜଣେ ଯୋଗାଣ ଡିଲର ନାମ ଗୋପନରଖି କହିବା ଅନୁସାରେ ଆଗକୁ ଚାରିଚକିଆ ଗାଡି, ପେନ୍‌ସନ୍, କୋଠାଘର, ବିଜୁଳି ବିଲ୍ ସମ୍ବନ୍ଧରେ ତଦନ୍ତ ହେବ। ତଥାପି ଏବେ ରାସନ୍‌କାର୍ଡ କଟିବାର ମାତ୍ରା ବୃଦ୍ଧି ପାଇଚାଲିଛି। ଆଗକୁ ମଧ୍ୟ ଅଧିକ ଅଯୋଗ୍ୟ ହିତାଧିକାରୀ ନିଶ୍ଚିତ ଚିହ୍ନଟ ହେବେ। ଏଣେ କେଉଁ ଗଳାବାଟ ଦେଇ ରାସନକାର୍ଡ ବଞ୍ଚାଇ ରଖିହେବ ସେ ସଂକ୍ରାନ୍ତରେ ବହୁ ଲୋକ ଚାରିଆଡ଼େ ଚକ୍କର କାଟିଲେଣି। ହାତଗୁଞ୍ଜା ଦେବାକୁ ଉଦ୍ୟମ କଲେଣି। ବିଶେଷକରି ଅଯୋଗ୍ୟ ହିତାଧିକାରୀ ଭାବେ ଚିହ୍ନଟ ହୋଇ ସାରିଥିବାରୁ ନିଜ ନାମକୁ ରାସନକାର୍ଡ ତାଲିକାରୁ ବାଦ୍‌ଦେଇ ପରିବାରର ଅନ୍ୟସମସ୍ତଙ୍କୁ ତାଲିକାରେ କିଭଳି ସ୍ଥାୟୀ ରଖିହେବ ସେଦିଗରେ ଧାଁ ଧପଡ଼ ଚଳାଇଛନ୍ତି। ଦଲାଲମାନେ ବି ସକ୍ରିୟ ରହି ନିରୀହ ଲୋକମାନଙ୍କୁ ବୋକା ବନାଇବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏବେ ସେସବୁ ଦିଗରେ ଧରପଗଡ଼କୁ ଜୋରଦାର କରାଯାଇଛି। ଫେବୃଆରୀ ୧୫ତାରିଖପରେ ଜଣାପଡିବ କେତେ ଅଯୋଗ୍ୟ ହିତାଧିକାରୀ ବାଦ ପଡିଲେ।

**GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, JAJPUR
Letter No. 777 /Date 07.02.2025
1st Corrigendom to Bid Identification No. Tender Online 11 JJPT of 2024-25
invited this office Letter N 427, Did. 24.01.2025.
The Change as detalled below are hereby made in the above N.I.T**

| Procurement Officer | Bid Identification No. | Availability of Tender on-line for bidding | | | | Last date & time of seeking tender clarification | | Date & Time of opening of Technical Bid | |
|---|---|---|---|---|---|---|---|---|---|
| | | From | | To | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| | | As earlier | Modified | As earlier | Modified | As earlier | Modified | As earlier | Modified |
| Superintending Engineer, Rural Works Division, Jajpur. | Tender Online 11 JJPT of 2024-25 | 31.01.2025 at 10.00 AM | 13.02.2025 at 10.00 AM | 18.02.2025 up to 5.00 PM | 28.02.2025 up to 5.00 PM | 07.02.2025 up to 1.00PM | 19.02.2025 up to 2.00 PM | 11.02.2025 at 11.30 AM | 21.02.2025 at 11.30 AM |

If Situation arises, the transparent lottery will be held among all the qualified L-1 bidders on 29.03.2025 at 11:30 AM.

Sd/: Executive Engineer
R.W. Division, Jajpur
O-1453 OIPR-25047/11/0025/2425

# ବଣ୍ଡାଘାଟିର ଲଣ୍ଡା ପାହାଡ଼ରେ ବନୀକରଣ ନାଁରେ ମହାଦୁର୍ନୀତି

● ପାହାଡ଼ରୁ ଚାରା ଉଭାନ୍
● ସଫେଇ ଦେଉଛି ବନ ବିଭାଗ

ମାଲକାନଗିରି (ପିପିଏସ୍): ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକରେ ଥିବା ବଣ୍ଡାଘାଟିର ଲଣ୍ଡା ପାହାଡରେ ବନୀକରଣରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ସବୁଜ ବନାମୀ ସୃଷ୍ଟି କରିବା ନାଁରେ ମହାଘୋଟାଲା ହୋଇଛି। ନାମକୁ ମାତ୍ର ଚାରାରୋପଣ ହୋଇଥିବାବେଳେ ସରକାର ତହବିଲରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ମାତ୍ର ପରବର୍ତ୍ତୀ ସମୟରେ ପାହାଡରୁ ଉଭାନ୍ ହୋଇଯାଇଛି ଚାରା। ଅନ୍ୟପକ୍ଷରେ ଦୁର୍ଗମ ପାହାଡରେ ବୃକ୍ଷରୋପଣ ଯୋଜନା ଫେଲ୍ ହେବା ପରେ ସଫେଇ ଦେଇଛି ବନ ବିଭାଗ। ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ବଣ୍ଡାଘାଟିରେ ପୋଡୁ ଚାଷ ନାଁରେ ଲଣ୍ଡା ହୋଇଛି ବଣ୍ଡା ପାହାଡ଼। ଆଉ ଏହି ପାହାଡ଼ରେ ବନୀକରଣ ଆଳରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ହୋଇଛି। ଖଇରପୁଟ ବ୍ଲକ ଅନ୍ତର୍ଗତ ରାଉଳିଗୁଡ଼ା ପାହାଡ଼ର ଘଟଣାର ଦୁର୍ନୀତି ଜଳଜଳ ହୋଇ ଦେଖାଯାଉଛି। ଲଣ୍ଡା ପାହାଡ଼କୁ ସବୁଜ ବଳୟରେ ପରିଣତ କରିବା ପାଇଁ ବନବିଭାଗ ପକ୍ଷରୁ ୧୦ ହେକ୍ଟର ପାହାଡ଼ି ଅଞ୍ଚଳରେ ଚାରା ରୋପଣ ହୋଇଛି। ୧୬ ହଜାର ଗଛ ଲଗାଯାଇଥିବା ଦର୍ଶାଯାଇଛି। କିନ୍ତୁ ପ୍ରକୃତ କଥା ସଂପୂର୍ଣ୍ଣ ଅଲଗା। ଘାଟିର ଦୁର୍ଗମ ରାଉଳିଗୁଡା ଲଣ୍ଡା ପାହାଡ଼ରେ କାଁ ଭାଁ ଛୋଟିଆ ଛୋଟିଆ ଗଛ ଦେଖାଯାଉଛି। ରକ୍ଷଣାବେକ୍ଷଣା ଅଭାବରୁ ସେଗୁଡ଼ିକ ମଧ ବଞ୍ଚିବାର ସମ୍ଭାବନାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ୨୦୨୪-୨୫ବର୍ଷରେ ଲଣ୍ଡା ପାହାଡ଼ ବନୀକରଣ ନାଁରେ ଆଇଜିସି ଯୋଜନାରେ ପ୍ରକଳ୍ପ ମଞ୍ଜୁର ହୋଇଥିଲା। ୨୫ ଏକର ଅଞ୍ଚଳରେ ବୃକ୍ଷରୋପଣ ପାଇଁ ଲକ୍ଷାଧିକ ଟଙ୍କା ମଞ୍ଜୁର ହୋଇଥିଲା। ବନବିଭାଗ ପକ୍ଷରୁ ବର୍ଷାଦିନେ ନାଁକୁ ମାତ୍ର କିଛି ଚାରାରୋପଣ ହୋଇଛି। ଆବଶ୍ୟକୀୟ ଗଛ ପାହାଡ଼ରେ ଦେଖାଯାଉନାହିଁ। ପାହାଡ଼ ବୋଲି ଗଛ ବଞ୍ଚୁନଥିବା ବନ ବିଭାଗ ସ୍ପଷ୍ଟୀକରଣ ରଖିଛି।

# ସୁନ୍ଦରଗଡ଼ରେ ଇଣ୍ଟରନେଟ୍ ସୁରକ୍ଷା ସମ୍ପର୍କିତ ସଚେତନତା




ସୁନ୍ଦରଗଡ଼, (ପିପିଏସ୍): ଇଣ୍ଟରନେଟ ସୁରକ୍ଷା ଦିବସ ପାଳନ ଅବସରରେ କିରେଇସ୍ଥିତ ସୁନ୍ଦରଗଡ଼ ଯାନ୍ତ୍ରିକ ମହାବିଦ୍ୟାଳୟଠାରେ ସାଇବର ସୁରକ୍ଷା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର , ସୁନ୍ଦରଗଡ଼(ଏନ୍ଆଇସି ସୁନ୍ଦରଗଡ଼ ) ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଇଣ୍ଟରନେଟର ସଦୁପଯୋଗ କରିବା ସହିତ ସାଇବର ଠକେଇରୁ କିଭଳି ବର୍ତ୍ତି ପାରିବା ସେ ସଂପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଶେଷକରି ସାଇବର ସୁରକ୍ଷା, ସାଇବର ଠକେଇ ତଥା ଏହାର ପ୍ରତିକାର ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଛାତ୍ରଛାତ୍ରୀ ମାନେ ଇଣ୍ଟରନେଟ ମାଧ୍ୟମରେ ହେଉଥିବା ବିଭିନ୍ନ ପ୍ରକାର ଠକେଇରୁ କିଭଳି ଭାବେ ସୁରକ୍ଷିତ ରହିବେ ତାହା ଉପରେ ଆଲୋଚନା କରାଯାଇଥିଲା। ସାଇବର ଅପରାଧୀ ମାନେ କିଭଳି ଟଙ୍କା ଠକେଇ କରନ୍ତି, ଅନଲାଇନ୍ ୟୁ ପି ଆଇ ମାଧ୍ୟମ ରେ ଠକେଇ, କ୍ୟୁ ଆର୍ କୋଡ ସ୍କାନର ଠକେଇ, ପାର୍ସଲ ନାଁ ରେ ଠକେଇ, ରିଚାର୍ଜ୍ କରିବା ନା ରେ ଠକେଇ, ଇ କେ ୱାଇସି କରେଇବା ନାଁ ରେ ଠକେଇ, ଡିଜିଟାଲ ଆରେଷ୍ଟ ଆଦି ଉପରେ ମଧ କାର୍ଯ୍ୟକ୍ରମ ରେ ସଚେତନତା ସୃଷ୍ଟି କରାଯାଇଥିଲା । ଇଣ୍ଟରନେଟରେ ଏହିସବୁ କାର୍ଯ୍ୟ କଲାବେଳେ କିଭଳି ସତର୍କତା ଅବଲମ୍ବନ କରିବାକୁ ପଡ଼େ ସେନେଇ ମଧ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଯୁଗ୍ମ ନିର୍ଦ୍ଦେଶକ (ଆଇଟି) ଏବଂ ଡ଼ିଆଇଓ, ଏନ୍ଆଇସି କାନ୍ଦ୍ରା ହେମ୍ବ୍ରମ, ପ୍ରଫେସର ଅରୁଣ ନାଏକ, ପ୍ରଫେସର ଅଜିତ ଦାସ, ପ୍ରଫେସର୍ ପ୍ରମୋଦ ମହାପାତ୍ର, ଅନ୍ୟାନ୍ୟ କର୍ମଚାରୀ ଏବଂ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ।

# କୁଡୁମୁଲୁଗୁମ୍ମା ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା



ମାଲକାନଗିରି (ପିପିଏସ୍): ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଗ୍ରାମ ପଞ୍ଚାୟତ ପରିସରରେ ରାଜ୍ୟ ପଞ୍ଚାୟତିରାଜ ବିଭାଗ ଆନୁକୁଲ୍ୟରେ 'ବିକଶିତ ଗାଁ ବିକଶିତ ଓଡିଶା'ର ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସରପଞ୍ଚ ମଙ୍ଗଳା ମାଢୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳୀ ମାଝୀ, ସିଡିପିଓ ନୀହାରବାଳା ସାହୁ, ସମିତିସଭ୍ୟା ମୁନୀ ସଗରୀଆ, ନାଏବ ସରପଞ୍ଚ ହସମତୀ ହନ୍ତାଳ, ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ ଓ ସମାଜସେବୀ ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସଭାର ଆବାହକ ପଞ୍ଚାୟତ ନିର୍ବାହୀ ଅଧିକାରୀ ରେବତୀନାଥ ମାଝୀ କହିଥିଲେ ଯେ, ବର୍ତ୍ତମାନ ରାଜ୍ୟ ସରକାରଙ୍କ ପକ୍ଷରୁ ବିକଶିତ ଗାଁ ବିକଶିତ ଓଡିଶାର ରୂପରେଖକୁ ସୁଦୃଢ କରିବା ନିମନ୍ତେ ଏହି ଗ୍ରାମସଭା ମାଧ୍ୟମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ତ୍ୱରାନୀତ ପାଇଁ ପଦକ୍ଷେପ ନେଇଛନ୍ତି। ଏହାକୁ ତିନୋଟି ଶ୍ରେଣୀଭୁକ୍ତ କରାଯାଇଛି। ପ୍ରଥମେ ଗ୍ରାମ୍ୟ ରାସ୍ତା ଉନ୍ନତିକରଣ ପାଇଁ ୩୫% ବ୍ୟୟବରାଦ, ଦ୍ୱିତୀୟରେ ସାମୁହିକ ଜନ ସମାଜର ବିକାଶ ପାଇଁ ୬୦% ବ୍ୟୟବରାଦ ଓ ସ୍ୱତନ୍ତ୍ର ଇନିସିଏଟିଭ ଅନ୍ତର୍ଗତ ୫% ର ବ୍ୟୟବରାଦ କରିବା ନିମନ୍ତେ କାର୍ଯ୍ୟ ପ୍ରସ୍ତାବ। ତେବେ ଆନୁମାନିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ଓ ଏହାର ଅର୍ଥ ବ୍ୟୟ ନିମନ୍ତେ ସଭାରେ ସ୍ୱିକୃତି କରିବା ନିହାତି ଆବଶ୍ୟକ ବୋଲି ଶ୍ରୀ ମାଝୀ ମତପୋଷଣ କରିଥିଲେ । ଅନ୍ୟତମ ଅତିଥି ଶ୍ରୀମତୀ ସାହୁ କହିଥିଲେ ଯେ ଏହିସବୁ କାର୍ଯ୍ୟକ୍ରମଗୁଡ଼ିକ ତ୍ୱରାନ୍ୱିତ ହେଲେ ନିଶ୍ଚିତ ଭାବେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ବିକଶିତ ଗାଁ ବିକଶିତ ଓଡିଶାର ସ୍ୱପ୍ନ ବାସ୍ତବରେ ସାକାର ହୋଇପାରିବ । ଏହି କାର୍ଯ୍ୟକ୍ରମରେ କୁଡୁମୁଲୁଗୁମ୍ମା ଅଞ୍ଚଳର ସମସ୍ତ ୱାର୍ଡମେମ୍ବର,ଆଶାକର୍ମୀ , ଅଙ୍ଗନବାଡ଼ି କର୍ମୀଙ୍କ ସହ ୧୦୦ ରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଗ୍ରାମ ପଞ୍ଚାୟତ ରୋଜଗାର ସେବକ ଧନେଶ୍ୱର କୁରାମୀ ଓ ଚନ୍ଦ୍ର ମାଢୀ ପ୍ରମୁଖ ସହଯୋଗ କରିଥିଲେ।

# ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ

କୋରାପୁଟ : ସମୃଦ୍ଧ ଓଡ଼ିଶାର ନୂତନ ପରିଭାଷା ବିକଶିତ ଗାଁ ବିକଶିତ ଓଡ଼ିଶା ଶୁଭାରମ୍ଭ ହୋଇଯାଇଛି। ବୁଧବାର ଖୋର୍ଦ୍ଧା ଜିଲା ଜଙ୍କିଆଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ କୋରାପୁଟ ପୋଲିସ ପରେଡ୍ ପଡ଼ିଆଠାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଏହି ଯୋଜନା ୫ ବର୍ଷ ପାଇଁ କାର୍ଯ୍ୟକାରୀ ହେବା ସହ ରାଜ୍ୟରେ ୫ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯିବ ବୋଲି ଜଣାପଡ଼ିଛି। ଏଥିରେ ମୌଳିକ ଭିତ୍ତିଭୂମିର ବିକାଶ , ଗ୍ରାମ୍ୟ ସଡ଼କ ସଂଯୋଗୀକରଣ, କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ, ଶିକ୍ଷା ଓ କ୍ରୀଡ଼ା ଭିତ୍ତିଭୂମିର ସମ୍ପ୍ରସାରଣ ଏବଂ ଜନ ମଙ୍ଗଳକାରୀ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟକ୍ଷମ କରିବା ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ଜଣାପଡ଼ିଛି।

# ନକ୍ସଲ ପ୍ରଭାବିତ ଅଞ୍ଚଳରେ ଜନସଂପର୍କ ଶିବିର

ମାଲକାନଗିରି(ପିପିଏସ୍): ସୀମାନ୍ତ ଛତିଶଗଡର ସୁକମା ରେଞ୍ଜ ସେକ୍ଟର ସିଆରପିଏଫ ଇନ୍ସପେକ୍ଟର ଜେନେରାଲ ରାଜେଶ ଅଗ୍ରୱାଲ ଏବଂ ଡେପୁଟି ଇନ୍ସପେକ୍ଟର ଜେନେରାଲ ଆନନ୍ଦ ସିଂ ରାଜପୁରୋହିତ ଏବଂ ସେକ୍ଟର ଡେପୁଟି ଇନ୍ସପେକ୍ଟର ଜେନେରାଲ୍ ଏନକେ ସିଂଙ୍କ ମାର୍ଗ ଦର୍ଶନରେ ଏବଂ କମାଣ୍ଡାଣ୍ଟ ରତନକାନ୍ତ ବେହେରା ଏବଂ ଡେପୁଟି କମାଣ୍ଡାଣ୍ଟି ସାମସନ୍ ରାଜୁ, ଆର.ଆର ଚୌଧୁରୀ ଏବଂ ଅଶ୍ୱାନୀ କୁମା, ରାକେଶ କୁମାର ଠାକୁର ଏବଂ ସହାୟକ କମାଣ୍ଡାଣ୍ଟ ସାରଙ୍ଗ ସାହେବ୍ରୋଙ୍କ ନେତୃତ୍ୱରେ ସିଆରପିଏଫ ଏବିସି ଏବଂ ଇ ଦ୍ୱିତୀୟ ସିଆରପିଏଫ ବାଟାଲିୟନ ଦ୍ୱାରା ଜନ ସଂପର୍କ ଶିବିର ଏବଂ ମାଗଣା ମେଡିକାଲ କ୍ୟାମ୍ପ ଆୟୋଜିତ ହୋଇଥିଲା। ଏହା ନକ୍ସଲ ପ୍ରଭାବିତ ଅଞ୍ଚଳର ସୁକମା ଜିଲ୍ଲାର କହେର ଦୁଲେର ଗ୍ରାମରେ ଏହି ଶିବିର କରାଯାଇଥିଲା। ଏହି ଜନସଂପର୍କ ଶିବିରରେ ୫୦୦ରୁ ଉର୍ଦ୍ଧ୍ୱ ଆଦିବାସୀ ଯୁବକ, ବାଳିକା, ପୁରୁଷ, ମହିଳା ଏବଂ ଶିଶୁ କହେର ଦୁଲେର ଏବଂ ଏହାର ଆଖପାଖ ଗାଁ ଯଥା କଡତୀ ପାରା, ମଡପେ ପାରା, ମାରକନଗୁଡା, ମେଟାଗୁଡା ଭଳି ବହୁ ଗ୍ରାମର ଲୋକେ ଏହାର ସୁଯୋଗ ନେଇଥିଲେ।

# ଯୁବତୀଙ୍କୁ ଦୁଷ୍କର୍ମ, ଥାନାରେ ମାମଲା

## ଧର୍ମ ପରିବର୍ତ୍ତନର ଚାପ

ସମ୍ବଲପୁର, :ସମ୍ବଲପୁରରେ ଜଣେ ଯୁବତୀଙ୍କୁ ବାରମ୍ବାର ବଳାତ୍କାର କରାଯିବା ସହ ଧର୍ମ ପରିବର୍ତ୍ତନର ଚାପ ପକାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତା ମଙ୍ଗଳବାର ସନ୍ଧ୍ୟାରେ ଧନୁପାଲି ଥାନାରେ ଏତଲା ଦେବା ପରେ ଘଟଣା ଚର୍ଚ୍ଚା ସୃଷ୍ଟି କରିଛି। ଏତଲା ଆଧାରରେ ପୋଲିସ ସ୍ଥାନୀୟ ଥାନା କୁମ୍ଭାରପଡ଼ାର ଅମୀର ଓରଫ ରାଜା ଖାନଙ୍କ ନାମରେ ମାମଲା(ନଂ.୩୨/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଅମୀରଙ୍କୁ ଧରିବାକୁ ଉଦ୍ୟମ କରାଯାଉଛି ବୋଲି ସମ୍ବଲପୁର ସଦର ଏସ୍‌ଡିପିଓ ତୋଫାନ ବାଗ୍ କହିଛନ୍ତି। ଏତଲା ଅନୁସାରେ ପୀଡ଼ିତାଙ୍କ ପିତା ଓ ଭାଇମାନଙ୍କୁ ଅମୀର ହତ୍ୟା ଧମକ ଦେଇ ବିବାହ କରିବାକୁ ବାଧ କରିଥିଲେ। ଫଳରେ ପରିବାରର ସୁରକ୍ଷା ଦୃଷ୍ଟିରୁ ପୀଡିତା ଗତ ୩ ତାରିଖରେ ଘରୁ ଟଙ୍କା ଓ ଗହଣା ଧରି ଅମୀରଙ୍କ ସହ ଚାଲିଯିବାକୁ ବାଧ ହୋଇଥିଲେ। ଏହାପରେ ଅମୀର ତାଙ୍କୁ ଫସାଇ ସୁନ୍ଦରଗଡ଼, ରାଜଗାଙ୍ଗପୁର ଆଦି ବିଭିନ୍ନ ସ୍ଥାନକୁ ନେଇ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିଥିଲେ। ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ ମାରିଥିଲେ। ବିବାହ କରିବାକୁ ହେଲେ ଧର୍ମ ପରିବର୍ତ୍ତନ କରିବାକୁ ପଡିବ ବୋଲି ବାଧକରି ହତ୍ୟା ଧମକ ଦେଉଥିଲେ। ଏପରିକି ତାଙ୍କୁ ଅମୀର ଗୋମାଂସ ମଧ ଖାଇବାକୁ ବାଧ କରିଥିଲେ ବୋଲି ପୀଡ଼ିତ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ସୋମବାର ସନ୍ଧ୍ୟାରେ ବସ୍ ଯୋଗେ ସମ୍ବଲପୁର ଆସି ପୀଡ଼ିତାଙ୍କୁ ଅମୀର ଛାଡ଼ି ଫେରାର ହୋଇଯାଇଥିଲେ ବୋଲି ପୋଲିସକୁ କହିଛନ୍ତି।

# ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର, (ହି.ସ.)- ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର କଲ୍ୟାଣ ମଣ୍ଡପ ଠାରେ ବ୍ଲକ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୀରମହାରାଜପୁର ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ ମହାପାତ୍ର, ବୀରମହାରାଜପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ହିମାଂଶୁ ଶେଖର ପାଢ଼ୀ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଆଶୁତୋଷ ହୋତା, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଅଧିକାରୀ ବିଜୟ ବିଶ୍ୱାଳ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ଧରୁଆ ପ୍ରମୁଖ ଯୋଗ ଦେଇଥିଲେ। ଏକ୍ସନଏଡ଼ର ରାଜ୍ୟ ସଂଯୋଜକ ତଥା ସାଧନା କର୍ମୀ ଘାସିରାମ ପଣ୍ଡା ସମାଜରେ ଲିଙ୍ଗଗତ ବୈଷମ୍ୟ ଓ ଭେଦଭାବ କାରଣରୁ ହେଉଥିବା ବିଭିନ୍ନ ପ୍ରକାରର ହିଂସା, ଏହାର କାରଣ ଓ ନିରାକରଉପରେ ବକ୍ତବ୍ୟ ଦେଇଥିବା ବେଳେ ଅନ୍ୟତମ ସାଧନା କର୍ମୀ ଜିଲ୍ଲା ଜୁଭିନାଇଲ ଜଷ୍ଟିସ ବୋର୍ଡ ମେମ୍ବର ତଥା ଆଇନଜୀବୀ ରଂଜିତା ସାହୁ ମହିଳା ମାନଙ୍କ ପାଇଁ ରହିଥିବା ବିଭିନ୍ନ ଆଇନ ଏବଂ ସାହାଯ୍ୟକାରୀ ଅନୁଷ୍ଠାନ ଉପରେ ବକ୍ତବ୍ୟ ପ୍ରଦାନ ପୂର୍ବକ ଉପସ୍ଥିତ ସଦସ୍ୟ, ସଦସ୍ୟା, ଆଶା, ଅଙ୍ଗନବାଡ଼ି କର୍ମୀ ସମେତ କଲେଜ ଛାତ୍ରୀ ମାନଙ୍କୁ ସଚେତନ କରିଥିଲେ । ପ୍ରୋଗ୍ରାମ ଅଫିସର ଅନିତା ଗୁରୁ ସଂଯୋଜନା କରିଥିବା ବେଳେ ବୀରମହାରାଜପୁର ସିଡ଼ିପିଓ ମଞ୍ଜୁଲତା ସାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ, ସଂଜୀବ କୁମାର ମିଶ୍ର, ପ୍ରତାପ ପଧାନ, ଅକ୍ଷୟ କୁମାର ସିଂହ, ବିକାଶ ପଣ୍ଡା, ଶାନ୍ତନୁ କୁମାର ମେହେର, ରଶ୍ମିତା ଷଡ଼ଙ୍ଗୀ, ପ୍ରଦୀପ ଦାଶ, ଲିଙ୍ଗରାଜ ବିଶି, ମନୋଜ ରାଜହଂସ ପ୍ରମୁଖ ସହଯୋଗ କରିଥିଲେ ।

# ବଙ୍ଗଳାପଡ଼ାରେ ମାଘ ଝାମୁଯାତ୍ରା



ଥୁଆମୂଳ ରାମପୁର: କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୁଣ୍ଡୁପୁର ପଞ୍ଚାୟତ ଅନ୍ତର୍ଗତ ଗୋକୋଲମା ବଙ୍ଗଳା ପଡ଼ାଠାରେ ମାଘ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ମଙ୍ଗଳବାର ମାଘ ଝାମୁଯାତ୍ରା ବା ମା' ମାଣିକେଶ୍ୱରୀ ଓ ବାବା ଅଗ୍ନି ଭୈରବ ଦେବଙ୍କ ଝାମୁଯାତ୍ରା ସମ୍ପନ୍ନ ହୋଇଯାଇଛି। ପରମ୍ପରା ଅନୁସାରେ ମନ୍ଦିର ପୂଜକ ଏହି ଯାତ୍ରାର ପ୍ରଥମ ଦିନରେ ୫ଟି ନୂଆ ଚାଙ୍ଗୁଡ଼ିରେ ବାଲି ଆଣି ବିଭିନ୍ନ ପ୍ରକାର ଶସ୍ୟ ଯଥା ଧାନ, କାନ୍ଦୁଲ, ମୁଗ, ବିରି, ମାଣ୍ଡିଆ ଆଦିକୁ ଗଜା ହେବା ପାଇଁ ଚାଙ୍ଗୁଡ଼ିରେ ଥିବା ବାଲିରେ ପକାଇଥାଆନ୍ତି ଓ ବେଲ କଣ୍ଟା ଦୋଳି ତିଆରି କରାଯାଇଥାଏ। ଗଜା ହୋଇଥିବା ଚାଙ୍ଗୁଡି ଓ କଣ୍ଟା ଦୋଳିକୁ ୯ଦିନ ବ୍ୟାପୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥାଏ। ଏହି ଦିନ ବାବା ଅଗ୍ନି ଭୈରବ ଓ ମା' ମାଣିକେଶ୍ୱରୀ କଣ୍ଟା ଡୁମା ମାଠିଆ ଗାଦିରେ ବିଜେ କରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଗାଁର ରୋହିତ ନାଏକଙ୍କ ଦେହରେ ଭଗବାନ କାଳିଶି ଅବିର୍ଭାବ ହୋଇଥିଲେ । ଏହାପରେ କାଳିସୀ ମୁଖ୍ୟ ମନ୍ଦିରରୁ ବାହାରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ମାନସିକ ପୂରଣ ହୋଇଥିବା ଶ୍ରଦ୍ଧାଳୁ କୁକୁଡ଼ା, ବୋଦା, ପାରା, ନଡ଼ିଆ ଆଦି ଭୋଗ ଅର୍ପଣ କରିଥିଲେ। ପୂଜକ ରୋହିତ ନାଏକ, ଶ୍ରୀକାନ୍ତ ନାଏକ, ପ୍ରଦୀପ ନାଏକ, ଦୀପକ ନାଏକ, ରାଜନ ନାଏକ, ଗଙ୍ଗାରାମ ନାଏକ, କୁମାରୁ ନାଏକ, ବ୍ରଜ ସୁନ୍ଦର ନାଏକ ପ୍ରମୁଖଙ୍କ ସହଯୋଗରେ ଯାତ୍ରା ଶେଷ ହୋଇଥିଲା।

# ୭ ଆଶାକର୍ମୀଙ୍କୁ ପୁରସ୍କୃତକଲେ ବିଧାୟକ

ଜୟପୁର: ଜୟପୁର ବ୍ଲକ ଅନ୍ତର୍ଗତ ରାବଣାଗୁଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭଲ କାର୍ଯ୍ୟ କରୁଥିବା ଆଶାକର୍ମି ମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଛି । ଭଲ କାର୍ଯ୍ୟ କରି ବର୍ଷକୁ ଅଧିକା ପ୍ରୋତ୍ସାହନ ରାଶି ପାଉଥିବା ୭ ଜଣ ଆଶାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଦିନ ୧୨ଟାରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗଦେଇ ପୁରସ୍କାର ଓ ମାନ ପତ୍ର ପ୍ରଦାନ କରିଥିଲେ । ଖଡପାର ବେଦପତି ନାୟକ, ବାରିଣିପୁଟର ଭବାନି ପୂଜାରୀ, ଧନପୁରର ପ୍ରତିମା ପାଙ୍ଗି, ହିଡିଆର ସୁଧାଂଶୁ ବାଳା ଖ୍ରିଷ୍ଟିଆନ, ପୁଜାରିପୁଟର ଗୋମତି ମହୁରିଆ, କଙ୍ଗାର ଉଷା ହରିଜନ, ଏକମ୍ବାର ମମତା ମିଶ୍ର ପୁରସ୍କାର ଓ ମାନ ପାତ୍ର ପାଇଥିଲେ ।କାର୍ଯ୍ୟକ୍ରମରେ ରାବଣାଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ସାସ୍ତିକ ମହଲା, ଡାକ୍ତର ଅଭିଷେକ କୁମ୍ଭାର, ଡାକ୍ତର ସୋମିତ୍ର ଦଳେଇ,ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରି ଧରିତ୍ରି ମୁଦୁଲି, ଡିପିଏମ ଦ୍ୱିପାନ୍ୱିତା ପଟ୍ଟନାୟକ, ସୁପରଭାଇଜର ସୁଶାନ୍ତ ନାୟକ, ବ୍ଲକ ଏକାଉଣ୍ଟସ ମ୍ୟାନେଜର ହିଂମାଶୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# କେଟିଏମ୍ ବାଇକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ ମାମଲା, ଅଭିଯୁକ୍ତ ଗିରଫ

ଜୟପୁର: କେଟିଏମ ବାଇକ ଧକ୍କାରେ ମହିଳାଙ୍କ ମୃତ୍ୟୁ ମାମଲାରେ ଆଜି ବାଇକ ଚାଳକକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଗୋପବନ୍ଧୁ ନଗରର ରମା କାନ୍ତ ସାଗର ଓରଫ ସୁରଜ (୨୦) । ପୋଲିସ ସୂଚନା ଅନୁଯାଇ ଗତ ୭ ତାରିଖରେ କେଟିଏମ ବାଇକ ଧକ୍କାରେ ଝରିଗୁମ୍ମାର ପଦ୍ମା ସାହୁ ନାମକ ଜଣକ ମହିଳାଙ୍କ ମୃତ୍ୟୁ ହୋଇଥିଲା । । ସୂଚନା ଅନୁଯାଇ ମହିଳା ନୂଆସାହି ଦଳ ମଣ୍ଡପରେ ରହୁଥିବା ବେଳେ ଗତ ୭ ତାରିଖରେ ଝିଅକୁ ମହିଳା ମହାବିଦ୍ୟାଳୟରେ ଛାଡି ଫେରୁଥିବା ବେଳେ କେଟିଏମ ବାଇକ ଧକ୍କା ଦେଇଥିଲା । ବାଇକ ଆରୋହି ବାଇକ ଛାଡି ଚମ୍ପଟ ମାରିଥିବା ବେଳେ ସ୍ଥାନୀୟ ଲୋକେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ଗେଟ ଗୁଡା ସ୍ଥିତ ଘରୋଇ ହସପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି । ମହିଳାଙ୍କ ୫ଟି ଝିଅ ଥିବା ବେଳେ ଜଣେ ୫ ବର୍ଷ ଝିଅ ବି ରହିଛି । ଅଭିଯୁକ୍ତ କୁ ତୁରନ୍ତ ଗରିଫ କରିବା ଦାବିରେ ପରିବାର ଲୋକେ ପୋଲିସର ଦ୍ୱାରସ୍ଥ ମଧ ହୋଇଥିଲେ। ପୋଲିସ ଗିରଫ କର ଅପରାହ୍ନ ୪ଟାରେ କୋର୍ଟ ଚାଲାଣ କରି ଦୁର୍ଘଟଣା ଘଟାଇଥିବା ବାଇକ କୁ ମଧ ଜବତ କରିଛି ।

# କଳାହାଣ୍ଡିରେ ଖରିଫ୍ ଧାନକିଣା ଶେଷ

ଭବାନୀପାଟଣା,: କଳାହାଣ୍ଡି ଜିଲାରେ ଗତ ନଭେମ୍ବର ୨୯ ତାରିଖଠାରୁ ଚାଲିଥିବା ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ସୋମବାର ଶେଷ ହୋଇଛି। ଚଳିତ ଖରିଫ୍‌ରେ ଜିଲାରେ ୬୪ଲକ୍ଷ ୬ହଜାର ୧୯୧ କୁଇଣ୍ଟାଲ ଧାନ ବିକ୍ରୟ ପାଇଁ ଟାର୍ଗେଟ ମଗାଯାଇଥିଲା। ସେଥିରୁ ୬୦ଲକ୍ଷ ୯୬ହଜାର ୮୦୭.୮୩ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଏଥିରେ ୨୨୩ଟି ମଣ୍ଡି ଜରିଆରେ ୧ ଲକ୍ଷ ୯ ହଜାର ୧୪୨ ଜଣ ଚାଷୀ ୬୦ଲକ୍ଷ ୯୬ହଜାର ୮୦୭.୮୩ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଗତବର୍ଷ ଜିଲାରେ ଖରିଫ୍ ଧାନ ସଂଗ୍ରହ ୫୧ ଲକ୍ଷ ୨୬ହଜାର ରହିଥିଲା। ଯାହାକି ଏଥର ୯ଲକ୍ଷ ୭୦ହଜାର ୮୦୭ କୁଇଣ୍ଟାଲ ଅଧିକ ରହିଛି। ଶେଷ ଦିନରେ ଅର୍ଥାତ୍ ସୋମବାର ଲାଞ୍ଜିଗଡ ମଣ୍ଡିରେ ୪ ଜଣ ଚାଷୀ ୧୬୮.୬୮ କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜଣାପଡିଛି। ଏଥର ଜିଲାରେ ୨୨୩ଟି ମଣ୍ଡିରେ ୮୪ ମିଲର୍ସ ନିଯୁକ୍ତ ହୋଇଥିଲେ। ଏଥର ଗୁରୁତ୍ୱପୂର୍ଣ୍ଣ ବିଷୟ ରହିଥିଲା ବୋନ୍‌ସ ଟଙ୍କା। ଗତ ସାଧାରଣ ନିର୍ବାଚନରେ ରାଜ୍ୟରେ ଭାଜପା ସରକାର ଆସିଲେ ଧାନ କୁଇଣ୍ଟାଲ ପିଛା ୮ଶହ ଟଙ୍କା ବୋନସ୍ ଦେବା ପାଇଁ ଘୋଷଣା କରାଯାଇଥିଲା। ଭାଜପା ସରକାରୀ ଆସିବା ପରେ ଏହା କାର୍ଯ୍ୟକାରୀ ହୋଇଛି। ଚଳିତ ଖରିଫ୍‌ରେ କଳାହାଣ୍ଡି ଜିଲାର ୧ ଲକ୍ଷ ୯ ହଜାର ୧୪୨ ଜଣ ଚାଷୀ ୪୮୭ କୋଟି ୭୪ ଲକ୍ଷ ୪୫ହଜାର ୬ଶହ ଟଙ୍କା ଅଧିକ ବୋନ୍‌ସ ଟଙ୍କା ପାଇଛନ୍ତି। ଏହାକୁ ନେଇ ଜିଲାର ଚାଷୀମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ସେହିପରି ଧାନ କୁଇଣ୍ଟାଲ ୩୧ ଶହ ହେବା ପରେ ଗତ ବର୍ଷଠାରୁ ଏଥର ୯ଲକ୍ଷ ୭୦ହଜାର ୮୦୭ କୁଇଣ୍ଟାଲ ଅଧିକ ରହିଛି। ଏଥିରୁ ଜିଲାରେ ଚାଷୀମାନେ ଧାନ ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁଥିବା ପ୍ରମାଣିତ ହୋଇଛି। ଏ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁଙ୍କୁ ପଚାରିବାରୁ ଜିଲାରେ ଚଳିତ ଖରିଫ୍ ଧାନ ସଂଗ୍ରହ ଗତ ବର୍ଷଠାରୁ ଅଧିକ ହୋଇଥିବାବେଳେ ଚାଷୀମାନେ ମଧ ବୋନସ୍ ଟଙ୍କା ପାଇ ବେଶ ଉତ୍ସାହିତ ଅଛନ୍ତି ବୋଲି ପ୍ରକାଶ କରିଥିଲେ।

# ରୋଗୀ କଲ୍ୟାଣ ସମିତି ବୈଠକ

ଜୟପୁର: ଜୟପୁର ବ୍ଲକ ଅନ୍ତର୍ଗତ ରାବଣାଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗି କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇ ରୋଗି ସେବା ଉପରେ ବିଭିନ୍ନ ଦିଗ ଉପରେ ଆଲୋଚନା କରି ତଦାରଖ କରିଥିଲେ। ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ବୁଲି ଦେଖିଲେ । ଆଜି ଅପରାହ୍ନ ୧ ଟାରେ ଅପରାହ୍ନ ୪ଟା ରେ ଶେଷ ହୋଇଥିଲ । କାର୍ଯ୍ୟକ୍ରମରେ ରାବଣାଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ସାସ୍ତିକ ମହଲା, ଡାକ୍ତର ଅଭିଷେକ କୁମ୍ଭାର, ଡାକ୍ତର ସୋମିତ୍ର ଦଳେଇ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରି ଧରିତ୍ରି ମୁଦୁଲି, ଡିପିଏମ ଦ୍ୱିପାନ୍ୱିତା ପଟ୍ଟନାୟକ, ସୁପରଭାଇଜର ସୁଶାନ୍ତ ନାୟକ, ବ୍ଲକ ଏକାଉଂଟସ ମ୍ୟାନେଜର ହିଂମାଶୁ ମିଶ୍ର ସହ ରୋଗି କଲ୍ୟାଣ ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ଜିଲ୍ଲା ନାଗରିକ କମିଟି ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କନ୍ଧମାଳ : ଫାଇଲେରିଆ ବଟିକା ସେବନର ଶୁଭାରମ୍ଭ ଅବସରରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଦିନିକିଆ କନ୍ଧମାଳ ଗସ୍ତରେ ଆସିଥିବାବେଳେ ଜିଲା ନାଗରିକ କମିଟି ପକ୍ଷରୁ ମାନ୍ୟବର ମନ୍ତ୍ରୀଙ୍କୁ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ଏକ ଦାବୀପତ୍ର ପ୍ରଦାନ କରାଯାଇ ସମସ୍ୟା ଉପରେ ଆଲୋଚନା କରାଯାଇଛି । କନ୍ଧମାଳ ଜିଲ୍ଲା ରାଜ୍ୟର ଏକମାତ୍ର ଚିକିତ୍ସାଳୟ ଯେଉଁଠି ଦିନରେ ସକାଳବେଳା ମାତ୍ର ୪ଘଂଟା ପାଇଁ ଓପିଡି ଖୋଲୁଥିବାବେଳେ ଉପରବେଳା ଓପିଡିରେ ବିଶେଷଜ୍ଞ ଓ ଡାକ୍ତରମାନେ ବସୁ ନଥିବା ଅଭିଯୋଗ ହେଉଛି। ଯାହା ଫଳରେ ଦୂର ଦୁରାନ୍ତରୁ ଆସୁଥିବା ରୋଗୀମାନେ ସେବା ନପାଇ ଫେରିଯାଉଥିବା ମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଜିଲାରୁ ୬ଜଣ ଡାକ୍ତର ଗତ ତିନି ବର୍ଷରୁ ଅଧିକ ସମୟ ଧରି ଡେପୁଟେସନରେ ଥିବାରୁ ତାହା ବାତିଲ କରି ଜିଲାକୁ ଫେରାଇ ଆଣିବାକୁ ନାଗରିକ କମିଟିର ଆବାହକ ଅଶୋକ ପରିଡା ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଗୁରୁତର ରୋଗୀଙ୍କ ପାଇଁ ଦୁଇଟି ଆଇସିୟୁ ନିର୍ମାଣ କରିବା ପାଇଁ ମାନ୍ୟବର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତାଲିମ ପ୍ରାପ୍ତ ଡାକ୍ତର ଅଭାବରୁ ଗତ ପାଂଚ ବର୍ଷରୁ ଅଧିକ ସମୟ ଧରି ସାଧାରଣ ରୋଗୀଙ୍କ ଅଲଟ୍ରାସାଉଣ୍ଡ ହେଉନଥିବା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମେଡ଼ିକାଲ କଲେଜର ଶିକ୍ଷାଦାନ ପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ବିଶେଷଜ୍ଞ ଡାକ୍ତରମାନେ ଜିଲା ମୁଖ୍ୟ ଚିକିତ୍ସାଳୟର ଆଉଟଡୋରରେ ଚିକିତ୍ସା ଯୋଗାଇ ଦେବାକୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦେବାକୁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଜିଲ୍ଲାର ୫୨୦ଜଣ ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୧୮୨ଜଣ ଡାକ୍ତର ଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୪୩ ଜଣ ଡାକ୍ତର ମଧ୍ୟରୁ କାଗଜ କଲମରେ ମାତ୍ର ୪୧ଜଣ ଡାକ୍ତର ଥିବା ସମ୍ପର୍କରେ ଅବଗତ କରାଯାଇଥିଲା। ଜିଲ୍ଲାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରେ ଗୁମାଗଡ, ବାରିକୁମ୍ପା, ସୁଡ୍ରୁକୁମ୍ପା, ଫିରିଙ୍ଗିଆ, କର୍ଟ୍ରିଙ୍ଗିଆ ଇତ୍ୟାଦିରେ ନିଯୁକ୍ତି ପାଇଥିବା ଅଧିକାଂଶ ଡାକ୍ତର ସ୍ଥାନୀୟ ବାସଭବନରେ ରହୁନଥିବାବେଳେ ରହିବା ପାଇଁ ଥିବା ସ୍ୱତନ୍ତ୍ର ଭତା ନେଉଥିବା ମନ୍ତ୍ରୀଙ୍କ ଦୃଷ୍ଟିକୁ ନିଆଯାଇଥିଲା। ଏହି ଅବସରରେ ସତ୍ୟପ୍ରିୟ ମହାନ୍ତି, ରଞ୍ଜନ କୁମାର ଦାସ, ଅଜୟ କୁମାର ସାହୁ, ସୁଧିର ମହାରଣା, ମଧୁସୂଦନ ସାହୁ ପ୍ରମୁଖ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ସାକ୍ଷାତ କରି ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଥିଲେ। ମନ୍ତ୍ରୀ ଏ ସମ୍ପର୍କରେ ଦୃଷ୍ଟି ଦେବାକୁ କହିଥିଲେ।

ଯେଉଁ ପ୍ରସ୍ତାବ କାର୍ଯ୍ୟକାରୀ ବୋଲି ସାବ୍ୟସ୍ତ ହେଉଛି, ଅଥଚ ସରକାର କରୁ ନାହାଁନ୍ତି, ତେବେ ସେ ସରକାର ଅପ୍ରିୟ ହୋଇ ଚାଲିଗଲେ ଆଉ ଯେଉଁ ସରକାର ଆସିବ ସେ ଉକ୍ତ ପ୍ରସ୍ତାବ ଅନୁସାରେ କାମ କରିବ । ଏହାକୁ ହିଁ କୁହାଯାଏ ଗଠନମୂଳକ ମନୋବୃତ୍ତି ବା ସମାଲୋଚନା ।

(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୧୧୬)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୧୩।୦୨।୨୦୨୫ ■ ଗୁରୁବାର

# ମଣିପୁରରେ ଶାନ୍ତି

ମଣିପୁରର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ ସିଂହ ଶେଷରେ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି । କୁକୀ ଜାତିର ସଂସ୍ଥା ଆଇଟିଏଲ୍‌ଏଫ୍ ପକ୍ଷରୁ କୁହାଯାଇଛି ଯେ ବୀରେନ ସିଂହ ଜାଣି ଯାଇଥିଲେ ଯେ ଅନାସ୍ଥା ପ୍ରସ୍ତାବରେ ସିଏ ପରାସ୍ତ ହୋଇଯିବେ । ପୁଣି ତାଙ୍କ କଥୋପକଥନର ଏକ ଅଡ଼ିଓ ଅଂଶ ସର୍ବୋଚ୍ଚ ନ୍ୟାୟାଳୟ ଗଣ୍ଡାଗାର ସହ ନେଇ ତାହାକୁ ପରୀକ୍ଷା ପାଇଁ ପଠାଇଲେ । ଏପରି ଅବସ୍ଥାରେ ଭାଜପାକୁ ମଧ୍ୟ ତାଙ୍କୁ ବଞ୍ଚାଇବା କଷ୍ଟକର ହୋଇପଡ଼ିଲା । ତେଣୁ ବୀରେନ ସିଂହ ଇସ୍ତଫା ଦେଲେ । ଏ ଇସ୍ତଫା ପଛରେ ବାସ୍ତବତା ଯାହା ବି ଥାଉ ନା କାହିଁକି, ମଣିପୁରକୁ ସମ୍ଭାଳିବାରେ ବୀରେନ ସିଂହ ପୂରାମାତ୍ରାରେ ବିଫଳ ହୋଇଛନ୍ତି ଓ ବିରୋଧୀ ପକ୍ଷ ଲଗାତାର ତାଙ୍କ ଇସ୍ତଫା ଦାବି କରିଆସୁଥିଲେ । ପ୍ରାୟ ଏକୋଇଶ ମାସ ହେଲା ସେଠାରେ ହିଂସା ଚାଲିଥିଲା, କିନ୍ତୁ କେନ୍ଦ୍ରୀୟ ନେତୃତ୍ୱ ବୀରେନ ସିଂହଙ୍କ ଉପରେ ନୈତିକ ସ୍ତରରେ କୌଣସି ପ୍ରକାରର ଚାପ ପକାଇବାରେ ସକ୍ଷମ ହୋଇନଥିଲେ । ସିଏ କେବଳ ମୁଖ୍ୟମନ୍ତ୍ରୀ ପଦରେ ବସିରହିଲେ, ତା' ନୁହେଁ, ବରଂ ଅନେକ କ୍ଷେତ୍ରରେ ହିଂସାତ୍ମକ ଘଟଣା ଗୁଡ଼ିକୁ ଲୁଚାଇବା ପାଇଁ ଉଦ୍ୟମ କରୁଥିବା ଦେଖାଗଲା । ଆଇଟିଏଲଏଫ୍ କହିଛି ବୀରେନ ସିଂହଙ୍କ ବିଦା ହେବା କି ରହିବାରେ ତାଙ୍କ ଦାବି ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ସେମାନେ ଭିନ୍ନ ଏକ ପ୍ରଶାସନ ପାଇଁ ଦାବି କରିଚାଲିବେ ।

ବୀରେନ ସିଂହଙ୍କ ଇସ୍ତଫା ପରେ କୁକୀ ଜାତିର ଲୋକେ ଅବଶ୍ୟ ଆଶ୍ୱସ୍ତ ହୋଇଥିବେ କାରଣ ମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କର ପକ୍ଷପାତପୂର୍ଣ୍ଣ ଆଚରଣ ଯୋଗୁଁ ଏମାନେ ଅସନ୍ତୁଷ୍ଟ ହୋଇଥିଲେ । ତେବେ ବାସ୍ତବରେ ଆଜି ମଣିପୁରର ପରିସ୍ଥିତିକୁ ଭଲ ଆଡ଼କୁ ନେଇଯିବାର ସଂକେତ ଦେଉଛି ବୋଲି କହିବା କଷ୍ଟକର । ଏକ ସାଧାରଣ ଭୁଲ ଧାରଣା ଯୋଗୁଁ ମଣିପୁରରେ ହିଂସା ଜେଳି ଉଠିଥିଲା । ସେଠାକାର ହାଇକୋର୍ଟ କହିଥିଲା ଯେ ମୈତେଇ ଜାତିର ଲୋକଙ୍କୁ ମଧ୍ୟ ଆଦିବାସୀ ସଂପ୍ରଦାୟଭୁକ୍ତ କରାଯାଇପାରେ । ଏହା ଜାଣିବା ପରେ କୁକୀ ଜାତିର ଲୋକେ ଉତ୍ତେଜିତ ହୋଇଉଠିଥିଲେ ଓ ସମଗ୍ର ରାଜ୍ୟସାରା ହିଂସାକାଣ୍ଡ ଘଟିଲା । ଏବଂ ସରକାରଙ୍କଠାରୁ ଆଶା କରାଯାଏ ଯେ ସେ କହିବେ ହାଇକୋର୍ଟଙ୍କ ପରାମର୍ଶ ଅନୁସାରେ ଏପରି କୌଣସି ପଦକ୍ଷେପ ନିଆଯିବ ନାହିଁ, ଯାହାଦ୍ୱାରା କି କୁକୀ ଓ ମୈତେଇ ଜାତି ମଧ୍ୟରେ ବିବାଦ ବଢ଼ିବ । କିନ୍ତୁ ବୀରେନ ସିଂହ ସରକାର ଆରମ୍ଭରୁ ହିଁ ଦମନ ନୀତି ଗ୍ରହଣ କରି ହିଂସାକାଣ୍ଡକୁ ରୋକିବାକୁ ଉଦ୍ୟମ କଲେ । ପୁଣି ମୈତେଇ ଜାତିର ଲୋକଙ୍କ ପ୍ରତି ନରମ ବ୍ୟବହାର ପ୍ରଦର୍ଶନ କରିବା ଦେଖାଯାଇଥିଲା । ପ୍ରଶାସନିକ ଶିଥିଳତା ଯୋଗୁଁ ଉପଦ୍ରବକାରୀମାନେ, ଶସ୍ତ୍ରାଗାର ମଧ୍ୟକୁ ପଶି ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଲୁଟି କରି ନେଇଗଲେ । ଏପରି ଅନେକ ବାର ଘଟିଲା ।

ପୋଲିସ୍ ଉପସ୍ଥିତିରେ କେତେକ ମହିଳାଙ୍କ ପ୍ରତି ଅଭଦ୍ର ବ୍ୟବହାର କରାଗଲା ଓ କେତେକଙ୍କର ବଳାତ୍କାର ହୋଇଥିବା ଖବର ପ୍ରକାଶ ପାଇଲା । କିନ୍ତୁ ପୋଲିସ୍ ସବୁ ଜାଣି ଏପରି କିଛି ପଦକ୍ଷେପ ଗ୍ରହଣ କଲା ନାହିଁ ଯାହାଦ୍ୱାରା କି ଲୋକଙ୍କୁ ଲାଗିବ ଯେ ପ୍ରଶାସନ ସେଠାରେ ହିଂସା ରୋକିବାକୁ ତତ୍ପର । ଏହାର ପରିଣାମରେ ଉପଦ୍ରବକାରୀମାନେ ଓ ସେଠାକାର ଆତଙ୍କବାଦୀ ସଂଗଠନ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଓ ଡ୍ରୋନ୍ ଆଦି ଜରିଆରେ ପୂରା ରଣନୀତି ପ୍ରସ୍ତୁତ କରି ଆକ୍ରମଣ କରିଚାଲିଲେ । ମଣିପୁର ହିଂସାରେ ଏଯାଏ ପ୍ରାୟ ଅଢ଼େଇ ଶହ ଲୋକଙ୍କ ମୃତ୍ୟୁ ହେଲାଣି । ଦେଢ଼ହଜାରରୁ ଅଧିକ ଲୋକ ଆହତ ହୋଇଛନ୍ତି । ଅସଂଖ୍ୟ ଘର ଓ ପୂଜାସ୍ଥଳ ଜାଳିପୋଡ଼ି ନାରଖାର ହୋଇଯାଇଛି । ହଜାର ହଜାର ଲୋକ ନିଜ ଘରକୁ ଫେରି ପାରି ନାହାନ୍ତି, ଆଶ୍ରୟ ଶିବିରରେ ରହିଛନ୍ତି । ରାଜ୍ୟର ସୁରକ୍ଷା ବ୍ୟବସ୍ଥା ପ୍ରତି ଲୋକଙ୍କର ଭରସା ନାହିଁ । ତେଣୁ ସେମାନେ ଗୋଷ୍ଠୀ ଗଠନ କରି ନିଜର ସୁରକ୍ଷା ବନ୍ଦୋବସ୍ତ କରୁଛନ୍ତି । ଏତେସବୁ ଘଟିବା ପରେ ବି ବୀରେନ ସିଂହ ନିଜ ପଦବୀ ତ୍ୟାଗ କରି ନଥିଲେ । ଏବେ ହଟିଛନ୍ତି । ଅବଶ୍ୟ ଏବେ କିଛି ସମୟ ହେଲା ମଣିପୁରରେ କିଛି ହିଂସାକାଣ୍ଡ ଘଟିନାହିଁ, କିନ୍ତୁ ଲୋକଙ୍କ ମନରେ ଏବେ ବି ପ୍ରଶ୍ନ ଏ ଶାନ୍ତି ବଜାୟ ରହିବ କେତେଦିନ ? ❑❑

# ଅପସଂସ୍କୃତିର ପଶାପାଲିରେ ସଂସ୍କୃତି

**ହିମାଂଶୁ ଶେଖର ଆଚାର୍ଯ୍ୟ**

'ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନକର ଆଉ' - ପିଲାଙ୍କ ପଢ଼ାବହିରେ ଥିବା ଏହି ଉକ୍ତିଟି ଆଜି ଶିଶୁମାନସରୁ ଲିଭିଯିବାକୁ ବସିଲାଣି । କାଉ ଆମ ସଂସ୍କୃତି ଓ ଚଳଣୀର ଅଂଶ ହୋଇ ଆସିଛି କାହିଁ କେଉଁ କାଳରୁ । କୌଣସି ଶୁଭାଶୁଭ ମନାସିଲେ ପ୍ରଥମେ କାଉକୁ ଆଧାର ଦିଆଯିବାର ପରମ୍ପରା ରହିଛି । କେବଳ ସେତିକି ନୁହେଁ, ଆକାଶରେ ଜହ୍ନକୁ ଦେଖି ଶିଶୁ ପ୍ରାଣ ଆଉ ପୁଲକିତ ହେଉନାହିଁ । 'ଆ ଜହ୍ନମାମୁଁ ସରଗ ଶଶୀ - ମୋ କାହ୍ନୁ କୋଳରେ ପଡରେ ଖସି'ର ପ୍ରାଣମୟ ଆବେଦନ ହଜିଗଲାଣି ଟି.ଭି.ର କାର୍ଟୁନ୍ ଶୋ'ରେ । ବାଃ ବାଃ ବ୍ଲାକସିପ୍, ଟୁଇଁକିଲ୍ ଟୁଇଁକିଲ୍ ଲିଟିଲ ଷ୍ଟାର ଭିତରେ ଲୁଚି ଯାଉଛି ତା'ର କଳ୍ପନା । ସତୁରୀ ପ୍ରତିଶତ, ଅଶୀ ପ୍ରତିଶତ,ନବେ ପ୍ରତିଶତ ଅଙ୍କକଷା ଭିତରେ ସଙ୍କୁଚିତ ହୋଇଯାଇଛି ତା'ର ପ୍ରାଣର ବିସ୍ତାର । 'ଶଙ୍ଖଚିଲ ଭାଇ ନମସ୍କାର', 'ଜହ୍ନିଫୁଲ ଠୋ ଠା - କାକୁଡ଼ି ଫୁଲ ଠୋ ଠା' କହି ତାଳିମାରି ନାଚିପାରୁନି ସେ ।

ଯୁବକଟି ଆଖିରୁ ହଜି ଗଲାଣି ସ୍ୱପ୍ନ । ଅର୍ଥରୂପୀ ସୁନାର ହରିଣୀ ପଛରେ ଧାଇଁ ଧାଇଁ ଦିଗହରା ହୋଇଛି ତା'ର ଇପ୍‌ସିତ ଲକ୍ଷ୍ୟ । ବିଦ୍ୟା ତା' ପାଇଁ କେବଳ ଅର୍ଥକରୀ - ସେ ବିଦ୍ୟାରେ ନାହିଁ ପରକୁ ଆପଣାର କରି ଗଢ଼ିତୋଳିବା - ଅନ୍ୟ ପାଇଁ ଲୁହ ଢାଳିବା - ସେଥିରେ ଅଛି ଆଭିଜାତ୍ୟର ମୋହ, ଲୋଭନୀୟ ପଦବୀର ଆସକ୍ତି, ମୋଟା ଅଙ୍କ ଦରମାର ଝୁଙ୍କ, ଆଧୁନିକ ଷ୍ଟାଟସ୍‌ର ଅହମିକା; ଆଉ ତାରି ଭିତରେ ମୂଳଚାଲ ହେଉଛି ତା'ର ଜୀବନ, ଯୌବନ ଆଉ ସ୍ୱପ୍ନ । ଏକଦା ଆମ ସଂସ୍କୃତିର ଧାରା ଥିଲା 'ବସୁଧୈବ କୁଟୁମ୍ବକମ୍' - 'ସର୍ବେ ଭବନ୍ତୁ ସୁଖୀନଃ' - 'ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ' । ଏସବୁ ଆଜି ଆଈ ମା' କାହାଣୀ ପରି ଲାଗୁଛି । ଆଧୁନିକତାର ଚାକଚକ୍ୟ ମଧ୍ୟରେ ସେ ସବୁ ବିବର୍ଜିତ ହୋଇ ପଡିରହିଛି ।

ସଭ୍ୟତାର ପ୍ରସାର ସହିତ ମଣିଷ କ୍ରମଶଃ ଦୂରେଇ ଯାଉଛି ନିଜ ସଂସ୍କୃତି ଠାରୁ । ଉପଭୋକ୍ତାବାଦ ମଣିଷକୁ ଆଉ ମଣିଷ ଅବସ୍ଥାରେ ରହିବାକୁ ଦେଉନାହିଁ । ଧନ ବଳରେ ନଷ୍ଟ ହୋଇଯାଉଛି ମୂଲ୍ୟବୋଧ । ଏହି ମୂଲ୍ୟବୋଧର ଅବକ୍ଷୟ ଅପସଂସ୍କୃତିକୁ ଡାକି ଆଣୁଛି ହାତଠାରି । ଫଳ ସ୍ୱରୂପ ଆମ ସାଂସ୍କୃତିକ ଜୀବନ ହୋଇଉଠିଛି ବିକଳାଙ୍ଗ । ଆଜି ଭାଗବତ ଘର ଡିଅରେ ମୁଣ୍ଡ ଟେକିଛି ଯୁବକ ସଂଘ, ମହିଳା ସମିତି । ଚାଟଶାଳୀ ଜାଗାରେ ଠିଆ ହୋଇଛି ଅଙ୍ଗନବାଡ଼ି, ବାପା ଏବେ ଡାଡି, ବୋଉ ମମି, ଆଉ ମାଉସୀ, ଖୁଡି, ମାଇଁ ଏମାନେ ସମସ୍ତେ ଆଣ୍ଟିରେ ଗଣା । ସେମିତି ଦାଦା, ମଉସା, ମାମୁଁ ଏମାନେ ସମସ୍ତେ ଅଙ୍କଲ । ନମସ୍କାର ଆଉ ପ୍ରଣାମ ବଦଳରେ ଟା,ଟା ବାଏବାଏ । ଏତ ଗଲା ଆମ ନିତିଦିନିଆ କଥା । ବାହାଘର, ବ୍ରତଘର ଓ ପୂଜା ପାର୍ବଣ କଥା ନ କହିଲେ ଭଲ । ବାହାଘରମାନଙ୍କରେ ବରଯାତ୍ରୀ ମେଳରେ ଚାଲିଛି ଉଦଣ୍ଡ ନୃତ୍ୟ । ମାଣବସା ଗୁରୁବାରରେ ଲକ୍ଷ୍ମୀ ପୁରାଣ କ୍ୟାସେଟ୍‌ରେ କାମ ଚଳିଯାଉଛି । ଏପରିକି ଅଷ୍ଟପ୍ରହରୀମାନଙ୍କରେ ବିଭିନ୍ନ ସିନେମା ଗୀତର ଧୂନ୍‌କୁ ଅନୁକରଣ କରାଯାଇ ନାମ ସଂକୀର୍ତ୍ତନ ଚାଲିଛି ।ଏବେ ଆମ ସଂସ୍କୃତିକୁ ଗତ କିଛି ବର୍ଷ ହେଲା ଧସେଇ ପସିଛି କାଉଡ଼ିଆ ସଂସ୍କୃତି । କାହିଁ କେଉଁ କାଳରୁ ଶିବ ଉପାସନା ଆମ ସଂସ୍କୃତିରେ ପ୍ରଚଳିତ ଥିଲେହେଁ ଏବେ ତାହାକୁ ଆଧାର କରି କାଉଡ଼ିଆ ମାନଙ୍କର ଭିଡ କାହିଁରେ କ'ଣ । ଯେଉଁଠି ଦେଖିବ ରାସ୍ତାରେ କାଉଡ଼ି ଧରି ଆବାଳ ବୃଦ୍ଧବନିତା ଚାଲିଛନ୍ତି ଶୈବ ପିଠକୁ । ଏଠାରେ ଭକ୍ତି ଅପେକ୍ଷା ମସ୍ତି ବେଶି । ନିକଟରେ ଏକ ବହୁ ଚର୍ଚ୍ଚିତ ଘଟଣା ଆମ ସଂସ୍କୃତିକୁ ଆହୁରି ବିକୃତ କରିଛି । ଦେହର ଭୋକ ମେଣ୍ଟାଇବା ପାଇଁ ଏବର ବହୁ ମଣିଷ ନିଜର ବିବେକ ପଣିଆକୁ ପାଶୋରି ଅବାଟରେ ବାଟ ଦେବା ଆମ ନଗ୍ନ ମାନସିକତାର ଖୋଲା ପରିପ୍ରକାଶ କହିଲେ ଭୁଲ ହେବ ନାହିଁ ।ଉତ୍ତର ପିଢ଼ିର ପିଲାଙ୍କ ପାଇଁ ଆମେ କଣ ଏହି ଆର୍ଦଶ ଛାଡି ଦେଇଯିବା ? ଏଦିଗରେ ଗଭୀର ଭାବେ ଚିନ୍ତା କରିବାର ଅଛି । ଭଗବାନ କରନ୍ତୁ ଅନିତୀ ବଦଳରେ ନିତୀ ,ଅନୈତିକତା ବଦଳରେ ନୈତିକତା ସହ ମୂଲ୍ୟବୋଧ ଆମ ଜୀବନର ମାନଦଣ୍ଡ ହେବା ବିଧେୟ ।

ନାଚ, ଗୀତ କଥା ଆହୁରି ତଦ୍ରୂପ । ଆମ ଓଡ଼ିଶୀ ନାଚ ଆମକୁ ଭଲ ଲାଗୁନି । ରେକର୍ଡ ଡ୍ୟାନ୍ସର ଯୁଗ ଏବେ । ବିଭିନ୍ନ ମଞ୍ଚ, ସାଂସ୍କୃତିକ ଅନୁଷ୍ଠାନ ଠାରୁ ଆରମ୍ଭ କରି ଗଣନାଟ୍ୟ ପର୍ଯ୍ୟନ୍ତ ସବୁଠି ଏହାର ଛାପ । ଏପରିକି ଟିଭି ଚ୍ୟାନେଲରେ ଜାତୀୟ ସ୍ତରଠାରୁ ଆରମ୍ଭ କରି ଆମ ଓଡିଆ ଟି.ଭି.ଚ୍ୟାନେଲ ପର୍ଯ୍ୟନ୍ତ ସବୁଠି କାୟା ବିସ୍ତାର କରିଚାଲିଛି ଏହି ଡ୍ୟାନ୍ସ ଧମାକା । ଏ ସବୁ ଦେଖିବାକୁ ଉତ୍କଣ୍ଠିତ ଆମ ଯୁବ ସମାଜ । ଅଭିଭାବକମାନେ ବି ଏହି ମାନିଆରୁ ମୁକ୍ତ ନୁହଁନ୍ତି । ଗୀତ ତ ଏଠି ପଣ୍ୟ ଦ୍ରବ୍ୟ । ବେପାରୀ ଚିନ୍ତାଚେତନା ନେଇ ଏଠି ପ୍ରସ୍ତୁତ ହେଉଛି ଭଜନ, ଜଣାଣ ଓ ଆଧୁନିକ ଗୀତର କ୍ୟାସେଟ୍ । ଦ୍ୱିଅର୍ଥବୋଧକ ଶବ୍ଦ ସଂଯୋଜନା ଓ ଚାଲୁ ସ୍ୱର ଏଠି ହୋଇଛି ଭଲ ସଙ୍ଗୀତର ମାପକାଠି ।

ଖାଲି ସେତିକି ନୁହେଁ, ଟି.ଭି. ଚ୍ୟାନେଲ୍‌ରେ ରିୟଲିଟି ଶୋ'ର ଚାହିଦା ମଧ୍ୟ କାହିଁରେ କ'ଣ । ଏହି ରୁଚି ଭିତରେ ଆମର ମହାନ୍ ସଂସ୍କୃତି, ପରମ୍ପରା ଓ ଐତିହ୍ୟ ଅଣନିଶ୍ୱାସୀ ହୋଇପଡୁଛି । ଅର୍ଥ ଲୋଭରେ ଓ ରାତାରାତି ଚର୍ଚ୍ଚାର ପରିସରକୁ ଆସିବା ପାଇଁ ପ୍ରତିଯୋଗୀମାନେ ଏଥିରେ ଅଂଶ ଗ୍ରହଣ କରିବାକୁ ବ୍ୟଗ୍ର ହୋଇଉଠୁଛନ୍ତି । ଏଠି ମନେପଡେ ଏକ ଉକ୍ତି - "ଚନ୍ଦ୍ରର ପଛ ଭାଗ ଭଳି ପ୍ରତି ମଣିଷର ଏକ ଅନ୍ଧାରିଆ ଦିଗ ଅଛି, ଯାହା ସେ ନିଜେ ଦେଖିବାକୁ ଚାହେଁନି"। ତାହା ହିଁ ସତ ।ଏବେ ପୁଣି ଭିନ୍ନ ଏକ ଅନୁକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ତାହା ହେଉଛି ରୁମାଲ ବନ୍ଧା ସଂସ୍କୃତି । ଦୁଇ ଚକିଆ ଯାନରେ ଗଲାବେଳେ ଝିଅମାନେ ମୁହଁରେ ଆଖି ତଳକୁ ରୁମାଲ ବାନ୍ଧି ଯିବାର ଦେଖିବାକୁ ମିଳୁଛି । କେବଳ ସହର ମାନଙ୍କରେ ନୁହେଁ ଗ୍ରାମାଞ୍ଚଳରେ ମଧ୍ୟ ଏ ସବୁ ଦୃଶ୍ୟ ଦେଖିବାକୁ ମିଳୁଛି । ଧୂଳି ସଂକ୍ରମଣ ପାଇଁ ହେଉ ବା ଅନ୍ୟମାନଙ୍କ କୁନଜରରୁ ରକ୍ଷା ପାଇବା ପାଇଁ ହେଉ ବା ନିଜର ଆତ୍ମୀୟ ସ୍ୱଜନ ମାନଙ୍କର ଦୃଷ୍ଟିକୁ ଏଡାଇବା ପାଇଁ ହେଉ ଏଭଳି ଘଟଣା ବଢି ବଢି ଚାଲିଛି । ସତେ ଯେମିତି ଏହା ଏକ ଫେସନରେ ପରିଣତ ହୋଇଗଲାଣି । ଅବସ୍ଥା ଏପରି ହୋଇଛି ଯେ, ବାପା ଆଗରେ ଝିଅ ଚାଲିଗଲେ ମଧ୍ୟ ବାପା ଝିଅକୁ ଜାଣି ପାରୁନାହିଁ । ଆଧୁନିକତାର ଦ୍ୱାହି ଦେଇ ଆମେ ଆଗକୁ ଚାଲୁଥିବା ବେଳେ ସଂଖ୍ୟାଲଘୁ ସଂପ୍ରଦାୟର ପରଦା ପ୍ରଥା ଭଳି ସାଂପ୍ରତିକ ସମୟରେ ଏପରି ଆଭିମୁଖ୍ୟ କେତେଦୂର ଗ୍ରହଣୀୟ ସେକଥା ଚିନ୍ତା କରିବାର ଅଛି । ଅବଶ୍ୟ ମହାମାରୀ କରୋନା ସମୟରେ ଆମେ ସମସ୍ତେ କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ପ୍ରାୟ ଦୁଇ ବର୍ଷ ଧରି ମୁହଁରେ ମାସ୍କ ବା ତୁଣ୍ଡି ପରିଧାନ କରିଥିଲେ । ଏହା ଥିଲା ସମୟର ଆବଶ୍ୟକତା । ଏବେବି କେହି କେହି ମୁହଁରେ ମଧ୍ୟ ମାସ୍କ ଲଗାଉଛନ୍ତି । କେହି କେହି ଏହାକୁ ତୁଣ୍ଡି ବନ୍ଧା ସଂସ୍କୃତି ବୋଲି କହିଲେ । ମାଳିକା ବଚନର ଉଦାହରଣ ବି ଦେଲେ ।

ପୂଜ୍ୟପୂଜା ଆଉନାହିଁ । ଅପୂଜ୍ୟକୁ ପୂଜା କରିବା 'ବିଧି'ରେ ପରିଣତ ହୋଇଛି । ଅନେକ ପୂଜ୍ୟ ବରପୁତ୍ର ଆଜି ଅବହେଳିତ । କେଉଁଠି ସେମାନେ ଭଗ୍ନ ଓ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛନ୍ତି ତ ଆଉକେଉଁଠି ସେମାନଙ୍କର ପ୍ରତିମୂର୍ତ୍ତି ଭଙ୍ଗାଯାଉଛି । ସେହି ବରପୁତ୍ର ମାନେ ସିନା ଆଜି ନାହାଁନ୍ତି.ହେଲେ ପ୍ରତିମୂର୍ତ୍ତି ଗୁଡ଼ିକୁ ସୁରକ୍ଷା ଦେବା ସହ ସେମାନଙ୍କ ସ୍ମୃତିକୁ ସାଉଁଟି ରଖିବାର ସମୟ ଆସିଛି । କେବଳ ଜୟନ୍ତୀ ଓ ଶ୍ରାଦ୍ଧପାଳନରେ ସୀମିତ ରହିଛନ୍ତି ଅନେକ ଯୋଗଜନ୍ମା ବରପୁତ୍ର । ବାସ୍ତବରେ ଏଥିପ୍ରତି କାହାରି ନିଘା ନାହିଁ । ସେହିପରି ଉପାଧିକୁ ନେଇ ଅନେକ ବିତର୍କ ମୁଣ୍ଡ ଟେକିବାରେ ଲାଗିଛି । ରାଜ୍ୟ ସ୍ତରରେ ସାହିତ୍ୟ ଏକାଡେମୀ ଠାରୁ ଆରମ୍ଭ କରି ଜାତୀୟ ସ୍ତରରେ ପଦ୍ମଶ୍ରୀ, ପଦ୍ମଭୂଷଣ, ଜ୍ଞାନପୀଠ ଏପରିକି ସର୍ବୋଚ୍ଚ ଉପାଧି ଭାରତ ରତ୍ନ ପର୍ଯ୍ୟନ୍ତ ସବୁଠି ଏକା କଥା । ଏପରିକି କେତେକ କ୍ଷେତ୍ରରେ ଏହାକୁ ନେଇ ଘଟଣା କୋର୍ଟ ପରିସରକୁ ଯାଉଛି । ଫଳରେ ଉପାଧିର ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି ।

ସେଦିନ ମାଣିକ ଗଉଡୁଣୀ କଳାଧଳା ଘୋଡାରେ ଯାଉଥିବା ଦୁଇଜଣ ଦିବ୍ୟ ପୁରୁଷଙ୍କୁ ଦହି ପୋଷେ ପୋଷେ ଦେଇ ସେମାନଙ୍କ ତୃଷ୍ଣା ମେଣ୍ଟାଇଥିଲା । କାରଣ ସେଥିରେ ଥିଲା ଆମ ସଂସ୍କୃତିରେ ସ୍ନେହ ଓ ଆତିଥ୍ୟର ଉଦାରଭାବ, 'ଅତିଥି ଦେବୋଭବ'ର ପରମ୍ପରା । ଏକଥା ସିନା ମାଣିକ ଗଉଡୁଣୀ ବୁଝିଥିଲା, କିନ୍ତୁ ନିଜର ପଦପଦବୀ ଓ ସ୍ୱୀକୃତିକୁ ନେଇ ଡିଣ୍ଡିମ ପିଟୁଥିବା ଏବର ବିଜ୍ଞ ମଣିଷମାନେ ଏକଥା ବୁଝୁନାହାଁନ୍ତି । ଏହାହିଁ ବିଡମ୍ବନା !

ତିର୍ତ୍ତୋଲ, ଜଗତସିଂହପୁର
ମୋ-୯୩୩୭୨୨୧୯୨୪

# ଯୋରନ୍ଦା ମେଳା

**ପଣ୍ଡିତ ଦୈତ୍ୟାରି ମହାପାତ୍ର**

ପ୍ରସିଦ୍ଧ ଶୈବ କ୍ଷେତ୍ର ଢେଙ୍କାନାଳ ଜିଲ୍ଲାର ଯୋରନ୍ଦାଠାରେ ପ୍ରତିବର୍ଷ ପାରମ୍ପରିକ ବିଧି ବିଧାନ ଅନୁସାରେ ଐତିହାସିକ 'ଯୋରନ୍ଦା ମେଳା' ପାଳିତ ହୋଇଥାଏ । ଦେଶ ବିଦେଶରୁ ଅନେକ ଭକ୍ତ ଏଠାକୁ ଆସିଥାନ୍ତି । ଏହିଦିନ ମହିମା ସନ୍ନ୍ୟାସୀମାନେ ମହିମା ଗୋସେଇଁଙ୍କ ସମାଧି ପୀଠରେ ପୂଜାର୍ଚ୍ଚନା କରିଥାନ୍ତି । ଅନେକ ମହିମା ସନ୍ନ୍ୟାସୀ ଏହି ଦିନ ବୈରାଗୀରୁ ଅପରା ସନ୍ନ୍ୟାସୀ ଭାବେ ଘୋଷିତ ହୁଅନ୍ତି । ଏହି ମେଳା ପ୍ରତିବର୍ଷ ମାଘମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଅନୁଷ୍ଠିତ ହୁଏ । ଏହାର ପାଞ୍ଚଦିନ ପୂର୍ବରୁ ଅର୍ଥାତ୍ ମାଘ ଦଶମୀ ତିଥିରୁ ମହିମାଗାଦିରେ ସନ୍ନ୍ୟାସୀ ଏବଂ ସନ୍ନ୍ୟାସିନୀମାନଙ୍କର ସମାବେଶ ହୁଏ । ତ୍ରୟୋଦଶୀ ପାହାନ୍ତାରେ ମହିମା ମେଳା ଆରମ୍ଭ ହୁଏ ଏବଂ ଏହାକୁ 'ପାହାନ୍ତା ପୂର୍ଣ୍ଣମୀ' କୁହାଯାଏ । ଏହି ଉତ୍ସବରେ ବେଢ଼ା ପରିକ୍ରମା କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ । ବଳ୍‌କଳଧାରୀ ମହିମା ସମାଜ ତରଫରୁ ଯେଉଁ ସନ୍ନ୍ୟାସୀମାନେ ବଳ୍‌କଳ ପାଇବାକୁ ଯୋଗ୍ୟ ଏବଂ କୌପୀନଧାରୀ ସମାଜ ପକ୍ଷର ଯେଉଁମାନେ ଆଡ଼ବନ୍ଧ ପାଇବା ପାଇଁ ମନୋନୀତ ହୁଅନ୍ତି ସେମାନଙ୍କୁ ତାହା ବିଧିପୂର୍ବକ ପ୍ରଦାନ କରାଯାଏ ।

ଏହି ଉତ୍ସବ ଦେଖିବା ପାଇଁ ସାଧାରଣ ଭକ୍ତଙ୍କୁ ଅନୁମତି ନଥାଏ । ତ୍ରୟୋଦଶୀ ସନ୍ଧ୍ୟାରେ କୌପୀନଧାରୀ ମହିମା ସମାଜ ଏବଂ ବଳ୍‌କଳଧାରୀ ମହିମା ସମାଜର କର୍ମକର୍ତ୍ତାଗଣ ନିର୍ବାଚିତ ହୁଅନ୍ତି । ବିଭିନ୍ନ ଦେଶ ବୁଲି ସନ୍ନ୍ୟାସୀମାନେ ଆଦାୟ କରିଥିବା ଅର୍ଥ ଏବଂ ସାମଗ୍ରୀ ମହିମାଗାଦିର ପ୍ରମୁଖ କର୍ମକର୍ତ୍ତାଙ୍କ ହାତରେ ଅର୍ପଣ



କରିଥାନ୍ତି । ଚତୁର୍ଦ୍ଦଶୀ ଦିନ ଦିବା ଦୁଇଘଣ୍ଟା ସମୟରୁ ଉତ୍ସବ ପାଳନ ପ୍ରସ୍ତୁତି ହୋଇଥାଏ । ଦୃଶ୍ୟମାନ ହୁଏ ବର୍ଷ ଭରି ଅପେକ୍ଷାରତ ଭକ୍ତମାନଙ୍କ ପାଇଁ ଆକାଶର ପୂର୍ଣ୍ଣ ଚାନ୍ଦ । ଘରଘର ନାଦରେ ଗଗନ, ପବନ ପ୍ରକମ୍ପିତ ହୁଏ ମନ୍ଦିର ବେଢ଼ାର ବାଦ୍ୟନିନାଦ । ଲକ୍ଷ ଲକ୍ଷ ଭକ୍ତମାନଙ୍କ ମଧ୍ୟରେ ଲୋକାରଣ୍ୟ ହୁଏ ମିହମାପୀଠ । ଭକ୍ତି ଓ ସମର୍ପଣର ଭାବରେ ମୁହୁର୍ମୁହଃ ଉଚ୍ଚାରିତ ହେଉଥାଏ ଅଲେଖ ମହିମା ଶବ୍ଦ । ଆକାଶର ପୂର୍ଣ୍ଣଚନ୍ଦ୍ର ଏବଂ ଘିଅ ଦୀପାଳିର ଆଲୋକ ମିଶି ଗାଦିମନ୍ଦିରର ଶ୍ରୀଯୋଗେଶ୍ୱର ମହିମାଙ୍କ ସ୍ମୃତିକୁ ଯେପରି ପୂର୍ଣ୍ଣବ୍ରହ୍ମ, ଶୂନ୍ୟବ୍ରହ୍ମ ଅବଲୋକନ କରୁଛନ୍ତି । ବାସ୍ତବରେ ମହିମା ଧର୍ମ ହେଉଛି ହିନ୍ଦୁ ଧର୍ମର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ଏକ ମହାନ ଯୁଗାନ୍ତକାରୀ ଧର୍ମ । ମହିମା ଧର୍ମରେ ଦୁଇ ଶ୍ରେଣୀର ସନ୍ନ୍ୟାସୀ ଦୃଷ୍ଟିଗୋଚର ହୁଅନ୍ତି । ସେମାନେ ହେଲେ କୌପୀନଧାରୀ ଓ ବଳ୍‌କଳଧାରୀ । ଦୁଇଗୋଷ୍ଠି ସନ୍ନ୍ୟାସୀଙ୍କର ସୃଷ୍ଟିକର୍ତ୍ତା ନିଜେ ଯୋଗେଶ୍ୱର ମହିମାପ୍ରଭୁ । ସ୍ୱୟଂ ଯୋଗେଶ୍ୱର ମହିମାପ୍ରଭୁ ହେଉଛନ୍ତି ମହିମାଧ ର୍ମର ପ୍ରବର୍ତ୍ତକ । ଯୋଗେଶ୍ୱର ମହିମାପ୍ରଭୁ ଅଯୋନୀସମ୍ଭୂତ ବୋଲି ଗବେଷକମାନେ ମତ ଦିଅନ୍ତି ।

ଯୋରନ୍ଦା ମେଳାର ଅନ୍ୟ ନାମ 'ମହିମାମେଳା' । ଏହାର ପାଳନକାରୀ ହେଉଛନ୍ତି ମହିମା ଧର୍ମାବଲମ୍ବୀ । ପ୍ରତିଷ୍ଠାତା ହେଉଛନ୍ତି ସ୍ୱୟଂ ଯୋଗେଶ୍ୱର ବାବା ମହିମା ଅଲେଖ ବ୍ରହ୍ମ । ପୃଥିବୀର ବିଭିନ୍ନ ଦେଶରୁ ଭକ୍ତମାନେ ଏଠାକୁ ଆସିଥାନ୍ତି । ସେଥିପାଇଁ ପ୍ରବେଶ, ଦେଶ ଏବଂ ପୃଥିବୀର ବିଭିନ୍ନ କ୍ଷେତ୍ରରେ ମହିମାପୀଠ ପ୍ରତିଷ୍ଠା ହୋଇ ବ୍ରହ୍ମସନାତନ, ଶୂନ୍ୟବ୍ରହ୍ମବାଣୀ ଅବିରତ ପ୍ରଚାର କରିଚାଲିଛି ।

କିମ୍ବଦନ୍ତୀ:- କିମ୍ବଦନ୍ତୀ ଅନୁଯାଇ, ସତ୍ୟମହିମା ଧର୍ମର ପ୍ରଚାର ପାଇଁ ଏହାର ପ୍ରତିଷ୍ଠାତା ମହିମା ଗୋସେଇଁ ପ୍ରଭୁ ଯୋଗେଶ୍ୱର ଖାଲି ପାଦରେ ସାରା ଓଡ଼ିଶା ଭ୍ରମଣ କରିଥିଲେ । ଶେଷରେ ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ଗ୍ରାମରେ ଉପସ୍ଥିତ ହୋଇ ଶିଷ୍ୟଙ୍କ ମଧ୍ୟରୁ ୮୪ ଜଣଙ୍କୁ କୌପୀନ ଏବଂ ୯୧ ଜଣଙ୍କୁ ବଳ୍‌କଳ ପ୍ରଦାନ କରି ମହିମା ସନ୍ନ୍ୟାସୀ ନାମରେ ଅଭିହିତ କରିଥିଲେ । ଦିଲ୍ଲୀଶ୍ୱରାବ୍ଦ ୧୨୮୩ ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଶ୍ରୀ ଯୋଗେଶ୍ୱର ମହିମା ଗୋସେଇଁ ପ୍ରଭୁ ପଦ୍ମାସନରେ ଉପବିଷ୍ଟ ହୋଇ ଦେହତ୍ୟାଗ କରିଥିଲେ । ତାଙ୍କର ଶରୀରକୁ ଯୋରନ୍ଦାଠାରେ ସମାଧି ଦିଆଯାଇଥିଲା । ଢେଙ୍କାନାଳ ନରେଶ ଅଲେଖ ମହିମା' ମହାମନ୍ତ୍ର ଉଚ୍ଚାରଣ କରି ଏହି କାର୍ଯ୍ୟ ସମାପନ କରିଥିଲେ । ସେହି ସମାଧି ମନ୍ଦିର ବା 'ସ୍ମୃତିମନ୍ଦିର' ମହିମାଗାଦି ନାମରେ ପ୍ରସିଦ୍ଧ । ମହିମା ପ୍ରଭୁଙ୍କର ଦେହତ୍ୟାଗ ପରଠାରୁ ପ୍ରତିବର୍ଷ ମହିମାଗାଦି ପ୍ରାଙ୍ଗଣରେ 'ମହିମା ମେଳା' ମହୋତ୍ସବ ମହାଆଡ଼ମ୍ବରରେ ଭକ୍ତି ଭାବର ସହିତ ପାରମ୍ପରିକ ବିଧି ବିଧାନ ଅନୁସାରେ ପାଳିତ ହୋଇଆସୁଛି ।

ଭଦ୍ରକ
ମୋ-୮୭୬୩୫୪୮୨୦୨

## ସଂପାଦକଙ୍କୁ ପତ୍ର

### ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ହେଉ

ମହାଶୟ,

ଯୁଦ୍ଧ ଓ ହିଂସା ଭୋଗୁଥିବା ଦେଶମାନଙ୍କରେ ବ୍ୟାପକ ବିସ୍ଥାପନ ହେତୁ ଅସ୍ପୃଶ୍ୟ ଅଞ୍ଚଳ ମଧ୍ୟ ଏହି ସମସ୍ୟାର ଶିକାର ହେଉଛନ୍ତି । ଏକ ରିପୋର୍ଟ ଅନୁଯାୟୀ ପାଞ୍ଚ ବର୍ଷରୁ କମ୍ ପ୍ରାୟ ୪୦ କୋଟି ପିଲା ଘରେ ଆକ୍ରମଣାତ୍ମକ ଆଚରଣ ଓ ଶାରୀରିକ ଦଣ୍ଡର ସମ୍ମୁଖୀନ ହେଉଛନ୍ତି । ଏହି ସମୟରେ ୟୁନିସେଫ ଅନୁଯାୟୀ, ଆଠରୁ ଜଣେ ଓ ପ୍ରାୟ ୩୭ କୋଟି ବାଳିକା ତଥା ମହିଳା ଯୌନ ଉତ୍ପୀଡ଼ନର ସମ୍ମୁଖୀନ ହେଉଛନ୍ତି । ଅନଲାଇନ୍ ନିର୍ଯ୍ୟାତନାର ଶିକାର ହୋଇ ପ୍ରାୟ ୬୫ କୋଟି ବାଳିକା ଓ ମହିଳାଙ୍କ ଜୀବନ କଷ୍ଟସାଧ୍ୟ ହୋଇ ପଡ଼ିଛି । ଏହି ଅବସ୍ଥା କୋଟି କୋଟି ପିଲାଙ୍କ ପିଲାମାନଙ୍କର ବର୍ତ୍ତମାନ ଓ ଭବିଷ୍ୟତକୁ ନଷ୍ଟ କରୁଛି । ଇଣ୍ଟରନେଟ୍ ମାଧ୍ୟମରେ ବଢୁଥିବା ସଂଯୋଗ ଏହି ପିଲାମାନଙ୍କ ମଧ୍ୟରେ ଅନଲାଇନ୍ ଅପବ୍ୟବହାର ମଧ୍ୟ ସବୁଠାରୁ ଏକ ଭୟଙ୍କର ପ୍ରସଙ୍ଗ ହୋଇଗଲା । ରିପୋର୍ଟରେ ଦର୍ଶାଯାଇଛି ଯେ ପ୍ରାୟ ୧୬ କୋଟି ଶିଶୁ ଶ୍ରମ, ମାନବ ଚାଲାଣ ଓ ଯୌନ ଶୋଷଣ ସହ ସଂଘର୍ଷ କରୁଛନ୍ତି । ଏଭଳି ପରିସ୍ଥିତିରେ ନିଶା ସେବନ ଆତ୍ମହତ୍ୟା କରିବାକୁ ଉତ୍ସାହିତ କରୁଛି । ଅନେକ ପ୍ରକାରର ମାନସିକ ଆଘାତ ଲକ୍ଷଣ ଥିବା ଶିଶୁ ଓ କିଶୋରମାନଙ୍କଠାରେ ଦେଖିବାକୁ ମିଳିଛି ଯେଉଁମାନେ ଯୁଦ୍ଧ ଓ ହିଂସାତ୍ମକ ଘଟଣା ଅନୁଭବ କରିଛନ୍ତି । ମାନସିକ ଆଘାତ ଓ ବାହ୍ୟ ଚାପରେ ପୀଡ଼ିତ ପିଲାମାନେ ବାରମ୍ବାର ଦୁଃସ୍ୱପ୍ନ ଦେଖନ୍ତି । ସମଗ୍ର ବିଶ୍ୱ ଯୁଦ୍ଧରେ ତ୍ରସ୍ତ ହୋଇପଡ଼ିଛି । ଜଗନ୍ନାଥଙ୍କ କୃପାରୁ ବିଶ୍ୱରେ ଶାନ୍ତି ବିରାଜମାନ କରୁ ଏତିକି କାମନା ।

ମନୋରଂଜନ ସାହୁ, କଟକ

# ଭାରତର ବୁଲବୁଲ୍ ସରୋଜିନୀ ନାଇଡୁ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ଆମ ଦେଶକୁ ଏକ ସ୍ୱାଧୀନ ରାଷ୍ଟ୍ରରେ ପରିଣତ କରିବା ପାଇଁ ବହୁ ବୀର ସନ୍ତାନ ଓ ସନ୍ତତିମାନଙ୍କୁ ବଳିଦାନ ଦେବାକୁ ପଡିଥିଲା । ତନ୍ମଧ୍ୟରେ ଭାରତମାତାର ସୁଯୋଗ୍ୟ କନ୍ୟାଭାବରେ ନିଜକୁ ପ୍ରତିପାଦିତ କରିପାରିଥିଲେ ସରୋଜିନୀ ନାଇଡୁ । ବ୍ରିଟିଶ ସାମ୍ରାଜ୍ୟର ଅନ୍ତ ଘଟାଇ ଭାରତକୁ ସ୍ୱାଧୀନ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେ ଏକାଧାରାରେ ଥିଲେ ଜଣେ କବି, ନାରୀନେତ୍ରୀ, ବାଗ୍ମୀ ଓ ସୁବକ୍ତା । 'ଦ ନାଇଟିଙ୍ଗେଲ୍ ଅଫ୍ ଇଣ୍ଡିଆ' ଅବା ଭାରତର ବୁଲବୁଲ୍ ଭାବରେ ସରୋଜିନୀ ନାଇଡୁ ମଧ୍ୟ ଖୁବ୍ ପରିଚିତ ଥିଲେ । ସେ ଏକାଧାରରେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, କବି ଓ ନେତ୍ରୀ । ଏପରିକି ସରୋଜିନୀ ସ୍ୱାଧୀନ ଭାରତବର୍ଷର ପ୍ରଥମ ମହିଳା ରାଜ୍ୟପାଳ ହୋଇପାରିଥିଲେ । ପରେ ୧୯୦୫ ମସିହାରେ 'ବଙ୍ଗ ଭଙ୍ଗ'କୁ ବିରୋଧ କରି ସରୋଜିନୀ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ଏହାବ୍ୟତିତ ଆଇନ ଅମାନ୍ୟ ଆନ୍ଦୋଳନ ଓ ଭାରତ ଛାଡ ଆନ୍ଦୋଳନ ସମୟରେ ଗିରଫ ହୋଇ ଜେଲ୍ ମଧ୍ୟ ଯାଇଥିଲେ । ସେ କଂଗ୍ରେସର ପ୍ରଥମ ମହିଳା ଅଧ୍ୟକ୍ଷ ରହିଥିଲେ । ଏପରିକି ସ୍ୱାଧୀନତାର ଆନ୍ଦୋଳନରେ ସାମିଲ ହୋଇ ସେ ଗାଁ ଗାଁ ବୁଲି ଲୋକଙ୍କ ମଧ୍ୟରେ ଦେଶ ପ୍ରେମର ବହ୍ନି ଜାଗ୍ରତ କରିଥିଲେ । ସରୋଜିନୀ ନାଇଡୁଙ୍କ ସାହିତ୍ୟରେ ଯୋଗଦାନ ପାଇଁସମଗ୍ର ବିଶ୍ୱରେ ବେଶ ଲୋକପ୍ରିୟ । ତାଙ୍କ କିଛି କବିତା ପାଠ୍ୟକ୍ରମରେ ସାମିଲ କରାଯାଇଛି । ତାଙ୍କ ସାହିତ୍ୟିକ ରଚନା ମଧ୍ୟରେ 'ଗୋଲଡେନ ଥ୍ରିସୋଲ୍ଡ, ଦ ବାର୍ଡ ଅଫ ଟାଇମ, ଦ ମ୍ୟାଜିକ ଟ୍ରି, ଦ ଓ୍ୱିଜାର୍ଡ ମାସ୍କ ଇତ୍ୟାଦି ସାମିଲ । ୧୬ ବର୍ଷ ବୟସରେ ସରୋଜିନୀ ଉଚ୍ଚଶିକ୍ଷା ପାଇଁ ଲଣ୍ଡନ ଚାଲି ଯାଇଥିଲେ । ସେଠାରେ ସେ 'କିଙ୍ଗସ୍ କଲେଜ୍' ଓ ପରେ କେମ୍ବ୍ରିଜ୍‌ର 'ଗିରଟନ୍ କଲେଜ୍'ରେ ଅଧ୍ୟୟନ ଶେଷ କରିଥିଲେ । ସରୋଜିନୀ ନାଇଡୁଙ୍କର ବିବାହ ୧୯ ବର୍ଷ ବୟସରେ ଗୋବିନ୍ଦାରାଜୁଲୁଙ୍କ ସହିତ ହୋଇଥିଲା । ପାଠପଢ଼ା ସହିତ ସରୋଜିନୀ କବିତା ମଧ୍ୟ ଲେଖୁଥିଲେ । ଭାରତୀ ସାହିତ୍ୟକୁ ତାଙ୍କର ଅନେକ ଅବଦାନ ରହିଛି । ତାଙ୍କ ପ୍ରଥମ କବିତା ସଙ୍କଳନ ଥିଲା ଈଷର ଏକ୍ଟକ୍ଷୟରଭ ଈଷକ୍ସରସ୍ପଷ-କ୍ଟକ୍ଷୟ ଯାହାକି ୧୯୦୫ ମସିହାରେ ପ୍ରକାଶିତ ହୋଇଥିଲା । ବିପଦ ସମୟରେ ଭୟ ନକରି ଜଣେ ବୀରାଙ୍ଗନା ଭାବରେ ଗାଁଗାଁ ବୁଲି ଦେଶପ୍ରେମ ସୃଷ୍ଟି କରୁଥିବା ମହିଳା ହେଉଛନ୍ତି ସରୋଜିନୀ ନାଇଡୁ ।

ଭାରତ ପ୍ରତିବର୍ଷ ୧୩ ଫେବ୍ରୁଆରୀକୁ ରାଷ୍ଟ୍ରୀୟ ମହିଳା ଦିବସ ଭାବେ ପାଳନ କରାଯାଏ । କିନ୍ତୁ ବହୁତ କମ୍ ଲୋକ ଜାଣନ୍ତି କି, ୧୩ ଫେବ୍ରୁଆରୀକୁ କାହିଁକି ମହିଳା ଦିବସ ଭାବେ କରାଯାଏ । ଏହି ଦିନ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ ତଥା କବିୟିତ୍ରୀ ସରୋଜିନୀ ନାଇଡୁଙ୍କ ଜନ୍ମ ହୋଇଥିଲା । ସରୋଜିନୀ ନାଇଡୁଙ୍କ ଜନ୍ମ ୧୮୭୯ ଫେବୃଆରୀ ୧୩ରେ ହାଇଦ୍ରାବାଦର ଏକ ବଙ୍ଗାଳୀ ପରିବାରରେ ହୋଇଥିଲା । ତାଙ୍କ ପିତାଙ୍କ ନାମ ଥିଲା ଅଘୋରନାଥ ଚଟ୍ଟୋପାଧ୍ୟାୟ । ତାଙ୍କ ପିତା ହାଇଦ୍ରାବାଦର ନିଜାମ କଲେଜରେ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ । ସରୋଜିନୀଙ୍କ ମାଆ ବରଦା ସୁନ୍ଦରୀ ଦେବୀ ଜଣେ କବି ଥିଲେ ଓ ସେ ବଙ୍ଗଳା ଭାଷାରେ ସୁନ୍ଦର କବିତା ଲେଖୁଥିଲେ । ଆଠ ଭାଇଭଉଣୀଙ୍କ ମଧ୍ୟରେ ସରୋଜିନୀ ଥିଲେ ସବୁଠାରୁ ବଡ଼ । ମାତ୍ର ୧୨ ବର୍ଷ ବୟସରେ ସେ ଦଶମ ଶ୍ରେଣୀ ପରୀକ୍ଷାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲେ । ସରୋଜିନୀ ମାତ୍ର ୧୨ ବର୍ଷ ବୟସରେ ମାଡ୍ରାସ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ । ପରେ ସେ ଲଣ୍ଡନ ଓ ଗ୍ରିଟନ୍ କଲେଜରେ ଅଧ୍ୟୟନ ଜାରି ରଖିଥିଲେ । କବିତାର ବିଭିନ୍ନ ବିଭାଗରେ ନିଜର ଲେଖା ପାଇଁ ସେ ବେଶ ସୁନାମ ଅର୍ଜନ କରିଥିଲେ । ତାଙ୍କର ଉର୍ଦ୍ଦୁ, ତେଲୁଗୁ, ବଙ୍ଗଳା ଓ ପାର୍ସି ଭାଷାରେ ଦଖଲ ଥିଲା । ୧୯ ବର୍ଷ ବୟସରେ ସେ ଡାକ୍ତର ଗୋବିନ୍ଦରାଜୁ ନାଇଡୁଙ୍କୁ ବିବାହ କରିଥିଲେ । ଦୁଇ ଜଣ ଭିନ୍ନ ଭିନ୍ନ ଜାତିର ଥିଲେ ମଧ୍ୟ ସରୋଜିନୀ ଏହାକୁ ମାନି ନଥିଲେ । ତାଙ୍କ ବୈବାହିକ ଜୀବନ ଥିଲା ଖୁବ୍ ସୁଖମୟ । ୧୯୦୫ରେ ବଙ୍ଗଭଙ୍ଗ ସମୟରେ ସେ ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ଗୋପାଳ କୃଷ୍ଣ ଗୋଖଲେଙ୍କ ନଜରକୁ ଆସିଥିଲେ । ଆନିବେଶାନ୍ତଙ୍କ ଭଳି ନାରୀନେତ୍ରୀଙ୍କ ନଜରକୁ ମଧ୍ୟ ସରୋଜିନୀ ଆସିଥିଲେ । ୧୯୧୬ରେ ବିହାରର ଚମ୍ପାରଣ କୃଷକମାନଙ୍କ ଆନ୍ଦୋଳନରେ ସେ ସାମିଲ ହୋଇଥିଲେ । ଏଥିପାଇଁ ତାଙ୍କୁ ଜେଲ ଯିବାକୁ ପଡିଥିଲା । ୧୯୨୫ ମସିହାରେ ସେ ଭାରତୀୟ ଜାତୀୟ କଂଗ୍ରେସର କାନପୁର ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ । ଆଇନ୍ ଅମାନ୍ୟ ଆନ୍ଦୋଳନରେ ଯୋଗଦେଇ ସେ ଜେଲ୍ ଯାଇଥିଲେ । ଭାରତୀୟ ଜାତୀୟ କଂଗ୍ରେସର ସେ ଥିଲେ ପ୍ରଥମ ମହିଳା ଅଧ୍ୟକ୍ଷା । ସେ ପ୍ରଥମ ମହିଳା ରାଜ୍ୟପାଳ ଭାବେ ଉତ୍ତର ପ୍ରଦେଶର ଦାୟିତ୍ୱ ଗ୍ରହଣ କରିଥିଲେ । ସ୍ୱାଧୀନତା ଆନ୍ଦୋଳନ ପାଇଁ ସେ ବହୁବାର ବିଦେଶ ଯାତ୍ରା କରିଥିଲେ । ସରୋଜିନୀଙ୍କ ପରି ତାଙ୍କ ଝିଅ ପଦ୍ମଜା ମଧ୍ୟ ସ୍ୱାଧୀନତା ଆନ୍ଦୋଳନରେ ବେଶ୍ ସକ୍ରିୟ ଥିଲେ ।

ସରୋଜିନୀ ନାଇଡୁ ନିଜର କବିତା କାରଣରୁ ତାଙ୍କୁ ଭାରତର ବୁଲବୁଲ ବୋଲି କୁହାଯାଏ । ସରୋଜିନୀ ନାଇଡୁ ଦେଶର ସ୍ୱାଧୀନତା ପାଇଁ ଭାରତୀୟ ରାଷ୍ଟ୍ରୀୟ ଆନ୍ଦୋଳନରେ ସକ୍ରିୟ ଭୂମିକା ନେଇଥିଲେ । ଛୋଟ ବେଳରୁ ବହୁତ ବୁଦ୍ଧିମାନ ଥିଲେ ସରୋଜିନୀ । ମାତ୍ର ୧୨ ବର୍ଷ ବୟସରେ କବିତା ଲେଖିବା ଆରମ୍ଭ କରିଥିଲେ । କେବଳ ସେ ଜଣେ ସ୍ୱାଧୀନତା ସଂଗ୍ରାମୀ ନୁହେଁ ବରଂ ମହିଳାଙ୍କ ଅଧିକାର ପାଇଁ ମଧ୍ୟ ବେଶ୍ ସଂଘର୍ଷ କରୁଥିଲେ । ୧୯୧୪ ମସିହାରେ ଲଣ୍ଡନରେ ସେ ପ୍ରଥମଥର ପାଇଁ ଗାନ୍ଧିଜୀଙ୍କୁ ଭେଟିଥିଲେ । ଗାନ୍ଧିଜୀଙ୍କୁ ସାକ୍ଷାତ କରିବା ପରେ ତାଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆସିଥିଲା ଏବଂ ସେ ଗାନ୍ଧିଜୀଙ୍କ ବିଚାରଧାରା ଦ୍ୱାରା ପ୍ରଭାବିତ ହୋଇ ଦେଶସେବାରେ ନିଜକୁ ସମର୍ପିତ କରିଥିଲେ । ପାଠ ପଢିବା ବେଳେ ହିଁ ରାଷ୍ଟ୍ରୀୟ ଆନ୍ଦୋଳନରେ ସାମିଲ ହୋଇଥିଲେ । ଗାନ୍ଧିଜୀଙ୍କ ଡାକରାରେ ସରୋଜିନୀ ଅନେକ ସତ୍ୟାଗ୍ରହ ଓ ଅହିଂସା ଆନ୍ଦୋଳନରେ ଭାଗ ନେଇଥିଲେ । ୧୯୪୨ରେ ହୋଇଥିବା 'ଭାରତଛାଡ଼ ଆନ୍ଦୋଳନ'ରେ ଭାଗ ନେଇ ଜେଲ୍ ଯାଇଥିଲେ । ମହାତ୍ମା ଗାନ୍ଧୀ, ଜବାହରଲାଲ ନେହରୁଙ୍କ ସମେତ ବହୁତ ବଡ ନେତା ତାଙ୍କ ନେତୃତ୍ୱ କ୍ଷମତାରେ ପ୍ରଭାବିତ ହୋଇଥିଲେ । ୧୯୩୧ ମସିହାରେ ସରୋଜିନୀ ମହାତ୍ମା ଗାନ୍ଧୀ ଓ ମଦନ ମୋହନ ମାଲବ୍ୟଙ୍କ ସହ ଲଣ୍ଡନରେ ଆୟୋଜିତ ଦ୍ୱିତୀୟ ଗୋଲଟେବୁଲ ବୈଠକରେ ମଧ୍ୟ ଯୋଗଦାନ କରିଥିଲେ । ତାଙ୍କୁ ୧୯୨୫ ମସିହାରେ କଂଗ୍ରେସର ଅଧ୍ୟକ୍ଷା କରାଯାଇଥିଲା । ୧୯୨୮ରେ ବ୍ରିଟିଶ ସରକାରଙ୍କ ଦ୍ୱାରା ଭାରତରେ ହୋଇଥିବା ପ୍ଲେଗ ମହାମାରୀ ସମୟରେ ଅଭୁତପୂର୍ବ କାର୍ଯ୍ୟ ପାଇଁ ତାଙ୍କୁ କେସର-ଏ-ହିନ୍ଦୀରେ ସମ୍ମାନିତ କରାଯାଇଥିଲା । ସେ ୧୯୩୨ରେ ଭାରତକୁ ପ୍ରତିନିଧିତ୍ୱ କରି ଦକ୍ଷିଣ ଆଫ୍ରିକା ଯାଇଥିଲେ । ସରୋଜିନୀ ଇଂରାଜୀରେ ବହୁ କବିତା ଲେଖିଛନ୍ତି । ୨ ମାର୍ଚ୍ଚ ୧୯୪୯ ମସିହାରେ ସରୋଜିନୀ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ:୮୨୪୯୫୦୨୭୭୬

# ଗଣିତଜ୍ଞ ବାମାଚରଣ ଦାସ


ପିଲାମାନେ ତୁମକୁ ଗଣିତ ଜଟିଳ ନା ସହଜ ଲାଗେ? ଅନେକଙ୍କ ପାଇଁ ଗଣିତ ଏକ ଅବୁଝା ଜଟିଳ ତତ୍ତ୍ୱ ପରି ଲାଗିଥାଏ । ତୁମେମାନେ ଜାଣିଛ ଆମ ଓଡ଼ିଶାରେ ଜଣେ ଏପରି ପ୍ରବୀଣ ଶିକ୍ଷାବିତ ଥିଲେ ଯେ କି କେବଳ ଶିକ୍ଷା ନୁହେଁ ଗଣିତ କ୍ଷେତ୍ରରେ ଗୌରବମୟ ଅଧ୍ୟାୟ ସୃଷ୍ଟି କରିପାରିଥିଲେ ସେ ହେଉଛନ୍ତି ଗଣିତଜ୍ଞ ପ୍ରଫେସର ବାମାଚରଣ ଦାସ । ତୁମେମାନେ ଜାଣିଲେ ଆଶ୍ଚର୍ଯ୍ୟ ହେବ । ସବୁ ପରୀକ୍ଷାରେ ସେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । କଟକର ମିଶନ ହାଇସ୍କୁଲରୁ ପ୍ରଥମ ଶ୍ରେଣୀରେ ମାଟ୍ରିକ ପାସ କରିଥିଲେ । ପାଟନା ବିଶ୍ୱବିଦ୍ୟାଳୟରୁ ଗଣିତରେ ପ୍ରଥମ ଶ୍ରେଣୀରେ ଏମ୍.ଏ.ଡିଗ୍ରୀ, ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ବି.ଏ. (ଗଣିତ ଅନର୍ସ)ରେ ମଧ୍ୟ ପ୍ରଥମ ହୋଇଥିଲେ । ସେଠାରୁ ସ୍ୱଦେଶ ଫେରି ବିହାରସ୍ଥିତ ମୁଜାଫରପୁର ଜି.ବି.ବି. କଲେଜରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ତାଙ୍କ କର୍ମମୟ ଜୀବନ ଆରମ୍ଭ ହୋଇଥିଲା । ଏହାପରେ ରେଭେନ୍ସାରେ ତାଙ୍କୁ ନିଯୁକ୍ତି ମିଳିଲା । ସେଠାରେ ଗଣିତ ବିଭାଗର ପ୍ରଫେସର ଓ ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ ।

ଓଡ଼ିଶାର ପ୍ରଥମ ପୋଷ୍ଟ ଗ୍ରାଜୁଏଟ ଗଣିତ ପ୍ରଫେସର ରୂପେ ବାମାଚରଣ ସେଠାରେ ଅଧିଷ୍ଠିତ ହୋଇଥିଲେ । ସେତିକି ନୁହେଁ, ସାମନ୍ତ ଚନ୍ଦ୍ରଶେଖର କଲେଜ ପ୍ରିନ୍ସିପାଲ କାର୍ଯ୍ୟ ସମ୍ପାଦନ ପରେ ରେଭେନ୍ସା କଲେଜ ଅଧ୍ୟକ୍ଷ ଭାବେ ତାଙ୍କୁ ନିଯୁକ୍ତି ମିଳିଥିଲା । ଶିକ୍ଷା ବିଭାଗର ନିର୍ଦ୍ଦେଶକ ଭାବେ ୧୯୬୨ରେ ସରକାରୀ ଚାକିରୀରୁ ସେ ଅବସର ନେଇଥିଲେ । ଏହା ପରେ ବି ବିଭିନ୍ନ କ୍ଷେତ୍ରରେ ସକ୍ରିୟ ଥିଲେ । ଓଡ଼ିଶା ପବ୍ଲିକ ସର୍ଭିସ କମିଶନର ସଭ୍ୟ ମଧ୍ୟ ରହିଥିଲେ । ଭାରତୀୟ ଏରୋନଟିକାଲ ସୋସାଇଟିର ପ୍ରତିଷ୍ଠାତା ସଦସ୍ୟ, ଓଡ଼ିଶା ଅଲିମ୍ପିକ ଆସୋସିଏସନ୍‌ର ପ୍ରତିଷ୍ଠାତା ସଭ୍ୟ ଓ ଉପସଭାପତି ପଦରେ ରହି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସମ୍ପୃକ୍ତ ଥିଲେ । ଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ର ଦକ୍ଷତା ଯୋଗୁଁ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ସିନେଟ୍‌ର ଆଜୀବନ ସଦସ୍ୟ ରୂପେ ମନୋନୀତ ହୋଇଥିଲେ । ୧୯୮୯ ସେପ୍ଟେମ୍ବର ୫ରେ ତାଙ୍କର ପରଲୋକ ହୋଇଥିଲା । ଅନେକ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ବାମାଚରଣ ନିଜ ଦକ୍ଷତା ପ୍ରତିପାଦନ କରିଥିଲେ । ୧୯୦୭ ଫେବୃଆରୀ ଆଜିର ଦିନ କଟକ ଜିଲ୍ଲା ସାଲେପୁର ନିକଟବର୍ତ୍ତୀ ଶୁକ୍ଳେଶ୍ୱର ଗ୍ରାମରେ ବାମାଚରଣ ଜନ୍ମ ଗ୍ରହଣ କରିଥିଲେ ।

ଯଶସ୍ୱିନୀ ପଟ୍ଟନାୟକ
ସିଡିଏ, କଟକ







# ରଣବୀରଙ୍କ ଆଲ୍ଲାହବାଦିଆଙ୍କ ଭିଡିଓ ଡିଲିଟ୍ କଲା ୟୁଟ୍ୟୁବ୍

କେନ୍ଦ୍ରର ନୋଟିସ ପରେ ସୋସିଆଲ ମିଡ଼ିଆ ଇନ୍ଫ୍ଲୁଏନ୍ସରରଣବୀର ଆଲ୍ଲାହବାଦିଆଙ୍କ ଭିଡିଓକୁ ଡିଲିଟ୍ କରିଛି ୟୁଟ୍ୟୁବ୍। ହାସ୍ୟ ଅଭିନେତା ସମୟ ରାଇନାଙ୍କ ଦ୍ୱାରା ପରିଚାଳିତ ୟୁଟ୍ୟୁବ୍ ରିୟଲିଟି ସୋ' ଇଣ୍ଡିଆଜ୍ ଗଟ୍ ଲାଟେଂଟ୍‌ରେ ଆଲ୍ଲାହବାଦିଆ କହିଥିଲେ, ତୁମେ ତୁମର ପିତାମାତାଙ୍କୁ ସାରା ଜୀବନ ପ୍ରତିଦିନ ଯୌନସମ୍ପର୍କ ରଖୁଥିବା ଦେଖିବାକୁ ପସନ୍ଦ କରିବ ନା ଥରେ ଏଥିରେ ଯୋଗ ଦେଇ ଏହାକୁ ସବୁଦିନ ପାଇଁ ବନ୍ଦ କରିବ । ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ୟୁଟ୍ୟୁବ ଏବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ବରିଷ୍ଠ ପରାମର୍ଶଦାତା କାଂଚନ ଗୁପ୍ତା ଟ୍ୱିଟ୍ କରି କହିଛନ୍ତି, 'ଭାରତ ସରକାରଙ୍କ ନିର୍ଦ୍ଦେଶ ପରେ ୟୁଟ୍ୟୁବ୍‌ରୁ ରଣବୀର ଆଲ୍ଲାହବାଦିଆଙ୍କ ଅଶ୍ଳୀଳ ଏବଂ ବିକୃତ ମନ୍ତବ୍ୟ ଥିବା ଇଣ୍ଡିଆଜ୍ ଗଟ୍ ଲାଟେଂଟ୍ ଏପିସୋଡକୁ ଡିଲିଟ୍ କରାଯାଇଛି। ସେ ଏକ ସ୍କ୍ରିନ୍ସଟିକୁ ବି ତାଙ୍କ ପୋଷ୍ଟେ ସେୟାର୍ କରିଛନ୍ତି। ଯେଉଁଥିଲେ ଲେଖାଯାଇଛି, ''ଭିଡିଓ ଉପଲବ୍ଧ ନାହିଁ। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ ସମେତ ରାଜନେତା, ସାମାଜିକ କର୍ମୀ, ସୋସିଆଲ ମିଡିଆ ବ୍ୟବହାରକାରୀ ଓ ଅନ୍ୟମାନେ ତାଙ୍କ ମନ୍ତବ୍ୟକୁ ଅଶ୍ଳୀଳ ଓ ଆପତ୍ତିଜନକ ବୋଲି କହି ତୀବ୍ର ସମାଲୋଚନା କରିଛନ୍ତି। ଆଲ୍ଲାହବାଦିଆ କ୍ଷମା ମାଗିବା ଅବସରରେ କହିଛନ୍ତି, ''କମେଡି ମୋର ବିଶେଷତା ନୁହେଁ। ମୁଁ ଆଶା କରୁଛି, ଆପଣ ଜଣେ ମଣିଷ ଭାବରେ ମୋତେ କ୍ଷମା କରିଦେବେ। ଆଲ୍ଲାହବାଦିଆଙ୍କ ଆପତ୍ତିଜନକ ମନ୍ତବ୍ୟ ବିବାଦ ସୃଷ୍ଟି କରିବା ପରେ ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍ସି)ର ଜଣେ ସଦସ୍ୟ ୟୁଟ୍ୟୁବ୍‌କୁଏକ ଚିଠି ଲେଖି ଏହାକୁ ପ୍ଲାଟଫର୍ମରୁ ହଟାଇବାକୁ କହିଥିଲେ।



# ନିବେଶର କେନ୍ଦ୍ରବିନ୍ଦୁ ହେବ ସୁନା

ବର୍ତ୍ତମାନ ସମୟରେ ସୁନା ଦର ଓ ବଜାରକୁ ନେଇ ସବୁଆଡେ ଚର୍ଚ୍ଚା ହେଉଥିଲାବେଳେ ସୁନା ନିବେଶର ମୁଖ୍ୟ କେନ୍ଦ୍ରବିନ୍ଦୁ ହେବ ବୋଲି ଲାଲ୍‌ଚନ୍ଦ ଜୁଏଲର୍ସର ପ୍ରତିଷ୍ଠାତା ସଞ୍ଜୟ ହଂସ ଆକଳନ କରିଛନ୍ତି। ଅପରପକ୍ଷରେ ଟ୍ରମ୍ପଙ୍କ ଆକ୍ରମଣାତ୍ମକ ବାଣିଜ୍ୟ ନୀତି ଓ ତାଙ୍କ ଦ୍ୱାରା ଟାର୍ଗେଟ୍ ? କରାଯାଇଥିବା ଦେଶଗୁଡ଼ିକଠାରୁ ପ୍ରତିଶୋଧର ଭୟ ସୁନାର ମୂଲ୍ୟକୁ ବୃଦ୍ଧି କରିଛି ।ତଥାପି ସୁନା ବଜାର ଉପରେ ଅଭିଜ୍ଞ ସଞ୍ଜୟ ହଂସ ବିଶ୍ୱାସ କରନ୍ତି, ସୁନା ବର୍ତ୍ତମାନ ବି ଏକ ସୁରକ୍ଷିତ ନିବେଶ। ଯେତେବେଳେ ଆର୍ଥିକ୍ ଏବଂ ଭୂ-ରାଜନୈତିକ ଅସ୍ଥିରତା ଥାଏ, ସେତେବେଳେ ଏହାକୁ ନିରାପଦ ଭାବେ ବିବେଚନା କରାଯାଏ ବୋଲି ସେ କହିଛନ୍ତି। ସେହିଭଳି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚାଇନା,ମେକ୍ସିକୋ ଏବଂ କାନାଡ଼ା ଭଳି ଦେଶଗୁଡ଼ିକ ଉପରେ ଶାସ୍ତିମୂଳକ ଶୁଳ୍କ ଲାଗୁ କରିବା ପଦକ୍ଷେପ ଯୋଗୁ ବିଶ୍ୱରେ ବାଣିଜ୍ୟ ଯୁଦ୍ଧର ଆଶଙ୍କା ସୃଷ୍ଟି ହୋଇଛି। ଏହା ସହିତ ଟଙ୍କା ଦୁର୍ବଳ ହେବା କାରଣରୁ ସୁନା ମୂଲ୍ୟ ରେକର୍ଡ ସ୍ତରରେ ପହଁଚାଇଛି। ବର୍ତ୍ତମାନର ବଜାର ଅସ୍ଥିରତା ମୁଖ୍ୟତଃ ଆମେରିକା ଦ୍ୱାରା ଚାଇନା, ମେକ୍ସିକୋ ଏବଂ କାନାଡ଼ା ଉପରେ ଶୁଳ୍କ ଲାଗୁ କରାଯିବା ଯୋଗୁ ହୋଇଛି ଏବଂ ଫଳସ୍ୱରୂପ ପ୍ରତିଶୋଧମୂଳକ ପଦକ୍ଷେପ ବିଶ୍ୱବଜାରକୁ ଅସ୍ଥିର କରିଛି। ୨୦୨୫ରେ ସୁନା ମୂଲ୍ୟ ପ୍ରାୟ ୧୦% ବୃଦ୍ଧି ପାଇଛି।



# ଅଜଣା ବ୍ୟକ୍ତିଙ୍କ ପାଇଁ ୫୦୦ କୋଟି

ନିକଟରେ ରତନ ଟାଟାଙ୍କ ଇଚ୍ଛାପତ୍ରରେ ଏଭଳି ଏକ ଖୁଲାସା ହୋଇଥିଲା, ଯାହାକି ବ୍ୟବସାୟ ସହ ଜଡ଼ିତ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ପ୍ରକୃତରେ, ରତନ ଟାଟା ତାଙ୍କ ଇଚ୍ଛାପତ୍ରରେ ଜଣେ ଅଜଣା ବ୍ୟକ୍ତିଙ୍କ ନାମରେ ୫୦୦ କୋଟି ଟଙ୍କା ଛାଡିଛନ୍ତି। ଏହି ବ୍ୟକ୍ତିଙ୍କ ନାମ ମୋହିନୀ ମୋହନ ଦତ୍ତ ଏବଂ ରତନ ଟାଟାଙ୍କ ଇଚ୍ଛାପତ୍ରରେ ଏହି ନାମ ସାମିଲ ହେବା ବିଷୟରେ କେହି ଜାଣି ନଥିଲେ।

**ଜାଣିବା ମୋହିନୀ ମୋହନ ଦତ୍ତ କିଏ ?**

ଇକୋନୋମିକ ଟାଇମ୍ସ ଅନୁଯାୟୀ, ମୋହିନୀ ମୋହନ ଦତ୍ତ ରତନ ଟାଟାଙ୍କ ଦୀର୍ଘ ସମୟର ସହଯୋଗୀ ଥିଲେ ଏବଂ କେବଳ ରତନ ଟାଟାଙ୍କ ଅତି ନିକଟତମ ସହଯୋଗୀ ଏବଂ ପରିବାର ସଦସ୍ୟମାନେ ତାଙ୍କୁ ଜାଣନ୍ତି। ମୋହିନୀ ମୋହନ ଦତ୍ତ ଜାମସେଦପୁରର ଏବଂ ଯାତ୍ରା କ୍ଷେତ୍ରର ଜଣେ ଜଣାଶୁଣା ଉଦ୍ୟୋଗୀ। ମୋହିନୀ ମୋହନ ଦତ୍ତ ଏବଂ ତାଙ୍କ ପରିବାର ସଦସ୍ୟମାନେ ଟ୍ରାଭେଲ ଏଜେନ୍ସି ଷ୍ଟାଲିଅନ ମାଲିକ ଥିଲେ। ୨୦୧୩ ମସିହାରେ ଷ୍ଟାଲିଅନକୁ ତାଜ ଗ୍ରୁପ ଅଫ ହୋଟେଲର ତାଜ ସର୍ଭିସେସରେ ସାମିଲ କରାଯାଇଥିଲା। ଏହି କମ୍ପାନୀର ୮୦% ଅଂଶଧନ ମୋହିନୀ ମୋହନ ଦତ୍ତ ଏବଂ ତାଙ୍କ ପରିବାରଙ୍କ ମାଲିକାନାରେ ଥିବା ବେଳେ ୨୦% ଅଂଶଧନ ଟାଟା ଇଣ୍ଡଷ୍ଟ୍ରିଜ ପାଖରେ ଅଛି। ମୋହନ ଦତ୍ତଙ୍କ ଝିଅ ମୋହିନୀ, ୨୦୧୩ ପର୍ଯ୍ୟନ୍ତ ତାଜ ଗ୍ରୁପରେ କାମ କରୁଥିଲେ। ବର୍ତ୍ତମାନ ତାଙ୍କ ଝିଅ ଟାଟା ଟ୍ରଷ୍ଟର ଏକ ଅଂଶ। ଡିସେମ୍ବର ୨୦୨୪ ରେ ରତନ ଟାଟାଙ୍କ ଜନ୍ମବାର୍ଷିକୀ ପାଳନ ଅବସରରେ ମୋହିନୀ ମୋହନ ଦତ୍ତଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା। ମୋହିନୀ ମୋହନ ଦତ୍ତ ଏବଂ ରତନ ଟାଟା ପ୍ରଥମ ଥର ପାଇଁ ଧନବାଦରେ ଭେଟ ହୋଇଥିଲେ ଏବଂ ସେହି ସମୟରେ ରତନ ଟାଟାଙ୍କ ବୟସ ମାତ୍ର ୨୪ ବର୍ଷ ଥିଲା।




# ଷ୍ଟକ୍ ବଜାରରେ କମ୍ପନ

ଭାରତୀୟ ଷ୍ଟକ ବଜାରରେ ବଡ଼ଧରଣର ହ୍ରାସ ଦେଖିବାକୁ ମିଳିଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ସେନସେକ୍ସ କାରବାର ଅଧିବେଶନରେ ୧,୨୮୧.୨୧ ପଏଂଟ୍ ହ୍ରାସ ପାଇ ଗୋଟିଏ ଦିନର ସର୍ବନିମ୍ନ ସ୍ତର ୭୬,୦୩୦.୫୯ ପଏଂଟ୍‌ରେ ପହଁଚିଛି। ଶେଷରେ ସେନସେକ୍ସ ୧୦୧୮.୮୦ ପଏଂଟ୍ ହ୍ରାସ ପାଇ ୭୬,୨୯୩.୬୦ ପଏଣ୍ଟରେ ବନ୍ଦ ହୋଇଛି । ସେନସେକ୍ସ ସୋମବାର ୭୭,୩୧୧.୮୦ ପଏଂଟ୍ ରେ ବନ୍ଦ ହୋଇଥିଲା। ସେହିପରି ନିଫଟି ୩୧୦ ପଏଂଟ୍ ହ୍ରାସ ପାଇ ୨୩,୧୦୦ ପଏଂଟ୍ ରେ ବନ୍ଦ ହୋଇଛି । ଅନ୍ତର୍ଜାତୀୟ ବଜାର ପ୍ରଭାବରୁ ବିଶ୍ୱର ବିଭିନ୍ନ ଷ୍ଟକ ବଜାରରେ ହ୍ରାସ ପରିଲକ୍ଷିତ ହେଉଛି । ଏହାର ପ୍ରଭାବ ଭାରତୀୟ ଷ୍ଟକ ବଜାର ଉପରେ ପଡ଼ିଛି । ସେୟାର ମାର୍କେଟରେ ଏହି ହ୍ରାସ ଯୋଗୁଁ ନିବେଶକମାନେ ଯଥେଷ୍ଟ କ୍ଷତି ସହିଛନ୍ତି । ନିବେଶକଙ୍କ କ୍ଷତି ବିଏସଇର ମାର୍କେଟ୍ କ୍ୟାପ୍‌ରେ ଅସ୍ଥିରତା ଉପରେ ନିର୍ଭର କରେ। ଗୋଟିଏ ଦିନ ପୂର୍ବରୁ ବିଏସଇର ମାର୍କେଟ କ୍ୟାପ ୪,୧୭,୮୨,୫୭୩.୭୯ କୋଟି ଟଙ୍କା ଥିଲା, ଯାହା କି କାରବାର ଅଧିବେଶନରେ ୪୦୭ ଲକ୍ଷ କୋଟି ଟଙ୍କାତଳକୁ ଖସି ଆସିଥିଲା । ଅର୍ଥାତ୍ ଚଳିତ କାରବାର ଅଧିବେଶନରେ ନିବେଶକମାନେ ୧୦ ଲକ୍ଷ କୋଟି ଟଙ୍କାରୁ ଅଧିକ କ୍ଷତି ସହିଛନ୍ତି। ଫେବ୍ରୁଆରି ୪ ରୁ ଗତ ୫ଟି ଟ୍ରେଡିଂ ଅଧିବେଶନରେ ନିବେଶକମାନେ ଅଧିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ୪ରେ ବିଏସଇର ମାର୍କେଟ କ୍ୟାପ ୪,୨୫,୫୦,୮୨୬.୧୧ କୋଟି ଟଙ୍କା ଥିଲା, ଯେଉଁଥିରୁ ର୍ବତ୍ତମାନ ସୁଦ୍ଧା ୧୭.୭୬ ଲକ୍ଷ କୋଟି ଟଙ୍କାରୁ ଅଧିକ କ୍ଷତି ହୋଇଛି ।

# ଓଡ଼ିଆ ଝିଅଙ୍କ ସାଇବର ସଚେତନତାକୁ ନେଇ ଚର୍ଚ୍ଚା

ଓଡ଼ିଶାର ଏକ ଛୋଟ ଗାଁରେ ଜନ୍ମ ଗ୍ରହଣ କରିଥିବା ପ୍ରାଚୀ ମହାପାତ୍ର ବିଶ୍ୱ ସାଇବର ନିରାପତ୍ତା ଦୁନିଆର ଏକ ଚର୍ଚ୍ଚିତ ଚେହେରାରେ ପରିଣତ ହୋଇଛନ୍ତି। ତାଙ୍କ ବାପା ପ୍ରକାଶ ମହାପାତ୍ର ଭାରତୀୟ ବାୟୁ ସେନାର ଓ୍ୱାରେଣ୍ଟ ଅଫିସର ଥିଲେ। ନିଜ ଗାଁର ସେ ହେଉଛନ୍ତି ପ୍ରଥମ, ଯିଏ ବିଦେଶ ପଢ଼ିବାକୁ ଯାଇଥିଲେ। ବର୍ତ୍ତମାନ ସେ ବିଶ୍ୱସ୍ତରୀୟ କମ୍ପାନୀ ସିସ୍କୋର ସାଇବର୍ ନିରାପତ୍ତା ଶାଖାର ନେତୃତ୍ୱ ନେଉଛନ୍ତି। ସିସ୍କୋର ସାଇବର ନିରାପତ୍ତା। । ପାଠପଢ଼ାଇବା ଲାଗି ତାଙ୍କ ବାପା ସମ୍ପତ୍ତି ବିକିବାକୁ ମଧ୍ୟ ପ୍ରସ୍ତୁତ ଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ, ମାଡ୍ରାସ ଖ୍ରିଷ୍ଟିଆନ୍ କଲେଜ, ଟେକ୍ସାସ୍ ବିଶ୍ୱବିଦ୍ୟାଳୟରେ ପାଠପଢ଼ିଥିବା ପ୍ରାଚୀ ୨୦୧୩ରେ ଆମାଜନ୍ରେ ଅପରେସନ୍ସ ଅଟୋମେସନ୍ ଆନାଲିଷ୍ଟ ଭାବେ ଯୋଗ ଦେଇଥିଲେ।



ପ୍ରଡକ୍ଟ ମ୍ୟାନେଜର ଭାବେ ସେ କାମ କରୁଛନ୍ତି। ପ୍ରାଚୀ କହିଛନ୍ତି ଯେ ବହୁ ଭାରତୀୟ ଛାତ୍ରଛାତ୍ରୀଙ୍କ ଭଳି ବିଦେଶରେ ପଢ଼ିବା ବେଳେ ସେ ବି ଆର୍ଥିକ ଆହ୍ୱାନ ସାମ୍ନା କରିଥିଲେ। ପାଠପଢ଼ା ଓ ରହିବା ଖାଇବା ଲାଗି ମାସକୁ ୪୦ ଲକ୍ଷ ଟଙ୍କା ଦରକାର ହେଉଥିଲା। ଏକ ଫାଇନାନ୍ସ କମ୍ପାନିରୁ ସେ ଋଣ ନେଇଥିଲେ। ୨୦୧୯ ଜାନୁଆରିରେ ସେ ସିସ୍କୋରେ ବିଜନେସ୍ ଆନାଲିଷ୍ଟ ଭାବେ ଯୋଡ଼ି ହୋଇଥିଲେ। ଆମେରିକା ଯିବା ପରେ ତାଙ୍କ ଜୀବନର ମୋଡ଼ ବଦଳିଯାଇଥିଲା। ପ୍ରଥମେ ପ୍ରଥମେ ଚଳିବା କଷ୍ଟକର ହୋଇଥିଲା। କିନ୍ତୁ ସେ ସେଠାକାର ସଂସ୍କୃତି ସହ ଚଳିବା ଶିଖିଯାଇଥିଲା। ପ୍ରାଚୀ କହିଛନ୍ତି ଯେ ବାପାଙ୍କଠାରୁ ସେ ଶୃଙ୍ଖଳା ଓ ଦୃଢ଼ତା ଶିଖିଥିବା ବେଳେ ସ୍ୱାମୀ ତାଙ୍କୁ ପାଠପଢ଼ାରେ ସହଯୋଗ କରିଥିଲେ। ମାଙ୍କ-ଠାରୁ ସେ ସଂକଳ୍ପ ଓ ଅଭିଳାଷ ଶିଖିଥିଲେ ବୋଲି କହିଛନ୍ତି।

# ଟେନ୍‌ସନ୍ ବଢ଼ାଉଛି ସୁନା

ପୁଣି ଦର ବୃଦ୍ଧି ଅଳଙ୍କାର ପ୍ରିୟ ଲୋକଙ୍କ ପାଇଁ ଏକ ବିରାଟ ସମସ୍ୟା ହୋଇ ଛିଡ଼ା ହୋଇଛି। ମଙ୍ଗଳବାର ସୁନା ଦର ପୁଣି ବଢ଼ିଛି। ସାରା ବିଶ୍ୱରେ ବଢ଼ି ବଢ଼ି ଚାଲିଛି ସୁନା ଦର। ରେକର୍ଡ ସ୍ତରରେ ପହଁଚିଛି ସୁନା ମୂଲ୍ୟ। ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମକୁ ୮୮ ହଜାର ପାର କଲାଣି। ଆଗକୁ ସୁନା ଦର ୯୦ ହଜାର ଅତିକ୍ରମ କରିବା ଆଶଙ୍କା କରାଯାଉଛି। ନୂଆ ଦିଲ୍ଲୀରେ ଏବେ ୧୦ ଗ୍ରାମ ୨୪ କ୍ୟାରେଟ୍ ସୁନା ୮୮ହଜାର ୫୦୦ ଟଙ୍କାରେ ପହଁଚିଲାଣି।



ଭୁବନେଶ୍ୱରରେ ଏବେ ୮୭ ହଜାର ୭୦ ଟଙ୍କା ପହଁଚିଛି। ଅନ୍ତର୍ଜାତୀୟ ବଜାରରେ ସୁନାର ଆଉନ୍ସ ପିଛା ଦର ରେକର୍ଡ ୨୯୦୦ ଡଲାରରେ ପହଁଚିଛି। ଇସ୍ପାତ ଓ ଆଲୁମିନିୟମ୍ ଉପରେ ୨୫ ପ୍ରତିଶତ ଟିକସ ଲଗାଇବାକୁ ଟ୍ରମ୍ପ ଘୋଷଣା କରିବା ପରଠାରୁ ସୁନା ମୂଲ୍ୟ ବଢିବାରେ ଲାଗିଛି। ଦାମ୍ ବଢ଼ିଛି। ଗୋଟିଏ ପଟେ ଟ୍ରମ୍ପଙ୍କ ଶୁଳ୍କ ପ୍ରହାର ଜାରି ରହିଥିବା ବେଳେ ଅନ୍ୟପଟେ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେଉଥିବାରୁ ସୁନା ଆମଦାନି ମହଙ୍ଗା ହୋଇଛି। ଏକ ଡଲାର ଦାମ୍ ୮୭ ଟଙ୍କା ୪୩ ପଇସା ସ୍ତରରେ ରହିଛି।

## ତାଲୁକା ବାଣାୟତ ଓଡ଼ିଆ ସମାଜର ୪୫ତମ ବାର୍ଷିକ ସମ୍ମିଳନୀ

ରାଉରକେଲା(ପିପିଏସ୍): ନିଖିଳ ଓଡ଼ିଶା ବାଣାୟତ ଓଡ଼ିଆ ସମାଜ, ରାଉରକେଲା ତାଲୁକା ଜିଲ୍ଲା ସୁନ୍ଦରଗଡ ତାହାର ୪୫ ତମ ବାର୍ଷିକ ସମ୍ମିଳନୀ ଏବଂ ବନ୍ଧୁମିଳନ ସେକ୍ଟର-୮ ସ୍ଥିତ ଆଖଣ୍ଡଳମଣୀ ମନ୍ଦିର ପ୍ରାଙ୍ଗଣରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଅଭିରାମ ପ୍ରଧାନଙ୍କ ନେତୃତ୍ୱ ଓ ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ପୂର୍ବତନ ସଭାପତି ତଥା ଉପଦେଷ୍ଟା ବାବାନାଥ ପରିଡା ଯୋଗଦେଇ ପବିତ୍ର କୁଳଧ୍ୱଜା ସଭ୍ୟ ଓ ସଭ୍ୟମାନଙ୍କ ଗହଣରେ ଉତ୍ତୋଳନ କରାଯାଇଥିଲା । ସଭାପତି କୁଳ ଇଷ୍ଟଦେବୀ ମା' ନାରାୟଣୀଙ୍କୁ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଶ୍ରୀ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନ ସମ୍ପାଦକୀୟ ବାର୍ଷିକ ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଦୁଇ ଉପ-ସଭାପତି ବାବୁଲା ନାହାକ ଓ ସୂର୍ଯ୍ୟନାରାୟଣ ପୃଷ୍ଟି ଯୋଗଦେଇ ଅନୁଷ୍ଠାନର ସଭ୍ୟ ସଭ୍ୟମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ବାଣାୟତ ସମାଜର ଉନ୍ନତିକରଣ ସହ ପରମ୍ପରା ଚଳଣି କିପରି ବଜାଇ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବାଣାୟତ ସମାଜରେ ଥିବା ଗରିବ ଓ ଆର୍ଥିକ ଅନଗ୍ରସର ପରିବାରର ୨ଜଣ ପିଲାଙ୍କୁ ଉଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇଦେବାକୁ ଘୋଷଣା କରାଯାଇଥିଲା । ବାର୍ଷିକ ଉତ୍ସବରେ ଅନୁଷ୍ଠାନର କୋଷାଧ୍ୟକ୍ଷ ଶରତ କୁମାର ଜେନା ଆୟବ୍ୟୟର ଉପସ୍ଥାପନା କରିଥିଲେ । ଏହି ଉପଲକ୍ଷେ ସମାଜର ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ନୃତ୍ୟ ଓ ଗୀତ ପ୍ରତିଯୋଗିତା ଏବଂ ମହିଳା ମାନଙ୍କ ମଧ୍ୟରେ ଝୋଟି ଓ ବିଭିନ୍ନ ଖେଳ ପ୍ରତିଯୋଗିତା ହୋଇଥିଲା । ଅତିଥିମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହିତ ରାଉରକେଲା ବାଣାୟତ ସମାଜର ବୟୋବୃଦ୍ଧ ଓ ବୃଦ୍ଧାମାନଙ୍କୁ ସମ୍ମାନିତ କରାଯାଇଥିଲା । ଅଞ୍ଚଳ ପ୍ରତିନିଧି ପ୍ରମୋଦ କୁମାର ବିଶ୍ୱାଳ, ଭିକାରୀ ଚରଣ ସ୍ୱାଇଁ, ଅନ୍ତର୍ଯ୍ୟାମୀ ପରିଡା, ହେଲେନ ପ୍ରଧାନ, ଶୁଭାଶିଷ ପରିଡା, ବିଜୟଲକ୍ଷ୍ମୀ ପ୍ରଧାନ, ଶାନ୍ତିଲତା ବେହେରା, ସଞ୍ଜୟ କୁମାର ନାୟକ, ଭରତ ପ୍ରଧାନ, ଅଶୋକ ବିଶ୍ୱାଳ, ସୂର୍ଯ୍ୟନାରାୟଣ ପରିଡା, ଗଣେଶ ଚନ୍ଦ୍ର ପ୍ରଧାନ, ଅନିଲ ସାହୁ, ଅମର ପ୍ରଧାନ ଓ ଅନ୍ୟାନ୍ୟ ସଭ୍ୟ ସଭ୍ୟମାନେ କାର୍ଯ୍ୟକ୍ରମ ସଫଳ କରାଇବାରେ ସକ୍ରିୟ ସହଯୋଗ କରିଥିଲେ । ପରିଶେଷରେ ସହ-ସମ୍ପାଦକ ଅଜିତ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ସୁବର୍ଣ୍ଣପୁର: ଜିଲ୍ଲାରେ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ସତର୍କତା ମୂଳକ ପଦକ୍ଷେପ ସଂପର୍କିତ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀମାନେ ସଜାଗ ଓ ତତ୍ପର ରହିବା ସହିତ କ୍ଷେତ୍ର କର୍ମଚାରୀ ଓ ଅଧିକାରୀ ମାନଙ୍କୁ ଏ ସଂପର୍କରେ ସୂଚୀତ କରିବା ପାଇଁ ଜିଲ୍ଲାପାଳ ଶ୍ରୀମତୀ ଦାସ ନିର୍ଦ୍ଦେଶ ଦେବା ସହ ଜିଲ୍ଲାରେ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟାକୁ ଜିରୋ କରିବା ନିମନ୍ତେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି । ମୁଖ୍ୟତଃ ଜଳ କ୍ଲିଷ୍ଟ ଅଂଚଳଗୁଡିକୁ ଚିହ୍ନଟ କରି ପାନୀୟ ଜଳର ସୁବନ୍ଦୋବସ୍ତ କରିବା, ପାନୀୟ ଜଳର ସମସ୍ୟା ସଂପର୍କରେ ଅଭିଯୋଗ ପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମସ୍ୟାର ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ତୃଣମୂଳ ସ୍ତରରେ ପି ଆର ଆଇ ମେମ୍ବର, ଗ୍ରାମ୍ୟ ସ୍ତରୀୟ ପାନୀୟ ଜଳ ଓ ପରିମଳ ପରିଚାଳନା କମିଟି ସହିତ ବୈଠକ କରି ଆବଶ୍ୟକ ପାନୀୟ ଜଳ ପରିଚାଳନା ଉପରେ ବିଡ଼ିଓ ଏବଂ ଆର ଡବ୍ଲୁ ଏସ ଏସ ଅଧିକାରୀ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ୨୪ ଘ ୭ ଘଂଟା ହିସାବରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ପାଇଁ ବିଦ୍ୟୁତ ବିଭାଗ ଯତ୍ନବାନ ହେବା ସହ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ପାନୀୟ ଜଳ ଯୋଗାଣ କେନ୍ଦ୍ରଗୁଡିକୁ ନିରବଚ୍ଛିନ୍ନ ବିଦ୍ୟୁତ ସରୋବରାହ ଚାଲୁ ରଖିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ଏତଦ୍ ବ୍ୟତୀତ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ଅଂଶୁଘାତର ମୁକାବିଲା ପାଇଁ ଜିଲ୍ଲାର ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ହସ୍‌ପିଟାଲ୍ ଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଔଷଧ ତଥା ଅନ୍ୟାନ୍ୟ ଆନୁସଂଗିକ ବ୍ୟବସ୍ଥା ଗ୍ରହଣ କରିବାକୁ ସିଡ଼ିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସ୍ୱାସ୍ଥ୍ୟକେନ୍ଦ୍ର ଓ ହସ୍‌ପିଟାଲ୍‌ଗୁଡ଼ିକରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବା ସହ ଅଂଶୁଘାତ ଚିକିତ୍ସା ପାଇଁ ସ୍ୱତନ୍ତ୍ର କୋଠରୀ ପ୍ରସ୍ତୁତିକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅଂଶୁଘାତ ଜନିତ ତୁରନ୍ତ ପଦକ୍ଷେପ ଓ ସୂଚନା ନିମନ୍ତେ ଜିଲ୍ଲା ଜରୁରୀ ଶାଖା ତରଫରୁ ସର୍ବସାଧାରଣଙ୍କ ନିମନ୍ତେ କଂଟ୍ରୋଲ ରୁମ୍ (୨୪ଘ୭) ଚାଲୁ କରିବା ଉପରେ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ପ୍ରତ୍ୟେକ ବ୍ଲକ୍, ତହସିଲ ଓ ସଂପୃକ୍ତ ଅନ୍ୟାନ୍ୟ କାର୍ଯ୍ୟାଳୟ ଗୁଡ଼ିକରେ ମଧ୍ୟ କଂଟ୍ରୋଲ ରୁମ୍ ଖୋଲିବା ନିମନ୍ତେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି କ୍ଷ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବୈଠକରେ ବିଭିନ୍ନ ଜରୁରୀ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ଜିଲ୍ଲାରେ ଅଚଳ ହୋଇଥିବା ନଳକୂପ ଗୁଡିକୁ ସଚଳ କରିବା ତଥା ଅନ୍ୟାନ୍ୟ ଜଳ ଉତ୍ସ ଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ପାନୀୟ ଜଳ ଯୋଗାଣ ଓ ତତ୍ ସଂକ୍ରାନ୍ତୀୟ ସମସ୍ୟା ସଂପର୍କରେ ପଦକ୍ଷେପ ଗ୍ରହଣ କରିବା, ଅଂଶୁଘାତ ଜନିତ ମୃତ୍ୟୁର ଯଥାଶୀଘ୍ର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା, ଜିଲ୍ଲାର ପ୍ରତ୍ୟେକ ପୌରପରିଷଦ, ଏନଏସି, ବ୍ଲକ, ପଂଚାୟତ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଜନଗହଳି ସ୍ଥାନ, ବସ୍ ?ଷ୍ଟାଣ୍ଡ ମାନଙ୍କରେ ଜଳ ଛତ୍ର ଖୋଲିବା, ଜଳକ୍ଲିଷ୍ଟ ଅଂଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦେବା ଇତ୍ୟାଦି ସଂପର୍କରେ ବୈଠକରେ ଆଲୋଚନା କରାଯାଇ ସମ୍ପୃକ୍ତ ବିଭାଗଗୁଡିକ ଆବଶ୍ୟକ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ । ଯାତ୍ରୀବାହୀ ବସ୍ ତଥା ଅନ୍ୟାନ୍ୟ ଯାତ୍ରୀବାହୀ ଯାନବାହନ ଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଓ ଓଆରଏସ୍ ପ୍ୟାକେଟ୍ ? ରଖିବା ସହ ସମୟ ନିର୍ଘଂଟ ଜାରି କରିବା ସକାଶେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏତଦ୍ ବ୍ୟତୀତ ଶ୍ରମିକ ମାନେ କାର୍ଯ୍ୟ କରୁଥିବା କାର୍ଯ୍ୟସ୍ଥଳୀ ଗୁଡ଼ିକରେ ପର୍ଯ୍ୟାପ୍ତ ପାନୀୟ ଜଳ, ଓଆରଏସ୍ ପ୍ୟାକେଟ୍ ରଖିବା ସହ କାର୍ଯ୍ୟ ସମୟ ନିର୍ଘଂଟକୁ ଜାରି କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ସମୟରେ ଗୋରୁ, ଗାଈ ଇତ୍ୟାଦି ପ୍ରାଣୀ ସଂପଦଙ୍କ ପିଇବା ପାଣିର ବ୍ୟବସ୍ଥା ପାଇଁ ତଥା ଔଷଧ ରଖିବା ନିମନ୍ତେ ବିଡ଼ିଓ ଏବଂ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କୁ ବନ୍ୟପ୍ରାଣୀଙ୍କ ସୁରକ୍ଷା ସହ ବନ୍ୟ ସମ୍ପଦର ସୁରକ୍ଷା ପ୍ରତି ଆଗୁଆ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି । ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ଓ ଅଂଶୁଘାତ ସତର୍କତା ସଂପର୍କରେ ଜନସାଧାରଣ ଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ଉପରେ ବୈଠକରେ ଆଲୋଚନା ହୋଇଥିଲା । ଏହି ପରିପ୍ରେକ୍ଷୀରେ ବିଭିନ୍ନ ବିଭାଗ ସେମାନଙ୍କ ବିଭାଗ ସହ ସମ୍ପୃକ୍ତ କାର୍ଯ୍ୟକାରୀ ସଂସ୍ଥା / ବ୍ୟକ୍ତି ବିଶେଷଙ୍କ ସହିତ ଆବଶ୍ୟକ ସଚେତନତା ବୈଠକ କରିବେ । ସେହିପରି ତୃଣମୂଳ ସ୍ତରରେ ବିଡ଼ିଓ / ତହସିଲଦାର ପ୍ରଭୃତି ପିଇଓ, ପିଆରଆଇ ମେମ୍ବର, ବିଭିନ୍ନ ସାମାଜିକ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରମୁଖଙ୍କୁ ନେଇ ସଚେତନତା ବୈଠକ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ । ବୈଠକରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ନିଜ ବିଭାଗ ତରଫରୁ ନେବାକୁ ଥିବା ପଦକ୍ଷେପ ଉପରେ ଉପସ୍ଥାପନା କରିଥିଲେ । ଏହି ବୈଠକରେ ସୋନପୁର ଉପଜିଲ୍ଲାପାଳ ଡ଼ଃ. ସୌମ୍ୟାରୁପା ରଥ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପଲ୍ଲବୀ ରାଣୀ ରାଜ ସମେତ କାର୍ଯ୍ୟନିର୍ବାହୀ ବିଭାଗର ଅଧିକାରୀ ବୃନ୍ଦ ସହ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବ୍ଲକର ବିଡ଼ିଓ, ତହସିଲଦାର, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଜରୁରୀ ଶାଖା ଦ୍ୱାରା ଆହୁତ ଏହି ବୈଠକ ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ବୈଠକର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରି ସମସ୍ତଙ୍କୁ ବୈଠକରେ ସ୍ୱାଗତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ରିଆମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଫଳତା




ରିଆମାଳ(ପିପିଏସ୍): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରିଆମାଳ ସ୍ଥାନୀୟ ଅଞ୍ଚଳରେ ଏକ ଆଦର୍ଶ ବିଦ୍ୟାଳୟ ଭାବରେ ପରିଚିତ । ପ୍ରାରମ୍ଭ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ବିଭାଗରେ ବହୁ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନରତ ।ଶିକ୍ଷା ବର୍ଷ ୨୦୩-୨୪ରେ ସରକାରୀ ବୃତ୍ତି ପରୀକ୍ଷା ରେ ବିଦ୍ୟାଳୟ ର ୩ଜଣ ଶିଶୁ ସଫଳତା ହା ସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ।ପଞ୍ଚମ ଶ୍ରେଣୀର ଛାତ୍ର ଶ୍ରୀମାନ ଘସ୍ମେଶ୍ୱର ସାହୁ ପିତା,- ଯୁଧିଷ୍ଠିର ସାହୁ ମାତା ପ ସୁମିତ୍ରା ବିଶ୍ୱାଳ, ତୃତୀୟ ଶ୍ରେଣୀ ର ଛାତ୍ରୀ ସୁଶ୍ରୀ ଅନ୍ୱେଷା ବିଶ୍ୱାଳ ପିତାପ ଅମିତ୍ କୁମାର ବିଶ୍ୱାଳ ମାତାପ ସାଗରିକା ଦେହୁରୀ ,ଆଉ ଜଣେ ଛାତ୍ରୀ ସୁଶ୍ରୀ ଅନ୍ୱେଷା ସାହୁ,ପିତାପ ପାର୍ଥ ସାରଥି ସାହୁ ମାତା ପସସ୍ମିତା ସାହୁ ସରକାରୀ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିବା ସହିତ ବେଶ୍ ଖୁସି ଥିବା ଜଣାପଡିଛି ।ଏହି ସଫଳତା ପାଇଁ ସେମାନେ ପିତା ମାତା,ଗୁରୁଜୀ ଗୁରମା ଙ୍କୁ ଶ୍ରେୟ ପ୍ରଦାନ କରି କୃତଜ୍ଞତା ଜ୍ଞାପନ କରିଛନ୍ତି ।ବିଦ୍ୟାଳୟ ତରଫରୁ ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଯୁଧିଷ୍ଠିର ସାହୁ ଙ୍କ ତତ୍ତ୍ୱାବଧାନରେ ସମସ୍ତ ଗୁରୁଜୀ ଗରୁମା ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ ସେମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅଭିନନ୍ଦନ ଜଣାଇଥିଲେ ।ବିଦ୍ୟାଳୟ ର ଏଭଳି କୃତିତ୍ୱ ରେ ସ୍ଥାନୀୟ ଅଞ୍ଚଳର ଜଣ ସାଧାରଣ ଙ୍କ ଠାରୁ ବହୁ ପ୍ରଶଂସା ର ସୁଅ ଛୁଟୁଛି ।

## ପ୍ରବାସୀ ଓଡ଼ିଆଙ୍କୁ କୃତଜ୍ଞତା ଜଣାଇଲେ ସାଂସଦ ଅନନ୍ତ

କେନ୍ଦୁଝର, (ପିପିଏସ୍): ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟୀ ସପକ୍ଷରେ ମିଳିଥିବା ପ୍ରଚଣ୍ଡ ଜନାଦେଶ ପରେ କେନ୍ଦୁଝର ସାଂସଦ ତଥା ଦିଲ୍ଲୀ ବିଜେପି ଓଡିଆ ସେଲର ପ୍ରଭାରୀ ଅନନ୍ତ ନାୟକ ଦିଲ୍ଲୀରେ ରହୁଥିବା ପ୍ରବାସୀ ଓଡିଆ ମାନଙ୍କ ପ୍ରତି ଦଳ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଗତ ବିଧାନସଭା ନିର୍ବାଚନରେ ଦିଲ୍ଲୀରେ ରହୁଥିବା ପ୍ରବାସୀ ଓଡିଆ ମାନେ ଭାରତୀୟ ଜନତା ପାର୍ଟି ପ୍ରତି ଅଜସ୍ର ସମର୍ଥନ ପ୍ରଦାନ କରିଥିବା କାରଣରୁ ପ୍ରବାସୀ ଓଡିଆ ବହୁଳ ବିଧାନସଭା ଆସନ ଗୁଡିକରେ ବିଜେପି ପ୍ରାର୍ଥୀ ମାନେ ବିଜୟୀ ହୋଇ ପାରିଛନ୍ତି ବୋଲି ଶ୍ରୀ ନାୟକ କହିଛନ୍ତି । ଉଲ୍ଲେଖନୀୟ ଯେ, କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କୁ ଦଳର କେନ୍ଦ୍ରୀୟ ନେତୃତ୍ୱ ଦିଲ୍ଲୀ ବିଜେପି ଓଡିଆ ସେଲର ପ୍ରଭାରୀ ଭାବେ ଦାୟିତ୍ୱ ଦେଇଥିଲା ଓ ବିଧାନସଭା ନିର୍ବାଚନ ପରିଚାଳନାରେ ତାଙ୍କର ଗୁରୁତ୍ୱପୂର୍ଣ ଭୂମିକା ରହିଥିଲା । ଦିଲ୍ଲୀରେ ରହୁଥିବା ପ୍ରବାସୀ ଓଡିଆ ମାନଙ୍କ ନିକଟକୁ ପହଂଚିବା ଓ ସେମାନଙ୍କର ସମର୍ଥନ ହାସଲ କରିବା ପାଇଁ ସେ ରଣନୀତି ପ୍ରସ୍ତୁତ କରିଥିଲେ । ସେ ନିଜେ ପ୍ରବାସୀ ଓଡିଆ ବହୁଳ ୧୭ଟି ବିଧାନସଭା ଆସନରେ ଯାଇ ପ୍ରଚାର କରିଥିଲେ । ସେ ପ୍ରଚାର କରିଥିବା ୧୭ଟି ବିଧାନସଭା ଆସନରୁ ୧୪ଟି ଆସନରେ ବିଜେପି ପ୍ରାର୍ଥୀ ମାନେ ବିଜୟୀ ହୋଇଛନ୍ତି । ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପିର ବିପୁଳ ବିଜୟ ପରେ ପ୍ରତିକ୍ରିୟାରେ ଶ୍ରୀ ନାୟକ କହିଛନ୍ତି ଯେ, ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିକୁ ମିଳିଥିବା ପ୍ରଚଣ୍ଡ ବିଜୟ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଓ ଭାରତୀୟ ଜନତା ପାର୍ଟିର ନୀତି ପ୍ରତି ବିଶ୍ୱାସର ପ୍ରତୀକ । ଆଜିର ଏହି ବିଶାଳ ବିଜୟ ପ୍ରମାଣିତ କରି ଦେଇଛି ଯେ ଦେଶର ଜନସାଧାରଣଙ୍କର ବିଶ୍ୱାସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ଅଛି । ରାଜଧାନୀ ଦିଲ୍ଲୀର ହୃଦୟରେ ମଧ୍ୟ ଆଦରଣୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଛନ୍ତି । ସେ କହିଛନ୍ତି ପାଖାପାଖି ୨୭ ବର୍ଷର ଦୀର୍ଘ ବ୍ୟବଧାନ ପରେ ଭାରତୀୟ ଜନତା ପାର୍ଟି ଦିଲ୍ଲୀରେ କ୍ଷମତାକୁ ଫେରୁଛି । ଏହି ବିଶାଳ ବିଜୟ ପାଇଁ ମୁଁ ଦଳର ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା, ଦିଲ୍ଲୀ ବିଜେପି ସଭାପତି ବୀରେନ୍ଦ୍ର ସଚଦେବା ଓ ଦଳ ପାଇଁ କଠିନ ପରିଶ୍ରମ କରିଥିବା ଦେବଦୁର୍ଲଭ କାର୍ଯ୍ୟକର୍ତ୍ତା ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଦିଲ୍ଲୀର ଜନ ସାଧାରଣଙ୍କ ପ୍ରତି କୃତଜ୍ଞତା ଜଣାଉଛି ବୋଲି ସେ କହିଛନ୍ତି ।

## କୁଷ୍ଠରୋଗୀଙ୍କ ଅସ୍ତ୍ରୋପଚାର ସଫଳ

କୋରାପୁଟ : କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ସଫଳତାର ସହ ଚାରି ଜଣ ବିକଳାଙ୍ଗ କୁଷ୍ଠ ରୋଗୀଙ୍କ ଅସ୍ତ୍ରୋପଚାର ହୋଇଛି । ରାଜ୍ୟ ତରଫରୁ ଶଲ୍ୟ ବିଶେଷଜ୍ଞ ଡାକ୍ତର ଲକ୍ଷ୍ମୀକାନ୍ତ କର୍ମୀ ଏବଂ ଫିଜିଓଥେରାପିଷ୍ଟ କେ. ଈଶ୍ୱର ରାଓ ଆସିଥିଲେ । କୋରାପୁଟ ଜିଲା କେମିତି କୁଷ୍ଠ ମୁକ୍ତ ହେବ, ସେ ଲକ୍ଷ୍ୟ ନେଇ ଜିଲାର ମୁଖ୍ୟ ଚିକିତ୍ସା ଏବଂ ଜନସାସ୍ଥ୍ୟ ଅଧିକାରୀ ଡ. ବରୋଦା କାନ୍ତ ମିଶ୍ର , ଅତିରିକ୍ତ ମୁଖ୍ୟ ସାସ୍ଥ୍ୟ ଅଧିକାରୀ ଡ. ମୁକ୍ତିକାନ୍ତ ଖଟୁଆ ଏବଂ ଜିଲା କାର୍ଯ୍ୟକ୍ରମ ପରିଚାଳକ ଶୁଭକାନ୍ତ ଗନ୍ତାୟତଙ୍କ ତତ୍ତ୍ୱାବଧାନରେ ଏକ ଜିଲାସ୍ତରୀୟ ଟିମ ଗଠନ କରାଯାଇଛି । ଯେଉଁଥିରେ ଜିଲାର କୁଷ୍ଠ ରୋଗ ପରାମର୍ଶଦାତା ଡ. ରାକେଶ ଚନ୍ଦ୍ର କଲେତ ,ବି ଭାସ୍କର ରାଓ (ଜିଲା ଏନ ଏମ ଏସ) ଏବଂ ସହଯୋଗୀ ଷ୍ଟାଫ ସମସ୍ତେ କୋରାପୁଟ ଜିଲାର ପ୍ରତ୍ୟେକ ବ୍ଲକ , ଗ୍ରାମ ପରିଦର୍ଶନ କରି କୁଷ୍ଠ ରୋଗୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଉଚିତ୍ ? ସେବା ଯୋଗାଇଦେବା ହେଉଛି ଏକ ମାତ୍ର ଲକ୍ଷ୍ୟ । ସୂଚନା ଥାଉକି, ଗତ ୨୦୨୩-୨୪ ବର୍ଷରେ ୫ ଜଣଙ୍କ ଅସ୍ତ୍ରୋପଚାର ହେଇଥିବା ବେଳେ ଚଳିତ ୨୦୨୫ ବର୍ଷରେ କୋରାପୁଟ ଜିଲାରେ ୪ ଜଣ ବିକଳାଙ୍ଗ କୁଷ୍ଠ ରୋଗୀଙ୍କୁ ସଫଳତାର ସହ ଅସ୍ତ୍ରୋପଚାର କରାଯାଇଛି ଏବଂ ସରକାରଙ୍କ ପ୍ରୋତ୍ସାହନ ରାଶି ୧୨୦୦୦ ଏବଂ ଯାତାୟାତ ଖର୍ଚ୍ଚ ବାବଦକୁ ୧୫୦୦ ଦିଆଯାଉଛି । ଆସନ୍ତା ତିନି ମାସ ମଧ୍ୟରେ ଆଉ ୪ ଜଣଙ୍କ ନାମ ଅସ୍ତ୍ରୋପଚାର ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ଏହି ଅସ୍ତ୍ରୋପଚାରରେ ଲେପ୍ରା ସୋସାଇଟି କୋରାପୁଟ ତରଫରୁ ପ୍ରୋଜେକ୍ଟ ଅଫିସର ନେତ୍ରାନନ୍ଦ ସାହୁ ଏବଂ ଫିଜିଓଥେରାପିଷ୍ଟ ଅନିଲ ବାବୁ ସହଯୋଗ କରିଥିଲେ ।

## ଏମ୍‌ଭି ୬୯ ଗ୍ରାମରେ ଉତ୍ତମ ମଲ୍ଲିକ ଫ୍ରେଣ୍ଡସ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ମାଲକାନଗିରି (ପିପିଏସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ଭି ୬୯ ଗ୍ରାମରେ ଉତ୍ତମ ମଲ୍ଲିକ ଫ୍ରେଣ୍ଡସ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ମାଧବଚନ୍ଦ୍ର ସରକାର, ସମ୍ମାନିତ ଅତିଥି ଭାବେ ଜଣାଶୁଣା ଖେଳାଳି ତଥା ସମାଜସେବୀ ମାନସ ରଞ୍ଜନ ଜେନା ଯୋଗଦେଇଥିଲେ । ଏହି ଅବସରରେ ଆୟୋଜକ ଡ.ଉତ୍ତମ ମଲ୍ଲିକ ମଧ୍ୟ ଉପସ୍ଥିତ ରହିଥିବା ବେଳେ ଅନ୍ୟତମ ଅତିଥି ଭାବେ ସୁବାଷ ଚକ୍ରବର୍ତ୍ତୀ, ଶୁଭ୍ରାଂଶୁ ଶେଖର ସାହୁ, ପ୍ରଦୀପ ମଣ୍ଡଳ, ରଞ୍ଜିତ ରାୟ, ବିଦୁତ୍ ମିସ୍ତ୍ରୀ, ବିକ୍ରମ୍ ମଣ୍ଡଳ, ମିଳନ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇଥିଲେ । ତେବେ ଅଞ୍ଚଳରେ କାଳିପୂଜା ଏବଂ ଭାଗବତ ପାଠ ଉପଲକ୍ଷେ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା । ଏଥିରେ ୮ ଟିମ୍ ଅଂଶଗ୍ରହ କରିଥିବା ବେଳେ ଏହାର ଉଦ୍‌ଯାପନୀ ମ୍ୟାଚ୍ ୧୭ ତାରିଖରେ ଅନୁଷ୍ଠିତ ହେବ । ଏହି ମ୍ୟାଚ୍‌ଟି ଏମ୍‌ଭି ୧୧୨ ଓ ଏମ୍‌ଭି ୬୦ ଗ୍ରାମ ଦଳ ମଧ୍ୟରେ ହୋଇଥିଲା । ଏଥିରେ ଅମ୍ପାୟାର ଭାବେ ବିପ୍ଳବ ମଣ୍ଡଳ ଓ ଶୁଭ୍ରାଂଶୁ ଶେଖର ସାହୁ ଦାୟିତ୍ୱ ନିର୍ବାହ କରିଥିଲେ । ତେବେ ଏଠାରେ ଖେଳିବା ପାଇଁ ଖେଳପଡିଆ ନଥିବା ବେଳେ ଏକ ଖେଳପଡିଆର ଅବଶ୍ୟକତା ରହିଥିବା ଦାବି ହୋଇଛି ।

## ୪୫୯୦୭ ଜଣ ହିତାଧିକାରୀ ପାଇଲେ ସୁଭଦ୍ରା ଅର୍ଥ




ଧାମନଗର ବ୍ଲକ

ଧାମନଗର (ପିପିଏସ): ରାଜ୍ୟର ନୂଆ ସରକାର ତା'ର ନିର୍ବାଚନ ପ୍ରତିଶ୍ରୁତି ପାଳନ କରିବାକୁ ଯାଇ ସୁଭଦ୍ରା ଯୋଜନାରେ ମହିଳା ମାନଙ୍କୁ ପ୍ରଥମ କିସ୍ତିର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଏବଂ ଚତୁର୍ଥ ପର୍ଯ୍ୟାୟରେ ପାଞ୍ଚ ହଜାର ଲେଖାଏଁ ଟଙ୍କା ସେମାନଙ୍କୁ ବ୍ୟାଙ୍କ ଆକାଉଣ୍ଟକୁ ପୈଠ କରିଛନ୍ତି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ ତାରିଖରେ ଏହି ଯୋଜନାର ଶୁଭାରମ୍ଭ ହୋଇଥିଲା । ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ଏହି ଯୋଜନାରେ ମହିଳା ମାନଙ୍କୁ ପ୍ରଥମ କିସ୍ତିର ଅର୍ଥ ପ୍ରଦାନ କରିଥିଲେ । ସେହିପରି ଗତ ଅକ୍ଟୋବର ୯ ତାରିଖରେ ପ୍ରଥମ କିସ୍ତିର ଦ୍ୱିତୀୟ ଓ ନଭେମ୍ବର ୨୪ ତାରିଖରେ ତୃତୀୟ ଏବଂ ଫେବୃଆରୀ ୮ ତାରିଖରେ ଚତୁର୍ଥ ପର୍ଯ୍ୟାୟ ଅର୍ଥ ପ୍ରଦାନ କରଯାଇଛି । ରାଜ୍ୟ ସରକାରଙ୍କ ମହିଳା ସଶକ୍ତି କରଣ ବିଭାଗ ତଥ୍ୟ ଅନୁସାରେ ଧାମନଗର ବ୍ଲକରେ ୧୧ ଫେବୃଆରୀ ୨୦୨୫ ସୁଦ୍ଧା ସୁଭଦ୍ରା ଯୋଜନାରେ ମୋଟ ୫୦୧୮୨ ଜଣ ଆବେଦନ କରିଥିବା ବେଳେ ୪୫୯୦୭ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଜମା ଖାତାକୁ ପାଞ୍ଚ ହଜାର ଲେଖାଏଁ ଟଙ୍କା ପୈଠ କରାଯାଇଛି । ସେହିପରି ୫୩୮ ଜଣ ରାସନ କାର୍ଡ ଧାରୀ ଓ ୨୮୧ ଜଣ ଅଣ ରାସନଧାରୀ ହିତାଧିକାରୀଙ୍କ ଆବେଦନ ନାକଚ ହୋଇଥିବା ଜଣା ଯାଇଛି ।ଗୋଟିଏ ବି ପେମେଣ୍ଟ ଫେଲ ହୋଇନାହିଁ । ଏଥିରେ ୪୮୭୫୯ ଜଣଙ୍କର ଇ-କେୱାଇସି ସମ୍ପୂର୍ଣ୍ଣ ହୋଇଥିବା ବେଳେ ୬୦୪ ଜଣଙ୍କର ପେଣ୍ଡିଙ୍ଗ ଅଛି ।ଏହି ଯୋଜନାରୁ ୭୦ ଜଣ ସ୍ୱାଇଚ୍ଛାରେ ବାହାରି ଯାଇଥିବା ବେଳେ ୧୩୮ ଜଣ ପୁଣି ଯୋଡ଼ି ହୋଇଛନ୍ତି । ଏହି ଯୋଜନା ଅର୍ଥ ଡିବିଡି ମଧ୍ୟମରେ ୪୫୭୬୮ ଜଣଙ୍କୁ ପେମେଣ୍ଟ ହୋଇଥିବା ବେଳେ ୭୮ ଜଣଙ୍କୁ ସିବିସିଡି ମାଧ୍ୟମରେ ପେମେଣ୍ଟ ହୋଇଛି । ପାଖାପାଖି ୯୦୦ ଆବେଦନକାରୀ ଯୋଗ୍ୟ କି ନୁହଁ ତା' ର ତଦାରଖ ଚାଲିଛି ବୋଲି ମହିଳା ସଶକ୍ତି କରଣ ବିଭାଗ ସୂତ୍ରରୁ ଜଣା ଯାଇଛି ।

## ବ୍ଲକ୍‌ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗୀର : ଲୋଇସିଂହା ମହାବିଦ୍ୟାଳୟ ଠାରେ, ଜିଲ୍ଲା ସମାଜ କଲ୍ୟାଣ ବିଭାଗ, ବଲାଙ୍ଗିର ଅନୁକୂଲ୍ୟ ରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବ୍ଲକ ଅଧକ୍ଷ ଜତିନ୍ଦ୍ର କୁମାର ପଟେଲ ଯୋଗ ଦେଇଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ମହାବିଦ୍ୟାଳୟ ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ଦିଲୀପ କୁମାର ବେହେରା, ଆଇନ ପରାମର୍ଶଦାତା ପ୍ରଶାନ୍ତ କୁମାର ବେହେରା ଏବଂ ଜିଲ୍ଲା ସମାଜ କଲ୍ୟାଣ ଅଧିକାରି ସୁଷମା ମହାପାତ୍ର ମଞ୍ଚାସୀନ ଅତିଥି ଭାବେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ନାରୀ ନିର୍ଯାତନା ଓ ତାର ନିରାକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହାଛଡା ପୂର୍ବ ଗର୍ଭଧାରଣ ଏବଂ ଗର୍ଭବସ୍ଥାରେ ଲିଙ୍ଗ ନିରୁପଣ ନିଷେଧ ଆଇନ, ବାଲ୍ୟବିବାହ ଆଇନ, ଯୌତୁକ ପ୍ରଥା ଆଇନ ତଥା ଶିଶୁମାନଙ୍କର ଯୌନ ନିର୍ଯାତନା ଆଇନ ବିଷୟରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା । ଏହାପରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଗଲପୁର ଶୁଭଶ୍ରୀ ମିଶ୍ର, ମହାବିଦ୍ୟାଳୟର ଛାତ୍ରୀମାନଙ୍କ ସହିତ ପ୍ରଶ୍ନ ଉତର କରିଥିଲେ । ସର୍ବଶେଷରେ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ସୁଜାତା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭା କୃଷି ବିକାଶ ପ୍ରକଳ୍ପ ଅଧିକାରୀ, ଦେଓଗାଁ ମିନତି କୁମାରୀ ମିଶ୍ର ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଲୋଇସିଂହ ମହାବିଦ୍ୟାଳୟ ଅଧ୍ୟାପକ ଅଧ୍ୟାପିକା ବୃନ୍ଦ ତଥା ଶତାଧିକ ଛାତ୍ର ଛାତ୍ରୀମାନେ, ଜିଲ୍ଲା ମମତା କାର୍ଯ୍ୟକ୍ରମ ସଂଯୋଜିକା ସୁଶ୍ରୀ ଶିବାନୀ ଠାକୁର, ଜିଲ୍ଲା ପରାମର୍ଶ ଦାତା ଶ୍ରୀମତୀ ସଂଧାରାଣୀ ପତି, ସମନ୍ୱୟ ଶିଶୁ ବିକାଶ ବିଭାଗ ଲୋଇସିଂହା କର୍ମକର୍ତା, ଅଙ୍ଗନ ବାଡିକର୍ମୀ, ସଖି ସେଣ୍ଟରର କର୍ମକର୍ତ୍ତା ବଲାଙ୍ଗୀର, ସ୍ୱଧାର କର୍ମକର୍ତ୍ତା ବଲାଙ୍ଗୀର, ସଦସ୍ୟ ପଂଚାୟତିରାଜ, ବିଏଲଏଫ ସଦସ୍ୟ ତଥା ପ୍ରିଂଟ ଏବଂ ଇଲେକ୍ଟ୍ରୋନିକ ମିଡ଼ିଆ ସଭାରେ ଉପରସ୍ଥିତ ରହି ସଭାକୁ ପୂର୍ଣ୍ଣ ସାଫଲ୍ୟ ମଣ୍ଡିତ କରିଥିଲେ ।

## ସୁରକ୍ଷିତ ଇଣ୍ଟରନେଟ୍ ସଚେତନତା କର୍ମଶାଳା

ମାଲକାନଗିରି, (ପିପିଏସ୍): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ସୁରକ୍ଷିତ ଇଂଟରନେଟ୍ ଦିବସ ଉପରେ ଏକ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଭିନ୍ନ ସରକାରୀ କାର୍ଯ୍ୟାଳୟର କର୍ମଚାରୀ ଓ ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ ଓ ଏହି ବର୍ଷ, ସୁରକ୍ଷିତ ଇଣ୍ଟରନେଟ୍ ଦିବସରେ 'ଏକ ଉତ୍ତମ ଇଂଟରନେଟ୍ ପାଇଁ ଏକାଠି' ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା । ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ପରିଚାଳକ, ଶୁଭାଶିଷ ପଟ୍ଟନାୟକ ଓ ଡି.ଆଇ.ଓ, ଏନ.ଆଇ.ସି ରଜନୀଶ କାନ୍ତ ପାଣ୍ଡେ ଏହି କର୍ମଶାଳାକୁ ପରିଚାଳନା କରିବା ସହ ସଭାରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଇଂଟରନେଟ ବିଷୟରେ ସଚେତନତା ସୃଷ୍ଟି କରାଇବା ସହ ଇଂଟରନେଟର ନିରାପଦ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ବିଶେଷକରି ଶିଶୁ, ମହିଳା ଏବଂ ଯୁବକମାନଙ୍କ ମଧ୍ୟରେ କିପରି ପ୍ରୋତ୍ସାହିତ କରାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ ।

## ଇ-ୱେଷ୍ଟ ସମ୍ପର୍କିତ କର୍ମଶାଳା




ରାଉରକେଲା,(ପିପିଏସ୍): ଏସ.ପି.ସି.ବି. ଏବଂ ହୁଲାଡ୍ରେକ ର ମିଳିତ ଆନୁକୂଲ୍ୟରେ ଇ - ୱେଷ୍ଟ ପରିଚାଳନା ନେଇ ଏକ କର୍ମଶାଳା ଆଜି ସ୍ଥାନୀୟ ବ୍ରାହ୍ମଣୀ କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏସପିସିବି ରାଉରକେଲା ଆଞ୍ଚଳିକ ଶାଖା ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ଡ଼. ଅନୁପ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ କ୍ଷ ସେ ଭିତ୍ତିପ୍ରବନ୍ଧ ଉପସ୍ଥାପନା କରି ଇ - ୱେଷ୍ଟ ପରିଚାଳନା ନେଇ ରହିଥିବା ବିଭିନ୍ନ ନିୟମ ସମ୍ପର୍କ ରେ ଆଲୋକପାତ କରିଥିଲେ କ୍ଷ ଏଣିକି ରାଉରକେଲା ରେ ଇଲେକ୍ଟ୍ରୋନିକ୍ସ ବର୍ଜ୍ୟ ବସ୍ତୁ ସମସ୍ୟା ଦୂରୀଭୁତ ପାଇଁ ପ୍ରଚଳିତ ବ୍ୟବସ୍ଥା ର ସୁଯୋଗ ନେବାକୁ ସେ ସହର ବାସୀଙ୍କୁ ନିବେଦନ କରିଥିଲେ କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ଆରଏସପିର ପାଇବେଶ ବିଭାଗ ଜିଏମ ପିସି ଦାସ, ରାଉରକେଲା ଚ୍ୟାମ୍ବର ଅଫ କମର୍ସ ଆଣ୍ଡ ଏଣ୍ଡଷ୍ଟ୍ରିର ସଭାପତି ପ୍ରଭାତ ତିବ୍ରିୱାଲ, ଲୟନ୍ସ ଇଣ୍ଟର ନେସନାଲର କାଉନସିଲ ସେକ୍ରେଟାରୀ ପ୍ରାବୀନ ଅଗ୍ରୱାଲ, ହୁଲାଡ୍ରେକ ରିସାକ୍ଲିଙ୍ଗ ପ୍ରାଇଭେଟ ଲିମିଟେଡ଼ ର ଫାଉଣ୍ଡର ତଥା ଏମଡି ନନ୍ଦନ ମଲ୍ଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ରହିବା ସହ ଇ - ୱେଷ୍ଟ ପରିଚାଳନାରେ ବିଭିନ୍ନ ଶିଳ୍ପ ଓ କମ୍ପାନୀ ଭୋଗୁଥିବା ସମସ୍ୟା, ସହରବାସୀଙ୍କ ସମସ୍ୟା, ଇ - ୱେଷ୍ଟ ପରିଚାଳନା ରୁଲ ୨୦୨୨ ସମ୍ପର୍କ ରେ ଅତିଥି ମାନେ ଆଲୋଚନା କରିଥିଲେ । ହୁଲାଡ୍ରେକ ର ରାଉରକେଲା ରିଜିଓନାଲ ପାର୍ଟନର ଗୌତମ ଜୟସ୍ୱାଲ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ଏହି ଅବସରରେ ଇ - ୱେଷ୍ଟ କଲେକ୍ସନ ପାଇଁ ଇ-ରେକ୍ସା ପ୍ରଚଳନର ଶୁଭାରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମ ରେ ଏସପିସିବି ର ଉପ ପରିବେଶ ଯନ୍ତ୍ରୀ ବିଜୟ କୁମାର ଭୋଇ, ଏଇଇ ପ୍ରିତମ କୁମାର ପତି, ଏଇଏସ ପ୍ରଜ୍ଞାଜ୍ୟୋତି ସେନାପତିଙ୍କ ସମେତ ବିଭିନ୍ନ କାରଖାନା ଓ ଖଣିର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଆ ଶ୍ରମିକମାନେ ସାରା ପୃଥିବୀରେ ସୁନାମ ଅର୍ଜନ କରିଛନ୍ତି। ବିଶେଷକରି ଦେବାଳୟ ନିର୍ମାଣ କ୍ଷେତ୍ରରେ ସେମାନଙ୍କର ଭୂମିକା ମହନୀୟ। ସେମାନେ ବାସ୍ତବିକ ଆଧୁନିକ ଯୁଗର ବିଶ୍ୱକର୍ମା ବୋଲି ଏକାମ୍ର ବିଧାୟକ ବାବୁ ସିଂ ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ଜୟଦେବ ଭବନରେ ଅନୁଷ୍ଠିତ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ସିଂ କହିଲେ ଯେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଶ୍ରମଜୀବୀମାନଙ୍କ ବିପୁଳ କଲ୍ୟାଣସାଧନ ନିମିତ୍ତ ଅଭିପ୍ରେତ। ଶ୍ରମ ବିଭାଗ ପକ୍ଷରୁ ଏ ସମ୍ବନ୍ଧୀୟ ଅଧିକ ସଚେତନତାର ପ୍ରଚାରପ୍ରସାର ଜରୁରୀ। ଶ୍ରମ ଆଇନରେ ଥିବା ବିଭିନ୍ନ ପ୍ରାବଧାନ ତଥା କଲ୍ୟାଣକାରୀ ଯୋଜନା ଏବଂ ସହାୟତା ବାବଦରେ ସାଧାରଣ ଶ୍ରମିକ ବର୍ଗଙ୍କୁ ଅବଗତ କରାଇବା ସହ ସେମାନଙ୍କ ସମସ୍ୟା ସମାଧାନ ଦିଗରେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ବିଧାୟକ ଶ୍ରୀ ସିଂ ଉପସ୍ଥିତ ଶ୍ରମ ବିଭାଗର ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟ ଶ୍ରମ ଆୟୁକ୍ତ ଇନ୍ଦ୍ରମଣୀ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରମିକମାନଙ୍କ ସହାୟତା ପାଇଁ ନିଃଶୁଳ୍କ ଟେଲିଫୋନ୍ ନମ୍ବର ୧୮୦୦-୩୪୫୬୭୦୩ର ବ୍ୟବସ୍ଥା ସହ ବିଭିନ୍ନ ସରକାରୀ ସୁବିଧା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡିଭିଜନାଲ ଶ୍ରମ ଆୟୁକ୍ତ ଅଜୟ କୁମାର ପ୍ରଧାନ, ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ କୁମାର ପାତ୍ର, ଅତିରିକ୍ତ ଶ୍ରମ କମିସନର ଘାସିରାମ ଟୁଡୁ, ମଦନମୋହନ ପାଇକ, ଭୁବନେଶ୍ୱର ଉପଜିଲ୍ଲାପାଳ ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଜିଲ୍ଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବାବେଳେ ଶ୍ରମ ଅଧିକାରୀ ଦେବଶ୍ରୀ ବେହେରା ଧନ୍ୟବାଦ ଦେଇଥିଲେ। ଏହି ଉପଲକ୍ଷେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ଜିଲ୍ଲାର ୨୧୫ ଜଣ ଶ୍ରମଜୀବୀଙ୍କୁ ପରିଚୟପତ୍ର ବଣ୍ଟନ, ୫୦୪ ଜଣଙ୍କୁ ଶିକ୍ଷା ସହାୟତା, ୮୮ଜଣଙ୍କୁ ବିବାହ ସହାୟତା, ୪୮ ଜଣଙ୍କୁ ପ୍ରସବକାଳୀନ ସହାୟତା, ୧୬୧ ଜଣଙ୍କୁ ମୃତ୍ୟୁଜନିତ ସହାୟତା, ୧୬୧ ଜଣଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ଆଦି ମୋଟ୍ ୯୬୨ ଜଣଙ୍କୁ ପ୍ରାୟ ୪ କୋଟି ୧୯ ଲକ୍ଷ ଟଙ୍କାର ବିଭିନ୍ନ ସହାୟତା ପ୍ରଦାନ କରାଯାଇଛି।

# ରେଡ୍‌କ୍ରସ୍ ସହଯୋଗର ସନ୍‌ସାଇନ୍ ହସ୍ପିଟାଲ୍ ପକ୍ଷରୁ ରକ୍ତଦାନ ଶିବିର



**ଭୁବନେଶ୍ୱର (ପିପିଏସ୍):** ସନ୍‌ସାଇନ୍ ହସ୍ପିଟାଲ୍ ଓ ରେଡ୍‌କ୍ରସ୍ ଭୁବନେଶ୍ୱର ମିଳିତ ସହଯୋଗରେ ଲକ୍ଷ୍ମୀସାଗର ସ୍ଥିତ ହସ୍ପିଟାଲ୍ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ସ୍ଥାନୀୟ ନିବାସୀ, ହସ୍ପିଟାଲର କର୍ମଚାରୀ ଓ ଚିକିତ୍ସକମାନେ ଅଂଶଗ୍ରହଣ କରି ରକ୍ତଦାନ କରିଥିଲେ। ପ୍ରାରମ୍ଭରେ ସନ୍‌ସାଇନ୍ ହସ୍ପିଟାଲର ସିଇଓ ଡାକ୍ତର ଅଲୋକ ଲୋଧ, ଡାଇରେକ୍ଟର ବ୍ରିଗେଡିଅର୍ ଡା. ପ୍ରଫୁଲ୍ଲ ସାହୁ, ଡାଇରେକ୍ଟର ଡା. ପୟୋଦ କୁମାର ଜେନା, ଡାଇରେକ୍ଟର ଅୟଶକାନ୍ତ ମହାନ୍ତି ଯୋଗଦେଇ ରକ୍ତଦାନ ସମ୍ବନ୍ଧରେ ବିଭିନ୍ନ ସଚେତନତା ଓ ସମାଜ ଉପରେ ପ୍ରଭାବ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଡା. ଲୋଧ କହିଥିଲେ, ପ୍ରତ୍ୟେକ ରକ୍ତଦାନ ଏକ ଛୋଟ କିନ୍ତୁ ଶକ୍ତିଶାଳୀ କାର୍ଯ୍ୟ ଯାହା ଜୀବନ ରକ୍ଷା କରିପାରେ।

# ଦିବ୍ୟ ଜୀବନ ସଂଘର ଆଧ୍ୟାତ୍ମିକ ସମ୍ମିଳନୀ



**ଭୁବନେଶ୍ୱର (ପିପିଏସ୍):** ଦିବ୍ୟଜୀବନ ସଂଘ ଆନୁକୁଲ୍ୟରେ ସଂଘର ପ୍ରଥମ ଆଧ୍ୟାତ୍ମିକ ସମ୍ମିଳନୀ ୧୯୬୬ ମସିହାରେ ପୁରୀରେ ଅନୁଷ୍ଠିତ ହୋଇଥିଲା। ଯେଉଁ ସମ୍ମିଳନୀରେ ଉତ୍କଳ ପ୍ରଦେଶ ତଥା ଭାରତ ବର୍ଷର ବହୁ ସାଧୁସନ୍ଥ, ମହାତ୍ମା ଯୋଗଦେଇଥିଲେ। ସେହିପରି ୩୮ତମ ନିଖିଳ ଉତ୍କଳ ଦିବ୍ୟଜୀବନ ସଂଘ ଆଧ୍ୟାତ୍ମିକ ସମ୍ମିଳନୀ ପୁରୀ ବାଲିଗୁଆଳିସ୍ଥିତ ଚିଦାନନ୍ଦ ତପୋବନ ଶାନ୍ତି ଆଶ୍ରମଠାରେ ଅନୁଷ୍ଠିତ ହେବ। ଉତ୍କଳର ଗଜପତି ମହାରାଜା ଦିବ୍ୟସିଂହ ଦେବଜୀ ମୁଖ୍ୟ ଅତିଥି ଭାବେ ଏଥିରେ ଯୋଗଦେବେ। ଦିବ୍ୟଜୀବନ ସଙ୍ଘ ମୁଖ୍ୟାଳୟ ଋଷିକେଶର ଉପାଧ୍ୟକ୍ଷ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ ଏହି ସମ୍ମିଳନୀର ଉଦ୍‌ଘାଟନ କରିବେ ଓ ସଙ୍ଘ ମୁଖ୍ୟାଳୟର ସାଧାରଣ ସମ୍ପାଦକ ସ୍ୱାମୀ ଅଦ୍ୱୈତାନନ୍ଦ ସରସ୍ୱତୀ ମହାରାଜ ସଭାପତିତ୍ୱ କରିବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ହେବାକୁ ଥିବା ଏହି ଆଧ୍ୟାତ୍ମିକ ସମ୍ମିଳନୀରେ ଏକ ବିଶେଷତା 'ସଦ୍‌ଭାବନା ସଭା' ଆୟୋଜନର ଆଧାର 'ବସୁଧୈବ କୁଟୁମ୍ବକମ୍' ନୀତି ରହିଛି। ଏହି ସମ୍ମିଳନୀରେ ୩ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିବାର ଯୋଜନା ରହିଛି। ଏନେଇ ମଙ୍ଗଳବାର ଅଶୋକନଗର ସ୍ଥିତ ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର ଶାଖାରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଚିଦାନନ୍ଦ ଶାନ୍ତି ଆଶ୍ରମ ଟ୍ରଷ୍ଟର ସଭାପତି ଅକ୍ଷୟ କୁମାର ଦାଶ ଏହି ସୂଚନା ଦେଇଛନ୍ତି।

# ଦିଲ୍ଲୀପ ଶତପଥୀ ମେମୋରିଆଲ୍ କୁଇଜ୍ ପ୍ରତିଯୋଗିତା



**ଭୁବନେଶ୍ୱର (ପିପିଏସ୍):** ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ଶତପଥୀଙ୍କ ସ୍ମୃତିରେ ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜ୍‌ମେଣ୍ଟ ଓ ଦିଲ୍ଲୀପ ଶତପଥୀ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ 'ଦିଲ୍ଲୀପ ଶତପଥୀ ମେମୋରିଆଲ୍ କୁଇଜ୍ ପ୍ରତିଯୋଗିତା-୨୦୨୫' ଉଦ୍‌ଯାପିତ ହୋଇଛି। ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ସ୍ୱର୍ଗତ ଶତପଥୀଙ୍କ ସ୍ମୃତିଚାରଣ କରିବା ସହ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଛନ୍ତି। ଅନ୍ୟତମ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ସୃଷ୍ଟି ଏକାଡେମୀର ପ୍ରତିଷ୍ଠାତା ଇଂ ସରୋଜ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଟ୍ରଷ୍ଟର ଅଧ୍ୟକ୍ଷ ଦୀନବନ୍ଧୁ ଶତପଥୀ ଓ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ ପ୍ରମୁଖ ନିଜର ବକ୍ତବ୍ୟ ରଖିଛନ୍ତି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପାର୍ଥସାରଥି ସ୍ୱାଇଁ ଏବଂ ଦେବସ୍ମିତା ମହନ୍ତ ଚାମ୍ପିଅନ୍ ହୋଇଥିବାବେଳେ ପ୍ରଥମ ରନର୍ସଅପ୍ ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସୁଜଳ କୁମାର ରାମ୍ ଓ ସମ୍ବିତ୍ କୁମାର ବାରିକ, ଦ୍ୱିତୀୟ ରନର୍ସଅପ୍ ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ମନୋଜ କୁମାର ଲେଙ୍କା ଓ ଏଲ୍‌ଜି ଉମାକାନ୍ତ ଦାଶ, ତୃତୀୟ ରନର୍ସଅପ୍ ଭାବେ ନୟାଗଡ଼ ୟୁନିଟେକ୍ ଡିଗ୍ରୀ କଲେଜର ଦିବ୍ୟରଞ୍ଜନ ପଣ୍ଡା ଓ ଗୌର ଚନ୍ଦ୍ର ପଣ୍ଡା, ଚତୁର୍ଥ ରନର୍ସଅପ୍ ଭାବେ ସ୍ୱାମୀ ବିବେକାନନ୍ଦ କଲେଜ ଅଫ୍ ସାଇନ୍ସ ଆଣ୍ଡ ମ୍ୟାନେଜ୍‌ମେଣ୍ଟର ପ୍ରଣବ କିଶୋର ବେହେରା ଏବଂ ପଞ୍ଚମ ରନର୍ସଅପ୍ ଭାବେ କୁଞ୍ଜବିହାରୀ କଲେଜର ଅଞ୍ଜଳି ସାହୁ ଓ ମୃତ୍ୟୁଞ୍ଜୟ ଥାଟୋଇଙ୍କୁ ସମ୍ମାନିତ କରିବା ସହ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ ପାଇଁ 'ସକାଳ'ର ସାମ୍ବାଦିକ ଦୀପକ କୁମାର ବେହେରାଙ୍କ ସମେତ ମୋଟ୍ ୫ ଜଣ ପ୍ରତିଭାଶାଳୀ ସାମ୍ବାଦିକଙ୍କୁ ସମ୍ମାନିତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିତେନ୍ଦ୍ର ନନ୍ଦ, ଅଧ୍ୟାପକ ନିର୍ମଳ ରାଉତରାୟ, ଧର୍ମ କୁମାର ରାଉତ ଏବଂ ସହ ପ୍ଲେସ୍‌ମେଣ୍ଟ ଅଧିକାରୀ ଆଲୋକ ଜାତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବାବେଳେ ଡିନ୍ ଡ. ଗଙ୍ଗାଧର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟର ୨ହଜାରରୁ ଅଧିକ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାବେଳେ ୨୫୦ଜଣ ଫାଇନାଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

# ଖଣ୍ଡଗିରି କୁମ୍ଭମେଳା ମହାଯଜ୍ଞର ପୂର୍ଣ୍ଣାହୁତି, ଶ୍ରଦ୍ଧାଳୁଙ୍କ ଭିଡ଼ ଅସମ୍ଭାଳ

**ଭୁବନେଶ୍ୱର (ପିପିଏସ୍):** ନବଦିନ ବ୍ୟାପୀ ଖଣ୍ଡଗିରି କୁମ୍ଭମେଳାର ମହାଯଜ୍ଞ ଚାଲିଥିବାବେଳେ ଆଜି ତାହାର ପୂର୍ଣ୍ଣାହୁତି ହୋଇଛି। ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି କୁମ୍ଭମେଳାରେ ହୋମଯଜ୍ଞ କରୁଥିବା ସାଧୁସନ୍ଥ ପୂର୍ଣ୍ଣାହୁତି ଦେଇ ଯଜ୍ଞ ସମାପନ କରିଛନ୍ତି। କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଛନ୍ତି। ଏ ନେଇ କୁମ୍ଭମେଳା ଆବାହକ ପରିଷଦର ଅଧକ୍ଷ ବାବା ପଞ୍ଚଦେବ, ସଞ୍ଚାଳକ ବାବା ଚନ୍ଦନ ଦାସ, ବାବା ଆଲୋକ ଦାସ, ପରିଚାଳକ ବ୍ରହ୍ମଚାରୀ ବିଶ୍ୱ ଚୈତନ୍ୟ ପ୍ରମୁଖ ସାଧୁସନ୍ଥ ସୂଚନା ଦେଇଛନ୍ତି। ସାଧୁସନ୍ଥ ମା' ବାରଭୂଜାଙ୍କ ନିକଟରେ ଜଗତର ମଙ୍ଗଳ କାମନା କରିଥିବାବେଳେ ମଙ୍ଗଳବାର ସମସ୍ତଙ୍କୁ ଅବଢ଼ା ପ୍ରଦାନ କରାଯାଇଥିଲା। ୯ଦିନ ଧରି ହୋମଯଜ୍ଞ ଓ ମନ୍ତ୍ରଧ୍ୱନୀରେ ପ୍ରକମ୍ପିତ ହେଉଥିବା ଖଣ୍ଡଗିରି ପାଦଦେଶ ଆଉ ଦିନକ ପରେ ନିରବୀ ଯିବ। ସେପଟେ ମେଳା ସରି ସରି ଆସୁଥିବାବେଳେ ଭିଡ଼ ବଢ଼ିଚାଲିଛି। ବ୍ୟବସାୟୀମାନେ ବି ଦିନରୁ ଆରମ୍ଭ କରୁଛନ୍ତି ବ୍ୟବସାୟ। ରାତିରେ ଅଧିକ




ଭିଡ଼ ହେଉଥିବାରୁ ଅଧିକାଂଶ ଗୃହିଣୀ ଓ କଲେଜ ପଢ଼ୁଆ ଛାତ୍ରଛାତ୍ରୀ ମେଳା ବୁଲାବୁଲି କରୁଛନ୍ତି। ଚଟ୍‌ପଟା ଖାଦ୍ୟ ସାଙ୍ଗକୁ ମୀନାବଜାରରେ ଲୋକଙ୍କର ନାହିଁ ନ ଥିବା ଗହଳି ଲାଗୁଛି। ସେହିପରି ରାଜ୍ୟ ବାହାରର ଉଠା ବ୍ୟବସାୟୀଙ୍କ ଅଫର୍ ଦେଖି ଲାଇନ୍ ଲଗାଉଛନ୍ତି ଲୋକେ। ମାତ୍ର ୫୦୦ ଟଙ୍କାରେ ୩ଟା ଶାଢ଼ି। ଏହା ଶୁଣି ମହିଳାମାନେ ଘେରି ଯାଇଥିଲେ ବ୍ୟବସାୟୀଙ୍କୁ। ମେଳା ପରସରରେ ଗୁଜରାଟରୁ ଆସିଥିବା ମହିଳା ଓ ପୁରୁଷ ବ୍ୟବସାୟୀ ସିଲ୍‌କ, ସିଫନ୍, ଭାଗଲ୍‌ପୁରୀ ଓ ଫାନ୍‌ସୀ ଶାଢ଼ି ଉପରେ ତୁହାକୁ ତୁହା ଅଫର୍ ଡାକିବା ପରେ ଶାଢ଼ି କିଣିବାକୁ ଭିଡ଼ ଜମାଇଥିଲେ ମହିଳା। ନିଜ ମନ ପସନ୍ଦର ଶାଢ଼ି ଦେଖି କିଏ ୩ଟା ତ ଆଉ କିଏ ୬ଟା ବୋହି ନେଇଥିଲେ। ବର୍ତ୍ତମାନ ବିବାହ ଋତୁ ଚାଲିଥିବାରୁ ଏଭଳି ଶସ୍ତାରେ ଶାଢ଼ି ମିଳୁଥିବାରୁ ଅଧିକ କିଣୁଥିବା ଗ୍ରାହକମାନେ କହିଛନ୍ତି। ମେଳା ଆରମ୍ଭରୁ ଗୋଟାକ ୩୦୦, ୨ଟାକୁ ୫୦୦ ଟଙ୍କାରେ ବିକ୍ରି ହେଉଥିବାବେଳେ ମେଳା ସରି ଆସୁଥିବାରୁ ୫୦୦ ଟଙ୍କାରେ ୩ଟି ଶାଢ଼ି ବିକ୍ରି କରୁଥିବା ବ୍ୟବସାୟୀମାନେ କହିଛନ୍ତି। ମେଳା ପରିସରରେ ବହୁ ସଂଖ୍ୟାରେ ଉଠା ବ୍ୟବସାୟୀ ବିକ୍ରି କରୁଥିବାବେଳେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି ରଙ୍ଗବେରଙ୍ଗର ଚୂଡ଼ି। ମାତ୍ର ୧୦୦ ଟଙ୍କାରେ ଷ୍ଟୋନ୍ ଚୂଡ଼ି ମିଳୁଥିବାରୁ ମହିଳାମାନେ ବେଶ୍ ଆନନ୍ଦରେ ଚୂଡ଼ି କିଣୁଥିବା ଦେଖିବାକୁ ମିଳିଥିଲା। କିଏ ନିଜ ପାଇଁ କିଣୁଥିଲା ତ ଆଉ କେହି ସମ୍ପର୍କୀୟଙ୍କ ପାଇଁ କିଣୁଥିଲା। ମେଟାଲ, ପାଣି ଓ ଲାଖ ଚୂଡ଼ି ରହିଥିବାବେଳେ ସେଥିରେ ରଙ୍ଗବେରଙ୍ଗର ଆକର୍ଷଣୀୟ ଷ୍ଟୋନ୍ ଖଞ୍ଜାଯାଇଥିବାରୁ ତାହା ଝଟକୁଥିବାରୁ ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ କରୁଛି। ମହିଳାମାନଙ୍କୁ ବିଭିନ୍ନ ପ୍ରକାର କସ୍‌ମେଟିକ୍ସ କିଣିବା ବେଶ୍ ପସନ୍ଦ ହୋଇଥାଏ। ସେ ପୁଣି କମ୍ ମୂଲ୍ୟରେ ମିଳିଲେ ସେଠାରେ ଗହଳି ଜମାଇଥାନ୍ତି। ମେଳାରେ ବିଶେଷକରି ମହିଳାମାନଙ୍କୁ ଆକୃଷ୍ଟ କରୁଛି କମ୍ ମୂଲ୍ୟର କସ୍‌ମେଟିକ୍ସ। ବାହାରେ ଯାହା ଚଢ଼ା ଦରରେ ବିକ୍ରି ହୋଇଥାଏ, ସେସବୁର ଭେରାଇଟି ମେଳାରେ ମିଳିଯାଉଥିବାରୁ ମହିଳାମାନେ କିଣିବାକୁ ପଛାଉ ନାହାନ୍ତି।

# ଧରାପଡ଼ିଲା ଗଞ୍ଜେଇ ଚାଲାଣକାରୀ

**ଭୁବନେଶ୍ୱର (ପିପିଏସ୍):** ଫୁଲବାଣୀରୁ ଗଞ୍ଜେଇ ଆଣି କୋଲକାତା ଚାଲାଣ ପୂର୍ବରୁ ଅଭିଯୁକ୍ତକୁ ମାଡ଼ି ବସିଲେ ଅବକାରୀ ଦଳ। ଯାଞ୍ଚ କରିବା ପରେ ତାଙ୍କ ନିକଟରୁ ୨୧ କେଜି ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୨ ଲକ୍ଷ ୧୦ ହଜାର ଟଙ୍କା ହେବ। ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ଜିଲ୍ଲା ସୋର ଥାନା ସୁନାରୀର ଶୁଭ୍ରାଂଶୁ ଶେଖର ପଣ୍ଡା (୨୧)। ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ, ଶୁଭ୍ରାଂଶୁ ଉକ୍ତ ଗଞ୍ଜେଇକୁ ଫୁଲବାଣୀ ଅଞ୍ଚଳରୁ ଆଣି କୋଲକାତା ଚାଲାଣ କରିବା ପାଇଁ ଯୋଜନା କରିଥିଲେ। ବାଣୀବିହାର ବସ୍‌ଷ୍ଟପ୍‌ରେ ଗ୍ରାହକ ଅପେକ୍ଷାରେ ଥିବା ଖବର ପାଇ ଅବକାରୀ ଦଳ ସେଠାରେ ଅତର୍କିତ ଚଢ଼ଉ କରିଥିଲା। ତାଙ୍କୁ ଯାଞ୍ଚ କରିବାବେଳେ ତାଙ୍କ ନିକଟରୁ ଉକ୍ତ ଗଞ୍ଜେଇ ମିଳିଥିଲା। ଗତ ୧ ବର୍ଷ ହେବ ଗଞ୍ଜେଇ କାରବାର କରୁଥିବା ଜେରାବେଳେ ସେ ସ୍ୱୀକାର କରିଛନ୍ତି।

# ଦ୍ୱିତୀୟ ପର୍ଯ୍ୟାୟ ଯାତ୍ରା ଆରମ୍ଭ, ସାମିଲ୍ ହେଲେ ୫ ପାର୍ଟି

**ଭୁବନେଶ୍ୱର (ପିପିଏସ୍):** ଅନ୍ୟପଟେ ପ୍ରଥମ ପର୍ଯ୍ୟାୟର ଅନ୍ତିମ ରାତିରେ ଜୋର୍‌ଦାର୍ ଲଢ଼େଇ ଦେଖିବାକୁ ମିଳିଛି। ଏହା ସହ ସୂର୍ଯ୍ୟମନ୍ଦିର, ଶିବାନୀ, ଦୁର୍ଗାମନ୍ଦିର, ବିଶ୍ୱ ଦରବାର ଓ ଯାଜ୍ଞସେନୀ ବିଦାୟ ନେଇଛନ୍ତି। ଶିବାନୀ ଓ ସୂର୍ଯ୍ୟମନ୍ଦିର ଷଷ୍ଠ ତଥା ଶେଷ ରାତି ଯାଏଁ ବହି ରିପିଟ୍ କରିଥିବାବେଳେ ବିଦାୟ ରାତିରେ ୩ଟି ପାର୍ଟି ନାଟକ ବଦଳାଇଛନ୍ତି। ବହି ବଦଳିବା ପରେ ନାଟକପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ବିଦାୟ ରାତିରେ ନାଟକ ଦେଖିବାକୁ ସବୁ ପେଣ୍ଡାଲରେ ଭିଡ଼ ଜମିଛି। ସେପଟେ ବୁଧବାରଠାରୁ ଆରମ୍ଭ ହେବ ଦ୍ୱିତୀୟ ପର୍ଯ୍ୟାୟ ଲଢ଼େଇ। ଏଥିରେ ନାମୀଦାମୀ ଅପେରା ପାର୍ଟି ସାମିଲ୍ ହେବାକୁ ଥିବାରୁ ହାଇଭୋଲ୍‌ଟେଜ୍ ଲଢ଼େଇ ଦେଖିବାକୁ ମିଳିବ। ୩ ମହଲ ସମେତ ୫ ଅପେରା ପାର୍ଟି ଯାତ୍ରା ମହାକୁମ୍ଭରେ ସାମିଲ୍ ହେବେ। କୋଣାର୍କ ଗଣନାଟ୍ୟ, ଅପେରା ସିଂହବାହିନୀ, ସ୍ୱର୍ଣ୍ଣମହଲ, ସପ୍ନମହଲ ଓ ରଙ୍ଗମହଲ ଖଣ୍ଡଗିରି ମଇଦାନରେ ପାଦ ଥାପିବେ। ମା' ମଙ୍ଗଳା ପେଣ୍ଡାଲରେ 'ଦୁର୍ଗା ମନ୍ଦିର' ଅନ୍ତିମ ରାତିରେ ବହି ବଦଳାଇଛି। 'ସ୍ୱାମୀ ଖୋଜିବାକୁ ସ୍ୱର୍ଗକୁ ଯିବି' ନାଟକ ପରିବେଷଣ କରି ବିଦାୟ ନେଇଛି। ବୁଧବାରଠାରୁ ଏଠାରେ ଅପେରା ସ୍ୱର୍ଣ୍ଣମହଲ ନାଟକ ପରିବେଷଣ କରିବ। 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବି' ନାଟକ ଅନୁଷ୍ଠିତ ହେବ। ସୁବାସ ବେହେରା, ଭାବନା, ନବ ଘୋଷ, କମଲ୍, ମାନସୀ, ପିଙ୍କିଙ୍କ ଅଭିନୟ ଦେଖିବାକୁ ମିଳିବ। ବରମୁଣ୍ଡା ବାବା ନୀଳକଣ୍ଠେଶ୍ୱର ଯାତ୍ରା କମିଟି ପେଣ୍ଡାଲରେ ନାଚୁଥିବା ଅପେରା ଯାଜ୍ଞସେନୀ ମଧ୍ୟ ଶେଷ ରାତିରେ ନାଟକ ବଦଳାଇଛି। 'ପ୍ରେମ କଲେ ପାପ' ନାଟକ ଦର୍ଶକଙ୍କୁ ଭେଟି ଦେଇଛି। ବୁଧବାରଠାରୁ ଏଠି ରଙ୍ଗମହଲ ଯାତ୍ରା ମହାକୁମ୍ଭକୁ ଓହ୍ଲାଇବ। ପ୍ରଥମ ରାତିରେ ଚର୍ଚ୍ଚିତ ନାଟକ 'ପାପ ଜାଣିନି କି ପୁଣ୍ୟ ଜାଣିନି' ପରିବେଷଣ କରିବ। ବାପି ପଣ୍ଡା, ବାସୁ, କୁନା-ରଞ୍ଜି, ମନ୍ଦାକିନୀ, ଅଞ୍ଜନା, ଦିପୁ, ଚଗୁଲୁଙ୍କ ଅଭିନୟ ସାଙ୍ଗକୁ ବୁଦ୍ଧିଆନା, ଗୁରୁ, ଜିନାଙ୍କ କମେଡ଼ି ଦେଖିବାକୁ ମିଳିବ। ଧାରାବାହିକ ଅଭିନେତା ଅମରଜିତ୍ ମିଶ୍ର (ରୋମି) ଓ ନେଗେଟିଭ୍ ଭୂମିକାରେ ନବାଗତା ନାୟିକା ରଶ୍ମିଙ୍କ ଅଭିନୟ ଦର୍ଶକ ଦେଖିବାକୁ ପାଇବେ। ସେହିଭଳି ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ଯାତ୍ରା ବିଶ୍ୱ ଦରବାର ଷଷ୍ଠ ରାତିରେ ନୂଆ ନାଟକ 'ସବୁ ଜାଣିଛି ଚନ୍ଦ୍ରସେଣା' ପରିବେଷଣ କରି ଖଣ୍ଡଗିରି ମଇଦାନ ଛାଡ଼ିଛି।



'ଦରବାର' ଯିବା ପରେ ବୁଧବାରଠାରୁ ସପ୍ନମହଲ ଏଠି ନାଟକ ପରିବେଷଣ କରିଛି। 'ଜବାବ୍ ମାଗୁଛି ଉଦଣ୍ଡୀ ସୀତା' ନାଟକ ଦର୍ଶକଙ୍କୁ ଭେଟି ଦେବ। ମୁନା-ନମିତା, ଶୁଭେନ୍ଦୁ-ଟିକିନା, ନରି ପଣ୍ଡା, ସାନମଣିଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ସନାତନ ସେବା ସମିତି (ଖଣ୍ଡଗିରି-ଘାଟିକିଆ) ପେଣ୍ଡାଲରେ ସୂର୍ଯ୍ୟମନ୍ଦିର ଅନ୍ତିମ ରାତିରେ ମଧ୍ୟ ପୀୟୁଷଙ୍କ ଅଭିନୀତ 'ହାଇଦର୍' ମଞ୍ଚସ୍ଥ ହୋଇଛି। ସୂର୍ଯ୍ୟମନ୍ଦିର ବିଦାୟ ନେବା ପରେ କୋଣାର୍କ ଗଣନାଟ୍ୟ ଏଠି ଯାତ୍ରା ପରିବେଷଣ କରିବ। ପାର୍ଟି ବୁଧବାର 'ମୋ ହସରେ ତୁ ମୋ ଲୁହରେ ତୁ' ନାଟକ ଭେଟିଦେବ। ରତି-ମିଟୁନା, ନଳିନୀ-ଜିତୁ, ମୁନା-ରୁପା, ଝରଣା-ସୁବାସ ଓ ଦୈତାରୀ ପଣ୍ଡାଙ୍କ ଅଭିନୟ ଦେଖିବାକୁ ମିଳିବ। ଇନ୍ଦିରା ସାଂସ୍କୃତିକ ପରିଷଦ ମଞ୍ଚରେ ବିଦାୟ ରଜନୀରେ ଶିବାନୀ ଗଣନାଟ୍ୟ ସେଇ ବହିକୁ ରିପିଟ୍ କରିଛି। 'ହା କୃଷ୍ଣ ବୋଲି ଯାଉ ଜୀବ' ନାଟକ ପରିବେଷଣ କରି ପାର୍ଟି ଖଣ୍ଡଗିରି ଛାଡ଼ିଛି। ବୁଧବାରଠାରୁ ସେଇ ମଞ୍ଚରେ ଅପେରା ସିଂହବାହିନୀ ମଇଦାନକୁ ଓହ୍ଲାଇବ। ଅନୁଷ୍ଠାନର ଚର୍ଚ୍ଚିତ ନାଟକ 'ବଡ଼ ବେଦରଦୀ କଳା ସାଆନ୍ତ' ଦର୍ଶକଙ୍କୁ ଭେଟିଦେବ। ଚର୍ଚ୍ଚିତ ଯୋଡ଼ି ଟିକି-କାହ୍ନା, ଅଜୁ-ଅପୁ, ଚଗନ, ଧଡ଼ିଆ ଓ କଣ୍ଢେଇଙ୍କ ଅଭିନୟ ଦେଖିବାକୁ ପାଇବେ ଦର୍ଶକ।

# ବ୍ୟାଙ୍କରୁ ଟଙ୍କା ହଡ଼ପ ଅଭିଯୋଗରେ ୩ ଗିରଫ

**ଭୁବନେଶ୍ୱର (ପିପିଏସ୍):** ବ୍ୟାଙ୍କରେ ଜମାକାରୀଙ୍କ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ଅଭିଯୋଗରେ ପାହାଳ ଥାନା ପୁଲିସ ନହରକଣ୍ଟା ଗ୍ରାମର ହେମନ୍ତ ପଣ୍ଡା (୫୩), ରଶ୍ମି ରଞ୍ଜନ ପଣ୍ଡା(୨୭), ଧରଣୀଧର ଖଟୁଆ(୬୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



ସୂଚନା ଅନୁସାରେ, ୨୦୦୫ରୁ ନହରକଣ୍ଟା ଅଞ୍ଚଳରେ ସ୍ମୃତି କୋ-ଅପରେଟିଭ୍ ସୋସାଇଟି ନାମରେ ଏକ ବ୍ୟାଙ୍କ ଖୋଲାଯାଇଥିଲା। ଲୋକମାନଙ୍କ ସଞ୍ଚିତ ଅର୍ଥକୁ ଯଦି ନ ଉଠାଇବେ ତାହା ବର୍ଷକ ପରେ ଦୁଇଗୁଣା କରାଇଦେବା ନେଇ ଲୋଭ ଦେଖାଯାଇଥିଲା। ଯାହା ଫଳରେ ଆଖପାଖ ଅଞ୍ଚଳର ବହୁ ଲୋକ ନିଜର ସଞ୍ଚୟ ଅର୍ଥକୁ ଏହି ବ୍ୟାଙ୍କରେ ଜମା ରଖିଥିଲେ। ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ବ୍ୟାଙ୍କ କର୍ମଚାରୀମାନେ ପ୍ରତିଦିନ ଯାଇ ଟଙ୍କା ଆଦାୟ କରୁଥିଲେ। ଏହାକୁ ମଧ୍ୟ ଦୋକାନୀମାନଙ୍କୁ ଭଲ ସୁହାଉଥିଲା। ପ୍ରତିଦିନ ରୋଜଗାରର କିଛି ସଞ୍ଚିତ ଅର୍ଥ ବ୍ୟାଙ୍କରେ ରହିଯିବ ଭାବି ଦୋକାନୀମାନେ ୧୦୦ରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ରଖୁଥିଲେ। ହଠାତ୍ ବ୍ୟାଙ୍କ ନିଜର ଶାଖା ବନ୍ଦ୍ କରିଦେଲା। ପ୍ରାୟ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବ୍ୟାଙ୍କ ବନ୍ଦ ରହିବା ଫଳରେ ଜମାକାରୀଙ୍କ ଲାଭ ପାଇବା ଆଶା ମଉଳି ଯାଇଥିଲା। କୌଣସି ବ୍ୟାଙ୍କ କର୍ମଚାରୀ ଆଉ ଲୋକମାନଙ୍କୁ ଧରାଛୁଆଁ ଦେଉନଥିଲେ। ଯାହାଫଳରେ ୧୦୬ ଜଣ ଜମାକାରୀ ଏକତ୍ରିତ ହୋଇ ପାହାଳ ଥାନାର ଦ୍ୱାରସ୍ଥ ହୋଇଥିଲେ। ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ଘଟଣାର ତଦନ୍ତ କରିବା ସହ ୫କୋଟି ୩୩ ଲକ୍ଷ ୪୬ ହଜାର ୬୪୯ ଟଙ୍କା ହଡ଼ପ କରିଥିବା ଜାଣିବାକୁ ପାଇଥିଲେ। ବିଭିନ୍ନ ସ୍ଥାନରେ ଚଢ଼ଉ କରି ୩ ଜଣଙ୍କୁ ଗିରଫ କରିବା ସହ ଅନ୍ୟମାନଙ୍କୁ ଖୋଜୁଛି ପୁଲିସ।

# ସିଂହଦ୍ୱାର ଆଗରେ 'ବିଜେ ପ୍ରତିମା' ଉନ୍ମୋଚିତ

**ଭୁବନେଶ୍ୱର (ପିପିଏସ୍):** ଶ୍ରୀମନ୍ଦିରର ବିଜେ ପ୍ରତିମାଙ୍କୁ ନେଇ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ରଚିତ ପୁସ୍ତକ 'ବିଜେ ପ୍ରତିମା: ସେରେମୋନିଆଲ୍ ଡେଇଟିଜ୍ ରିସାଇଡିଂ ଇନ୍ ଶ୍ରୀମନ୍ଦିର' ଶୀର୍ଷକ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ମଙ୍ଗଳବାର ସନ୍ଧ୍ୟାରେ ପୁସ୍ତକଟିକୁ ଉନ୍ମୋଚନ କରିବା ସହ ସର୍ବସାଧାରଣରେ ପ୍ରାୟ ଅଜ୍ଞାତ ବଡ଼ ଦେଉଳର ବିଜେ ପ୍ରତିମାଙ୍କ ଉପରେ ଏଭଳି ପ୍ରଥମ ଉଦ୍ୟମକୁ ପ୍ରଶଂସା କରିଥିଲେ। ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ ପକ୍ଷରୁ ପ୍ରକାଶିତ ଏହି ଦ୍ୱିଭାଷୀ ପୁସ୍ତକକୁ ଡ. ଭାସ୍କର ମିଶ୍ର ଓଡ଼ିଆରେ ଲେଖିଥିବାବେଳେ ପଞ୍ଚମୀ ମାନୁ ଉକିଲ ଇଂରାଜୀରେ ଲେଖିଛନ୍ତି। ଏହି କାର୍ଯ୍ୟକ୍ରମରେ ଉଭୟ ଲେଖକଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନ ଓଏସ୍‌ଡି ଶୁଭ୍ରାଂଶୁ ଶେଖର ପାଢ଼ୀ, କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା, ସୁକନ୍ୟା ରଥ, ସୁନୀତା ମହାପାତ୍ର ଓ ନିଗମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆମାଜନ୍ ସମେତ ପ୍ରମୁଖ ବହି ଦୋକାନରେ ଉପଲବ୍ଧ ଏହି ପୁସ୍ତକରେ ଶ୍ରୀମନ୍ଦିରର ସମସ୍ତ ବିଜେ ପ୍ରତିମାଙ୍କ ନୀତି, ପର୍ବ ଆଦି ଉଲ୍ଲେଖ ହେବା ସହ ପ୍ରାୟ ୧୦୦ ବିରଳ ରଙ୍ଗୀନ ଫଟୋଚିତ୍ର ସ୍ଥାନ ପାଇଛି।



# ବାଇକ୍‌କୁ ପିଟିଲା କାର୍, ୩ ଗୁରୁତର


**ଭୁବନେଶ୍ୱର (ପିପିଏସ୍):** ଧଉଳି ଥାନା ଭୁବନେଶ୍ୱର-ପୁରୀ ବାଇପାସ୍ ହୋଟେଲ ଚ୍ୟାନ୍ସେଲର ସମ୍ମୁଖରେ ସୋମବାର ଅପରାହ୍ଣ ପ୍ରାୟ ୫ଟାରେ ଏକ ସଡ଼କ ଦୁର୍ଘଟଣାରେ ୩ ଜଣ ଆହତ ହୋଇଛନ୍ତି। ଏକ ବାଇକ୍‌କୁ କାର୍ ଧକ୍କା ଦେବାରୁ ବାଇକ୍‌ରେ ବସିଥିବା ଦମ୍ପତି ଓ କାର୍‌ରେ ବସିଥିବା ଜଣେ ବରିଷ୍ଠ ନାଗରିକ ଆହତ ହୋଇଛନ୍ତି। ବାଇକ୍‌ରେ ବସିଥିବା ଦମ୍ପତି ହେଲେ କାକଟପୁର ଥାନା ଅଞ୍ଚଳର ଦୈତାରୀ ସାହୁ ଓ ହେମଲତା ସାହୁ। ଖବର ନେବାରେ ଜଣାପଡ଼ିଛି, କଟକରୁ ପୁରୀ ଅଭିମୁଖେ ଏକ କାର୍ ଯାଉଥିବାବେଳେ ହୋଟେଲ ଚ୍ୟାନ୍ସେଲର ସମ୍ମୁଖରେ ରାସ୍ତାରେ ଥୁଆ ହୋଇଥିବା ଏକ ହାଇୱା ସହ ଧକ୍କା ହୋଇଥିଲା। ଧକ୍କା ହେବା ପରେ କାର୍‌ଟି ବୁଲିଯିବାରୁ ପଛପଟୁ ଏକ ମୋଟର ସାଇକଲ ଯୋଗେ ଆସୁଥିବା ଦମ୍ପତିଙ୍କୁ ଧକ୍କା ଦେଇଥିଲା। ଫଳରେ ଦମ୍ପତି ରାସ୍ତାରେ ଛିଟିକି ପଡ଼ିଥିଲେ। ସ୍ୱାମୀଙ୍କ ବାମଗୋଡ଼ ଭାଙ୍ଗି ଯାଇଥିବାବେଳେ ପତ୍ନୀ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସେହିପରି କାର୍‌ରେ ବସିଥିବା ଜଣେ ବରିଷ୍ଠ ନାଗରିକ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ୨ଟି ଗାଡ଼ିକୁ ଥାନାକୁ ନେଇ ତଦନ୍ତ ଚଳାଇଛି।

# ଉତ୍କଳ ମେଲ୍‌ର ବାର୍ଷିକ ଉତ୍ସବ

**ଭୁବନେଶ୍ୱର (ପିପିଏସ୍):** ଉତ୍କଳ ମେଲ୍‌ର ରାଉରକେଲା ସଂସ୍କରଣର ୩୭ତମ ଓ ପାରାଦୀପ ସଂସ୍କରଣର ୧୧ତମ ବାର୍ଷିକ ଉତ୍ସବ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ମେଲ୍‌ର ମୁଖ୍ୟ ସମ୍ପାଦକ ଡ. ପୀତବାସ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ, ଏମବିସି ଟିଭିର ମୁଖ୍ୟ ଡ. ବଦ୍ରୀନାଥ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଅଶୋକ ପଣ୍ଡା, ଉତ୍କଳ ସାମ୍ବାଦିକ ସଙ୍ଘର ସଭାପତି ବିଭୂତି କର ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହାପରେ 'ବିକଶିତ ଭାରତ-୨୦୪୭ ପରିପ୍ରେକ୍ଷୀରେ ଗଣମାଧ୍ୟମର ଭୂମିକା' ଶୀର୍ଷକ ଆଲୋଚନା ହୋଇଥିଲା। ଏହି ଅବସରରେ ସ୍ନାୟୁ ରୋଗ ବିଶେଷଜ୍ଞ ଡାକ୍ତର ପ୍ରତାପ କୁମାର ପାଣି, ବିଶ୍ୱବାଣୀର ସମ୍ପାଦକ ଅର୍ଜୁନ ମୁଦୁଲି, ବିଷ୍ଣୁ ପ୍ରସାଦ କେଡ଼ିଆଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କଡ଼ାକଡ଼ି ହେଲା ରାଜଧାନୀରେ ଟ୍ରାଫିକ୍ ଯାଞ୍ଚ, ଜରିମାନା ଆଦାୟ

**ଭୁବନେଶ୍ୱର (ପିପିଏସ୍):** ସୋମବାରଠୁ ରାଜଧାନୀରେ ଟ୍ରାଫିକ୍ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ଗୋଟିଏ ଦିନରେ ୯୫ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ଯେଉଁମାନେ ଟ୍ରାଫିକ୍ ନିୟମ ଭାଙ୍ଗି ଗାଡ଼ି ଚଳାଉଥିଲେ ସେମାନଙ୍କୁ ଧରି ସାବାଡ଼ କରିଛି ପୁଲିସ। ଟ୍ୱିନ୍ ସିଟିର ୫ଟି ସ୍ଥାନରେ ଚେକିଂ କରିଥିଲା କମିସନରେଟ୍ ପୁଲିସ। ୧୯ ଗାଡ଼ିର ବ୍ଲାକ୍ ଫିଲ୍ମ ଖୋଲାଯାଇଛି। ବିକଟାଳ ହର୍ଣ୍ଣ ଲାଗିଥିବା ୨୫ ଗାଡ଼ି ସିଜ୍ କରାଯାଇଛି। ମଙ୍ଗଳବାରଠୁ ପୁଣି ଜୋର୍‌ଦାର୍ ଚେକିଂ କରାଯିବ ବୋଲି ଟ୍ରାଫିକ୍ ଡିସିପି ତପନ ମହାନ୍ତି କହିଛନ୍ତି। ଭୁବନେଶ୍ୱରର ପ୍ରତିଟି ସ୍ଥାନରେ ହେବ କଡ଼ାକଡ଼ି ଯାଞ୍ଚ। ବଡ଼ କଥା ହେଲା ସୋମବାର ଯାଞ୍ଚ ସମୟରେ ଅନେକ ଅମାନିଆ ଗଳିକନ୍ଦି ରାସ୍ତାରେ ଖସି ଯାଇଥିଲେ।



ସେମାନେ ରାଜରାସ୍ତାରେ ଗାଡ଼ିକୁ ସାପ ଭଳି ଚଳାଇ ପଳାଇ ଯାଉଛନ୍ତି। ଯେଉଁଥିପାଇଁ ଦୁର୍ଘଟଣା ବଢ଼ିବାରେ ଲାଗିଛି। ମଦପିଇ ଅଧିକାଂଶ ଦୁର୍ଘଟଣା ଘଟୁଥିବା ସୂଚନାରୁ ଜଣାପଡ଼ିଛି। ଏହା ବ୍ୟତୀତ ବିନା ହେଲ୍‌ମେଟ୍‌ରେ ଗାଡ଼ି ଚଲାଇବା ବିପଦ ସାଜୁଛି। ବିଭିନ୍ନ ସମୟରେ ଦେଖାଦେଇଛି କି, ହେଲ୍‌ମେଟ୍ ନ ଥିବା କାରଣରୁ ଚାଳକଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ତେଣୁ ଟ୍ରାଫିକ୍ ନିୟମକୁ ମାନିବା ନିହାତି ଆବଶ୍ୟକ। ଯେଉଁମାନେ ଟ୍ରାଫିକ୍ କଟଣା ନ ମାନିବେ ସେମାନେ ଏଣିକି ଦଣ୍ଡ ଗଣିବେ। ପୁଲିସ ଏବଂ ସରକାର ଟ୍ରାଫିକ୍ ନିୟମ ମାନିବା ପାଇଁ ସବୁବେଳେ ଲୋକଙ୍କୁ ସଚେତନ କରିଆସିଛନ୍ତି। ତଥାପି ଅମାନିଆ ଗାଡ଼ି ଚାଳନା ପାଇଁ ଦୁର୍ଘଟଣା ଘଟୁଛି। ନିଜର କ୍ଷତି ହେବା ସହ ଅନ୍ୟର ବି ଜୀବନ ହାନି ହେଉଛି। ତେଣୁ ଲୋକେ ଗାଡ଼ି ଚଲାଇବାବେଳେ ଟ୍ରାଫିକ୍ ନିୟମ ମାନିବା ସହ ସତର୍କ ହୋଇ ଗାଡ଼ି ଚଲାଇବାର ଆବଶ୍ୟକତା ରହିଛି ବୋଲି ପୁଲିସ କହିଛି। ବିଶେଷକରି ରଙ୍ଗ୍‌ସାଇଡ୍ ଗାଡ଼ି ଚାଳନା ଏବଂ ବେଆଇନ୍ ପାର୍କିଂକୁ କଡ଼ାକଡ଼ି ଯାଞ୍ଚ କରାଯିବ ବୋଲି ଟ୍ରାଫିକ୍ ପୁଲିସ ପକ୍ଷରୁ କୁହାଯାଇଛି।




# ମାଗଣା ରାଶନ ଓ ଟଙ୍କା ପାଉଥିବାରୁ ଲୋକମାନେ କାମ କରିବାକୁ ଇଚ୍ଛୁକ ନୁହନ୍ତି : ସୁପ୍ରିମ୍‌କୋର୍ଟ



ନୂଆଦିଲ୍ଲୀ : ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ମାଗଣା ସୁବିଧା ଉପରେ ସୁପ୍ରିମକୋର୍ଟ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି । କୋର୍ଟ ମାଗଣା ଘୋଷଣା କରିବାର ପ୍ରଥାକୁ ନିନ୍ଦା କରିଛନ୍ତି । କୋର୍ଟ କହିଛନ୍ତି ଯେ, ଲୋକମାନେ ମାଗଣା ରାଶନ ଏବଂ ଟଙ୍କା ପାଉଥିବାରୁ କାମ କରିବାକୁ ଇଚ୍ଛୁକ ନୁହନ୍ତି । ଜଷ୍ଟିସ ବି.ଆର. ଗାଭାଇ ଏବଂ ଜଷ୍ଟିସ ଅଗଷ୍ଟିନ ଜର୍ଜ ମାସିହଙ୍କ ଖଣ୍ଡପୀଠ ଏହି ମନ୍ତବ୍ୟ ଦେଇଛନ୍ତି । ସହରାଞ୍ଚଳରେ ବାସହୀନ ବ୍ୟକ୍ତିଙ୍କ ଆଶ୍ରୟ ଅଧିକାର ସହିତ ଜଡ଼ିତ ଏକ ମାମଲାର ଶୁଣାଣି ଖଣ୍ଡପୀଠ କରୁଥିଲେ । ଜଷ୍ଟିସ ଗାଭାଇ କହିଛନ୍ତି ଯେ, ଦୁର୍ଭାଗ୍ୟର କଥା ଯେ, ଏହି ମାଗଣା ସୁବିଧା ଯୋଗୁ ଲୋକମାନେ କାମ କରିବାକୁ ପ୍ରସ୍ତୁତ ନୁହନ୍ତି । ସେମାନଙ୍କୁ ମାଗଣା ରାଶନ ମିଳୁଛି । ସେମାନେ କୌଣସି କାମ ନକରି ଟଙ୍କା ପାଉଛନ୍ତି । ମାମଲାର ଶୁଣାଣି ୬ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଛି । ଆଟର୍ନି ଜେନେରାଲ ଆର. ଭେଙ୍କଟରମଣି ଖଣ୍ଡପୀଠକୁ କହିଥିଲେ ଯେ, କେନ୍ଦ୍ର ସରକାର ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ମିଶନକୁ ଚୂଡ଼ାନ୍ତ କରିବା ପ୍ରକ୍ରିୟାରେ ଅଛନ୍ତି, ଯାହା ଅଧୀନରେ ସହରାଞ୍ଚଳରେ ବାସହୀନଙ୍କୁ ଆଶ୍ରୟ ପ୍ରଦାନ କରିବା ସମେତ ବିଭିନ୍ନ ପ୍ରସଙ୍ଗର ସମାଧାନ କରାଯିବ । ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ମିଶନ କାର୍ଯ୍ୟକାରୀ କରିବାକୁ କେତେ ସମୟ ଲାଗିବ ତାହା କେନ୍ଦ୍ର ସରକାରଙ୍କୁ ପଚାରିବାକୁ ଖଣ୍ଡପୀଠ ଆଟର୍ଣ୍ଣି ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟ ମାମଲାର ଶୁଣାଣିକୁ ଛଅ ସପ୍ତାହ ପାଇଁ ସ୍ଥଗିତ ରଖିଛନ୍ତି । ହାଇକୋର୍ଟ ଆବେଦନ ଉପରେ ବିଚାର କରିବାକୁ ମନା କରିଦେଇଥିଲେ । ସେହି ସମୟରେ, ଦିଲ୍ଲୀ ହାଇକୋର୍ଟ ନିର୍ବାଚନରେ ଭୋଟରମାନଙ୍କୁ ଟଙ୍କା ବଣ୍ଟନ କରିବାର ପ୍ରତିଶ୍ରୁତି ଉପରେ ଭାଜପା, ଆପ୍‌ଏବଂ କଂଗ୍ରେସ ବିରୋଧରେ ଅବସରପ୍ରାପ୍ତ ବିଚାରପତି ଏସ୍‌ଏନ୍ ଧିଙ୍ଗରାଙ୍କ ଦ୍ୱାରା ଦାୟର ପିଆଇଏଲ ଉପରେ ବିଚାର କରିବାକୁ ମନା କରିଦେଇଥିଲେ । ବିଚାରପତି କହିଛନ୍ତି ଯେ, ଏପରି କାର୍ଯ୍ୟ ଦୁର୍ନୀତିପୂର୍ଣ୍ଣ ଆଚରଣ ସହିତ ସମାନ । ସଶକ୍ତ ସମାଜ ସଂଗଠନର ସଭାପତି ଜଷ୍ଟିସ ଧିଙ୍ଗରା ଏହି ଆବେଦନ ଦାଖଲ କରିଥିଲେ । ଏହା ଦିଲ୍ଲୀ ବିଧାନସଭା ନିର୍ବାଚନ ପରେ ଅଣାଯାଇଥିଲା, ଯାହା ଏବେ ସମାପ୍ତ ହୋଇଛି । ନିର୍ବାଚନ କମିଶନଙ୍କ ପକ୍ଷରୁ ଓକିଲ ସୁରୁଚି ସୁରୀ କୋର୍ଟଙ୍କୁ କହିଥିଲେ ଯେ, ସୁପ୍ରିମକୋର୍ଟ ଅଶ୍ୱିନୀ କୁମାର ଉପାଧ୍ୟାୟ ମାମଲାରେ ମାଗଣା ସାମଗ୍ରୀ ପ୍ରସଙ୍ଗରେ ବିଚାର କରୁଛନ୍ତି । ସେ କହିଛନ୍ତି, ୨୦୨୩ ଆଦେଶ ସମ୍ପର୍କରେ ତିନି ଜଣ ବିଚାରପତିଙ୍କ ଏକ ଖଣ୍ଡପୀଠ ଗଠନ କରିବାର ଆବଶ୍ୟକତା ରହିଛି । ଏହା ଶୁଣି ମୁଖ୍ୟ ବିଚାରପତି ଅବସରପ୍ରାପ୍ତ ବିଚାରପତିଙ୍କ ଓକିଲଙ୍କୁ କହିଥିଲେ ଯେ, ସେ ସର୍ବୋଚ୍ଚ ନ୍ୟାୟାଳୟକୁ ଯାଆନ୍ତୁ ଏବଂ ସେଠାରେ ଏକ ପକ୍ଷ ଖୋଜନ୍ତୁ ।

# ମହାକୁମ୍ଭରେ ବୁଡ଼ ପକାଇଲେଣି ୫୦ କୋଟି ଶ୍ରଦ୍ଧାଳୁ


ପ୍ରୟାଗରାଜ: ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭରେ ବର୍ତ୍ତମାନ ସୁଦ୍ଧା ୫୦ କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୁଧବାର ଏହା କହିଛନ୍ତି । ସେ କହିଛନ୍ତି, ଏହା ନୂଆ ଉତ୍ତରପ୍ରଦେଶ । ରାଜ୍ୟର ଜନସଂଖ୍ୟା ୨୫ କୋଟି । କିନ୍ତୁ ମଙ୍ଗଳବାର ସୁଦ୍ଧା ୫୦ ? କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇ ସାରିଛନ୍ତି । ବାଗପତରେ ଯୋଗୀ ଏହା କହିବା ସହିତ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ କଡ଼ା ସମାଲୋଚନା କରିଥିଲେ । ଯୋଗୀ କହିଥିଲେ, ଆଜି ମାଘ ପୂର୍ଣ୍ଣିମା ଅବସରରେ କୋଟି କୋଟି ଲୋକ ମହାକୁମ୍ଭରେ ବୁଡ଼ ପକାଉଛନ୍ତି । କିନ୍ତୁ କିଛି ଲୋକଙ୍କର ଲୁଚିଛପି ବୁଡ଼ ପକାଇବାର ଅଭ୍ୟାସ ରହିଛି । ସେମାନେ କରୋନା ଭୁତାଣୁ ଟିକା ନେଇସାରିଛନ୍ତି, କିନ୍ତୁ ଦୁନିଆକୁ କହିଚାଲିଲେ ଯେ ଟିକା ଲଗାନ୍ତୁ ନାହିଁ । ସେମାନେ ଲୁଚିଛପି ସଙ୍ଗମରେ ବୁଡ଼ ପକାଇଲେ, କିନ୍ତୁ ଜନତାଙ୍କୁ କହୁଛନ୍ତି ବୁଡ଼ ପକାନ୍ତୁ ନାହିଁ ।

# ଦୋଷୀ ସାବ୍ୟସ୍ତ ହେଲେ ସଜ୍ଜନ କୁମାର



ନୂଆଦିଲ୍ଲୀ : ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ସହିତ ଜଡ଼ିତ ମାମଲାରେ ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟ ପୂର୍ବତନ କଂଗ୍ରେସ ଏମ୍‌ପି ସଜ୍ଜନ କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସଜ୍ଜନ କୁମାରଙ୍କ ଦଣ୍ଡ ଉପରେ ୧୮ ଫେବୃଆରୀରେ ଶୁଣାଣି ହେବ । ସଜ୍ଜନ କୁମାର ୧ ନଭେମ୍ବର ୧୯୮୪ରେ ଦିଲ୍ଲୀର ସରସ୍ୱତୀ ବିହାରରେ ଯଶୱନ୍ତ ସିଂହ ଏବଂ ତାଙ୍କ ପୁଅ ତରୁଣଦୀପ ସିଂହଙ୍କ ହତ୍ୟା ମାମଲାରେ ଜଣେ ଅଭିଯୁକ୍ତ ଥିଲେ । ଏହି ମାମଲାରେ, କୋର୍ଟ ବୁଧବାର ତାଙ୍କର ରାୟ ପ୍ରଦାନ କରିଛନ୍ତି । କୋର୍ଟ ସଜ୍ଜନ କୁମାରଙ୍କ ବିରୋଧରେ ଆଇପିସିର ଧାରା ୧୪୭/୧୪୮/୧୪୯/୩୦୨/୩୦୮/୩୨୩/୩୯୫/୩୯୭/୪୨୭/୪୩୬/୪୪୦ ଅନୁଯାୟୀ ଅପରାଧ ପାଇଁ ଚାର୍ଜଫ୍ରେମ କରିଥିଲେ । ଏସ୍‌ଆଇଟି ଅଭିଯୋଗ କରିଛି ଯେ, ସଜ୍ଜନ କୁମାର ଭିଡ଼ର ନେତୃତ୍ୱ ନେଉଥିଲେ ଏବଂ ତାଙ୍କ ପ୍ରରୋଚନାରେ, ଭିଡ଼ ଦୁଇ ଜଣଙ୍କୁ ଜୀବନ୍ତ ଜାଳି ଦେଇଥିଲେ ଏବଂ ସେମାନଙ୍କ ଘରର ଜିନିଷପତ୍ର ଏବଂ ଅନ୍ୟାନ୍ୟ ସମ୍ପତ୍ତିକୁ ମଧ କ୍ଷତି ପହଞ୍ଚାଇଥିଲେ । ଜିନିଷପତ୍ର ନଷ୍ଟ ଏବଂ ଲୁଟ୍ ? କରାଯାଇଥିଲା । ଉତ୍ତ୍ୟକ୍ତ ଲୋକେ ପୀଡ଼ିତଙ୍କ ଘରକୁ ପୋଡ଼ି ଦେଇଥିଲେ ଏବଂ ସେମାନଙ୍କ ପରିବାର ସଦସ୍ୟ ଏବଂ ସେମାନଙ୍କ ଘରେ ରହୁଥିବା ସମ୍ପର୍କୀୟମାନଙ୍କୁ ଗୁରୁତର କରିଥିଲେ । ୧ ନଭେମ୍ବର ୨୦୨୩ରେ, କୋର୍ଟ ଏହି ମାମଲାରେ ସଜ୍ଜନ କୁମାରଙ୍କ ବୟାନ ରେକର୍ଡ କରିଥିଲେ, ସଜ୍ଜନ କୁମାର ତାଙ୍କ ବିରୋଧରେ ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଥିଲେ । ଜାନୁଆରୀ ୩୧ରେ ଶୁଣାଣି ସମୟରେ ସଜ୍ଜନ କୁମାରଙ୍କ ଓକିଲ ଯୁକ୍ତି ଦେଇଥିଲେ ଯେ, ଆରମ୍ଭରୁ ତାଙ୍କ ନାଁ ସେଠି ନଥିଲା । ସାକ୍ଷୀ ୧୬ ବର୍ଷ ପରେ ସଜ୍ଜନ କୁମାରଙ୍କ ନାମ ନେଇଥିଲେ । ଯେତେବେଳେ ସରକାରୀ ଓକିଲ ଯୁକ୍ତି ଦେଇଥିଲେ ଯେ ପୀଡ଼ିତା ଅଭିଯୁକ୍ତଙ୍କୁ ଜାଣି ନାହାନ୍ତି । ଯେତେବେଳେ ସେ ଜାଣିପାରିଲେ ଯେ ସଜ୍ଜନ କୁମାର କିଏ, ସେ ତାଙ୍କ ବୟାନରେ ତାଙ୍କ ନାମ ନେଇଥିଲେ ।

# ୮୦୫ ଆପ୍, ୩ ହଜାର ୨୬୬ଟି ୱେବସାଇଟକୁ ବ୍ୟାନ୍‌କଲେ ଭାରତ ସରକାର




ନୂଆଦିଲ୍ଲୀ : ଦେଶରେ ୮୦୫ଟି ଆପ୍ସକୁ ବ୍ୟାନ କରିଛନ୍ତି ଭାରତ ସରକାର । ଏଥିସହ ୩ ହଜାର ୨୬୬ଟି ୱେବସାଇଟକୁ ମଧ ବନ୍ଦ କରିଛନ୍ତି । ଏହି ଆପ୍ସ ଏବଂ ୱେବସାଇଟ ଆଉ ଭାରତରେ ଚାଲିବନି । ୟୁଜର୍ସ ଏହି ସମସ୍ତ ଆପ୍ ଓ ୱେବସାଇଟ୍‌କୁ ଚଲାଇବା ପାଇଁ ସକ୍ଷମ ହେବେନାହିଁ । ଜାତୀୟ ସୁରକ୍ଷା କାରଣରୁ ଭାରତ ସରକାର ଏହି ଆପ୍ସ ଏବଂ ୱେବସାଇଟକୁ ବ୍ୟାନ କରିଛନ୍ତି । ସଂସଦୀୟ ସମିତି ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏ ନେଇ ସୂଚନା ଜାରି କରିଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏକ ସଂସଦୀୟ କମିଟିକୁ ସୂଚନା ଦେଇଛନ୍ତି ଯେ, ଜାତୀୟ ସୁରକ୍ଷା କାରଣରୁ ଏପର୍ଯ୍ୟନ୍ତ ୮୦୫ ଟି ମୋବାଇଲ୍ ଆପ୍ଲିକେସନ୍ ଏବଂ ୩ ହଜାର ୨୬୬ ୱେବସାଇଟ୍ ଲିଙ୍କ୍ ଅବରୋଧ କରାଯାଇଛି । ଏଠାରେ 'ସାଇବର ସୁରକ୍ଷା ଏବଂ ସାଇବର ଅପରାଧ' ଉପରେ ଗୃହ ବ୍ୟାପାର ଉପରେ ସଂସଦୀୟ ପରାମର୍ଶଦାତା କମିଟିର ଏକ ବୈଠକକୁ ସମ୍ବୋଧିତ କରିବା ବେଳେ ଶାହା କହିଛନ୍ତି ଯେ, ଆରବିଆଇ ଏବଂ ସମସ୍ତ ବ୍ୟାଙ୍କ ସହ ସମନ୍ୱୟ ରକ୍ଷା କରି ସାଇବର ଅପରାଧୀଙ୍କ ଦ୍ୱାରା ଠକେଇ ହୋଇଥିବା ପାଣ୍ଠି ପାର୍କରେ ବ୍ୟବହୃତ ହେଉଥିବା ଆକାଉଣ୍ଟ ଚିହ୍ନଟ ପାଇଁ ଏକ ସିଷ୍ଟମ ତିଆରି କରାଯିବ । ଏହା ଆକାଉଣ୍ଟଗୁଡ଼ିକ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଏହାକୁ ବନ୍ଦ କରାଯିବ । ଅମିତ ଶାହଙ୍କ କହିବାନୁସାରେ, ଇଣ୍ଡିଆନ୍ ସାଇବର କ୍ରାଇମ୍ କୋର୍ଡିନେସନ୍ ସେଣ୍ଟର ଓ-୪ଉ ପୋର୍ଟାଲରେ ୧ ଲକ୍ଷ ୪୩ ହଜାର ମାମଲା ରୁଜୁ ହୋଇଛି ଏବଂ ୧୯ କୋଟିରୁ ଅଧିକ ଲୋକ ଏହି ପୋର୍ଟାଲର ବ୍ୟବହାର କରିଥିଲେ । ରାଷ୍ଟ୍ରୀୟ ସୁରକ୍ଷା କାରଣରୁ ଏହିସବୁ ଆପ୍ ଓ ୱେବସାଇଟ୍‌କୁ ବ୍ଲକ୍ କରିଦିଆଯାଇଛି । ଯାଞ୍ଚ ବେଳେ ୬ ଲକ୍ଷରୁ ଅଧିକ ସନ୍ଦିଗ୍ଧ ଡାଟାକୁ ଚିହ୍ନଟ କରାଯାଇଛି । ଯେଉଁଥିରେ ୨ ହଜାର ୩୮ କୋଟି ଟଙ୍କାର ସନ୍ଦିଗ୍ଧ ଲେଣଦେଣ ଉପରେ ମଧ ରୋକ୍ ଲଗାଯାଇଛି । ଗୃହମନ୍ତ୍ରୀଙ୍କ କହିବାନୁସାରେ, ସାଇବର ଅପରାଧକୁ ସାମନା କରିବାକୁ ୪ ପ୍ରକାର ରଣନୀତି ଯେପରିକି କନଭରଜେନ୍ସ, କୋର୍ଡିନେସନ୍, କମ୍ୟୁନିକେସନ ଓ କାପାସିଟି ସାମିଲ । ମନ୍ତ୍ରୀଳୟ ଓ ଗୃହ ମନ୍ତ୍ରାଳୟର ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ବଢ଼ାଯାଇଥିବାରୁ ଏହା ଫଳରେ ଏକାଧିକ ସୂଚନା ମିଳିପାରିବ । ସେ ଆହୁରି ମଧ କହିଛନ୍ତି ଯେ, ଏଆଇର ବିନିଯୋଗରେ ରିଜର୍ଭ ବ୍ୟାଙ୍କ ଏବଂ ଅନ୍ୟ ସମସ୍ତ ବ୍ୟାଙ୍କ ମିଳିତ ଭାବେ ଆକାଉଣ୍ଟ ଚିହ୍ନଟ କରିବାକୁ ଏକ ସିଷ୍ଟମ ପ୍ରସ୍ତୁତ କରିବାକୁ ଚେଷ୍ଟା ଜାରି ରହିଛି । ଯାହା ଫଳରେ ଏହି ଆକାଉଣ୍ଟଗୁଡ଼ିକ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଏହାକୁ ବନ୍ଦ କରିବାକୁ ସକ୍ଷମ ହେବେ । ୩୩ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସାଇବର କ୍ରାଇମ୍ ଫରେନସିକ୍ ଟ୍ରେନିଙ୍ଗ ଲ୍ୟାବ୍‌ର ସ୍ଥାପନା କରାଯାଇଛି । ଏହି ଅବସରରେ ଅମିତ୍ ଶାହ ସମିତିର ସମସ୍ତ ସଦସ୍ୟଙ୍କୁ ଓ-୪ଉର ହେଲ୍ପଲାଇନ ୧୯୩୦ର ପ୍ରଚାର କରିବାକୁ ପରାମର୍ଶ ଦେଇଛନ୍ତି । କହିରଖୁ କି, ୧୯୩୦ ହେଲପଲାଇନ ନମ୍ବର ସାଇବର ବିତ୍ତୀୟ ଠକେଇରେ ଏକାଧିକ ମାମଲାର ସମାଧାନ କରେ ।

# ଅଙ୍ଗନୱାଡି-ଆଶାକର୍ମୀଙ୍କୁ ମିଳିବ ମୋବାଇଲ ଫୋନ

କୋଲକାତା : ରାଜ୍ୟ ସରକାରଙ୍କ ବଡ଼ ଘୋଷଣା । ସରକାରୀ କର୍ମଚାରୀଙ୍କ ସହ ଅଙ୍ଗନବାଡି କର୍ମୀଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି ସରକାର । ଅର୍ଥ ରାଷ୍ଟ୍ରମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ରାଜ୍ୟ ବଜେଟରେ ଡିଇ କିମ୍ବା ମହଙ୍ଗା ଭତ୍ତା ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଛନ୍ତି । ଏହିକ୍ରମରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୪ ପ୍ରତିଶତ ବୃଦ୍ଧି କରାଯାଉଛି । ବର୍ଦ୍ଧିତ ଡିଇ ୧ ଏପ୍ରିଲ ୨୦୨୫ ରୁ ଲାଗୁ ହେବ । ପଶ୍ଚିମବଙ୍ଗର ମମତା ବାନାର୍ଜୀ ସରକାର ବୁଧବାର ବିଧାନସଭାରେ ରାଜ୍ୟ ବଜେଟ ଉପସ୍ଥାପନ କରିଛନ୍ତି । ବଜେଟ ଭାଷଣ ସମୟରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା (ଡିଇ) ରେ ୪% ବୃଦ୍ଧି ଘୋଷଣା କରିଥିଲେ । ଏହା ସହିତ, ଅଙ୍ଗନୱାଡି ଏବଂ ଆଶା କର୍ମୀମାନଙ୍କୁ ମୋବାଇଲ ଫୋନ ଯୋଗାଇବାକୁ ଘୋଷଣା କରାଯାଇଛି । ବର୍ଦ୍ଧିତ ଡିଇ ସହିତ, କର୍ମଚାରୀମାନେ ଏବେ ମୋଟ ୧୮% ମହଙ୍ଗା ଭତ୍ତା ପାଇବେ, ଯାହା ୧ ଏପ୍ରିଲ, ୨୦୨୪ରୁ ଲାଗୁ ହେବ ।

# କଂଗ୍ରେସକୁ ପୁଣି ଫେରିଲେ ପୂର୍ବତନ ରାଷ୍ଟ୍ରପତିଙ୍କ ପୁଅ

ନୂଆଦିଲ୍ଲୀ : ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ପ୍ରଣବ ମୁଖାର୍ଜୀଙ୍କ ପୁଅ ଅଭିଜିତ ମୁଖାର୍ଜୀ କଂଗ୍ରେସକୁ ଫେରିଛନ୍ତି । ପଶ୍ଚିମବଙ୍ଗ ପ୍ରଦେଶ କଂଗ୍ରେସ ସଭାପତି ଶୁଭଙ୍କର ସରକାରଙ୍କ ଉପସ୍ଥିତିରେ ସେ କଂଗ୍ରେସ ସହିତ ହାତ ମିଳାଇଥିଲେ । ୨୦୨୧ରେ ଅଭିଜିତ ମୁଖାର୍ଜୀ କଂଗ୍ରେସ ଛାଡି ମମତା ବାନାର୍ଜୀଙ୍କ ଦଳ ତୃଣମୂଳ କଂଗ୍ରେସ (ଟିଏମସି)ରେ ଯୋଗ ଦେଇଥିଲେ । କୋଲକାତାର ବିଧାନ ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପୂର୍ବତନ ଏମପି ଅଭିଜିତ ମୁଖାର୍ଜୀଙ୍କୁ କଂଗ୍ରେସରେ ସାମିଲ କରାଯାଇଥିଲା । ପଶ୍ଚିମବଙ୍ଗ ପ୍ରଦେଶ କଂଗ୍ରେସ ସଭାପତି ଶୁଭଙ୍କର ସରକାର, ଏଆଇସିସି ପର୍ଯ୍ୟବେକ୍ଷକ ଗୁଲାମ ଅହମ୍ମଦ ମିର, ଅମ୍ବା ପ୍ରସାଦ, ପୂର୍ବତନ ଏମପି ପ୍ରଦୀପ ଭଟ୍ଟାଚାର୍ଯ୍ୟ ଏବଂ ଅନ୍ୟାନ୍ୟ ନେତାଙ୍କ ଉପସ୍ଥିତିରେ ସେ କଂଗ୍ରେସରେ ଯୋଗ ଦେଇଥିଲେ । ପୂର୍ବତନ ରାଷ୍ଟ୍ରପତିଙ୍କ ପୁଅଙ୍କ ଏପରି ଏକ ସମୟରେ ଘର ବାହୁଡିଛନ୍ତି, ଯେତେବେଳେ ତାଙ୍କ ଭଉଣୀ ଶର୍ମିଷ୍ଠା ମୁଖାର୍ଜୀ ଡିସେମ୍ବର ୨୬, ୨୦୨୪ରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ମୃତ୍ୟୁ ପରେ ରାହୁଲ ଗାନ୍ଧୀଙ୍କ ସାମ୍ପ୍ରତିକ ବିଦେଶ ଯାତ୍ରା ଉପରେ ପ୍ରଶ୍ନ ଉଠାଇଥିଲେ । ସେହି ସମୟରେ, ଶର୍ମିଷ୍ଠା ବ୍ୟକ୍ତିଗତ ଭାବରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟି ପୂର୍ବତନ ରାଷ୍ଟ୍ରପତିଙ୍କ ନାମରେ ଏକ ସ୍ମାରକୀ ନିର୍ମାଣ ପାଇଁ ଜମି ଦେଇଥିଲେ, ଯାହାଙ୍କର ଅଗଷ୍ଟ ୩୧, ୨୦୨୦ରେ ଦେହାନ୍ତ ହୋଇଥିଲା । ପଶ୍ଚିମବଙ୍ଗ କଂଗ୍ରେସ ସଭାପତି ଶୁଭଙ୍କର ସରକାର କହିଛନ୍ତି ଯେ ଅଭିଜିତ ମୁଖାର୍ଜୀ କଂଗ୍ରେସରେ ଯୋଗଦେବା ଦ୍ୱାରା ରାଜ୍ୟରେ ଦଳ ମଜବୁତ ହେବ । ସେ ଏହା ମଧ କହିଛନ୍ତି ଯେ ଆମେ ଚାହୁଁଛୁ ଯେଉଁମାନଙ୍କର ବିଚାରଧାରା ରାହୁଲ ଗାନ୍ଧୀଙ୍କ ସହ ମେଳ ଖାଉଛି ସେମାନେ କଂଗ୍ରେସରେ ଯୋଗ ଦିଅନ୍ତୁ । ଅଭିଜିତ ମୁଖାର୍ଜୀ ଦୁଇଥର ଲୋକ ସଭା ଏମପି ରହିସାରିଛନ୍ତି । ସେ ପ୍ରଥମ ଥର ପାଇଁ ୨୦୧୨ ମସିହାରେ ଜାଙ୍ଗିପୁର ଆସନରୁ ସଂସଦରେ ପହଞ୍ଚିଥିଲେ, ଯାହା ତାଙ୍କ ପିତା ପ୍ରଣବ ମୁଖାର୍ଜୀ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଖାଲି ପଡ଼ିଥିଲା । ଏହା ପରେ, ୨୦୧୪ ଲୋକ ସଭା ନିର୍ବାଚନରେ, ଅଭିଜିତ ଜାଙ୍ଗିପୁର ଆସନରୁ ଏମପି ନିର୍ବାଚିତ ହୋଇଥିଲେ, କିନ୍ତୁ ୨୦୧୯ରେ ସେ ନିର୍ବାଚନରେ ପରାସ୍ତ ହୋଇଥିଲେ । ନିର୍ବାଚନରେ ଅଭିଜିତଙ୍କୁ ଟିଏମସି ନେତା ଖଲିଲୁର ରହମାନ ପରାସ୍ତ କରିଥିଲେ ।

# ରାମ ମନ୍ଦିର ମୁଖ୍ୟ ପୂଜକ ସତ୍ୟେନ୍ଦ୍ର ଦାସଙ୍କ ପରଲୋକ



ଲକ୍ଷ୍ନୌ : ଆରପାରିରେ ରାମଲାଲାଙ୍କ ମୁଖ୍ୟ ପୂଜକ । ଅଯୋଧ୍ୟା ରାମ ମନ୍ଦିର ମୁଖ୍ୟ ପୂଜକ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସଙ୍କ ପରଲୋକ ହୋଇଛି । ୮୫ ବର୍ଷ ବୟସରେ ଲକ୍ଷ୍ନୌ ଏସଜିପିଜିଆଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ବ୍ରେନ ଷ୍ଟ୍ରୋକ ହେବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଆଜି ସକାଳେ ଆଚାର୍ଯ୍ୟଙ୍କ ମୃତ୍ୟୁ ଘଟିଥିବା ନେଇ ଶିଷ୍ୟ ପ୍ରଦୀପ ଦାସଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ସତ୍ୟେନ୍ଦ୍ର ଦାସ ଦୀର୍ଘ ୩୪ ବର୍ଷ ଧରି ପ୍ରଭୁ ରାମଲାଲାଙ୍କ ସେବା କରିଥିଲେ । ଗତ ୩ ତାରିଖରେ ତାଙ୍କର ବ୍ରେନ ଷ୍ଟ୍ରୋକ ହୋଇଥିଲା । ତାଙ୍କୁ ଲକ୍ଷ୍ନୌ ଏସଜିପିଜିଆଇ ହସ୍ପିଟାଲର ନ୍ୟୁରୋଲୋଜି ୱାର୍ଡରେ ଭର୍ତ୍ତି କରାଯାଇଥିଲା । ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ସମସ୍ୟାରେ ପୀଡିତ ଥିବାର ମଧ ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି । ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସଙ୍କ ବିୟୋଗରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗଭୀର ଶୋକ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଟ୍ୱିଟ୍ କରିଛନ୍ତି, ପରମ ରାମଭକ୍ତ, ଶ୍ରୀରାମ ଜନ୍ମଭୂମି ମନ୍ଦିର ତଥା ଅଯୋଧ୍ୟା ଧାମର ମୁଖ୍ୟ ପୂଜାରୀ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସ ମହାରାଜଙ୍କ ପରଲୋକ ଅତ୍ୟନ୍ତ ଦୁଃଖଦ ଏବଂ ଆଧାତ୍ମିକ ଜଗତ ପାଇଁ ଅପୂରଣୀୟ କ୍ଷତି । ପ୍ରଭୁ ଶ୍ରୀରାମ ଦିବଙ୍ଗତ ପୂଣ୍ୟାତ୍ମାଙ୍କୁ ନିଜ ଚରଣରେ ସ୍ଥାନ ଦିଅନ୍ତୁ । ତାଙ୍କର ଶୋକ ସନ୍ତପ୍ତ ଶିଷ୍ୟ ଓ ଅନୁଗାମୀଙ୍କୁ ଏହି ଦୁଃଖ ସହିବାକୁ ଶକ୍ତି ଦିଅନ୍ତୁ ।

# ନର୍ସିଂ କଲେଜରେ ଭୟଙ୍କର ରାଗିଂ




କୋଟାୟାମ : ସୀମା ଟପିଲା ରାଗିଂ ବର୍ବରତା । ଜୁନିୟରଙ୍କୁ ଉଲଗ୍ନ କରି ଗୁପ୍ତାଙ୍ଗରେ ଝୁଲାଇଲେ ଡମ୍ବଲ । ଜ୍ୟାମିତି ବାକ୍ସ କମ୍ପାସରେ ଭୁଶିବା ସହ ପ୍ରବଳ ମାଡ ମାରିଲେ । ଯନ୍ତ୍ରଣା ସହି ନପାରି ଚିତ୍କାର କରିବାରୁ ପାଟିରେ ବଳପୂର୍ବକ ଲୋସନ ଭର୍ତ୍ତି କରିଦେଲେ । ସମସ୍ତଙ୍କୁ ବିଚଳିତ କରିବା ଭଳି ଏହି ଘଟଣା ସାମ୍ନାକୁ ଆସିଛି କେରଳ କୋଟ୍ଟୟାମର ଏକ ସରକାରୀ ନର୍ସିଂ କଲେଜରୁ । ତେବେ ଦିନେ କି ମାସେ ନୁହେଁ, ଦୀର୍ଘ ୩ ମାସ ହେଲା ଜୁନିୟର ଛାତ୍ରଙ୍କୁ ଏହିପରି ନିର୍ଯାତନା ଦେଇଆସୁଥିଲେ ସିନିୟର । କଲେଜର ପ୍ରଥମ ବର୍ଷର ୩ ଜଣ ଛାତ୍ର ଏହି ରାଗିଂ ସମ୍ପର୍କରେ ପୋଲିସ ନିକଟରେ ଅଭିଯୋଗ କରିବା ପରେ ପୁରା ଘଟଣା ଲୋକଲୋଚନକୁ ଆସିଛି । ପୋଲିସ ସୂଚନା ମୁତାବକ, କୋଟ୍ଟାୟମସ୍ଥିତ ସରକାରୀ ନର୍ସିଂ କଲେଜର ପ୍ରଥମ ବର୍ଷର ଛାତ୍ରଙ୍କୁ ଏପରି ଭାବେ ଶାରିରୀକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା । ଜୁନିୟରଙ୍କୁ ଉଲଗ୍ନ ହେବାକୁ ବାଧ କରାଯାଉଥିଲା । ସିନିୟର ଛାତ୍ରମାନେ ସେମାନଙ୍କ ପ୍ରାଇଭେଟ ପାର୍ଟରେ ଡମ୍ବଲ ଝୁଲାଉଥିଲେ । ଜ୍ୟାମିତି ବାକ୍ସ କମ୍ପାସ ଓ ଏହିଭଳି ତୀକ୍ଷଣ ଜିନିଷରେ ଶରୀରକୁ ଆଘାତ ଦେଉଥିଲେ । ଏତିକିରେ ବର୍ବରତା ଥମୁନଥିଲା । ସିନିୟରମାନେ ପୀଡିତ ଛାତ୍ରଙ୍କ କ୍ଷତରେ ବିଭିନ୍ନ ପ୍ରକାରର ଲୋସନ ବୋଳୁଥିଲେ ଯାହା ଅଧିକ ଯନ୍ତ୍ରଣା ଦେଉଥିଲା । ଯଦି ସେମାନେ ଯନ୍ତ୍ରଣା ସହି ନପାରି ଚିତ୍କାର କରୁଥିଲେ ତାଙ୍କ ପାଟିରେ ଲୋସନ ଭର୍ତ୍ତି କରାଯାଉଥିଲା । ଏପରିକି ରାଗିଂ ସମୟରେ ଭିଡିଓ ଉତ୍ତୋଳନ କରି କାହାରିକୁ ଅଭିଯୋଗ କଲେ କ୍ୟାରିୟର ବର୍ବାଦ କରିବାର ଧମକ ମଧ ଦେଉଥିଲେ । ପୁଲିସ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସରକାରୀ ନର୍ସିଂ କଲେଜର ତୃତୀୟ ବର୍ଷର ୫ ଛାତ୍ରଙ୍କୁ ଗିରଫ କରିଥିଲା । ପୁଲିସ ଦ୍ୱାରା ଗିରଫ ହୋଇଥିବା ଛାତ୍ରମାନେ ହେଉଛନ୍ତି ସାମୁଏଲ ଜନସନ, ଏନଏସ ଜୀଭା, କେ.ପି ରାହୁଲ ରାଜ, ସି ରିଜିଲ ଜୀଥ ଏବଂ ବିବେକ ଏନ.ପି । ପୀଡିତ ଛାତ୍ରମାନେ ଅଭିଯୋଗ କରିଛନ୍ତି ଯେ ସେମାନଙ୍କୁ ଉଲଗ୍ନ ଅବସ୍ଥାରେ ଠିଆ ହେବାକୁ ବାଧ କରାଯାଇଥିଲା । ସିନିୟର ଛାତ୍ରମାନେ ନିୟମିତ ଭାବେ ମଦ କିଣିବା ପାଇଁ ଜୁନିଅର ଛାତ୍ରମାନଙ୍କଠାରୁ ଟଙ୍କା ନେଉଥିଲେ ଏବଂ ସେମାନଙ୍କୁ ବାରମ୍ବାର ଆକ୍ରମଣ କରୁଥିଲେ ।

# ହରିୟାଣା ରାଜ୍ୟ ବିଜେପି ଦଳରେ ଫାଟ

ନୂଆଦିଲ୍ଲୀ: ହରିୟାଣା ମନ୍ତ୍ରୀ ଅନିଲ ଭିଜ୍ ଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରାଯିବାର ଗୋଟିଏ ଦିନ ପରେ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସାଇନି ଏବଂ ଦଳର ନେତାମାନେ ମଙ୍ଗଳବାର ନୂଆଦିଲ୍ଲୀରେ ବିଜେପି ସଭାପତି ଜଗତ ପ୍ରକାଶ ନଡ୍ଡା ଓ କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କୁ ଭେଟିଛନ୍ତି । ତେବେ ବେଙ୍ଗାଲୁରୁରେ ଥିବା ଅନିଲ ଭିଜ୍ ଏହି ସୂଚନା ପାଇ ବେଙ୍ଗାଲୁରୁରୁ ଚଣ୍ଡିଗଡ଼ ଅଭିମୁଖେ ଯାତ୍ରା କରିଥିଲେ । ସେ ନିଜ ବେଙ୍ଗାଲୁରୁ ଯାତ୍ରା ବିଷୟରେ ସବିଶେଷ ତଥ୍ୟ ଦେଇ ନଥିବା ବେଳେ ଅମ୍ବାଲାର ରୋହତକରେ ଥିବା ତାଙ୍କ ବାସଭବନରେ ପରିବେଶ ମଧ ଶାନ୍ତ ରହିଛି । ଖବର ମୁତାବକ, ବିଭିନ୍ନ କାରଣ ପାଇଁ ଅନିଲ ଭିଜ୍ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସାଇନି ଓ ପ୍ରଦେଶାଧ୍ୟକ୍ଷ ମୋହନ ଲାଲ ବଡେଲିଙ୍କ ବିରୁଦ୍ଧରେ ବୟାନବାଜି ଦେଇଆସୁଥିଲେ । ତେବେ ଏହାକୁ ନେଇ ହରିୟାଣା ବିଜେପିରେ ଅସନ୍ତୋଷ ବୃଦ୍ଧି ପାଇବାରୁ ଗତ ମଙ୍ଗଳବାର ଦିନ ତାଙ୍କୁ ଦଳ ପକ୍ଷରୁ ଏକ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା ।

# ପ୍ରଥମ ଥର ପାଇଁ ଲୋକସଭା ପହଞ୍ଚିଲେ ଇଞ୍ଜିନିୟର ରସିଦ

ନୂଆଦିଲ୍ଲୀ : ନିକଟରେ ଜାମ୍ମୁ-କାଶ୍ମୀରରେ ଦୁଇ ଜଣ ନାଗରିକଙ୍କ ହୋଇଥିବା ମୃତ୍ୟୁର ପୂର୍ଣ୍ଣ ତଦନ୍ତ ପାଇଁ ସଂସଦରେ ଦାବି କରିଛନ୍ତି ଇଞ୍ଜିନିୟର ତଥା ଲୋକସଭା ସାଂସଦ ଅବଦୁଲ ରସିଦ । ଗଣମାଧମ ରିପୋର୍ଟକୁ ନେଇ ସେ କହିଛନ୍ତି ଯେ, ସେମାନଙ୍କୁ ସୁରକ୍ଷା ବାହିନୀ ଦ୍ୱାରା ହତ୍ୟା କରାଯାଇଛି । ଆତଙ୍କବାଦୀ ପାଣ୍ଠି ଯୋଗାଣ ଅଭିଯୋଗରେ ତିହାର ଜେଲରେ ଥିବା ବାରାମୂଲାର ସାଧୀନ ସାଂସଦ ରସିଦ ପାରୋଲରେ ବାହାରି ପ୍ରଥମ ଥର ପାଇଁ ସଂସଦରେ ଯୋଗ ଦେଇଛନ୍ତି । ଯେଉଁଥିରେ ସେ ଶୂନ୍ୟକାଳରେ ସାଧାରଣ ଲୋକଙ୍କ ମୃତ୍ୟୁ ପ୍ରସଙ୍ଗ ଉଠାଇଥିଲେ । ସେ କହିଥିଲେ ଯେ, 'ଆମର ରକ୍ତ ଶସ୍ତା ନୁହେଁ' । 'ଆମର ବଞ୍ଚିବାର ଅଧିକାର ଅଛି, ରକ୍ତକୁ ସମ୍ମାନ କର, କିଛି ତ ଲଜ୍ଜା କର ।' ସେ ଆହୁରି ମଧ କହିଥିଲେ ଯେ, 'ମୁଁ ସରକାରଙ୍କୁ ଅନୁରୋଧ କରୁଛି ଯେ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ଉଚିତ ।' ତେବେ ରସିଦ ବାରାମୂଲା ଲୋକସଭା ଆସନରୁ ନିର୍ବାଚନ ଜିତିଥିଲେ । ଯେଉଁଠାରେ ସେ ଜମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ନ୍ୟାସନାଲ କନଫରେନ୍ସ ନେତା ଓମାର ଅବଦୁଲ୍ଲାଙ୍କୁ ପରାସ୍ତ କରିଥିଲେ ।

# ୟୁଟ୍ୟୁବର ଏଲ୍‌ଭିଶ୍ ଯାଦବଙ୍କ ବିରୋଧରେ ଥାନାରେ ମାମଲା



ଜୟପୁର: ୟୁଟ୍ୟୁବର ଏଲ୍‌ଭିଶ୍ ଯାଦବଙ୍କ ବିରୋଧରେ ମାମଲା । ଏକ ବିଭ୍ରାନ୍ତିକର ଭିଡିଓ ପୋଷ୍ଟ କରିବା ଅଭିଯୋଗରେ ଏଲ୍ ?ଭିଶଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ଭିଡିଓରେ ସେ ଦାବି କରିଛନ୍ତି ଯେ, ଜୟପୁରରେ ମ୍ୟୁଜିକ ଭିଡିଓ ଶୁଟ୍ କରିବା ସମୟରେ ରାଜସ୍ଥାନ ପୁଲିସ ତାଙ୍କୁ ସୁରକ୍ଷା ପ୍ରଦାନ କରିଥିଲା । ଅଧିକାରୀମାବେ ବୁଧବାର ଏନେଇ ସୂଚନା ଦେଇଛନ୍ତି । ଏଲ୍‌ଭିଶଙ୍କ ଦାବିକୁ ପୁଲିସ ଖଣ୍ଡନ କରିଛି ଏବଂ କହିଛି ଯେ, ଏଲ୍‌ଭିଶ ଯାଦବଙ୍କୁ କୌଣସି ସରକାରୀ ସୁରକ୍ଷା ପ୍ରଦାନ କରାଯାଇ ନଥିଲା । ରାଜସ୍ଥାନ ପୁଲିସର ଭାବମୂର୍ତ୍ତିକୁ ମଳିନ କରିବା ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ଏହି ବିବାଦ ସୋମବାର ଆରମ୍ଭ ହୋଇଥିଲା ଯେତେବେଳେ ଏଲଭିଶ ଯାଦବ ସାମାଜିକ ଗଣମାଧମରେ ଏକ ଭିଡିଓ ଅପଲୋଡ କରିଥିଲେ । ଭିଡିଓରେ ସେ ଏକ କାରରେ ଯାତ୍ରା କରୁଥିଲେ, ଯାହାକୁ ପୂର୍ବତନ ମନ୍ତ୍ରୀ ପ୍ରତାପ ସିଂହ ଖାଚରିଆବାସଙ୍କ ପୁଅ ଚଲାଉଥିଲେ । ଭିଡିଓରେ ପୁଲିସର ଏକ ନାଲିବତି ଗାଡ଼ି ଏଲଭିଶଙ୍କ କାର ଆଗରେ ଯାଉଥିବା ଦେଖିବାକୁ ମିଳିଥିଲା । ଏହି ଭିଡିଓରେ ଏଲଭିଶ ଯାଦବ ଦାବି କରିଥିଲେ ଯେ, ପୁଲିସ ତାଙ୍କୁ ସୁରକ୍ଷା ପ୍ରଦାନ କରୁଥିଲା । ତେବେ ପୁଲିସ ଏହି ଦାବିକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଛି ।

# ଅଗ୍ନିଉତ୍ସବ ଜନ୍ମୋତ୍ସବରେ ଗୋରେଖନାଥ ପୀଠ ଚଳଚଞ୍ଚଳ
# ଭବ୍ୟ ଦର୍ଶନ ଓ ପ୍ରସାଦ ସେବନ କଲେ ୨୦ ହଜାର ଶ୍ରଦ୍ଧାଳୁ



ରଘୁନାଥପୁର:-୧୨/୨(ପିପିଏସ) ପବିତ୍ର ଅଗ୍ନି ପୂର୍ଣ୍ଣିମାରେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅଧିନସ୍ଥ ଛପତା ପଞ୍ଚାୟତ ଅନ୍ତର୍ଗତ କେରକେରା ସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ରର ଅଧିଷ୍ଠାତା ପ୍ରଭୁ ଗୋରେଖନାଥଙ୍କ ଜନ୍ମୋତ୍ସବ ଉପଲକ୍ଷେ ଗୋରେଖନଥ ପୀଠ ଚଳଚଞ୍ଚଳ ହୋଇଉଠିଥିଲା। ପ୍ରଭୁଙ୍କୁ ଦର୍ଶନ କରି ପ୍ରାସାଦ ସେବନରେ ଆପ୍ୟାୟିତ ହେଲେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତବୃନ୍ଦ। ରାତ୍ର ୩ ଘଟିକାରେ ପ୍ରଭୁଙ୍କ ମହାସ୍ନାନ ଓ ମଙ୍ଗଳାରତି କାର୍ଯ୍ୟ ସମାପନ ପରେ ଚିତାଲାଗି ବେଶ ଅନୁଷ୍ଠିତ ହୋଇଥିଲା। ଏହାଛଡା ଜନ୍ମୋତ୍ସବରେ ପ୍ରଭୁଙ୍କ ନିକଟରେ ପ୍ରିୟ ଖେଚୁଡି ଭୋଗ ଲାଗି କରାଯାଇଥିଲା।ଏହାପରେ ପ୍ରଭୁଙ୍କ ଦର୍ଶନ ନିମନ୍ତେ ପୀଠ ମଧକୁ ଯାତ୍ରୀଙ୍କ ଆଗମନ ହୋଇଥିଲା।ଜନ୍ମୋତ୍ସବ ଉପଲକ୍ଷେ ଆଗନ୍ତୁକ ସମସ୍ତ ଶ୍ରଦ୍ଧାଳୁ ଭକ୍ତ ତଥା ଦର୍ଶନାର୍ଥିଙ୍କ ପାଇଁ ପୀଠ ପ୍ରଶାସନ ପକ୍ଷରୁ ମଧ୍ୟାହ୍ନ ଓ ରାତ୍ରୀରେ ପ୍ରାସାଦ ସେବନରେ ବ୍ୟବସ୍ଥା ହୋଇଥିଲା। ଭିଡକୁ ଦୃଷ୍ଟିରେ ରଖି ପୀଠ ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ପାନୀୟଜଳ ଓ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ତିର୍ତ୍ତୋଲ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଫୋର୍ସ ମୁତୟନ ସହ ଆଇନ ଶୃଙ୍ଖଳା ପ୍ରତି ନଜର ରଖାଯାଇଥିଲା। ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦେବଦର ବିଭାଗ କଟକ ଡେପୁଟି କମିଶନର ଦିଲୀପ କୁମାର ଶତପଥୀ ଓ ଇନ୍ସପେକ୍ଟର ପ୍ରଦୀପ୍ତ ସାହୁ ପୀଠରେ ଉପସ୍ଥିତ ଥିଲେ।ଆଇନଜୀବି ଜୀବନ ବଲ୍ଲଭ ମହାନ୍ତି ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିବାବେଳେ ରମେଶ ଚନ୍ଦ୍ର ମହାନ୍ତି,ପ୍ରଦୀପ୍ତ ମହାନ୍ତି, ପ୍ରଶାନ୍ତ ଭୂୟାଁ, ଶୁଶାନ୍ତ ଦାଶ, କ୍ଷିରୋଦ ମହାନ୍ତି ଓ ପୀଠ କିରାଣୀ ସରୋଜ କୁମାର ସାହାଣୀ ଏଥିରେ ସହଯୋଗ କରିଥିଲେ। ପୂଜକ ଦିଲୀପ କୁମାର ପଣ୍ଡାଙ୍କ ନେତୃତ୍ୱରେ ନିରଞ୍ଜନ ଦାଶ, ଜ୍ଞାନରଞ୍ଜନ ପଣ୍ଡା, ସୁଦର୍ଶନ ଦାଶ, ରମେଶ ଚନ୍ଦ୍ର ପଣ୍ଡା, ଗୋଲେଖବିହାରି ଦାଶଙ୍କ ସହ ସମସ୍ତ ସେବାୟତମାନେ ପ୍ରାସାଦ ପ୍ରସ୍ତୁତି ଦାଇତ୍ୱରେ ରହିଥିଲେ।୨୦ କୁଇଣ୍ଟାଲ ଚାଉଳର ପ୍ରସାଦ ପ୍ରସ୍ତୁତ କରାଯାଇଥିବାବେଳେ ଆଖପାଖ ଗ୍ରାମର ୬୦ ରୁ ଉର୍ଦ୍ଧ ଯୁବକ ସଂଘର ସଭ୍ୟମାନେ ଉପସ୍ଥିତ ରହି ସୁଚାରୁ ରୂପେ ପ୍ରସାଦ ପରିବେଷଣ କରିଥିଲେ।

# ସାମ୍ବାଦିକଙ୍କୁ ଆକ୍ରମଣ ପ୍ରତିବାଦରେ ଏସ ୟୁ ଜେ
# ସାମ୍ବାଦିକ ସଂଘ ପକ୍ଷରୁ ଆରକ୍ଷୀ ଅଧିକ୍ଷକଙ୍କୁ ଦାବିପତ୍ର



କେନ୍ଦ୍ରାପଡ଼ା,(ପିପିଏସ): କାର୍ଯ୍ୟରତ ସାମ୍ବାଦିକଙ୍କ ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ରାଜ୍ୟ ସାମ୍ବାଦିକ ସଂଘ ଏସୟୁଜେ କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଆଜି ସକାଳ ୧୧.୩୦ଘଟିକା ସମୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।ଷ୍ଟେଟ ୟୁନିୟନ୍ ଅଫ ଜର୍ଣାଲିଷ୍ଟ୍ ସ ସଂଘର ଆଳି ବ୍ଲକ୍ ସାମ୍ବାଦିକ ଲିଟୁଆ ରାଉତଙ୍କୁ ଗତ ୫ ତାରିଖରେ ଦୂର୍ବୃତ୍ତମାନେ ମରଣାତ୍ମକ ଆକ୍ରମଣ କରିଥିଲେ।ଏହାର ପ୍ରତିବାଦରେ ଆଳି ଥାନାରେ ଏଫ୍ ଆଇଆର୍ ହୋଇଥିଲେ ସୁଦ୍ଧା ପୋଲିସ ଏହି ଘଟଣାରେ ତଦନ୍ତରେ ସିଥିଳତା ଦେଖାଇଛି ବୋଲି ସାମ୍ବାଦିକ ଲିଟୁଆ ରାଉତ ଅଭିଯୋଗ କରିଛନ୍ତି ।ପୋଲିସ କେବଳ ମାମଲା ରୁଜୁ କରି ଦୋଷୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଦୋଷୀଙ୍କୁ ଘଣ୍ଟ ଘୋଡାଉଛି ବୋଲି ସଂଘ ଅଭିଯୋଗ କରିଛି । ପକ୍ଷପାତତା କରିଥିବା ପୋଲିସ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସାମ୍ବାଦିକଙ୍କ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ସଂଘ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି ।ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ବିଳମ୍ବ ହେଲେ ସଂଘ ରାଜରାସ୍ତାକୁ ଓହ୍ଲାଇବା ବୋଲି ଚେତାବନୀ ଦେଇଛି ।ଆଜିର ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ଶ୍ରୀଯୁକ୍ତ ଦୈତାରୀ ଜେନା,ଆକାଶ ଦାସ,ସତ୍ୟରଞ୍ଜନ ପଣ୍ଡା, ବିଶ୍ୱଜିତ୍ ପ୍ରଧାନ,ଦୁଷ୍ମନ୍ତ ଆଚାର୍ଯ୍ୟ,ପ୍ରଫୁଲ୍ଲ ମଲ୍ଲଙ୍କ ସମେତ ସଂଘର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଲକି ବିଜେତାଙ୍କୁ ମିଳିଲା ବୁଲେଟ

କେନ୍ଦ୍ରାପଡା, (ପିପିଏସ୍): ଭଲ୍‌ବୋଲିଂନ୍ କମ୍ପାନୀ ପକ୍ଷରୁ ଅଲ ଇଣ୍ଡିଆ ବେଶରେ ଜାନୁଆରୀ ୬ ତାରିଖରେ ଏକ ଲକିଡ୍ର କାର୍ଯ୍ୟକ୍ରମ ରଖାଯାଇଥିଲା। ଭାରତର ପୂର୍ବ, ପଶ୍ଚିମ, ଉତ୍ତର ଦକ୍ଷିଣ ଜୋନମାନଙ୍କରୁ ବହୁ ରିଟେଲରମାନେ ଅଂଶଗ୍ରହଣ କରିଥିଲେ ଓ ପୂର୍ବ ଭାରତ ଓଡିଶାରୁ କେନ୍ଦ୍ରାପଡ଼ା ଜିଲ୍ଲା କେନ୍ଦ୍ରାପଡ଼ା ବ୍ଲକ ଓସ୍ତପୁର ଗ୍ରାମର ରଘୁନାଥଜୀଉ ଅଟୋମୋବାଇଲର ମାଲିକ ନିରଞ୍ଜନ ଦଳାଇ ହୋଇଛନ୍ତି ଏକମାତ୍ର ଲକି ବିଜେତା। ପୂର୍ବ ଭାରତର ଏକମାତ୍ର ବୁଲେଟ ବିଜେତା ହୋଇଛନ୍ତି। ଏହି ମୁହୂର୍ତ୍ତରେ ଭଲବୋଲିଂନ କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଆସି ଓସ୍ତପୁରରେ ପହଁଞ୍ଚି ଅତି ଆଡମ୍ବରରେ ନିରଞ୍ଜନଙ୍କୁ ବୁଲେଟ ପ୍ରଦାନ କରିଛନ୍ତି। ଏହି ଖୁସିର ମୁହୂର୍ତ୍ତରେ ଓସ୍ତପୁର ଗ୍ରାମବାସୀ ବେଶ ଉତ୍ସାହିତ ଥିବା ସହ ଭଲବୋଲିଂନ କମ୍ପାନୀକୁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ସମୟରେ ସମସ୍ତେ ଏହି ଭଲବୋଲୀନ କମ୍ପାନୀର ମୋବିଲ କିଣିବେ ବୋଲି କହିଥିଲେ। ଏହି ପରିପେକ୍ଷୀରେ ଭଲବୋଲିଂନ କମ୍ପାନୀ ରିଜୋନାଲ ମ୍ୟାନେଜର ଅମିତ ବଶିଷ ଉପସ୍ଥିତ ଥିବା ବେଳେ ଅରୁଣ ପଟ୍ଟନାୟକ ଓଡିଶା ଏବଂ ରାଞ୍ଚି ଦୁଇଟି ରାଜ୍ୟର ଷ୍ଟେଟ ମ୍ୟାନେଜର, ସଞ୍ଜୟ ଦାସ ଏବଂ ଶ୍ରୀକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରମିକ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ




ଜଗତସିଂହପୁର, (ପି,ପି, ଏସ): ଆଜି ପୂର୍ବାହ୍ନ ରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ କରାଯାଇଅଛି । ଏହି ଶ୍ରମିକ ସଚେତନତା ରଥକୁ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଇଥିଲେ। ଏହି ସଚେତନତା ରଥ, ଏକ ମାସ ଧରି ଜିଲ୍ଲାର ସମସ୍ତ ବ୍ଲକ, ମୁନିସିପାଲିଟି, ଜନବହୁଳ ସ୍ଥାନ ଓ ନିର୍ମାଣଧୀନ କାର୍ଯ୍ୟ କ୍ଷେତ୍ରରେ ଶ୍ରମ ବିଭାଗର ବିଭିନ୍ନ ଜନାଭିମୁଖୀ ଓ ଶ୍ରମିକ କଲ୍ୟାଣ ଯୋଜନା ଗୁଡିକ ଯଥା ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଓ ଓଡିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ପଞ୍ଜୀକରଣ ଓ ତତସହିତ ପଞ୍ଜୀକୃତ ଶ୍ରମିକଙ୍କ ବିଭିନ୍ନ ସହାୟତା ରାଶି, ପ୍ରବାସୀ ଶ୍ରମିକଙ୍କ ଅଧିକାର ଓ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରୀ ନିୟମ ଓ ଶିଶୁ ଶ୍ରମିକ ନିରୋଧ ଆଇନ ବିଷୟରେ ସଚେତନତା ସୃଷ୍ଟି କରିବ । ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ଶ୍ରୀ ଶିବ ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ଶ୍ରୀମତୀ ସ୍ମୃତିରେଖା ନାୟକ, ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ), ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ କାହ୍ନୁ ଚରଣ ରାଉତ , ସହକାରୀ ଶ୍ରମ ଅଧିକାରୀ ଶ୍ରୀ ସନ୍ତୋଷ କୁମାର ମହାନ୍ତି, ଶ୍ରୀ ଶାନ୍ତନୁ କୁମାର ବ୍ରହ୍ମା , ଶ୍ରୀମତୀ ସୌମ୍ୟା ସ୍ଥିତପ୍ରଜ୍ଞା , ଶ୍ରୀ ଦେବାଶିଷ ମିଶ୍ର ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଜଜାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ



କେନ୍ଦ୍ରାପଡା,(ପିପିଏସ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜଜାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସବିତା ପଣ୍ଡାଙ୍କ ଅଧକ୍ଷତାରେ କପାଳେଶ୍ୱର ସରପଞ୍ଚ କଳ୍ପନା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ଦାଶ, ବିଶିଷ୍ଟ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଞ୍ଜୁଲତା ସ୍ୱାଇଁ, ରବିନ୍ଦ୍ର କୁମାର ବାରିକ, ସମ୍ପାଦିକା ସ୍ନେହଲତା ପରିଡା ଯୋଗଦେଇ ବାର୍ଷିକ କ୍ରୀଡାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ସେକ୍ ରିଜୁଆନ୍ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମମତା କୁମାରୀ ବିଶ୍ୱାଳ, ସଞ୍ଜୁକ୍ତା ପ୍ରଧାନ, ଗୀତାଞ୍ଜଳୀ ପରିଡା, ମାନସୀ ସିଂହ, ଅଭିଜିତ୍ ଥାଟୋଇ ପ୍ରମୁଖ ସହଯୋଗ କରିଥିଲେ॥


## NOTICE

It is for information of all concerned that the partnership firm "M/S SHIRDISAI LOGISTICS" bearing Registration No. 18201800667/2018 of district Khurda is re-constituted w.e.f. 8/8/23 as follows:- 1.Managing Partner - Dusmanta Kumar Lenka, 2. Existing Partner - Reticulata Lenka, 3. Incoming Partner - Anupama Nayak

Place: Cuttack
Date: 12/02/2025

**Managing Partner**
**M/S - SHIRDISAI LOGISTICS**


# ବାବା ବାସୁଦେବ ମନ୍ଦିର ସମ୍ମୁଖରେ ଅଷ୍ଟମପ୍ରହର ନାମଯଜ୍ଞ

ଚାରିଛକ,(ପିପିଏସ୍): ଚାରିଛକ ନିକଟସ୍ଥତୁଳସୀପୁର ଗ୍ରାମର ମହାଜନ ସାହି ରେ ପୂଜା ପାଇ ଆସୁଥିବା ବାବା ବାସୁଦେବ ଙ୍କ ମନ୍ଦିର ସମ୍ମୁଖରେ ପ୍ରତିବର୍ଷ ପରି ଚଳିତ ବର୍ଷ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି ।ଏହି ଅଷ୍ଟ ପ୍ରହର ପାଇଁ ଅଧିବାସ ଦିନ ନିତି ନିୟମ ଅନୁସାରେ ନାମ କୀର୍ତ୍ତନ କରି ଏକ ଶୋଭାଯାତ୍ରା ରେ ତେଲେଙ୍ଗା ପୁଷ୍କରିଣୀ ରୁ କଳସ ପାଣି ଆଣି କୁଞ୍ଜରେ ସ୍ଥାପନ କରା ଯାଇଥିଲା। ଗ୍ରାମବାସୀ ଙ୍କ ଦ୍ୱାରା ଆୟୋଜିତ ଅଷ୍ଟମପ୍ରହର ନାମଯଜ୍ଞ ରେ ଦଶ ରୁ ଉର୍ଦ୍ଧ ସୁନାମ ଧନ୍ୟ ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ।ଏହି କାର୍ଯ୍ୟକ୍ରମ ରେ କର୍ତ୍ତା ଭାବେ ପ୍ରତାପ କୁମାର ସାହୁ କାର୍ଯ୍ୟ କରିଥିବା ବେଳେ ବଳିଆ ବାବା ପୂଜକ ଭାବେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମର ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ମାନେ ଦିନ ରାତି ଉପସ୍ଥିତ ରହି ଅଷ୍ଟମ ପ୍ରହର ନାମ ଯଜ୍ଞ କୁ ଉପଭୋଗ କରିଥିଲେ। କାହିଁ କେତେ ବର୍ଷ ହେଲା ଗାଁ ରେ ଏହି ପରମ୍ପରା ଲାଗି ରହିଛି ବୋଲି ଗ୍ରାମ କମିଟି ସଭାପତି ଦ୍ୱିଜବର ସାହୁ ଓ ବୀରବର ସାହୁ ପ୍ରକାଶ କରିଛନ୍ତି। ଅଷ୍ଟପ୍ରହର ନାମ ଯଜ୍ଞ ପାଇଁ ଗ୍ରାମ ରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ତିନି ଦିନ ଧରି ମନ୍ଦିର ନିକଟରେ ଆନନ୍ଦ ବଜାର ଖୋଲା ଯାଇଥିଲା। ଶ୍ରଦ୍ଧାଳୁ, ଭକ୍ତ ଓ ଗ୍ରାମବାସୀ ମାନେ ଅନ୍ନ ପ୍ରସାଦ ସେବନ କରିଥିଲେ।

# ନୟାଗଡ ଡାକ୍ତରଖାନା ଉପରେ ନିର୍ଭର କରନ୍ତି ଜିଲ୍ଲାର ତେର ଲକ୍ଷ୍ୟ ଲୋକ

## ଡାକ୍ତର ଖାନା ପରିସରରେ ସ୍ଥାୟୀ ପବ୍ଲିକ ପାର୍କିଂ ପାଇଁ ଦାବି

ନୟାଗଡ଼ (ପିପିଏସ୍): ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧରେ ଗୁରୁତର ଟ୍ରାଫିକ ସମସ୍ୟା ପ୍ରତ୍ୟହ ଅନୁଭୂତ ହେଉଛି ଲ ଡାକ୍ତରଖାନା ପରିସରରେ ବଡବଡ଼ ଅଟ୍ଟାଳିକା, ଷ୍ଟାଫ କ୍ୱାର୍ଟର ନିର୍ମାଣ ହେବା ପରେ ପବ୍ଲିକ ପାର୍କିଂ, ୧୦୮ ଆମ୍ବୁଲାନ୍ସ, ଘରୋଇ ଆମ୍ବୁଲାନ୍ସ ପାର୍କିଂ ଏପରିକି ହସ୍ପିଟାଲ ଷ୍ଟାଫ ମାନଙ୍କ ଗାଡି ପାର୍କିଂ ପାଇଁ ଧ୍ୟାନ ଦିଆଯାଉ ନାହିଁ ଯାହାଫଳରେ ଜବରଦସ୍ତ ପାର୍କିଂ ସମସ୍ୟା ସମାଧାନ ପାଇଁ ଏବେ ଡାକ୍ତରଖାନା ପରିସରରେ ଥିବା ପୁରୁଣା ସର୍ଜରୀ ୱାର୍ଡ ଭଙ୍ଗା ଯାଉଥିବା ଉଦ୍ଦିଷ୍ଟ ସ୍ଥାନକୁ ପବ୍ଲିକ ପାର୍କିଂ ସ୍ଥଳ ଭାବେ ବ୍ୟବହାର କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ, ନୟାଗଡ ବିଧାୟକ ଡ଼ ଅରୁଣ ସାହୁ, ନୟାଗଡ ଜିଲ୍ଲାପାଳଙ୍କୁ ନୟାଗଡ କଂଗ୍ରେସ ନେତା ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ରଣଜିତ ଦାଶ ସାମାଜିକ ଗଣମାଧ୍ୟମ ଢ ଯୋଗେ ପ୍ରସ୍ତାବ ଦେଇଛନ୍ତି କ୍ଷ ପ୍ରାୟ ୧୩ ଲକ୍ଷ ଜିଲ୍ଲା ବାସୀ ନିର୍ଭର କରୁଥିବା ଏହି ମୁଖ୍ୟ ଚିକିତ୍ସାଳୟ କୁ ପ୍ରତ୍ୟେକ ଦିନ ହଜାରହଜାର ସଂଖ୍ୟାରେ ବିଭିନ୍ନ ବର୍ଗ ର ରୋଗୀ ଏବଂ ସେମାନଙ୍କ ଆଟେଣ୍ଡାଣ୍ଟ ଆସୁଥିବାରୁ ନିର୍ଦ୍ଦିଷ୍ଟ ପବ୍ଲିକ ପାର୍କିଂ ସ୍ଥାନ ଅଭାବ ଯୋଗୁଁ ଡାକ୍ତରଖାନା ପରିସର ରେ ଟ୍ରାଫିକ ସମସ୍ୟା ବଢ଼ିବଢ଼ି ଚାଲିଛି କ୍ଷ ତେଣୁ ଏହାର ସମାଧାନ ଉପରେ ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ ଧ୍ୟାନ ଦେବା ପାଇଁ ଶ୍ରୀ ଦାଶ ଅନୁରୋଧ କରିଛନ୍ତି।

# ଭୂତତ୍ତ୍ୱ ବିଭାଗ ତରଫରୁ ୨ଦିନିଆ ଜାତୀୟସ୍ତରୀୟ କର୍ମଶାଳା ଉଦ୍‌ଘାଟିତ

ବ୍ରହ୍ମପୁର(ପିପିଏସ୍): ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାୟର ଭୂତତ୍ତ୍ୱ ବିଭାଗ ତରଫରୁ ୨ଦିନିଆ ଜାତୀୟ ସ୍ତରୀୟ କର୍ମଶାଳା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବର୍ତ୍ତମାନ ଭୂତତ୍ତ୍ୱ ବିଜ୍ଞାନର ସ୍ଥିତି ଓ ପ୍ରଗତି ବିଷୟ ତଥା ରିସେଣ୍ଟ ଟ୍ରେଣ୍ଡସ ଏଣ୍ଡ ଡେଭଲପମେଣ୍ଟସ୍ ଇନ୍ ଏର୍ଥ ସାଇନ୍ସେସ ବିଷୟ ନେଇ ଏଠାରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ଭୂତତ୍ତ୍ୱ ବିଭାଗ ପ୍ରଫେସର ତଥା ଆଷ୍ଟ୍ରୋଲୋଜର ଡ.ମାୟାଧର ସାହୁ ଯୋଗଦେଇ କହିଥିଲେ ଯେ, ଏପରି କର୍ମଶାଳା ଦ୍ୱାରା ଭୂତତ୍ତ୍ୱ ବିଭାଗ ଶିକ୍ଷା ସହ ଛାତ୍ରଛାତ୍ରୀ ମାନେ ଗବେଷଣା ପ୍ରତି ଅଧିକ ଆଗ୍ରହ ପ୍ରକାଶ କରିପାରିବେ। ଏପରି କର୍ମଶାଳା ଆୟୋଜିତ ହୋଇଥିବାରୁ ସେ ସଭିଙ୍କୁ କୃତଜ୍ଞତା ଜଣାଇଥିଲେ । ବିଭାଗ ମୁଖ୍ୟ ତଥା ଆବାହକ ଡ.ଦୀପକ କୁମାର ମିଶ୍ର ଏଥିର ଅଧକ୍ଷତା କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଯୋଗଦେଇ ଆଜିର ଯୁଗରେ ଭୂତତ୍ତ୍ୱ ଶିକ୍ଷାର ଚାହିଦା ବୃଦ୍ଧି ପାଇଥିବା କହିଥିଲେ। ଅନ୍ୟତମ ଅତିଥି ଭାବେ ଉତ୍କଳ ବିଶ୍ୱ ବିଦ୍ୟାଳୟର ପୂର୍ବତନ ପ୍ରଫେସର ହୃଷୀକେଶ ସାହୁ, ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ପଦ୍ମିନୀ ସାହୁ ଯୋଗ ଦେଇଥିଲେ।

ସହକାରୀ ପ୍ରଫେସର ଡ.ରଜତ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସହକାରୀ ପ୍ରଫେସର ତଥା ସାଙ୍ଗଠନିକ ସମ୍ପାଦକ ଡ.ମନୋଜ କୁମାର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ନୂଆଦିଲ୍ଲୀ ଜେଏନ୍‌ୟୁ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଏମ୍.ଲଛନା ଦୋରା, ଭୁବନେଶ୍ୱର ଆଇଏମ୍‌ଏମ୍‌ଟିର ନିଳୀମା ଦାସ ଯୋଗଦେଇ କ୍ରିଟିକାଲ୍ ମିନିରାଲ୍ସର ଉତ୍ପତ୍ତି ଓ ପ୍ରୟୋଗ ଉପରେ ଆଲୋକପାତ କରିଥିଲେ। ଭାରତୀୟ ଭୂତତ୍ତ୍ୱିକ ସର୍ବେକ୍ଷଣର ନିର୍ଦ୍ଦେଶକ ଡା.ଆଶିଷ କୁମାର ସ୍ୱାଇଁ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଓ ଷ୍ଟୋଡିସ୍ ଫର୍ମ ଆଣ୍ଟେରିଟିକା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଭୂତଳ ଜଳ ଉନ୍ନୟନ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ(ଭୂତତ୍ତ୍ୱ) ଶିଶିର ଚନ୍ଦ୍ର ପଣ୍ଡା ଯୋଗଦେଇ ଓଡ଼ିଶା କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଉପରେ ଆଲୋକପାତ କରିଥିଲେ। ଗୌରବ କୁମାର ସ୍ୱାଇଁ ଓ ସବ୍ୟସାଚୀ ଦାସ ଭୂତଳ ଜଳର ଉତ୍ପତ୍ତି ଓ ବିଚ୍ୟୁତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଶେଷରେ ସହକାରୀ ପ୍ରଫେସର ଡ.ମନିଷା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁବାର ଏହି କର୍ମଶାଳା ଉଦ୍‌ଯାପିତ ହେବ।


ODISHA HYDRO POWER CORPORATION LTD
(A GOVT. OF ODISHA UNDERTAKING)
CIN:U401010R1995SGC003963
REGD.OFFICE: OHPC Corporate Office, Bhoi Nagar, Janpath, Bhubaneswar-751022
Phone: 91-0674-2542983, 2542802, 2545526, 2542826
E-mail: ohpc.co@gmail.com, website: www.ohpcltd.com
No. OHPC: TECH: C&P:18/2024-25/ 906 Date: 10.02.2025
NOTICE INVITING TENDER No.29/2024-25

Sealed Tenders are invited in two part ie. (i) Techno Commercial bid & (ii) Price bid in separate sealed envelopes from the registered Security Agencies having valid license & fulfilling the eligibility criteria as per the tender terms & conditions for the work as mentioned below.

| Description of Services | Cost of tender paper (Non-refundable) in Rs. | EMD in Rs. |
|---|---|---|
| Providing Watch & Ward Services to Corporate Office, Training Centre, Residential Offices and vacant land of OHPC at Chandrasekharpur, Bhubaneswar for a period of 02 years. | 11,800.00 (Inclusive of GST) | 2,20,000.00 |

For details of the tender documents, terms & conditions and corrigendum etc. please visit our website www.abpeltd.com from Dt.14.02.2025

**CAD-2541** OIPR-**04012/11/0030/2425** **C & P Head**


# ମାଘ ପୂର୍ଣ୍ଣିମାରେ ଅଗ୍ନି ଉତ୍ସବ

ଚାରିଛକ, (ପିପିଏସ୍): ଆଜି ଥିଲା ମାଘ ମାସର ପୂର୍ଣ୍ଣିମା। ପାରମ୍ପରିକ ପ୍ରଥାନୁସାରେ ଚାରିଛକ ନିକଟସ୍ଥ ତୁଳସୀପୁର ବ୍ରାହ୍ମଣ ସାହି ରେ ଗାଁ ର କନକ ଦୁର୍ଗା ମନ୍ଦିର ନିକଟରେ ଅଗ୍ନି ଦେବତାଙ୍କୁ ସନ୍ତୁଷ୍ଟି ପାଇଁ ଅଗ୍ନି ଉତ୍ସବ ପାଳନ କରାଯାଇଥିଲା। ଗାଁର ପିଲାମାନେ ଘର ଘର ବୁଲି ନଡ଼ା (କୁଟା) ସଂଗ୍ରହ କରିବାପରେ ଅଗିଭାଡ଼ି ପ୍ରସ୍ତୁତ କରିଥିଲେ। ବ୍ରାହ୍ମଣ ଆସି ସେଠାରେ ଅଗ୍ନି ଦେବତାଙ୍କୁ ଫଳ ମୂଳ ଭୋଗ ଲାଗି କରିବା ପରେ ଅଗି ଭାଡ଼ିରେ ଅଗ୍ନି ସଂଯୋଗ କରା ଯାଇଥିଲା। ହୁତ୍ ହୁତ୍ ହୋଇ ଜଳି ଉଠିଥିଲା ନଡ଼ା କୁଟାରେ ନିର୍ମିତ ଅଗି ଭାଡ଼ି। ସମସ୍ତେ ହରିବୋଲ ହୁଳହୁଳି ପକାଇବା ସହିତ ଅଗ୍ନି ଦେବତା ଙ୍କୁ ମୁଣ୍ଡିଆ ମାରି ତାଙ୍କ ଘର କୁ ଅଗ୍ନି ବିପତ୍ତି ରୁ ରକ୍ଷା କରିବାକୁ ଗୁହାରି କରିଥିଲେ। ନିଜ ନିଜ ଘରୁ ଆଣିଥିବା ଆଳୁ, ବାଇଗଣ, ଟମାଟୋ, କନ୍ଦମୂଳ, ନଡ଼ିଆ, ସାରୁ ପ୍ରଭୃତିକୁ ସେହି ଜ୍ୱଳନ୍ତ ଅଗ୍ନି ଭିତରକୁ ଫିଙ୍ଗିଥିଲେ। ଅଗ୍ନି ଜଳି ଲିଭି ଯିବାପରେ ଏ ସବୁ ପୋଡ଼ା ପରିବାକୁ ଅଗ୍ନି ଦେବତାଙ୍କ ପ୍ରସାଦ ଭାବେ ଗ୍ରହଣ କରିଥିଲେ।

# ଅଗ୍ନି ବିପନ୍ନ ପରିବାରକୁ ପାଟକୁରା ବିଧାୟକଙ୍କ ପକ୍ଷରୁ ସହାୟତା ପ୍ରଦାନ

କେନ୍ଦ୍ରାପଡ଼ା, (ପିପିଏସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ କୁଶିଆପାଳ ଗ୍ରାମପଞ୍ଚାୟତ ବାବୁରାମ ପାଟଣା ଗ୍ରାମରେ ରବିବାର ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟି ସୁଲୋଚନା ସାହୁଙ୍କ ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା। ନିଆଁର ତୀବ୍ରତା ଅଧିକ ଥିବାରୁ ଘରୁ କୌଣସି ଆସବାପତ୍ର ଉଦ୍ଧାର କରିବା ସମ୍ଭବପର ହୋଇପାରି ନଥିଲା। ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଓ ସମାଜସେବୀ ଦାବି କରିବାପରେ ସୋମବାର ଦିନ ମାନ୍ୟବର ବିଧାୟକ ପାଟକୁରା ଅରବିନ୍ଦ ମହାପାତ୍ର ମହୋଦୟଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ନେତା ସୁକାନ୍ତ ଦ୍ୱିବେଦୀ, ବରିଷ୍ଠ ନେତା ସରୋଜକାନ୍ତ ନାୟକ ଏବଂ ଡେରାବିଶ ବ୍ଲକ୍ ବିଧାୟକଙ୍କ ପ୍ରତିନିଧି ମନୋରଞ୍ଜନ ଉପାଧ୍ୟାୟ ପହଞ୍ଚି ସାହାଯ୍ୟର ହାତ ବଢ଼ାଇବା ସହ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ କୁସିଆପାଳ ସରପଞ୍ଚ ଦୟାନିଧି ଦାଶ, ଯୁବନେତା ଅଶୋକ କୁମାର ସାହୁ, ସମିତି ସଭ୍ୟ ସୁବାଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ନାଗପୁର ସ୍ପୋର୍ଟ ଭଲିବଲ ଚାମ୍ପିଅନସିପ୍

ଗୋପ (ପିପିଏସ୍): ପୁରୀ ଜିଲ୍ଲାର ଅଗ୍ରଣୀ ନାଗପୁର ସ୍ପୋର୍ଟ କ୍ଲବ ଆନୁକୂଲ୍ୟରେ ଆସନ୍ତା ୧୫ ଓ ୧୬ ତାରିଖ (ଶନିବାର ଓ ରବିବାର)ରେ ଏକ ଭଲିବଲ ଟୁର୍ଣ୍ଣାମେଣ୍ଟେ ମହାମିଳନ ପର୍ବ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ସ୍ତରୀୟ ପୁରୁଷ ଭଲିବଲ ଦଳ, ମହିଳା ଦଳ ଏବଂ ଭେଟେରାନ ଭଲିବଲ ତାରକା ମାନଙ୍କ ମଧ୍ୟରେ ଦୁଇଦିନ ବ୍ୟାପି ଭଲିବଲ୍ ମହାକୁମ୍ଭ ମହୋତ୍ସବ ଆୟୋଜନ ହେବ। ଏହି ଟୁର୍ଣ୍ଣାମେଣ୍ଟକୁ ଉପଭୋଗ କରିବା ପାଇଁ ସମସ୍ତ କ୍ରୀଡା ପେମିମାନେ ଯୋଗ ଦେବାକୁ କ୍ଲବ୍ ତରଫରୁ ଅନୁରୋଧ କରଯାଇଛି। ନାଗପୁର ସ୍ପୋର୍ଟ୍ସ କ୍ଲବର ଉପଦେଷ୍ଟା ବିଜୟ କୁମାର ଦାସଙ୍କ ତତ୍ତ୍ୱାବଧାନରେ ସ୍ପୋର୍ଟ କ୍ଲବର ସମସ୍ତ ସଦସ୍ୟ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟକୁ ସୁଚାରୁ ରୂପେ ପରିଚାଳନା କରାଯିବ ବୋଲି ସ୍ପୋର୍ଟ କ୍ଲବ ତରଫରୁ କୁହାଯାଇଛି।


E-mail: rw_cuttack@yahoo.co.in
FAX: (0671) 2440653/Tel: (0671) 2440662

**GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION, CUTTACK**
**1st Corrigendum to Tender Call Notice No.16 of 2024-25**

In respect of the Tender Call Notice No. Tender -Online-RWD Cte-16/2024-25 dt.29.01.2025 through e-Procurement; the date & time rescheduled due to unavoidable circumstances.

**Reschedule Time Table**

| S L No. | Period of completion | As per Notice | Reschedule |
|---|---|---|---|
| 1 | Date & time of sale & receipt of bid document online | From: dt05.02.2025 at 11:00 A.M. To: dt. 13.02.2025 at 5:00 PM | From: dt.11.02.2025 at 11:00 AM To: dt. 18.02.2025 at 5:00 PM |
| 2 | Date & time of secking of tender clarificatioin | Dt12.02.2025 at 5:00 PM | Dt.17.02.2025 at 5:00 PM |
| 3 | Date & time of epening of bids | Dt14.02.2025 at 11:00 AM | Dt.19.02.2025 at 11:00 AM |

All other things in the Tender Call Notice remain sraltered

Sd/-: Superintending Engineer,
Rural Works Devon, Cuttack

**O-1459** OIPR-**25053/11/0027/2425**


# ଗୋପବନ୍ଧୁ ଷ୍ଟାଡିଅମରେ ସର୍ବ ଭାରତୀୟ ବୃହତ ବନ୍ଦର ଫୁଟବଲ ଚାମ୍ପିୟନସିପ ଉଦଘାଟିତ

ପାରାଦୀପ (ପିପିଏସ୍): ପାରାଦୀପ ବନ୍ଦର ପ୍ରାଧିକରଣ ଓ ବୃହତ ବନ୍ଦର କ୍ରୀଡା ନିୟନ୍ତ୍ରଣ ବୋର୍ଡ ମିଳିତ ଆନୁକୂଲ୍ୟରେ ୪୬ ତମ ସର୍ବ ଭାରତୀୟ ବୃହତ ବନ୍ଦର ଫୁଟବଲ ଚମ୍ପିୟନସିପ ପାରାଦୀପ ବନ୍ଦର ର ଗୋପବନ୍ଧୁ ଷ୍ଟାଡିଅମ ଠାରେ ବୁଧବାର ଦିନ ଉଦଘାଟିତ ହୋଇଯାଇଛି। ପାରାଦୀପ ବନ୍ଦର ଟ୍ରାଫିକ ଉପଦେଷ୍ଟା ଆଶିଷ କୁମାର ବୋଷ ଏହି ଟୁର୍ଣ୍ଣାମେଣ୍ଟକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଫେବୃଆରୀ ୧୨ ରୁ ଆରମ୍ଭ ହୋଇ ୧୬ ତାରିଖରେ ଉଦଯାପିତ ହେବ। ଏହି ପ୍ରତିଯୋଗିତା ଲିଗ ଓ ନକଆଉଟ ଆଧାରରେ କରାଯିବ। ଏହି ଚମ୍ପିୟନସିପ ରେ ପାରାଦୀପ ବନ୍ଦର ସମେତ ଚେନାଇ, କୋଚିନ, ଦିନଦୟାଲ, ଶ୍ୟାମା ପ୍ରସାଦ ମୁଖାର୍ଜୀ, ମୁମ୍ବାଇ, ଭି.ଓ. ଚିଦାମ୍ବରନ, ବିଶାଖାପଟନମ ପ୍ରମୁଖ ୮ ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଉଦଘାଟନୀ ମ୍ୟାଚ ରେ ପାରାଦୀପ ବନ୍ଦର ଓ ବିଶାଖାପଟନମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାରାଦୀପ ବନ୍ଦର ଟିମ ବିଶାଖାପଟନମ ଦଳକୁ ୬ - ୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ଏହି କ୍ରୀଡା ପ୍ରତିଯୋଗିତା କୁ ବନ୍ଦର କ୍ରୀଡା ପରିଚାଳନା କମିଟିର ଅଧକ୍ଷ ଡ଼ି.ଏନ.ସୋନ୍ଧୀ, ସମ୍ପାଦକ ଡା.ଦୁର୍ଗା ପ୍ରସାଦ ସେଠୀ, ସଂଯୋଜକ ରବି ଦାସ ଓ ଯୁଗ୍ମ ସମ୍ପାଦକ ରଞ୍ଜନ ରଶ୍ମି ବେଉରା ପ୍ରମୁଖ ପରିଚାଳନା କରୁଛନ୍ତି।

# ଷଣ୍ଢକୁଦରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା



ପାରାଦ୍ୱୀପ - ପାରାଦୀପ ପୌରାଞ୍ଚଳ ସ୍ଥିତ ଷଣ୍ଢକୁଦ ଗ୍ରାମବାସୀ ଓ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ଦ୍ୱାରା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଅଛି। ଏହି କ୍ରମରେ ଗତ ଫେବୃଆରୀ ୯ ତାରିଖରେ ଅଂକୁର ରୋପଣ, ୧୦ ତାରିଖରେ କଳସ ଶୋଭାଯାତ୍ରା, ୧୧ ରେ ଚକ୍ର ଧ୍ୱଜ ସ୍ଥାପନା ଓ ରତ୍ନ ସିଂହାସନ ପ୍ରତିଷ୍ଠା ଏବଂ ୧୨ ତାରିଖ ରେ ମହାପ୍ରଭୁ ରତ୍ନସିଂହାସନ ବିଜେ ଓ ପହିଲି ଦର୍ଶନ ଭଳି ଭକ୍ତି ମାର୍ଗ କାର୍ଯ୍ୟସୂଚୀ ଶ୍ରୀକ୍ଷେତ୍ର ପୁରୀ ମନ୍ଦିରର ନିର୍ଦ୍ଦେଶ ସମୟ ନିର୍ଘଣ୍ଟ ମତେ ସମସ୍ତ ବିଧି ବିଧାନ ଅନୁଯାଇ ସମ୍ପର୍ଣ୍ଣ ହୋଇଯାଇଅଛି। ସୂଚନାଥାଉକି ଦୀର୍ଘ ୪୦ ବର୍ଷର ଏହି କୁଡ଼ିଆ ଘରର ଛୋଟ ମନ୍ଦିର ଚତୁର୍ଦ୍ଧା ମୂର୍ତ୍ତୀ ଷଣ୍ଢକୁଦ ଗ୍ରାମବାସିଙ୍କ ଦ୍ୱାରା ପୂଜା ପାଇଆସୁଥିଲେ। ମନିରର ଉନ୍ନତି ପାଇଁ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ଗଠନ ହୋଇ ସମସ୍ତ ଟ୍ରଷ୍ଟି ଭକ୍ତି ଭାବ ଯୋଗୁ ଏହି କାର୍ଯ୍ୟ ସମ୍ଭବ ହୋଇପାରିଛି। ଟ୍ରଷ୍ଟର ଅଧକ୍ଷ ଦୀପକ ବେହେରା, ସମସ୍ତ ଟ୍ରଷ୍ଟି, ଗ୍ରାମର ମୁଖିଆ ଓ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସୁପରିଚାଳନା ଯୋଗୁ ନୂତନ ଭବ୍ୟ ଶ୍ରୀ ଜଗନ୍ନାଥ ମନ୍ଦିର, ବାସୁଦେବ ପୀଠ, ଷଣ୍ଢକୁଦ ଠାରେ ପ୍ରତିଷ୍ଠା ହୋଇଯାଇଛି ! ଆଜିର ମହାପ୍ରଭୁଙ୍କ ପହଣ୍ଡି ବିଜେ କାର୍ଯ୍ୟକ୍ରମକୁ ପାରାଦୀପସ୍ଥ ଜଗନ୍ନାଥ ମନ୍ଦିର ର ସେବାୟତ ଙ୍କ ଦ୍ୱାରା ସମ୍ପର୍ଣ୍ଣ ହୋଇଥିଲା ଏବଂ ମହାପ୍ରଭୁଙ୍କ ନୂତନ ମନ୍ଦିର ଓ ରତ୍ନ ସିଂହାସନ ବିଜେ ପାଇଁ ଅଗଣିତ ଭକ୍ତ ସମାଜ ସାହାଯ୍ୟ ସହଯୋଗର ହାତ ବଢ଼ାଇ ଥିବାରୁ ଟ୍ରଷ୍ଟ ର ଅଧକ୍ଷ ଦୀପକ ବେହେରା ଓ ସମସ୍ତ ଟ୍ରଷ୍ଟି ଜଗନ୍ନାଥ ପ୍ରେମୀ ଭକ୍ତଙ୍କ ପାଖରେ କୃତଜ୍ଞତା ଜ୍ଞାପନ କରିଛନ୍ତି।



**GOVERNMENT OF ODISHA**
**e-Procurement Notice, ANGUL (R&B) DIVISION**
**Bid Identification No.42 of 2024-25**
**e-mail ID-angulrbdivision@yahoo.co.in**

1. Number of Works : 08 (Eight) number of road works
2. Approximate estimated cost : Varies from 41.00 lakh to 49.99 lakh
3. Period of completion :01 (One) Calendar months
4. Date & Time of availability of bid document In the portal : Dt. 15.02.2025 at 10.00 A.M.
5 Last date/Time for receipt of bid in the portal : Dt. 24.02.2025 up to 5.00 P.M.
6. Date of opening Bid : Dt. 25.02.2025 at 11.00 A.M.
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders must participate in ONLINE bidding only

Further details can be seen from the e-procurement portal https:/tendersodisha gov.in

**Sd/-: Superintendin5/02/25**
**ngul (R&B Engineer,**
**Division**

**B-1000** OIPR-**34074/11/0019/2425**



# ଦିନିକିଆ ସିରିଜ୍‌କୁ ୩-୦ରେ କ୍ଲିନ୍ ସୁଇପ୍‌କଲା ଭାରତ

ଅହମ୍ମଦାବାଦ: ବ୍ୟାଟରଙ୍କ ପରେ ବୋଲରଙ୍କ ପ୍ରଭାବଶାଳୀ ପ୍ରଦର୍ଶନ ବଳରେ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳା ଯାଉଥିବା ତୃତୀୟ ଦିନିକିଆରେ ଭାରତ ଇଂଲଣ୍ଡକୁ ୧୪୨ ରନରେ ହରାଇଛି । ଏହି ବିଜୟ ସହ ଭାରତ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୩-୦ରେ କ୍ଲିନ ସୁଇପ୍ କରିଛି । ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୩୫୬ ରନ କରିଥିଲା । ଦଳ ପକ୍ଷରୁ ଶୁଭମନ ଗିଲ୍ ୧୧୨ ରନର ଶତକୀୟ ଇନିଂସ ଖେଳିଥିବା ଶ୍ରେୟସ ଆୟର ୭୮ ରନ ଓ ବିରାଟ କୋହଲି ୫୨ ରନ କରିଥିଲା । ଜବାବରେ ଇଂଲଣ୍ଡ ଭାରତୀୟ ବୋଲରଙ୍କ ମାପଚୁପ ବୋଲିଂର ମୁକାବିଲା କରି ନ ପାରି ୩୪.୨ ଓଭରରେ ୨୧୪ ରନରେ ଅଲଆଉଟ୍ ହୋଇଛି । ଦଳ ପକ୍ଷରୁ ଟମ୍ ବ୍ୟାଣ୍ଟନ ୩୮ ରନ ଓ ଗସ୍ ଅଟିଙ୍କସନ ୩୮ ରନ କରିଥିଲେ । ଭାରତୀୟ ବୋଲରଙ୍କୁ ମିଳିତ ସଫଳତା ମିଳିଛି । ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଭାରତୀୟ ଦଳ ବଡ଼ ବିଜୟ ହାସଲ କରିଛି । ୩୫୭ ରନର ବିଶାଳ ବିଜୟ ଲକ୍ଷ୍ୟ ପିଛା କରିଥିବା ଇଂଲଣ୍ଡକୁ ଦୁଇ ଓପନର ବେନ ଡକେଟ୍ ଓ ଫିଲିପ ସଲ୍ଟ ବିସ୍ଫୋରକ ଆରମ୍ଭ ଦେଇଥିଲେ । ଉଭୟ ୬.୨ ଓଭରରେ ୬୦ ରନ ଯୋଡ଼ିଥିଲେ । ବେନ ଡକେଟ୍ ୨୨ ବଲ୍ରୁ ୮ ଚୌକା ସହ ୩୪ ରନ କରି ଅର୍ଶଦୀପ ସିଂଙ୍କ ଶିକାର ହୋଇଥିଲେ । ଫିଲିପ୍ ସଲ୍ଟ ୨୩ ରନ କରି ଅର୍ଶଦୀପ ସିଂଙ୍କ ଦ୍ୱିତୀୟ ଶିକାର ହୋଇଥିଲେ । ୮୦ ରନରେ ଦୁଇ ଓପନରଙ୍କୁ ହରାଇବା ପରେ ଇଂଲଣ୍ଡର ଇନିଂସ ଟମ ବ୍ୟାଣ୍ଟନ ଓ ହ୍ୟାରି ବ୍ରୁକ ସମ୍ଭାଳିଥିଲେ ହେଁ ଦଳ ନିୟମିତ ବ୍ୟବଧାନରେ ଓ୍ୱିକେଟ୍ ହରାଇ ଚାଲିଥିଲା । ଦୁଇ ବ୍ୟାଟର ତୃତୀୟ ଓ୍ୱିକେଟ୍ ପାଇଁ ୪୬ ରନ ଯୋଡ଼ିଥିଲେ । ଟମ୍ ବ୍ୟାଣ୍ଟନ ୩୮ ରନର ଉପଯୋଗୀ ଇନିଂସ ଖେଳିଥିଲେ । ତାଙ୍କୁ ଆଉଟ୍ କରି କୁଲଦୀପ ଯାଦବ ଦଳକୁ ବଡ଼ ସଫଳତା ଦେଇଥିଲେ । ଏହା ପରେ ଜୋ ରୁଟ୍ ୨୪ ରନ କରି ପାଭିଲିୟନ ଫେରିଥିଲେ ।




ଅଧିନାୟକ ଜୋସ୍ ବଟଲର(୬) ଓ ଲିୟାମ ଲିଭିଙ୍ଗଷ୍ଟୋନ(୯) କରି ଦଳକୁ ନିରାଶ କରିଥିଲେ । ହ୍ୟାରି ବ୍ରୁକ ୨୪ ରନ କରି ପାଭିଲିୟନ ଫେରିଥିଲେ । ନିମ୍ନକ୍ରମରେ ଗସ୍ ଅଟିଙ୍କସନ ୧୯ ବଲ୍ରୁ ୩୮ ରନର ଧୂଆଁଧାର ଇନିଂସ ଖେଳିବାରୁ ଇଂଲଣ୍ଡ ୨୧୪ ରନରେ ପହଞ୍ଚି ପାରିଥିଲା । ଭାରତ ପକ୍ଷରୁ ବୋଲିଂରେ ଅର୍ଶଦୀପ ସିଂ, ହର୍ଷିତ ରାଣା, ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ପ୍ରତ୍ୟେକଙ୍କୁ ୨ଟି ଲେଖାଏଁ ସଫଳତା ମିଳିଛି । ଭାରତୀୟ ଇନିଂସ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ମଇଦାନକୁ ଓହ୍ଲାଇଥିବା ଭାରତର ଆରମ୍ଭ ନୈରାଶ୍ୟଜନକ ଥିଲା । ଅଧିନାୟକ ରୋହିତ ଶର୍ମା(୧) ଦ୍ୱିତୀୟ ଓଭରରେ ଆଉଟ୍ ହୋଇଥିଲେ । ଏହା ପରେ ଶୁଭମନ ଗିଲ୍ ଓ ବିରାଟ କୋହଲି ଦଳର ବ୍ୟାଟିଂ ମଙ୍ଗ ସମ୍ଭାଳିଥିଲେ । ଉଭୟ ବ୍ୟାଟର ଚିତ୍ତାକର୍ଷକ ବ୍ୟାଟିଂ କରି ଇଂଲଣ୍ଡ ବୋଲରଙ୍କୁ ଚାପରେ ରଖିଥିଲେ । ଏହି କ୍ରମରେ ଦୁଇ ବ୍ୟାଟର ନିଜ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ । ଦୀର୍ଘ ଦିନ ଧରି ଖରାପ ଫର୍ମ ଦେଇ ଗତି କରୁଥିବା ବିରାଟ କୋହଲି ୫୫ ବଲ୍ରୁ ୭ ଚୌକା ଓ ୧ ଛକା ସହ ୫୨ ରନ କରି ଆଉଟ୍ ହୋଇଥିଲେ । ଏହା ପୂର୍ବରୁ ଗିଲ୍ ଓ କୋହଲି ଦ୍ୱିତୀୟ ଓ୍ୱିକେଟ୍ ପାଇଁ ୧୧୬ ରନର ଶତକୀୟ ଭାଗିଦାରୀ ଯୋଡ଼ିଥିଲେ । ଏହା ପରେ ଗିଲ୍ ଓ ଶ୍ରେୟସ ଆୟରଙ୍କ ମଧ୍ୟରେ ଆଉ ଏକ ଶତକୀୟ ଭାଗିଦାରୀ ଦେଖିବାକୁ ମିଳିଥିଲା । ଗିଲ୍ ଦିନିକିଆରେ ନିଜର ଚମତ୍କାର ଫର୍ମ ଜାରି ରଖି ଦିନିକିଆରେ ସପ୍ତମ ଶତକ ପୂରଣ କରିଥିଲେ । ଏହି ଶତକ ଜରିଆରେ ସେ ଅନେକ ରେକର୍ଡ ଭାଙ୍ଗିଛନ୍ତି । ଗିଲ୍ ୧୦୨ ବଲ୍ରୁ ୧୪ ଚୌକା ଓ ୩ ଛକା ସହ ୧୧୨ ରନ କରି ଆଉଟ୍ ହୋଇଛନ୍ତି । ଆୟର ଓ ଗିଲ୍ ତୃତୀୟ ଓ୍ୱିକେଟ୍‌ରେ ୧୦୪ ରନ ଯୋଡ଼ି ଦଳର ସ୍ଥିତି ମଜବୁତ କରିଥିଲେ । ଅନ୍ୟପଟେ ଶ୍ରେୟସ ଆୟର ଆଉ ଏକ ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି । ସେ ୬୪ ବଲ୍ରୁ ୮ ଚୌକା ଓ ୨ ଛକା ସହ ୭୮ ରନ କରି ପାଭିଲିୟନ ଫେରିଥିଲେ । ତାଙ୍କ ପରେ କେଏଲ ରାହୁଲ ନିମ୍ନ କ୍ରମରେ ଉପଯୋଗୀ ବ୍ୟାଟିଂ କରିଥିଲେ । ହାର୍ଦ୍ଦିକ ପାଣ୍ଡ୍ୟା ୯ ବଲରୁ ୧୭ ରନ ଓ ଅକ୍ଷର ପଟେଲ୍ ୧୩ ରନ କରି ଆଉଟ୍ ହୋଇଥିଲେ । କେଏଲ ରାହୁଲ ଦ୍ରୁତ ବ୍ୟାଟିଂ କରି ୨୯ ବଲ୍ ?ରୁ ୪୦ ରନ କରି ଆଉଟ୍ ହୋଇଥିଲେ । ଶେଷ ଆଡ଼କୁ ହର୍ଷିତ ରାଣା ୧୩ ରନ ଓ ଓ୍ୱାଶିଂଟନ ସୁନ୍ଦର ୧୪ ରନ କରି ଆଉଟ୍ ହୋଇଥିଲେ । ଏହିପରି ଭାରତ ୫୦ ଓଭରରେ ସମସ୍ତ ଓ୍ୱିକେଟ୍ ହରାଇ ୩୫୬ ରନ କରି ପାରିଛି । ବୋଲିଂରେ ଇଂଲଣ୍ଡ ପକ୍ଷରୁ ଆଦିଲ ରଶିଦ ୬୪ ରନ ବ୍ୟୟ କରି ସର୍ବାଧିକ ୪ ଟି ସଫଳତା ପାଇଛନ୍ତି । ମାର୍କ ଉଡଙ୍କୁ ଦୁଇଟି ଓ୍ୱିକେଟ୍ ମିଳିଥିବା ବେଳେ ଶାକିବ ମେହମୁଦ, ଗସ ଏଟିଙ୍କନ ଓ ଜୋ ରୁଟ୍ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ଓ୍ୱିକେଟ୍ ମିଳିଛି ।

# ଆଫ୍ରିଦି ଓ ବ୍ରିଟ୍‌ଜେକେଙ୍କ ମଧ୍ୟରେ ଝଗଡ଼ା

ନୂଆଦିଲ୍ଲୀ: ପାକିସ୍ତାନରେ ଚାଲିଥିବା ତ୍ରି-ସିରିଜର ତୃତୀୟ ମ୍ୟାଚ୍‌ରେ କିଛି ଏପରି ଦୃଶ୍ୟ ଦେଖିବାକୁ ମିଳିଛି, ଯାହା ସାରା ବିଶ୍ୱର କ୍ରିକେଟପ୍ରେମୀଙ୍କୁ ଚକିତ କରିଛି । ପାକିସ୍ତାନର ଦ୍ରୁତ ବୋଲର ଶାହିନ ଆଫ୍ରିଦି ଦକ୍ଷିଣ ଆଫ୍ରିକାର ଯୁବ ବ୍ୟାଟ୍ସମ୍ୟାନ ମାଥ୍ୟୁ ବ୍ରିଟ୍‌ଜେକେଙ୍କ ସହ ଖୋଲାଖୋଲି ଝଗଡ଼ା କରିଛନ୍ତି । ଆଫ୍ରିଦିଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ବେଶ ଭାଇରାଲ ହେଉଛି । ଏହି ଭିଡିଓରେ, ଶାହିନ ଆଫ୍ରିଦି ପ୍ରଥମେ ଏହି ଯୁବ ବ୍ୟାଟ୍ସମ୍ୟାନଙ୍କ ସହ ଯୁକ୍ତିତର୍କ କରୁଥିବା ଏବଂ ପରେ ରନ୍ ନେବା ସମୟରେ ତାଙ୍କୁ ହଇରାଣ କରୁଥିବା ଦେଖାଯାଉଛି । ଏପରିକି ଘଟଣାକୁ ନେଇ ମଇଦାନରେ ଦୁଇ ଖେଳାଳିଙ୍କ ମଧ୍ୟରେ ବହୁତ ଉତ୍ତେଜନା ଦେଖାଯାଇଥିଲା । ପରିସ୍ଥିତି ଏପରି ହୋଇଥିଲା ଯେ ଯେକୌଣସି ମୁହୂର୍ତ୍ତରେ ହାତାହାତି ହୋଇଯିବା ଭଳି ମନେ ହୋଇଥିଲା । କିନ୍ତୁ ଅନ୍ୟ ଖେଳାଳି ଏବଂ ଅମ୍ପାୟାର ହସ୍ତକ୍ଷେପ କରିବା ପରେ ମାମଲା ଥଣ୍ଡା ପଡ଼ିଥିଲା । ଆସନ୍ତୁ ଜାଣିବା ପୂରା ଘଟଣାକ୍ରମ । ଆଫ୍ରିଦି ଏବଂ ମାଥ୍ୟୁ ବ୍ରିଟ୍‌ଜେକେଙ୍କ ମଧ୍ୟରେ ଲଢ଼େଇ ୨୮ତମ ଓଭରରେ ହୋଇଥିଲା । ଶାହିନ ଆଫ୍ରିଦିଙ୍କ ପଞ୍ଚମ ବଲ୍‌ରେ ମାଥ୍ୟୁଙ୍କୁ ମିଡ-ଅନ୍ ଅଞ୍ଚଳରେ ଏକ ସଟ୍ ଖେଳିଥିଲେ । ଏହା ପରେ ଆଫ୍ରିଦି ମାଥ୍ୟୁଙ୍କୁ କିଛି କହିଥିଲେ । ଶାହିନ ବ୍ୟାଟ୍ସମ୍ୟାନଙ୍କ ଉପରେ ରାଗିଥିଲେ କାରଣ ସେ ଥରେ କିମ୍ବା ଦୁଇଥର ପିଚ୍ ମଝି ଆଡ଼କୁ ଦୌଡ଼ିଥିଲେ । ଅସନ୍ତୁଷ୍ଟ ହୋଇ ଆଫ୍ରିଦି ତାଙ୍କୁ କିଛି କହିବା ସହ ଆଖି ଦେଖାଇଥିଲେ । ଏହାର ଉତ୍ତର ଦେଲେ ମାଥ୍ୟୁ । ଏହା ପରେ ପରବର୍ତ୍ତୀ ବଲରେ ମାଥ୍ୟୁ ଏକ ରନ୍ ନେଇଥିଲେ । ସେ ଦୌଡୁଥିବା ସମୟରେ ଆଫ୍ରିଦି ତାଙ୍କ ମଝିରେ ଆସିଯାଇଥିଲେ । ମାମଲା ଗମ୍ଭୀର ହେଉଥିବା ଦେଖି ଅମ୍ପାୟାରଙ୍କୁ ହସ୍ତକ୍ଷେପ କରିବାକୁ ପଡିଥିଲା । କେବଳ ସେତିକି ନୁହେଁ ପରିସ୍ଥିତିକୁ ଶାନ୍ତ କରିବା ପାଇଁ ଦକ୍ଷିଣ ଆଫ୍ରିକାର ଅଧିନାୟକ ଟେମ୍ବା ବାଭୁମା ଏବଂ ମହମ୍ମଦ ରିଜଓ୍ୱାନଙ୍କୁ କଥାବାର୍ତ୍ତା କରିବାକୁ ପଡିଥିଲା । ତେବେ ଶାହିନ ଆଫ୍ରିଦି ଏଠାରେ ତାଙ୍କର ସୀମା ଲଙ୍ଘନ କରିଥିଲେ କାରଣ ଯଦି ତାଙ୍କର ମାଥ୍ୟୁଙ୍କ ସହିତ କୌଣସି ସମସ୍ୟା ଥିଲା, ସେ ଅମ୍ପାୟାରଙ୍କ ନିକଟରେ ଅଭିଯୋଗ କରିପାରିଥାଆନ୍ତେ । କିନ୍ତୁ ସେ ପ୍ରଥମେ ଯୁକ୍ତିତର୍କ କରିଥିଲେ ଏବଂ ତା'ପରେ ସେ ରନ୍ ନେବା ସମୟରେ ତାଙ୍କୁ ହଇରାଣ କରିଥିଲେ । ଏହା ପ୍ରତ୍ୟେକ କ୍ଷେତ୍ରରେ କ୍ରୀଡ଼ା ମନୋଭାବର ବିରୁଦ୍ଧ । ପାକିସ୍ତାନୀ ଖେଳାଳି କାମରାନ ଗୁଲାମ ମଧ୍ୟ ସମାନ କାରନାମା କରିଥିଲେ, ଯିଏ ଟେମ୍ବା ବାଭୁମା ରନ୍ ଆଉଟ ହେବା ପରେ ତାଙ୍କ ସମ୍ମୁଖରେ ଆକ୍ରମଣାତ୍ମକ ଭାବରେ ଉତ୍ସବ ପାଳନ କରିଥିଲେ । ସେ ତାଙ୍କ ମଝିକୁ ଆସି ଉତ୍ସବ ପାଳନ କରୁଥିବାର ଦେଖାଯାଇଥିଲା । ଟେମ୍ବା ବାଭୁମା ଏବଂ ମାଥ୍ୟୁ ଉଭୟ ପାକିସ୍ତାନ ବିପକ୍ଷରେ ଉତ୍କୃଷ୍ଟ ଇନିଂସ ଖେଳିଥିଲେ । ବାଭୁମା ୮୨ ଏବଂ ମାଥ୍ୟୁ ୮୩ ରନ କରିଥିଲେ ।



# ବିରାଟ ପୂରାକଲେ ୧୬ହଜାର ରନ୍

ମୁମ୍ବାଇ, : ବିରାଟ କୋହଲୀ ଖରାପ ପ୍ରଦର୍ଶନ ଦେଇ ଗତି କରୁଛନ୍ତି । ଏହାପରେ ବି ସେ ଏକ ବଡ଼ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ବିରାଟ ଏସିଆରେ ସବୁଠାରୁ ଅଧିକ ରନ୍ କରିଥିବା ଖେଳାଳୀଙ୍କ ସୂଚୀରେ ସାମିଲ ହୋଇଯାଇଛନ୍ତି । କୋହଲୀ ଏହି ରେକର୍ଡ଼ ଇଂଲଣ୍ଡ ବିପକ୍ଷ ଅହମ୍ମଦାବାଦରେ ଖେଳାଯାଉଥିବା ତୃତୀୟ ଦିନିକିଆ ମ୍ୟାଚରେ କରିଛନ୍ତି । ଏସିଆ ପିଚରେ ସବୁଠାରୁ ଅଧିକ ରନ୍ କରିବା ମାମଲାରେ ସବୁଠାରୁ ଉପରେ ସଚିନ



ତେନ୍ଦୁଲକର ଅଛନ୍ତି । ଯିଏ ୨୧ହଜାରରୁ ଅଧିକ ରନ୍ କରିଥିଲେ । ସେହିଭଳି ବିରାଟ ଏବେ ଏସିଆ ପିଚରେ ୧୬୦୦୦ରନ୍ ପୂରା କରି ନେଇଛନ୍ତି । ବିରାଟ କୋହଲୀ ଏସିଆ ପିଚରେ ୩୪୦ପାଳିରେ ୧୬୦୦୦ରନର ସଂଖ୍ୟା ଛୁଇଁ ନେଇଛନ୍ତି । ଏସିଆ ପିଚରେ ସବୁଠାରୁ ଅଧିକ ରନ୍ ସଚିନ ତେନ୍ଦୁଲକରଙ୍କ ନାଁରେ ରହିଛି ,ଯିଏ ୨୧,୭୪୧ରନ୍ କରିଥିଲେ । ଦ୍ୱିତୀୟ ସ୍ଥାନରେ ଶ୍ରୀଲଙ୍କାର ମହାନ ଖେଳାଳୀ କୁମାର ସାଙ୍ଗାକାରା ଅଛନ୍ତି, ଯିଏ ଏସିଆ ପିଚରେ ୧୮,୪୨୩ରନ୍ କରିଛନ୍ତି ଏବଂ ମହେଲା ଜୟବର୍ଦ୍ଧନ ୧୭,୩୮୬ରନ୍ କରିଥିଲେ । ଏହି କ୍ରମରେ ବିରାଟ ଏବେ ଚତୁର୍ଥ ସ୍ଥାନରେ ଆସିଯାଇଛନ୍ତି । ଯାହାକି ତାଙ୍କର ଏବେ ଏସିଆ ପିଚରେ ୧୬୦୦୦ରନ୍ ପୂରା ହୋଇଯାଇଛି । ସନଥ ଜୟସୂର୍ଯ୍ୟା ଏବଂ ରାହୁଲ ଦ୍ରାବିଡ଼ ଏସିଆ ମେଦାନରେ ୧୩ହଜାରରୁ ଅଧିକ ରନ୍ କରିଛନ୍ତି

# ଚାମ୍ପିୟନ୍ସ ଟ୍ରଫି ପାଇଁ ଅଷ୍ଟ୍ରେଲିଆ ଦଳ ଘୋଷିତ



ନୂଆଦିଲ୍ଲୀ: ଚାମ୍ପିୟନ୍ସ ଟ୍ରଫି ଜିତିବା ପାଇଁ ଆଶା ରଖିଥିବା ବିଶ୍ୱ ବିଜେତା ଅଷ୍ଟ୍ରେଲିଆକୁ ପୁଣି ଗୋଟିଏ ଝଟକା ଲାଗିଛି । ଦଳ ଦିନିକିଆ ଫର୍ମାଟରେ ଖେଳାଯିବାକୁ ଥିବା ଚାମ୍ପିୟନ୍ସ ଟ୍ରଫିରେ ୩ ପ୍ରମୁଖ ପେସ ବୋଲରଙ୍କ ସେବାରୁ ବଞ୍ଚିତ ହେବ । ନିୟମିତ ଅଧିନାୟକ ପାଟ କମିନ୍ସ, ମିଚେଲ ଷ୍ଟାର୍କ ଓ ଜୋଶ ହାଜେଲଉଡ ଚାମ୍ପିୟନ୍ସ ଟ୍ରଫିରୁ ବାଦ ପଡ଼ିଛନ୍ତି । ବେଶ କିଛି ଦିନ ପୂର୍ବରୁ ଗୋଇଠି ଜନିତ ସମସ୍ୟା ପାଇଁ କମିନ୍ସ ଓ ଗୋଡ଼ ଜନିତ ସମସ୍ୟା ଯୋଗୁ ହାଜେଲଉଡ ଚାମ୍ପିୟନ୍ସ ଟ୍ରଫି ଖେଳିବେ ନାହିଁ ବୋଲି ସ୍ପଷ୍ଟ ହୋଇଥିଲା । କିନ୍ତୁ ଏବେ ଷ୍ଟାର୍କ ବ୍ୟକ୍ତିଗତ କାରଣ ପାଇଁ ଚାମ୍ପିୟନ୍ସ ଟ୍ରଫିରୁ ନିଜ ନାଁକୁ ପ୍ରତ୍ୟାହାର କରି ନେଇଛି । ସେ ମ୍ୟାଚ୍ ଖେଳିବାକୁ ଫିଟ ଥିଲେ ହେଁ କ'ଣ ପାଇଁ ଚାମ୍ପିୟନ୍ସ ଟ୍ରଫିରୁ ନିଜ ନାଁକୁ ପ୍ରତ୍ୟାହାର କଲେ, ସେକଥା ଜଣାପଡ଼ି ନାହିଁ । କୁହାଯାଉଛି ଯେ ପାରିବାରିକ କାରଣ ପାଇଁ ଷ୍ଟାର୍କ ଆଇସିସିର ଏହି ବଡ଼ ଟୁର୍ଣ୍ଣାମେଣ୍ଟରୁ ନିଜ ନାଁକୁ କାଢ଼ି ନେଇଛନ୍ତି । କମିନ୍ସ ଚାମ୍ପିୟନ୍ସ ଟ୍ରଫିରୁ ବାଦ ପଡ଼ିଥିବାରୁ କ୍ରିକେଟ ଅଷ୍ଟ୍ରେଲିଆ ନୂଆ ଅଧିନାୟକଙ୍କ ନାଁ ଘୋଷଣା କରିଛି । ଶ୍ରୀଲଙ୍କା ବିପକ୍ଷ ୨ଟିକିଆ ଟେଷ୍ଟ ସିରିଜରେ ଅଷ୍ଟ୍ରେଲିଆର କାମ ଚଳା ଅଧିନାୟକ ଭାବେ କାମ କରୁଥିବା ଷ୍ଟିଭ ସ୍ମିଥ ଏବେ ଚାମ୍ପିୟନ୍ସ ଟ୍ରଫିରେ ଦଳର ନେତୃତ୍ୱ ନେବେ । ଚାମ୍ପିୟନ୍ସ ଟ୍ରଫି ପାଇଁ କ୍ରିକେଟ ଅଷ୍ଟ୍ରେଲିଆ ଘୋଷଣା କରିଥିବା ୧୫ ଜଣିଆ ସ୍କ୍ୱାଡରେ ମାର୍କସ ଷ୍ଟୋଇନିସ ମଧ୍ୟ ନାହାନ୍ତି । କାରଣ ସେ ଗତ ସପ୍ତାହରେ ଦିନିକିଆ ଫର୍ମାଟକୁ ଅଲବିଦା କହିଥିଲେ । ଆହତ ଯୋଗୁ ଅନ୍ୟତମ ଅଲରାଉଣ୍ଡର ମିଚେଲ ମାର୍ଶ ମଧ୍ୟ ବାଦ ପଡ଼ିଛନ୍ତି । ଅଷ୍ଟ୍ରେଲିଆର ୩ ପ୍ରମୁଖ ପେସର ବାଦ ପଡ଼ିଥିବାରୁ ଚାମ୍ପିୟନ୍ସ ଟ୍ରଫି ସ୍କ୍ୱାଡରେ ସ୍ପେନସର ଜନସନ, ନାଥନ ଏଲିସ ଓ ବେନ ଡ୍ୱାରଶୁଇସଙ୍କୁ ସ୍ଥାନ ମିଳିଛି । ଆରୋନ ହାର୍ଡିଙ୍କୁ ସିମିଂ ଅଲରାଉଣ୍ଡ ଭାବେ ସ୍କ୍ୱାଡରେ ରଖାଯାଇଛି । ତନବୀର ସଙ୍ଘା ଓ ଆଡାମ ଜାମ୍ପା ସ୍ପିନ ବୋଲର ଭାବେ ସୁଯୋଗ ପାଇଛନ୍ତି । ଅଷ୍ଟ୍ରେଲିଆ ସ୍କ୍ୱାଡ: ଷ୍ଟିଭ ସ୍ମିଥ(ଅଧିନାୟକ), ସେନ ଆବୋଟ, ଆଲେକ୍ସ କେରୀ, ବେନ ଡ୍ୱାରଶୁଇସ, ନାଥନ ଏଲିସ, ଜ୍ୟାକ-ଫ୍ରାସେର ମ୍ୟାକର୍ଗ, ଆରୋନ ହାର୍ଡି, ଟ୍ରାଭିସ ହେଡ, ଜୋଶ ଇଙ୍ଗଲିସ, ସ୍ପେନସର ଜନସନ, ମାର୍ନସ ଲାବୁଶେନ, ଗ୍ଲେନ ମ୍ୟାକ୍ସୱେଲ, ତନବୀର ସଙ୍ଘା, ମାଥ୍ୟୁ ଶର୍ଟ ଓ ଆଡାମ ଜାମ୍ପା ।


## ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

## ପ୍ରଜାତନ୍ତ୍ର ସାପ୍ତାହିକୀ

୧୬ ଫେବୃଆରୀ-୨୨ ଫେବୃଆରୀ ୨୦୨୫ ଦିଲ୍ଲୀରେ ଫୁଟିଲା ପଦ୍ମ




ବିଜେପିକୁ ଦିଲ୍-ଖୋଲା ସମର୍ଥନ ଦେଇଛନ୍ତି ଦିଲ୍ଲୀବାସୀ । ପଦ୍ମଝଡ଼ରେ ଚିତ୍ ଟାଙ୍ଗ ମାରିଛି ଝାଡୁ । କାମଦେଲାନି କେଜ୍ରିଓ୍ୱାଲଙ୍କ କ୍ରେଜ୍ । ଧ୍ୱସ୍ତହେଲା ଆପ୍‌ଗଡ଼ । ଦୀର୍ଘ ୨୭ବର୍ଷ ପରେ ପୁଣି ଥରେ ରାଜଧାନୀରେ ଫୁଟିଛି ପଦ୍ମ । ସତ୍ତାକୁ ଫେରିଛି ଭାରତୀୟ ଜନତା ପାର୍ଟି । ଏକଜିଟ୍ ପାଲ୍ ଏକ୍‌ଜାଟ ପ୍ରମାଣିତ ହୋଇଥିବା ବେଳେ ବିଜେପି କ୍ୟାମ୍ପରେ ନାହିଁନଥିବା ଉତ୍ସାହ ।

**ଜାତୀୟ:** ପଞ୍ଜାବରେ ଭାଙ୍ଗିଯିବ ଆପ୍ ସରକାର ?

**ସ୍ୱତନ୍ତ୍ର ପ୍ରସଙ୍ଗ:** କୁମ୍ଭମେଳାରେ ଭିଡ଼ର ଇତିହାସ

**ନାରୀ:** ଚାଉଳ ପାଣିରେ କେଶପାଇଁ ଚମତ୍କାରିତା

**କ୍ଷୁଦ୍ରଗଳ୍ପ:** ଦଙ୍ଗା

**ଚଳଚ୍ଚିତ୍ର:** ଅରିଜିତଙ୍କୁ ପଦ୍ମଶ୍ରୀ, ମହାକୁମ୍ଭରେ ବୁଡ଼ ପକାଇଲେ ସୁନିଲ, ମେଲ୍ ଜରିଆରେ କପିଲଙ୍କୁ ହତ୍ୟା ଧମକ, ଚିନ୍ତାରେ ପରିବାର, 'ଗଲି ବୟ-୨'ରୁ ବାଦ୍ ଡ଼ିବେ ଆଲିଆ-ରଣବୀର, ସାହିଦଙ୍କ ସଂଘର୍ଷପୂର୍ଣ୍ଣ କାହାଣୀ, ପଦ୍ମା ଇଁ ରାଗିଲେ ସୋନୁ..., ଏମର୍ଜେନ୍ସିକୁ ବ୍ରିଟେନ୍‌ରେ ବିରୋଧ, ମହାରାଣୀ ୟେସୁବାଇ ଭୂମିକାରେ ରଶ୍ମିକା

**ଖେଳ:** ବିଶ୍ୱରେକର୍ଡ ତିଲକ ବମ । ଭାଙ୍ଗିଲେ, ମହଙ୍ଗା ହେଲା ନେଟ୍ ଫ୍ଲିକ୍ସ ସବସ୍କ୍ରି ସନ୍.., ୨୦୧୯ ବିଶ୍ୱକପ୍‌ରେ କ'ଣ ଘଟିଥିଲା ?, ବୁମ୍ ବୁମ୍ ବୁମ୍ରା..., ୧୩ ବର୍ଷ ପରେ ରଣଜୀ ଖେଳିବେ କୋହଲ, ଧୋନି କ'ଣ ଜାଣିଶୁଣି ହରାଇଥିଲେ ୨୦୧୯ ବିଶ୍ୱକପ୍, ୧୦ହଜାର ଟେଷ୍ଟ ରନ୍ କ୍ଲବ୍‌ରେ ସ୍ମିଥ୍,

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ୧୬ରୁ ସେଲିବ୍ରିଟି କ୍ରିକେଟ୍ ଲିଗ୍

ଭୁବନେଶ୍ୱର : ଫେବୃଆରୀ ୧୬ରେ ଆୟୋଜିତ ହେବାକୁ ଥିବା ସେଲିବ୍ରିଟି କ୍ରିକେଟ ଲିଗ୍ ରେ ଖେଳିବେ ଷ୍ଟାର, ସୁପର ଷ୍ଟାର । ଆଜି ଭୁବନେଶ୍ୱରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସି ସି ଏଲ ପକ୍ଷରୁ ଏହି ସୂଚନା ଦିଆଯାଇଛି । ବେଙ୍ଗଲ ସେଲିବ୍ରିଟି କ୍ରିକେଟ ର କଟକ ବାରବାଟୀ ହୋମ ଗ୍ରାଉଣ୍ଡ ହେବ ବୋଲି ଟିମ୍ ଓନର ବୋନି କପୁର ଘୋଷଣା କରିଛନ୍ତି । ବେଙ୍ଗଲର ମୁକାବିଲା ମୁମ୍ବାଇ ଷ୍ଟାର ଟିମ୍ କୁ ଭେଟିବ । ଅର୍ଜୁନ କପୁ୍ର, ସୋହେଲ ଖାଁ, ସୋନୁ ସୁଦ୍, ମିକା ସିଂ, ଆୟୁଷ୍ମାନ ଖୁରାନା, ରିଦେଶ ଦେଶମୁଖ, ଜାହ୍ନବୀ କପୁର ଭଳି ଷ୍ଟାର ମାନେ ଖେଳୁଥିବାର ଦର୍ଶକ ଦେଖିବେ । ଫେବୃଆରୀ ୧୧ ରୁ ବାରବାଟୀ ରେ ଟିକେଟ ମିଳିବା ଆରମ୍ଭ ହୋଇଛି । ଏହାଛଡା ରେଲୱେ ଷ୍ଟେସନ, ବିମାନ ବନ୍ଦର, ବସ ଷ୍ଟାଣ୍ଡ ରେ ବି ଟିକେଟ ମିଳିବ । ୧୬ରେ ପଞ୍ଜାବ ଦ ଶେର ଓ ଭୋଜପୁରୀ ଦବଙ୍ଗ ଟିମ୍ ମଧ୍ୟରେ ଗୋଟିଏ ମ୍ୟାଚ ।

# ଗୁଜରାଟ ଟାଇଟନ୍ସର ୬୭% ଅଂଶଧନ କିଣିଲା ଟୋରେଣ୍ଟ ଗ୍ରୁପ୍

ନୂଆଦିଲ୍ଲୀ: ଆଇପିଏଲ୍ ୨୦୨୫ ପୂର୍ବରୁ ଗୁଜରାଟ ଟାଇଟନ୍ସକୁ ମିଳିଛି ନୂଆ ମାଲିକ । ସ୍ୱାସ୍ଥ୍ୟ ଏବଂ ଶକ୍ତି କ୍ଷେତ୍ରରେ କାରବାର ବିସ୍ତାର କରିଥିବା ଟୋରେଣ୍ଟ ଗ୍ରୁପ୍ ଆଇପିଏଲ୍ ଫ୍ରାଞ୍ଚାଇଜ୍‌ର ବଡ଼ ଅଂଶଧନ ଅଧିଗ୍ରହଣ କରିଛି । ପୂର୍ବରୁ ଅନେକ ବିଫଳ ପ୍ରୟାସ ପରେ ଏବେ ଟୋରେଣ୍ଟ ଗ୍ରୁପ୍ କ୍ରୀଡ଼ା କ୍ଷେତ୍ରରେ ପ୍ରଥମ ପ୍ରବେଶ କରିଛି । ଟୋରେଣ୍ଟ ଗ୍ରୁପ୍ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଫ୍ରାଞ୍ଚାଇଜ୍ ଗୁଜରାଟ ଟାଇଟାନ୍ସର ୬୭% ଅଂଶଧନ ଅଧିଗ୍ରହଣକୁ ନିଶ୍ଚିତ କରିଛି । ଟୋରେଣ୍ଟ ଗ୍ରୁପ୍ କହିଛି, 'ଏହାର ହୋଲ୍ଡିଂ କମ୍ପାନୀ ଟୋରେଣ୍ଟ ଇନ୍‌ଭେଷ୍ଟମେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ମାଧ୍ୟମରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଫ୍ରାଞ୍ଚାଇଜ୍, ଗୁଜରାଟ ଟାଇଟାନ୍ସର ୬୭ ପ୍ରତିଶତ ଅଂଶଧନ ଅଧିଗ୍ରହଣ କରିବା ପାଇଁ ଏକ ନିଶ୍ଚିତ ଚୁକ୍ତି କରିଛି ।' ଏହି କଙ୍ଗଲୋମରେଟ୍ ଗୁଜରାଟ ଟାଇଟାନ୍ସ (ଆଇରେଲିଆ ସ୍ପୋର୍ଟସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍)ର ମେଜୋରିଟ୍ ସେୟାର ଆଇରେଲିଆ କମ୍ପାନୀ ପ୍ରାଇଭେଟ୍ ଲିମିଟେଡ୍ ଠାରୁ



କ୍ରୟ କରୁଛି । ଯାହା ବର୍ତ୍ତମାନ ଉଠଉର ସମ୍ପୂର୍ଣ୍ଣ ମାଲିକାନାରେ ରହିଛି । ଏହି ଚୁକ୍ତିର ଏକ ଅଂଶ ସ୍ୱରୂପ, ଇରେଲିଆ ଫ୍ରାଞ୍ଚାଇଜରେ ୩୩ ପ୍ରତିଶତର ଅଂଶଧନ ବଜାୟ ରଖିବ । ଏହି ଚୁକ୍ତି ଉପରେ ଟୋରେଣ୍ଟ ଗ୍ରୁପର ନିର୍ଦ୍ଦେଶକ ଜିନାଲ ମେହେତା କହିଛନ୍ତି, 'ଭାରତରେ ଖେଳ ପ୍ରମୁଖତା ହାସଲ କରୁଥିବାରୁ, ଟୋରେଣ୍ଟ ଏହି ଦ୍ରୁତ ପ୍ରଗତିଶୀଳ କ୍ଷେତ୍ରରେ ଅନେକ ସମ୍ଭାବନା ଦେଖୁଛି । ଗୁଜରାଟ ଟାଇଟାନ୍ସରେ ଅଧିକାଂଶ ଅଂଶଧନ ଅଧିଗ୍ରହଣ ସହିତ, ଆମେ ଆମର ପ୍ରଶଂସକ ଅଭିଜ୍ଞତାକୁ ଉନ୍ନତ କରିବା ଏବଂ ଆଗାମୀ ବର୍ଷଗୁଡ଼ିକରେ ନୂତନ ସୁଯୋଗ ପାଇବା ପାଇଁ ଉତ୍ସାହିତ ଅଛୁ ।' ଅନ୍ୟପଟେ ଉଠଉର ପରିଚାଳନା ପାର୍ଟନର ସିଦ୍ଧାର୍ଥ ପଟେଲ କହିଛନ୍ତି, 'ଆମେ ଏକ ଦୃଢ଼ ଆରମ୍ଭ ସହିତ ଭାରତୀୟ କ୍ରିକେଟରେ ପ୍ରବେଶ କରିଥିଲୁ- ପ୍ରଥମ ସିଜିନରେ ଓଟଖ ଟାଇଟଲ୍ ଜିତିଥିଲୁ ଏବଂ ଦ୍ୱିତୀୟରେ ରନର୍ସ-ଅପ୍ ଭାବରେ ଶେଷ ଯାତ୍ରା କରିଥିଲୁ ।' ୨୦୨୨ ମସିହାରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଏବଂ ଗୁଜରାଟ ଟାଇଟାନ୍ସ ଏଣ୍ଟ୍ରି କରିଥିଲେ । ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଟାଇଟାନ୍ସ ପ୍ରଥମ ଥର ପାଇଁ ଆଇପିଏଲ୍ ଟାଇଟଲ୍ ଜିତିଥିଲା । ୨୦୨୩ ମସିହାରେ ଚେନ୍ନାଇ ସୁପର କିଙ୍ଗସ୍ ଠାରୁ ପରାଜିତ ହୋଇ ରନର୍ସଅପ୍ ହୋଇଥିଲା । ୨୦୨୪ରେ ଅଷ୍ଟମ ସ୍ଥାନରେ ରହିଥିଲା ଟିମ୍ । ଗିଲ୍ ୨୦୨୫ ସଂସ୍କରଣ ପାଇଁ ମଧ୍ୟ ଦଳର ଅଧିନାୟକ ଅଛନ୍ତି । ଆଇପିଏଲ୍ ୨୦୨୫ ପାଇଁ ଗୁଜରାଟ ଟାଇଟାନ୍ସ ଦଳ: ଶୁଭମନ ଗିଲ୍ (କ୍ୟାପଟେ୍ନ), ଜୋସ ବଟ୍‌ଲର୍ (ୱକେ), ରାସିଦ ଖାନ, କାଗିସୋ ରାବାଡା, ଗ୍ଲେନ୍ ଫିଲିପ୍ସ, ସାଇ ସୁଦର୍ଶନ, ରାହୁଲ ତେଓ୍ୱତିଆ, ଶାହାରୁଖ ଖାନ, କରିମ ଜନତ, ଶେରଫେନ ରଦରଫୋର୍ଡ, ଜେରାଲ୍ଡ କୋଟିଜି, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ନିଶାନ୍ତ ସିନ୍ଧୁ, ମହିପାଳ ଲୋମର, କୁମାର କୁଶାଗ୍ରା, ଅନୁଜ ରାଓ୍ୱତ (ୱକେ), ମାନଭ ସୁତାର, ଓ୍ୱାଶିଂଟନ୍ ସୁନ୍ଦର, ଅର୍ଶଦ ଖାନ, ଗୁରୁନୁର ବାର, ଆର. ସାଇ କିଶୋର, ଇଶାନ୍ତ ଶର୍ମା, ଜୟନ୍ତ ଯାଦବ, କୁଲଓ୍ୱନ୍ତ ଖେଜ୍ରୋଲିଆ ।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583